# ଇସଲାମ
# ଏବଂ
# ବିବେକ ସ୍ୱାଧୀନତା







ହଜରତ୍ ମିର୍ଜା ମସରୁର୍ ଅହମଦ

ପ୍ରତିଶ୍ରୁତ ମସିହ ଓ ମେହଦୀଙ୍କ ପଞ୍ଚମ ଖଲିଫା[ଅବ]

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ


ଇସଲାମ ଏବଂ ବିବେକ ସ୍ୱାଧୀନତା

ହଜରତ୍ ମିର୍ଜା ମସରୁର୍ ଅହମଦ

# ଇସଲାମ
# ଏବଂ
# ବିବେକ ସ୍ୱାଧୀନତା


ହଜରତ୍ ମିର୍ଜା ମସ୍‌ରୁର୍ ଅହମଦ୍

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ପଞ୍ଚମ ଖଲିଫା[ଅବ]



ପ୍ରକାଶକ :

ନଜାରତ ନଶରୋ ଇଶାଅତ୍, କାଦିୟାନ

# ଇସଲାମ ଏବଂ ବିବେକ ସ୍ୱାଧୀନତା

## ମୂଳ ଉର୍ଦ୍ଦୁ ଅଭିଭାଷଣ : 'ଇସଲାମ ଔର ଆଜାଦି-ଏ-ଜମିର'

**(Islam and the Freedom of Conscience)**

ଉଦ୍‌ବୋଧକ

**ହଜରତ୍ ମିର୍ଜା ମସରୁର୍ ଅହମଦ**

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ୍ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ତଥା
ପ୍ରତିଶ୍ରୁତ ମସିହ ଓ ମେହଦୀଙ୍କ ପଞ୍ଚମ ଖଲିଫା[ଅବ]

ଅନୁବାଦକ

**ଇଂ. ରୌଶନ୍ ଖାନ୍**, କେରଙ୍ଗ, ଓଡିଶା

ପ୍ରକାଶକ :

**ନଜାରତ ନଶରୋ ଇଶାଅତ୍**

**ସଦର ଅଞ୍ଜୁମନ ଅହମଦିୟା, କାଦିୟାନ ଜିଲ୍ଲା : ଗୁରୁଦାସ୍‌ପୁର, ପଞ୍ଜାବ**

ମୁଦ୍ରକ :

**ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ**

**ଜିଲ୍ଲା : ଗୁରୁଦାସ୍‌ପୁର, ପଞ୍ଜାବ - ୧୪୩୫୧୬**

ପ୍ରକାଶନ ବର୍ଷ : 2018, ପ୍ରଥମ ଓଡିଆ ସଂସ୍କରଣ

ମୁଦ୍ରଣ ସଂଖ୍ୟା : 1000

*No part of this publication may be reproduced or transmitted in any form or by any means, electronic or mechanical, including photocopy, recording or any information storage and retrieval system, without prior written permission from the Publisher.*

For further information please visit:
www.alislam.org
www.ahmadiyyamuslimjamaat.in

ISBN

# ପ୍ରକାଶକଙ୍କ ମନ୍ତବ୍ୟ

ବିବେକ ସ୍ୱାଧୀନତା, ଅଭିବ୍ୟକ୍ତିର ସ୍ୱତନ୍ତ୍ରତା କିମ୍ବା ଧର୍ମଗତ ସ୍ୱାଧୀନତା ହେଉଛି ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର । ପୃଥିବୀରେ ଇସଲାମ ହେଉଛି ପ୍ରଥମ ଧର୍ମ, ଯାହା ଏହାର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରିଥାଏ ଓ ଏହାକୁ ଦୃଢ ସମର୍ଥନ କରି ନ୍ୟାୟ ବିଚାର ଓ ସାମ୍ୟଭାବ ପ୍ରତିଷ୍ଠା କରିଥାଏ । ଯଦିଓ ଇସଲାମର ଶିକ୍ଷାରେ ପ୍ରତିମାର ସ୍ଥାନ ନାହିଁ ଓ ଶିର୍କ ଅର୍ଥାତ ଏକ ପରମବ୍ରହ୍ମ ଅଲ୍ଲାଃଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ ମନେ କରିବା ସିଦ୍ଧାନ୍ତକୁ ଅସ୍ୱୀକାର କରାଯାଇଛି, ତଥାପି ଇସଲାମ ଅନ୍ୟ ଧର୍ମର ଉପାସ୍ୟମାନଙ୍କୁ ଆକ୍ଷେପ କରି କଟୁମନ୍ତବ୍ୟ ପ୍ରକାଶ କରିବା ପାଇଁ କସ୍ମିନକାଳେ ଅନୁମତି ଦେଇନାହିଁ । ଇସଲାମ ଧର୍ମର ପ୍ରଣେତା ହଜରତ ମୁହମ୍ମଦ (ତାହାଙ୍କ ପ୍ରତି ଅଲ୍ଲାଃଙ୍କ ଶାନ୍ତି ଓ କରୁଣା ରହିଥାଉ)ଙ୍କ ପ୍ରତି ଧର୍ମ ବିରୋଧିମାନଙ୍କ ପ୍ରବଳ ଶତ୍ରୁତା ଓ ବିରୁଦ୍ଧାଚରଣ ସତ୍ତ୍ୱେ ସେ ଆଜୀବନ ଏହି ଧାର୍ମିକ ସହିଷ୍ଣୁତା ମୂଳକ ଶିକ୍ଷା ଉପରେ କାୟମନବାକ୍ୟରେ ପାଳନ କରି ଆସୁଥିଲେ ।

କିନ୍ତୁ ଦୁର୍ଭାଗ୍ୟ ବଶତଃ, ଆଜିକାଲି ଯୁଗରେ ଅଜ୍ଞତାର ପରିଚୟ ଦେଇ ଆକ୍ରୋଶ ମୂଳକ ଭାବେ ଦିବ୍ୟ ଅବତାରଙ୍କ ଚରିତ୍ର ସଂହାର କରି ଆସୁଥିବା କେତେକ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ପାଶ୍ଚାତ୍ୟ ଦେଶର ଉଦଭ୍ରାନ୍ତ ବ୍ୟକ୍ତି ବିଶେଷଙ୍କୁ ଅହମଦିୟା ମୁସଲିମ ଜମାଅତର ମହାମାନ୍ୟ ପଞ୍ଚମ ଖଲିଫା ଏହି ପୁସ୍ତକରେ ସମୁଚିତ ଦିଗଦର୍ଶନ ଦେଇ ନିଜ ଖୁତ୍‌ବା ଅଭିଭାଷଣରେ କହିଥିଲେ:

"କୌଣସି ସଂପ୍ରଦାୟର ପବିତ୍ର ଧର୍ମଗୁରୁ, ସଂସ୍ଥାପକ ବା ସାଧୁସନ୍ଥଙ୍କ ପ୍ରତି ଅସୂୟା ମନୋଭାବ ପୋଷଣ କରିବା, ମନ ଭିତରେ ସଂକୀର୍ଣ୍ଣ ଧାରଣା ଓ ଘୃଣାଭାବ ରଖିବା କେବେହେଲେ ସ୍ୱାଧୀନ ବିଚାରଧାରାର ପରିସରଭୁକ୍ତ ନୁହେଁ ।...... ବିବେକ ସ୍ୱାଧୀନତାର ଅର୍ଥ ଏହା ଆଦୌ ନୁହେଁ ଯେ ଅନ୍ୟମାନଙ୍କ ଭାବନା ସହିତ ଖେଳିବା କିମ୍ବା ସେମାନଙ୍କୁ ମାନସିକ ଆଘାତ ଦେବା । ଏପରି ଚିନ୍ତାଧାରା ବ୍ୟକ୍ତ କରୁଥିବା ସ୍ୱାଧୀନତା ଯାହା ପାଇଁ ପାଶ୍ଚାତ୍ୟ ଦେଶ ଗର୍ବ କରେ, ପ୍ରକୃତ ମୁକ୍ତ ବିଚାରଧାରାର ପରିଚାୟକ ନୁହେଁ । ଏ ପ୍ରକାର ସ୍ୱାଧୀନତା ମନଷ୍ୟକୁ ଉନ୍ନତି ଆଡକୁ ନେଇଯାଏ ନାହିଁ, ବରଂ ଏହା ଅବନତି ଓ ନୈତିକ ଅବକ୍ଷୟ ଆଡକୁ ଗତି କରିଥାଏ ।

**(ଇସଲାମ ଏବଂ ବିବେକ ସ୍ୱାଧୀନତା, ପୃ୨୨-୨୩)**

ତେବେ ଏପରି ବଳିଷ୍ଠ ଯୁକ୍ତି ସଂପନ୍ନ ତଥା ତାତ୍ତ୍ୱିକ ପ୍ରମାଣ ଭିତ୍ତିକ ଉର୍ଦ୍ଦୁ ପୁସ୍ତକର ଓଡିଆ ଅନୁବାଦ କରିଛନ୍ତି, ପ୍ରବୀଣ ଓଡିଆ ଭାଷାବିତ ଇଂ.ରୌଶନ ଖାନ । ଏହି ଅନୁବାଦିତ ପୁସ୍ତକର ଶୀର୍ଷକ 'ଇସଲାମ ଏବଂ ବିବେକ ସ୍ୱାଧୀନତା' ରଖାଯାଇଛି, ଯାହାର ଇଂରାଜୀ ରୂପାନ୍ତର Islam and Freedom of Consciense ୨୦୧୩ ମସିହାରେ ବ୍ରିଟେନ ଓ ଭାରତରେ ପ୍ରକାଶିତ ହୋଇ ସାରା ବିଶ୍ୱରେ ଆଦୃତ ଲାଭ କରିଛି । ଏହି ଓଡିଆ ପୁସ୍ତକର ସମୀକ୍ଷା କରିବାରେ ଅନୁବାଦକଙ୍କୁ ସହାୟତା କରିଛନ୍ତି Odisha Review Committeeର ଦୁଇଜଣ ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଶରାଫତ ଅହମଦ, ପଙ୍କାଳ ଓ ମୌ. ଜମାଲ ଶରିୟତ ଅହମଦ, H.A. କେରଙ୍ଗ । ସେଥିପାଇଁ କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ (ନଜାରତ ନଶରୋ ଇଶାଅତ) କାଦିୟାନ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ।

ତେବେ ଏହି ପୁସ୍ତକ ଅଧ୍ୟୟନ କରି ବିବେକ ସ୍ୱାଧୀନତାର ପ୍ରକୃତ ମର୍ମକୁ ବୁଝିବା ଏବଂ ତଦନୁସାରେ ଶାନ୍ତି ଓ ନିରାପଦରେ ଜୀବନ ନିର୍ବାହ କରିବା ପାଇଁ ଅଲ୍ଲାଃ ପରମବ୍ରହ୍ମ ଜଗତବାସୀଙ୍କୁ ସୌଭାଗ୍ୟ ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଈଶ୍ୱରଙ୍କ ଠାରେ ଆମର ଏତିକି ପ୍ରାର୍ଥନା ।

ଆପଣଙ୍କ ଗୁଣମୁଗ୍ଧ

**(ହାଫିଜ୍ ମଖଦୁମ୍ ଶରିଫ)**

ନାଜର୍ ନଶ୍‌ରୋ ଇଶାଅତ୍ କାଦିୟାନ

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | VII |
| ଲେଖକ ପରିଚୟ | | XI |
| **ପ୍ରଥମ ଅଧ୍ୟାୟ** | | **01** |
| ୧ | ପୃଥିବୀରେ ଶାନ୍ତି ସ୍ଥାପନ କରିବାକୁ ହେଲେ ଈଶ୍ୱର ପ୍ରେରିତ ବାର୍ତ୍ତାବହମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ । | 05 |
| ୨ | ଅହମଦିଙ୍କ ପ୍ରତିକ୍ରିୟା ଶୈଳୀ | 15 |
| ୩ | ଇସଲାମ ଓ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ଚକ୍ରାନ୍ତ ମୂଳକ ଯୋଜନାର ପ୍ରତିରୋଧ କରିବା ମସିହ ମଉଦ[ଅସ]ଙ୍କ କାର୍ଯ୍ୟ ଥିଲା | 16 |
| ୪ | ଦୁନିଆ ସମ୍ମୁଖରେ ମୁହମ୍ମଦ[ସଅ]ଙ୍କ ଉତ୍କର୍ଷ ଚରିତ୍ରର ଜ୍ଞାନାଲୋକ ପ୍ରଦାନ କର | 19 |
| ୫ | ବ୍ୟଙ୍ଗଚିତ୍ର ପ୍ରକାଶିତ ହେବା ବିରୁଦ୍ଧରେ ଅହମଦିୟା ଜମାଅତ୍‌ର ତୁରନ୍ତ ପଦକ୍ଷେପ | 24 |
| ୬ | ଅହମଦି ଯୁବଗୋଷ୍ଠୀଙ୍କୁ ସାମ୍ବାଦିକତା କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉଚିତ | 26 |
| ୭ | ପତାକା ଜଳାଇବା ଓ ଧନଜୀବନ ନଷ୍ଟ କରିବା ଦ୍ୱାରା ମୁହମ୍ମଦ[ସଅ]ଙ୍କ ସମ୍ମାନ ପ୍ରତିଷ୍ଠା ହୋଇପାରିବ ନାହିଁ | 28 |
| ୮ | ଜଣେ ଅହମଦିଙ୍କର ପ୍ରକୃତ ପ୍ରତିକ୍ରିୟା କଣ ହେବା ଉଚିତ୍ | 29 |
| ୯ | ନିଜ ମନର ବେଦନାକୁ ପ୍ରାର୍ଥନାରେ ପରିଣତ କରନ୍ତୁ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ବ୍ୟାପକ ରୂପେ ଦରୁଦ୍ ପ୍ରେରଣ କରନ୍ତୁ | 29 |
| ୧୦ | ଅନ୍ୟମାନଙ୍କ ଭାବନା ସହିତ ଖେଳିବା କୌଣସି ଗଣତନ୍ତ୍ର ନୁହେଁ କିମ୍ବା ବିବେକ ସ୍ୱାଧୀନତା ନୁହେଁ | 30 |
| ୧୧ | ମୁହମ୍ମଦ[ସଅ]ଙ୍କ ପ୍ରତି ହେଉଥିବା ଅପବାଦ ଜନକ କାର୍ଯ୍ୟକଳାପ ଦୈବି ପ୍ରକୋପର କାରଣ | 31 |

| | | |
|---|---|---|
| ୧୨ | ଏହି ପରିସ୍ଥିତିରେ ଅହମଦିମାନଙ୍କ ପ୍ରତିକ୍ରିୟା କିପରି ହେବା ଉଚିତ | 32 |
| ୧୩ | ଅଣ ମୁସଲିମମାନଙ୍କ ସହିତ ସଦ ବ୍ୟବହାର ସମ୍ବନ୍ଧରେ ଇସଲାମର ଆଦର୍ଶ ଶିକ୍ଷା | 33 |
| ୧୪ | ମକ୍କାର ବିଧର୍ମୀ ଓ ଇସଲାମର ଶତ୍ରୁମାନଙ୍କ ଉପଦ୍ରବ ଓ ଅତ୍ୟାଚାର ତୁଳନାରେ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଆଚରଣ | 34 |
| ୧୫ | ଇସଲାମ ତରବାରୀ ବଳରେ ବ୍ୟାପି ନାହିଁ ବରଂ ଉତ୍ତମ ଆଦର୍ଶ, ବିବେକ ସ୍ୱାଧୀନତା ଭିତ୍ତିକ ଇସଲାମର ଶିକ୍ଷା ଦ୍ୱାରା ବ୍ୟାପିଛି । | 38 |
| ୧୬ | ଦିବ୍ୟ ଅବତାରଙ୍କ ଦ୍ୱାରା ଉଚ୍ଚ ସ୍ତରୀୟ ନ୍ୟାୟ ଓ ଅଭିବ୍ୟକ୍ତି ସ୍ୱାଧୀନତାର ଅନନ୍ୟ ଉଦାହରଣ | 39 |
| ୧୭ | ମାନବୀୟ ମୂଲ୍ୟବୋଧ ଓ ଧାର୍ମିକ ସହିଷ୍ଣୁତା ପ୍ରତିଷ୍ଠା ପାଇଁ ମୁହମ୍ମଦ[ସଅ]ଙ୍କ ବ୍ୟାବହାରିକ ଆଚରଣର ଉତ୍କୃଷ୍ଟ ଉଦାହରଣ | 49 |
| ୧୮ | ହଜରତ ମୁହମ୍ମଦ[ସଅ] ଏବଂ ମଦିନାର ଇହୁଦିମାନଙ୍କ ମଧ୍ୟରେ ଶାନ୍ତି ବୁଝାମଣା ପତ୍ର | 50 |
| ୧୯ | ଧର୍ମଗତ ସ୍ୱାଧୀନତା ଓ ନାଜରାନ ଜନସାଧାରଣଙ୍କୁ ସର୍ବକ୍ଷମା | 53 |
| ୨୦ | ଭ୍ରାନ୍ତ ଧାରଣା ଦୂରୀଭୁତ କରିବା ପାଇଁ ମୂଲ୍ୟବାନ ପ୍ରସ୍ତାବ | 58 |
| ୨୧ | ସହାନୁଭୁତି ପ୍ରଦର୍ଶନ କରିବା ହିଁ ମାନବିକତା | 60 |
| ୨୨ | ମହାପୁରୁଷ ଓ ଦିବ୍ୟଗନ୍ଥ ବିରୁଦ୍ଧରେ ଅପବାଦ ଦେବା ଅଶୋଭନୀୟ | 61 |
| ୨୩ | ମୈତ୍ରୀ ସ୍ଥାପନ ହିଁ ସର୍ବୋତ୍ତମ ପନ୍ଥା | 64 |
| ୨୪ | ଧର୍ମର ଅସଲ ଆଭିମୁଖ୍ୟ | 64 |
| ୨୫ | ପ୍ରାୟଶ୍ଚିତ କଲେ ତ୍ରାହି ମିଳିବ | 67 |
| ୨୪ | ଇସଲାମର ହୃତଗୌରବ ଫେରିପାଇବା ସକାଶେ ଏକମାତ୍ର ପନ୍ଥା ପ୍ରତିଶ୍ରୁତ ମସିହ[ଅସ]ଙ୍କ ସଂପ୍ରଦାୟରେ ସାମିଲ ହେବା | 69 |

**ଦ୍ୱିତୀୟ ଅଧ୍ୟାୟ** **75**
ଆନ୍ତର୍ଜାତିକ ଗଣମାଧ୍ୟମର ସମ୍ବାଦ ପରିବେଷଣ 77
**ତୃତୀୟ ଅଧ୍ୟାୟ** **101**
ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ କେତେକ ଐତିହାସିକ ଖ୍ୟାତିସଂପନ୍ନ ଅଣ ମୁସଲିମ ବିଦ୍ୱାନଙ୍କ ଅନୁକୂଳ ମତାମତ
*George Sale* 103
*Stanley Lane-Poole* 104
*H.G Wells* 104
*De Lacy O'Leary* 105
*Mahatma Gandhi* 105
*John Bagot Glubb* 106
*John William Draper* 107
*William Montgomery Watt* 108
*Bosworth Smith* 109
*Washington Irving* 112
*William Muir* 112
*Thomas Carlyle* 116
*Alphonse de Lamartine* 118
*John Davenport* 120
*Michhael H. Hart* 121
*Karen Armstrong* 123
*Annie Besant* 125
*Ruth Cranston* 126
*Godfrey Higgins* 127
*Edward Gibbon* 128

# ମର୍ଯ୍ୟାଦାସୂଚକ ଉକ୍ତି

ସଅ – (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ଅସ – (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

ରଅ – (ରଜିଅଲ୍ଲାଃ ତା' ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

ରଉ – (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଉନ୍ନୀତ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

ଅବ – (ଅୟଦହୁଲ୍ଲାହୁ ତା' ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦା ସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ମୁଖବନ୍ଧ

ଆଦିକାଳରୁ ପୃଥିବୀରେ ଈଶ୍ୱର ପ୍ରେରିତ ବାର୍ତ୍ତାବହ ଓ ଅବତାରମାନେ ଏପରି ଏକ ବିରୋଧୀ ଗୋଷ୍ଠୀଙ୍କ ବିରୁଦ୍ଧାଚରଣର ସମ୍ମୁଖୀନ ହୋଇଥାନ୍ତି, ଯେଉଁମାନେ ସେମାନଙ୍କ ବିରୁଦ୍ଧରେ ଅବାନ୍ତର ଓ ଭିତ୍ତିହୀନ ମନ୍ତବ୍ୟ ଦେଇ ମାନବସମାଜରେ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି । ଅଲ୍ଲାଃ ପରମବ୍ରହ୍ମ ବିଭିନ୍ନ ଅବତାର ଓ ପ୍ରେରିତ ଧର୍ମଦୂତମାନଙ୍କ ଜୀବନ ଚରିତ ସଂବନ୍ଧରେ ପବିତ୍ର କୁରଆନରେ ଆଲୋକପାତ କରିଛନ୍ତି । ଅଧିକନ୍ତୁ ସେଥିରେ ଏତାଦୃଶ ବିରୋଧାତ୍ମକ କାର୍ଯ୍ୟକଳାପ ଯୋଗୁଁ ସେହି ସବୁ ପ୍ରତିପକ୍ଷ ଗୋଷ୍ଠୀଙ୍କୁ ଚରମ ପରିଣତି ଭୋଗ କରିବାକୁ ପଡିଥାଏ ବୋଲି ଅତି ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି । ଅତୀତରେ ଦେଖାଯାଇଛି ଯେ କୌଣସି ଅବତାରଙ୍କ ଆବିର୍ଭାବ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ହୋଇଥିବା ଯୋଗୁଁ ସେମାନଙ୍କ ବିରୁଦ୍ଧରେ ହେଉଥିବା ଷଡଯନ୍ତ୍ର ଓ ବିରୁଦ୍ଧାଚରଣ ତାହାଙ୍କ ଅବତାରତ୍ୱ କାଳ ପର୍ଯ୍ୟନ୍ତ ସୀମିତ ରହିଥାଏ । ତେବେ ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ] ସମସ୍ତ ଜାତି ଓ ସବୁ ସମୟ ପାଇଁ ପୃଥିବୀ ପୃଷ୍ଠରେ ଆବିର୍ଭୁତ ହୋଇଥିବା କାରଣରୁ ତାଙ୍କ ବିରୁଦ୍ଧରେ କୂଟ ଚକ୍ରାନ୍ତ ତଥା ଶତ୍ରୁତାର ଝଡ ସେ ପର୍ଯ୍ୟନ୍ତ ତିଷ୍ଠି ରହିବ ଯେ ପର୍ଯ୍ୟନ୍ତ ପୃଥିବୀ ତିଷ୍ଠି ରହିଛି । କେବେ ଏହା 'ମୁସୈଲମା କଜ୍ଜାବ୍' ରୂପେ ତ ଆଉ କେବେ 'ରଙ୍ଗିଲା ରସୁଲ୍' ଆଦି କଦର୍ଯ୍ୟ ଲେଖା ତଥା ବିକୃତ ବ୍ୟଙ୍ଗଚିତ୍ରର ରୂପ ଧାରଣ କରିଥାଏ । ବର୍ତ୍ତମାନ ସମୟରେ ଏହି ଶତ୍ରୁତାର ନିକୃଷ୍ଟ ଉଦାହରଣ ହେଉଛି:Innocence of Muslim ନାମକ ଏକ ଚଳଚିତ୍ର ।

ଏପରି ଦୁର୍ଦ୍ଦିନରେ ଅଲ୍ଲାଃ ଧର୍ମ ବିଶ୍ୱାସୀମାନଙ୍କର ପରୀକ୍ଷା ନିଅନ୍ତି ଓ ସେମାନେ କିପରି ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି ତାହାକୁ ଦେଖନ୍ତି । ସୁତରାଂ ଅହମଦୀୟା

ମୁସଲିମ ସଂପ୍ରଦାୟର ସାମ୍ପ୍ରତିକ ମୁଖ୍ୟ ହଜରତ ମିର୍ଜା ମସରୁର୍ ଅହମଦ[ଅବ] ଏହି ପରିସ୍ଥିତିକୁ ଅନୁଧ୍ୟାନ କରି ପବିତ୍ର କୁରଆନ, ଦିବ୍ୟ ବାର୍ତ୍ତାବହ ମୁହମ୍ମଦ[ସଅ] ତଥା ପ୍ରତିଶ୍ରୁତ ମସିହ[ଅସ]ଙ୍କ ଶିକ୍ଷା ଭିତ୍ତିରେ ଆମର ମାର୍ଗଦର୍ଶନ କରିଛନ୍ତି । ସୁତରାଂ ଏହି ପ୍ରସଙ୍ଗରେ ଆମେ ତାଙ୍କର ଶୁକ୍ରବାର ଜୁମା ପ୍ରବଚନ ମଧ୍ୟରୁ ଅନେକକୁ ଏହି ପୁସ୍ତକରେ ସ୍ଥାନିତ କରିଛୁ । ତତ୍‌ସହିତ ୨୦୧୨ ମସିହା ସେପ୍ଟେମ୍ବର ୨୧ ତାରିଖ ଦିନ ହଜୁର[ଅବ]ଙ୍କ ଜୁମା ଉଦ୍‌ବୋଧନ ଉପରେ ବିଭିନ୍ନ ଗଣମାଧ୍ୟମର ପ୍ରତିକ୍ରିୟାକୁ ଏହି ପୁସ୍ତକର ଶେଷ ଭାଗରେ ଅନ୍ତର୍ଭୁକ୍ତ କରାଯାଇଛି ।

ମୋର ଈଶ୍ୱରଙ୍କ ଠାରେ ଆକୁଳ ପ୍ରାର୍ଥନା ଯେ ସର୍ବଶକ୍ତିମାନ ଅଲ୍ଲାଃ ସତ୍ୟର ଆଲୋକକୁ ପୃଥିବୀର ବିଭିନ୍ନ ଭାଗରେ ପରିବ୍ୟାପ୍ତ କରିବା ପାଇଁ ଆମମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରା ସର୍ବତ୍ର ଶାନ୍ତି ଓ ସହିଷ୍ଣୁତା ଦୃଢ ଭାବରେ ପ୍ରତିଷ୍ଠିତ ହୋଇ ପାରିବ ତଥା ଆମେମାନେ ଧରାପୃଷ୍ଠରେ ବାସ୍ତବ ସ୍ୱର୍ଗ ସୁଖ ଅନୁଭବ କରିପାରିବା ।

ମୁନିରୁଦ୍ଦିନ୍ ଶମ୍‌ସ
Addl.Wakilut Tasneef
ଲଣ୍ଡନ, ଡିସେମ୍ବର -୨୦୧୨



ହଜରତ ମିର୍ଜା ମସରୁର୍ ଅହମଦ୍
ଖଲିଫତୁଲ୍ ମସିହ ପଞ୍ଚମ[ଅବ]
ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାଅତର ମୁଖ୍ୟ

# ଲେଖକ ପରିଚୟ

ପୁଣ୍ୟଶ୍ଲୋକ ମିର୍ଜା ମସରୁର ଅହମଦ ଖଲିଫତୁଲ୍ ମସିହ ପଞ୍ଚମ[ଅବ] ହେଉଛନ୍ତି, ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ । ସେ ଚଳିତ ଯୁଗରେ ଆବିର୍ଭୁତ ହୋଇଥିବା ପ୍ରତିଶ୍ରୁତ ଅବତାର ତଥା ବିଶ୍ୱ ସୁଧାରକ ହଜରତ ମିର୍ଜା ଗୁଲାମ ଅହମଦ କାଦିଆନୀ[ଅସ] ଙ୍କ ପ୍ରପୌତ୍ର (Great Grand Son) ଏବଂ ପଞ୍ଚମ ଉତ୍ତରାଧିକାରୀ ରୂପେ ଅବସ୍ଥାପିତ । ସେ ଈଶ୍ୱରଙ୍କ ଦ୍ୱାରା ନିର୍ବାଚିତ, ମହିମାମଣ୍ଡିତ ବ୍ୟକ୍ତିତ୍ୱର ଅଧିକାରୀ ତଥା ବର୍ତ୍ତମାନ ଯୁଗରେ ସ୍ୱଷ୍ଟ ଶବ୍ଦରେ ଭାବ ବ୍ୟକ୍ତ କରିବାରେ ନିପୁଣତା ଅର୍ଜନ କରିଛନ୍ତି ।

ପାକିସ୍ତାନ ସ୍ଥିତ ରବ୍ୱା ସହରରେ ୧୯୫୦ ମସିହା ସେପ୍ଟେମ୍ବର ୧୫ ତାରିଖ ଦିନ ସେ ମାତା ନାସିରା ବେଗମ ଅହମଦ୍‌ଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମିର୍ଜା ମନସୁର ଅହମଦ୍ ସାହେବ । ସେ ରବ୍ୱାର ତା'ଲିମୁଲ୍ କଲେଜରୁ ଗ୍ରାଜୁଏସନ୍ କରିବା ପରେ ୧୯୭୬ ମସିହାରେ ପାକିସ୍ତାନର ଫୈସଲାବାଦ ସ୍ଥିତ କୃଷି ବିଶ୍ୱବିଦ୍ୟାଳୟରୁ Agriculture Economicsରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ୧୯୭୭ ମସିହାରେ ସେ ଆଜୀବନ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାକୁ ବିଧିବଦ୍ଧ ଭାବରେ ନିଜକୁ ଉତ୍ସର୍ଗ କରିଥିଲେ । ନୁଶରତ୍ ଜାହାଁ ଯୋଜନା ଅଧୀନରେ ପରିଚାଳିତ ଅହମଦୀୟା ସ୍କୁଲମାନଙ୍କରେ ଅନେକ ବର୍ଷ ଧରି କାର୍ଯ୍ୟନିର୍ବାହ କଲେ । ଅଧିକନ୍ତୁ ଅହମଦୀୟା କୃଷି ଫାର୍ମର ପରିଚାଳନା ନିର୍ଦ୍ଦେଶକ ରୂପେ ଦାୟୀତ୍ୱ ତୁଲାଇଥିଲେ ।

୧୯୯୭ ମସିହା ଡିସେମ୍ବର ମାସରେ ହଜରତ ମିର୍ଜା ମସରୁର ଅହମଦ୍[ଅବ] ସଦର ଅଞ୍ଜୁମନ ଅହମଦୀୟା ପାକିସ୍ତାନର ନାଜର୍ ଆଲା (ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ) ଭାବରେ ନିଯୁକ୍ତ ହୋଇଥିଲେ ।

ସେ ୨୦୦୩ ମସିହା ଅପ୍ରେଲ ୨୨ତାରିଖ ଦିନ ସଂପ୍ରଦାୟର ପଞ୍ଚମ ଖଲିଫା ରୂପେ ନିର୍ବାଚିତ ହୋଇ ଖିଲାଫତ ରୂପକ ଆଧାତ୍ମିକ ଅନୁଷ୍ଠାନର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପାକିସ୍ତାନର ଅହମଦୀୟା ଜମାଅତ୍ ପ୍ରତି ନିଷ୍ଠୁର ନିର୍ଯ୍ୟାତନା ଦିଆଯାଉଥିବା ଦୃଷ୍ଟିରୁ ସେ ବର୍ତ୍ତମାନ ଲଣ୍ଡନରେ ଅବସ୍ଥାପିତ ହୋଇଛନ୍ତି ଏବଂ ତାହାଙ୍କ ବଳିଷ୍ଠ ନେତୃତ୍ୱରେ ସମଗ୍ର ବିଶ୍ୱରେ ଇସଲାମର ଶାଶ୍ୱତ ଓ ବାସ୍ତବ ଶିକ୍ଷା ପ୍ରସାରିତ ହେବାରେ ଲାଗିଛି । ପୁନଶ୍ଚ ପ୍ରେମ, ଶାନ୍ତି ଓ ସହିଷ୍ଣୁତାର ବାର୍ତ୍ତା ପୃଥିବୀର କୋଣେ କୋଣେ ପହଞ୍ଚାଇବାରେ ଅନବରତ ପ୍ରୟାସ କରାଯାଉଛି ।

بِسۡمِ اللّٰہِ الرَّحۡمٰنِ الرَّحِیۡمِ

ଅହମଦିୟା ମୁସଲିମ ଜମାଅତ୍‌ର ପଞ୍ଚମ ଖଲିଫା – ହଜରତ ମିର୍ଜା ମସରୁର୍ ଅହମଦ[ଅବ] ୨୦୧୨ ମସିହା ସେପ୍ଟେମ୍ବର ୨୮ତାରିଖ ଦିନ ବ୍ରିଟେନ୍‌ର ମର୍ଡ୍ଣ୍ଡ ସୁରେ ସ୍ଥିତ 'ବୈତୁଲ୍ ଫୁତୁହ' ମସଜିଦ୍‌ରେ ଶୁକ୍ରବାର ଜୁମା ଖୁତ୍‌ବାଃ (ଅଭିଭାଷଣ) ପ୍ରଦାନ କରି କହିଲେ, ଗତ ଥର ଜୁମା ନମାଜ (ସାପ୍ତାହିକ ସମବେତ ପ୍ରାର୍ଥନା) ରେ ସମ୍ମିଳିତ ହେବା ପାଇଁ ମୁଁ ଯେତେବେଳେ ଏଠାକୁ ଆସିଥିଲି, କାର୍‌ରୁ ଓହ୍ଲାଇବା ସମୟରେ ବହୁ ସଂଖ୍ୟକ ସାମ୍ବାଦିକ ମୋ ନିକଟରେ ଆସି ରୁଣ୍ଡ ହୋଇଗଲେ । ମୁଁ ଜିଜ୍ଞାସା କରିବାରୁ ଅମୀର ସାହେବ (ବ୍ରିଟେନ ଜମାଅତର ରାଷ୍ଟ୍ରୀୟ ସଭାପତି) କହିଲେ ଯେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ବିଦ୍ରୂପ କରି ଯେଉଁ ହୃଦୟ ବିଦାରକ ଚ଼ଳଚିତ୍ର ନିର୍ମାଣ କରାଯାଇଛି, ସେଥିଯୋଗୁଁ ସାରା ବିଶ୍ୱରେ ମୁସଲମାନମାନଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଛି । ସେଥିରେ ଅହମଦୀୟା ସଂପ୍ରଦାୟଭୁକ୍ତ ମୁସଲମାନମାନଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ସେମାନେ ଏଠାରେ ଏକତ୍ରିତ ହୋଇଛନ୍ତି ଓ ଜମାଅତର ଦୃଷ୍ଟିକୋଣ ସମ୍ବନ୍ଧରେ ଏକ ବିବୃତ୍ତି ଚାହୁଁଛନ୍ତି ।

ମୁଁ କହିଲି 'ସେମାନଙ୍କୁ କୁହ, ଆଜି ଜୁମା ଖୁତ୍‌ବଃରେ ସେହି ପ୍ରସଙ୍ଗରେ ମୁଁ ଯେଉଁ ବକ୍ତବ୍ୟ ଉପସ୍ଥାପନ କରିବି, ତାହା ହିଁ ଅହମଦିମାନଙ୍କର ପ୍ରତିକ୍ରିୟା ହେବ । ମନେ ହେଉଛି ଏହି ସମ୍ବେଦନଶୀଳ ବିଷୟକୁ ଅବଗତ କରାଇବା ପାଇଁ ଅଲ୍ଲାଃ ହିଁ ଏତେ ସଂଖ୍ୟକ ସାମ୍ବାଦିକଙ୍କୁ ଏଠାରେ ଏକତ୍ରିତ କରିଛନ୍ତି । ତତ୍‌ସହିତ ଉକ୍ତ ବିଷୟ ବର୍ଣ୍ଣନା କରିବା ପାଇଁ ମୋ ମନରେ ଆଗ୍ରହ ମଧ୍ୟ ଜାତ କରିଛନ୍ତି ।'

ଜୁମା ଖୁତ୍‌ବାଃ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରେସ, ଗଣମାଧ୍ୟମ ବ୍ୟତୀତ ବହୁ ଖ୍ୟାତନାମା ଟେଲିଭିଜନ୍ ଚ୍ୟନେଲର ପ୍ରତିନିଧି ମଧ୍ୟ ଅଂଶ ଗ୍ରହଣ

କରିଥିଲେ । ତନ୍ମଧରେ ଥିଲେ ବିବିସି News Night କାର୍ଯ୍ୟକ୍ରମ ତଥା ବିବିସିର ସ୍ୱତନ୍ତ୍ର ପ୍ରତିନିଧି, ନ୍ୟୁଜିଲ୍ୟାଣ୍ଡର ଜାତୀୟ ଟେଲିଭିଜନ, ଫ୍ରାନ୍ସ ଟେଲିଭିଜନର ପ୍ରତିନିଧି । ତଦନୁରୂପ ଅନେକ ଜାତୀୟ ଓ ଆନ୍ତର୍ଜାତିକ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ପ୍ରଥମେ ପ୍ରଶ୍ନ କରିବାର ସୁଯୋଗ ମିଳିଥିଲା ମୋ ଦକ୍ଷିଣ ପାର୍ଶ୍ୱରେ ବସିଥିବା ନ୍ୟୁଜିଲ୍ୟାଣ୍ଡ ସାମ୍ବାଦିକଙ୍କୁ । ସେ ମୋତେ ପଚାରିଲେ, ‘ସଂପୃକ୍ତ ଚଳଚିତ୍ର ଉପରେ ଆପଣଙ୍କ ମତାମତ କ’ଣ ? ମୁଁ ଉତ୍ତର ଦେଇଥିଲି, ‘ମୋର ମତାମତ ମୋ ଖୁତବାରେ ଆପଣମାନେ ଶୁଣି ସାରିଛନ୍ତି । କହିବା ବାହୁଲ୍ୟ ଯେ ହଜରତ ମୁହମ୍ମଦ[ସଅ] ହେଉଛନ୍ତି ସର୍ବଶ୍ରେଷ୍ଠ ନବୀ, ତାଙ୍କର ପଦ ମର୍ଯ୍ୟାଦା ସବୁଠାରୁ ଉଚ୍ଚରେ ଏବଂ ସମଗ୍ର ମୁସଲିମ ସମାଜ ପାଇଁ ତାଙ୍କ ଆଚରିତ ଆଦର୍ଶ ଓ ଜୀବନଶୈଳୀ ସର୍ବୋପରି ଅନୁକରଣୀୟ । ତେଣୁ ସେମାନଙ୍କ ମନରେ ଏହି ନିନ୍ଦନୀୟ ଘଟଣାର ପ୍ରତିକ୍ରିୟା ସ୍ୱରୂପ କ୍ରୋଧ ଓ ବିଦ୍ୱେଷର ଭାବ ସୃଷ୍ଟି ହେବା ସ୍ୱାଭାବିକ । କିନ୍ତୁ ଅନେକ ସ୍ଥାନରେ ଏହାର ସମୁଚିତ ପ୍ରତିକ୍ରିୟା ପ୍ରଦର୍ଶନ କରାଯାଉ ନାହିଁ । ହଜରତ ମୁହମ୍ମଦ୍[ସଅ]ଙ୍କ ପ୍ରତି ଆମ ହୃଦୟରେ ଯେଉଁ ସମ୍ମାନ ଓ ଶ୍ରଦ୍ଧା ସ୍ଥାନ ପାଇଛି, ସଂସାରର ବସ୍ତୁବାଦୀ ମଣିଷ ତାହା କେବେ ଅନୁଭବ କରିପାରିବ ନାହିଁ । ଆମ ମନର ବ୍ୟଥା ଓ ହୃଦୟର କଷ୍ଟ ସେମାନେ କଦାପି ହୃଦୟଙ୍ଗମ କରିପାରିବେ ନାହିଁ । ଏଭଳି କାର୍ଯ୍ୟକଳାପ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ବ୍ୟାଘାତ ସୃଷ୍ଟି କରୁଛି, ଯାହାକି ବିଶ୍ୱ ଶାନ୍ତି ପ୍ରତି ଏକ ଚେତାବନୀ ।’ ନ୍ୟୁଜିଲ୍ୟାଣ୍ଡର ପ୍ରତିନିଧି ଜୋର ଦେଇ କହିଥିଲେ ‘ଆପଣ ଖୁତ୍‌ବାରେ କଟୁକ୍ତି କରି କହିଲେ ଯେ ସେହି ବ୍ୟଙ୍ଗ ବିଦ୍ରୁପକାରୀ ଲୋକମାନେ ନର୍କଗାମୀ ହେବେ । ଆପଣ ମଧ୍ୟ ସେହି ବିକ୍ଷୋଭ ପ୍ରଦର୍ଶନକାରୀ ମୁସଲମାନମାନଙ୍କ ପରି କଟୁଭାଷା ପ୍ରୟୋଗ କଲେ’ । ସେମାନଙ୍କ ପ୍ରଶ୍ନରେ ଅବିକଳ ଏଭଳି ଶବ୍ଦ ତ ନଥିଲା, କିନ୍ତୁ ତାଙ୍କ କହିବାର ଭାବରୁ ଏହା ସ୍ପଷ୍ଟ ବାରି ହୋଇ ପଡୁଥିଲା । ତେଣୁ ସେମାନେ ଏହି ପ୍ରଶ୍ନ ମୋତେ ବାରମ୍ବାର ପଚାରୁଥିଲେ । ମୁଁ ତାଙ୍କୁ କହିଲି, ‘ଯେଉଁମାନେ ଅଲ୍ଲାଃଙ୍କ ପ୍ରିୟପାତ୍ର ତଥା ପୂଣ୍ୟାତ୍ମାଙ୍କୁ ଏଭଳି ପରିହାସ କରିଥାନ୍ତି ଓ କ୍ରମାଗତ ଭାବରେ ପରିହାସ କରି ଚାଲିଥାନ୍ତି ଏବଂ ଯେତେ ବୁଝାଇଲେ ବି ସେଥିରୁ ନିବୃତ୍ତ ହୁଅନ୍ତି ନାହିଁ, ସେଇମାନେ ହିଁ ଈଶ୍ୱରଙ୍କ ପ୍ରଚଣ୍ଡ ପ୍ରକୋପରେ

କବଳିତ  ହୋଇ ଶାସ୍ତି ଭୋଗ କରନ୍ତି । ସେମାନଙ୍କର ଏହି କାର୍ଯ୍ୟର ପ୍ରତିବାଦରେ ଦଙ୍ଗା ଓ ଭଙ୍ଗାରୁଜା କରି କୌଣସି ପ୍ରକାରେ ଧନ ଜୀବନ ନଷ୍ଟ କରିବାକୁ ଆମେ ଆଦୌ ପସନ୍ଦ କରୁନାହୁଁ । ଆପଣମାନେ ଅହମଦି ମୁସଲମାନମାନଙ୍କୁ ଏତାଦୃଶ ବିକ୍ଷୋଭ ପ୍ରଦର୍ଶନରେ ଅଂଶ ଗ୍ରହଣ କରୁଥିବାର କଦାପି ଦେଖିବେ ନାହିଁ’ । ମୋର ଏହି ଉତ୍ତର ଜଣେ ସମ୍ବାଦ ପାଠକଙ୍କ ଧ୍ୟାନ ଆକର୍ଷଣ କଲା ଏବଂ ସେ କହିବାକୁ ଲାଗିଲେ ‘ସଂଖ୍ୟାଲଘୁ ଅହମଦିମାନେ ଅନ୍ୟ ମୁସଲମାନମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେଉଛନ୍ତି । ଦେଖାଯାଉ, ଅହମଦୀ ଖଲିଫାଙ୍କ ଏହି ସ୍ୱର ଯାହା ଶାନ୍ତିର ସନ୍ଦେଶ ବହନ କରେ, ତାହା ଅଣ ଅହମଦୀ ମୁସଲମାନମାନଙ୍କ ଉପରେ କେତେ ଦୂର ପ୍ରଭାବ ପକାଇ ପାରୁଛି ।’

ଏଠାକାର ସମ୍ବାଦ ସରବରାହ ସଂସ୍ଥା News Nightର ପ୍ରତିନିଧି କହିବାକୁ ଲାଗିଲେ, ‘ମୁଁ ଏହି ଚଳଚିତ୍ର ଦେଖିଛି । ସେଥିରେ ଏଭଳି କିଛି ବିଷୟ ନାହିଁ, ଯାହାକୁ ଦେଖି ମୁସଲମାନମାନେ ଅତ୍ୟଧିକ ଉତ୍ତେଜିତ ହେବେ ଓ କ୍ଷୋଭ ପ୍ରକାଶ କରିବେ । ଆପଣ ମଧ୍ୟ ଏ ବିଷୟରେ ନିଜ ବକ୍ତବ୍ୟ (ଖୁତ୍‌ବା) ମାଧ୍ୟମରେ ବିସ୍ତୃତ ଭାବରେ ଆଲୋକପାତ କଲେ । ଏପରିକି କେତେକ ସ୍ଥଳରେ କଟୁ ଶବ୍ଦ ଉଚ୍ଚାରଣ କରି ଏହାର ପ୍ରତିବାଦ କଲେ । କିନ୍ତୁ ଦେଖିବାକୁ ଗଲେ ସେହି ଚଳଚିତ୍ର ଏକ ଛୋଟ ପରିହାସ ଜନକ ବିଷୟ ବସ୍ତୁ ପରି ଲାଗୁଛି’ । ମୁଁ ଆଶା କରୁଛି, ସେମାନଙ୍କୁ ଅଲ୍ଲାଃ ରକ୍ଷା କରନ୍ତୁ ଓ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ । ପରିତାପର ବିଷୟ, ସେହି ଲୋକମାନଙ୍କର ଚାରିତ୍ରିକ ସ୍ୱଭାବ ଆସି ଏପରି ଅବସ୍ଥାରେ ପହଞ୍ଚିଲାଣି । ମୁଁ ତାଙ୍କୁ ପୁଣି କହିଲି, ‘ଏହି ଚଳଚିତ୍ରକୁ ଆପଣ କେଉଁ  ଦୃଷ୍ଟିକୋଣରୁ ଦେଖୁଛନ୍ତି, ତାହା ମୁଁ ବୁଝିପାରୁ ନାହିଁ । ଆପଣ ଜାଣିଛନ୍ତି କି ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ମୁସଲମାନମାନଙ୍କ ହୃଦୟରେ ମର୍ଯ୍ୟାଦା କେତେ ?  କ’ଣ ବୁଝିପାରିବେ ସେହି ସ୍ନେହ ଓ ପ୍ରେମର ଗଭୀରତାକୁ ? ମୁଁ ସେହି ଚଳଚିତ୍ର ତ କେବେ ଦେଖିନାହିଁ । କିନ୍ତୁ ଜଣେ ଦେଖଣାହାରୀଙ୍କ ମୁହଁରୁ ଯାହା ଶୁଣିଲି ତାହା ସହ୍ୟ କରିପାରୁନାହିଁ, ଅଥଚ ଆପଣ କହୁଛନ୍ତି ଚଳଚିତ୍ର ଭିତରେ ସେଭଳି କିଛି କଥା ନାହିଁ । ମାତ୍ର ଏଥିରେ ଯାହା ବର୍ଣ୍ଣନା କରାଯାଇଛି, ତାହା ଶୁଣି ଯେ

କୌଣସି ବ୍ୟକ୍ତିର ରକ୍ତ ଉଦବେଳିତ ହୋଇଉଠିବ । ତେଣୁ ମୁଁ କଦାପି ଏହି ଚଳଚିତ୍ର ଦେଖିବାକୁ ମନରେ ସାହସ ସଞ୍ଚୟ କରିପାରିବି ନାହିଁ ।' ପୁଣି ମୁଁ ତାଙ୍କୁ କହିଲି, 'ଯଦି ଆପଣଙ୍କ ବାପାଙ୍କୁ କେହି କଟୁ ଭାଷାରେ ଗାଳି ଦିଅନ୍ତି ଓ ତାଙ୍କ ପ୍ରତି ଅଭଦ୍ର ବ୍ୟବହାର ଦେଖାନ୍ତି, ତା'ହେଲେ ଆପଣ କି ଭଳି ପ୍ରତିକ୍ରିୟା ଦେଖାଇବେ ଓ ତାହା କରିବା ଆପଣଙ୍କ ପକ୍ଷେ ଉଚିତ୍ ହେବ କି ? କିନ୍ତୁ ଜଣେ ମୁସଲମାନର ଦୃଷ୍ଟିରେ ମୁହମ୍ମଦ[ସଅ]ଙ୍କ ପଦମର୍ଯ୍ୟାଦା ଏପରି ସ୍ଥାନରେ ରହିଛି, ଯେଉଁଠାରେ କେହି  ସାଧାରଣ ମାନବ ପହଞ୍ଚି ପାରିବ ନାହିଁ' ।

ବସ୍ତୁତଃ ସେହି ଚଳଚିତ୍ର ନିର୍ମାତାମାନେ ଏପରି କୁତ୍ସିତ କାର୍ଯ୍ୟରୁ ନିବୃତ୍ତ ହୋଇ ନାହାନ୍ତି କି ହେବେ ନାହିଁ । ଏହାର ପ୍ରତିବାଦ ସ୍ୱରୂପ ମୁସଲମାନମାନେ ସାଧାରଣତଃ ଯେଉଁ ଧରଣର ପ୍ରତିକ୍ରିୟା ପ୍ରଦର୍ଶନ କରୁଛନ୍ତି, ତାହା ସତେ ଯେପରି ଆମ ହୃଦୟର ଭାବାବେଶକୁ  କ୍ଷତାକ୍ତ କରିବାରେ ସର୍ବଦା ଚେଷ୍ଟିତ । ସେମାନଙ୍କର ଏହି ଅନୁଚିତ ଓ କଳୁଷିତ କାଣ୍ଡ ଏବେ ଗୋଟିଏ ଦେଶରୁ ଅନ୍ୟ  ଦେଶକୁ ସଂପ୍ରସାରିତ ହୋଇ ଚାଲିଛି । ଏଇ ମାତ୍ର ଦୁଇ ଦିନ ପୂର୍ବରୁ (ଅର୍ଥାତ୍ ଦିନାଙ୍କ-ତା୨୮.୯.୨୦୧୨ରିଖ ଖୁତ୍‌ବା ପୂର୍ବରୁ) ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ବ୍ୟଙ୍ଗଚିତ୍ର (Cartoon) ସ୍ପେନ୍‌ର ଏକ ସମ୍ବାଦପତ୍ରରେ ପରିହାସ ଛଳରେ ରେଖାଙ୍କିତ କରାଯାଇ ପ୍ରକାଶିତ ହୋଇଛି ।  ସେମାନେ ଯୁକ୍ତି ବାଢ଼ିଥାନ୍ତି ଯେ ମୁସଲମାନଙ୍କ ବିଶ୍ୱବ୍ୟାପୀ ପ୍ରତିକ୍ରିୟାର ଏହା ସଠିକ ଉତ୍ତର ଓ ଏହାର ଉଚିତ ଜବାବ ଦିଆଯାଇଛି  । ତେବେ ସେହି ଲୋକମାନଙ୍କ ମୁହଁ ବନ୍ଦ କରିବା ଏବଂ ଅନ୍ତତଃ ପକ୍ଷେ ଶିକ୍ଷିତ ବର୍ଗ ଓ ଭଦ୍ର ସମାଜ ମଧ୍ୟରେ ଏହି ବିବାଦର ସମାଧାନ ଦିଗରେ  ସଚେତନତା ସୃଷ୍ଟି କରିବା ପାଇଁ ଆମକୁ ସଂପୂର୍ଣ୍ଣ ପ୍ରୟାସ କରିବାକୁ ହେବ । କାରଣ କାର୍ଟୁନ ଓ ଚଳଚିତ୍ର ପ୍ରଦର୍ଶନ ପୂର୍ବକ ସେମାନଙ୍କ ଏତାଦୃଶ ମନ୍ଦ ଆଚରଣ ପୃଥିବୀରେ ଶାନ୍ତି ଭଙ୍ଗ କରୁଛି । ସୁତରାଂ ସେମାନଙ୍କ ଅତ୍ୟାଚାର ଓ ଆକ୍ରମଣର ମୁଖା ଖୋଲିବାକୁ  ଓ ଏହି ସତ୍ୟକୁ ଦୁନିଆ ସମ୍ମୁଖରେ ଉପସ୍ଥାପିତ କରିବା ପାଇଁ ଆମେ ଯଥାସାଧ୍ୟ ଉଦ୍ୟମ କରିବା ଉଚିତ ।

ଚଳିତ ଯୁଗର ପ୍ରତିଶ୍ରୁତ  ଅବତାର ତଥା ମସିହ ମଉଦ[ଅସ]ଙ୍କ ସ୍ୱରଚିତ ପୁସ୍ତକ 'ତୋହଫାଏ କୈସରିୟା' ବ୍ରିଟିଶ ମହାରାଣୀ ଭିକ୍ଟୋରିଆଙ୍କ ନିମନ୍ତେ ଉପହାର

ସ୍ୱରୂପ ହୀରକ ଜୟନ୍ତୀ ଅବସରରେ ତାଙ୍କ ନିକଟକୁ ପଠାଇଥିଲେ । ଏଥିରେ ସେ ମହାରାଣୀଙ୍କର ଉତ୍ତମ ନ୍ୟାୟିକ ପ୍ରଶାସନର ଭୂୟସୀ ପ୍ରଶଂସା କରିବା ସଂଗେ ସଂଗେ ଇସଲାମର ଶାନ୍ତିପୂର୍ଣ୍ଣ ଅମିୟ ବାର୍ତ୍ତାର ମଧ୍ୟ ଉଲ୍ଲେଖ କରିଥିଲେ । ହଜରତ୍ ମିର୍ଜା ଗୁଲାମ୍ ଅହମଦ୍[ଅସ] ଉକ୍ତ ପୁସ୍ତକରେ ବିଶ୍ୱଶାନ୍ତି, ସର୍ବଧର୍ମ ସମନ୍ୱୟ, ସାଂପ୍ରଦାୟିକ ସଦ୍‌ଭାବନା ତଥା ବିଭିନ୍ନ ଧର୍ମର ପ୍ରତିଷ୍ଠାତା ଓ ଅବତାରମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା କ୍ଷେତ୍ରରେ ନିଜର ଭୂମିକା କ'ଣ ହେବା ଉଚିତ, ସେ ସମ୍ବନ୍ଧରେ ପ୍ରାଞ୍ଜଳ ଭାବରେ ବୁଝାଇ ତାଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ତେବେ ଏହାର ଠିକ୍ ଶହେ ବର୍ଷ ପରେ ରାଣୀ ଏଲିଜାବେଥଙ୍କ ହୀରକ ଜୟନ୍ତୀ ପାଳନ ଅବସରରେ ସେହି ଅମୂଲ୍ୟ ଗ୍ରନ୍ଥର ଅନୁବାଦ କରାଯାଇ ତଥା ସୁଶୋଭନୀୟ ଆକାରରରେ ପ୍ରସ୍ତୁତ କରାଯାଇ ଉପହାର ସ୍ୱରୂପ ତାଙ୍କ ନିକଟକୁ ପଠାଯାଇଛି ଏବଂ ତତସହିତ ଅହମଦୀୟା ସଂପ୍ରଦାୟର ଖଲିଫାଙ୍କ ଏକ ପତ୍ର ସଂଲଗ୍ନ କରାଯାଇ ତାଙ୍କ ବ୍ୟକ୍ତିଗତ ଗ୍ରନ୍ଥାଗାରରେ ଏହି ପୁସ୍ତକକୁ  ମହାରାଣୀଙ୍କ ଅଧ୍ୟୟନ ଉଦ୍ଦେଶ୍ୟରେ ରଖାଯାଇଛି । ଏସମ୍ପର୍କରେ ମହାମାନ୍ୟ ଖଲିଫା  କହିଲେ 'ରାଣୀ ମହୋଦୟା ଏହାକୁ ପଢ଼ନ୍ତୁ କି ନ ପଢ଼ନ୍ତୁ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରିଛୁ' ।

ଅତୀତରେ ଇସଲାମ ବିରୋଧି କାର୍ଯ୍ୟକଳାପ ଜନିତ ଦୁରାବସ୍ଥା ଏବେ ବି ଅଛି, ବରଂ ତାହା ଆହୁରି ବୃଦ୍ଧି ପାଇବାରେ ଲାଗିଛି । ମାନବଧର୍ମ ଇସଲାମ ଓ ଏହାର ପ୍ରାଣ ପ୍ରତିଷ୍ଠାତା ହଜରତ ମୁହମ୍ମଦ[ସଅ]ଙ୍କ ଦିବ୍ୟ ଚରିତ୍ର ଉପରେ ଆଜିକାଲି ବ୍ୟକ୍ତିଗତ ଭାବେ ଆକ୍ରମଣ ତଥା ପରିହାସ ମୂଳକ ଆକ୍ଷେପ ମାତ୍ରାଧିକ ହୋଇ ପଡ଼ିଛି ।

## ପୃଥିବୀରେ ଶାନ୍ତି ସ୍ଥାପନ କରିବାକୁ ହେଲେ ଈଶ୍ୱର ପ୍ରେରିତ ବାର୍ତ୍ତାବହମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ

ସେମାନେ ଈଶ୍ୱରଙ୍କ ଆଜ୍ଞାରେ ଧରାପୃଷ୍ଠକୁ ଆସିଛନ୍ତି ବୋଲି ଦାବି କରିବା ଫଳରେ ସତ୍ୟତାକୁ ଉପଲବ୍ଧି କରି ସେମାନଙ୍କ ଆନୁଗତ୍ୟ ସ୍ୱୀକାର କରିଥିବା ଲୋକଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟୁଛି । ଫଳରେ ସେମାନେ ଯେ ଈଶ୍ୱର ପ୍ରେରିତ ଅବତାର, ଏହାର ସତ୍ୟତା ପ୍ରମାଣସିଦ୍ଧ ହେଉଛି । ତେଣୁ ସେମାନଙ୍କୁ ଉପଯୁକ୍ତ

ସମ୍ମାନ ଦେଲେ, ପୃଥିବୀରେ ଶାନ୍ତିର ସ୍ଥାୟୀତ୍ୱ ବଜାୟ ରହିବ । ଏ ସମ୍ବନ୍ଧରେ ପ୍ରତିଶ୍ରୁତ ମସିହ[ଅସ]ଙ୍କ ଲେଖନୀର ଏକ ଉଦ୍ଧୃତାଂଶ ଏଠାରେ ମୁଁ ପାଠ କରୁଛି ।

'ପ୍ରାରମ୍ଭରୁ ଏହି ନିୟମ ପ୍ରଚଳିତ ହୋଇ ଆସୁଛି ଯେ ନିଜକୁ ଈଶ୍ୱର ପ୍ରେରିତ ବୋଲି ମିଥ୍ୟାରେ ଘୋଷଣା କରୁଥିବା ବ୍ୟକ୍ତିଙ୍କୁ ଅଲ୍ଲାଃ କେବେ ବରଦାସ୍ତ କରନ୍ତି ନାହିଁ, ବରଂ ସେପରି ମିଥ୍ୟା ଘୋଷକଙ୍କୁ ଅଲ୍ଲାଃ ଶୀଘ୍ର ଶାସ୍ତି ଦେଇଥାନ୍ତି । ପ୍ରଣିଧାନ ଯୋଗ୍ୟ ଯେ ଯଦି ସଂସାରର ଜଣେ ଶାସନାଧୀଶ ତାଙ୍କ ଅଧୀନସ୍ଥ କୌଣସି ବ୍ୟକ୍ତିଙ୍କର ନିୟମ ବହିର୍ଭୁତ କାର୍ଯ୍ୟକୁ କେବେ ବି ବରଦାସ୍ତ କରନ୍ତି ନାହିଁ, ତା'ହେଲେ ଅଲ୍ଲାଃ ଯେ କି ସର୍ବୋଚ୍ଚ ଶାସନକର୍ତ୍ତା ମିଥ୍ୟା ଦାବିଦାରକୁ କିପରି ବରଦାସ୍ତ କରି ପାରିବେ ?'

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଈଶ୍ୱରଙ୍କ ପ୍ରେରିତ ବାର୍ତ୍ତାବହ ରୂପେ ଆବିର୍ଭୁତ ହୋଇଥିବାର ଯେଉଁମାନେ ଦାବି କରନ୍ତି, ସେମାନଙ୍କ ଅବତାରତ୍ୱର ସତ୍ୟତା ପ୍ରତିପାଦିତ ହୋଇଛି ଏବଂ ସେମାନଙ୍କ ପ୍ରବର୍ତ୍ତିତ ଧର୍ମ ସଂସାରରେ ଦୀର୍ଘକାଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି । ଆମେ ସେମାନଙ୍କୁ ସମ୍ମାନସ୍ପଦ ମନେ କରିବା ସହିତ ସତ୍ୟବାଦୀ ରୂପେ  ଗ୍ରହଣ କରିବା ଉଚିତ । ସେମାନଙ୍କ ପ୍ରଣୀତ ଧର୍ମଗ୍ରନ୍ଥରେ ଯଦି ଅଜ୍ଞାନତା ବଶତଃ ତ୍ରୁଟି ପରିଲକ୍ଷିତ ହୁଏ କିମ୍ବା ଧର୍ମାବଲମ୍ବୀଙ୍କ କାର୍ଯ୍ୟରେ ଯେଉଁ ଦୋଷ ଦୁର୍ବଳତା ଦେଖାଦିଏ, ତାହା ସଂପୃକ୍ତ ଧର୍ମ ସଂସ୍ଥାପକଙ୍କ ଯୋଗୁଁ  ହୋଇ ନଥାଏ ବରଂ କାଳକ୍ରମେ ସେମାନଙ୍କ ଉତ୍ତାରେ ସେହି ଶିକ୍ଷାରେ ପରିବର୍ତ୍ତନ ଘଟିବା ଯୋଗୁଁ ହୋଇଥାଏ । ନିଜ ସୁବିଧା ଅନୁଯାୟୀ  ମନମୁଖୀ ଭୁଲ ବ୍ୟାଖ୍ୟା କରିବା ଓ ନିଜ ଚିନ୍ତାଧାରାରେ ତ୍ରୁଟି ବିଚ୍ୟୁତି ଘଟିବା ହିଁ ଏହାର କାରଣ । ସେଥିପାଇଁ ସଂସ୍ଥାପକଙ୍କ ଉପରେ ଅଯଥା ଦୋଷ ଲଦି ଦେବା ଠିକ୍ ନୁହେଁ । ତେବେ ଯେ କୌଣସି ବ୍ୟକ୍ତି ନିଜକୁ ଈଶ୍ୱରଙ୍କ ତରଫରୁ ଅଭିପ୍ରେତ ବୋଲି ମିଥ୍ୟାରେ ଘୋଷଣା କରିଦେଲେ ଓ ନିଜ ବାକ୍ୟକୁ ଐଶ୍ୱରିକ ବାଣୀ ରୂପେ ପ୍ରଚାର କରିଦେଲେ କ'ଣ ସେହି ବ୍ୟକ୍ତିଙ୍କୁ ଅଲ୍ଲାଃ ସତ୍ୟବାଦୀ ବୋଲି ବିବେଚନା କରିବେ ? ତାଙ୍କର ଏହି ଅପରାଧମୂଳକ କାର୍ଯ୍ୟପାଇଁ ଈଶ୍ୱର କୌଣସି ଶାସ୍ତି ନ ଦେଇ କ'ଣ ତାଙ୍କୁ ଛାଡ଼ି ଦେବେ ? ଏତେ କାଣ୍ଡ ହେବା ସତ୍ତ୍ୱେ ଈଶ୍ୱର କିପରି ମିଥ୍ୟା ଧର୍ମର ପ୍ରଚାର ଓ ପ୍ରସାର କରିବାରେ ସହାୟତା କରିବେ  ?

'ଏହାହିଁ ସୃଷ୍ଟିର ଚିରନ୍ତନ ନିୟମ ଓ ଏକ ପରମ ସତ୍ୟର ନିଦର୍ଶନ, ଯାହା ଈଶ୍ୱରଙ୍କ ଅପାର ଅନୁଗ୍ରହ ଦ୍ୱାରା ପ୍ରଦର୍ଶିତ ହୋଇଥାଏ ଓ ସନ୍ଧି ସ୍ଥାପନକାରୀ ଆଧାରଶିଳା ରୂପେ ଯୁଗେ ଯୁଗେ ବାସ୍ତବ ଧର୍ମର ପରିଚୟ ପ୍ରଦାନ କରେ । ଯେଉଁମାନଙ୍କ ପ୍ରବର୍ତ୍ତିତ ଧର୍ମ ସୁଦୃଢ଼ ହୋଇସାରିଛି, ଯାହା ଦୀର୍ଘକାଳ ଧରି ତିଷ୍ଠି ରହିଛି ଓ ଯାହାକୁ କୋଟି କୋଟି ଲୋକ ସାଦରେ ଗ୍ରହଣ କରି ନେଇଛନ୍ତି, ଆମେ ଏପରି ସମସ୍ତ ଧର୍ମର ପ୍ରଣେତାଙ୍କୁ ସତ୍ୟନିଷ୍ଠ ଅବତାର ରୂପେ ବିବେଚନା କରିବା ଉଚିତ । ଏହି ଶାଶ୍ୱତ ନିୟମକୁ ସମଗ୍ର ବିଶ୍ୱ ଯଦି ଆଦରି ନିଏ, ତା'ହେଲେ ସାମାଜିକ ଶାନ୍ତିକୁ ନଷ୍ଟ କରୁଥିବା ଯାବତୀୟ ବିବାଦ,ଧର୍ମ ବିଦ୍ୱେଷ ଏବଂ ତିରସ୍କାର ଆଦି ବିଶୃଙ୍ଖଳା ପୃଥିବୀରୁ ଲୋପ ପାଇଯିବ । କୌଣସି ଧର୍ମକୁ ମିଥ୍ୟା ଓ ଭଣ୍ଡାମି ରୂପେ ଚିତ୍ରଣ କରି ଯେଉଁମାନେ ଭ୍ରାନ୍ତ ଚିନ୍ତାଧାରାର ବଶବର୍ତ୍ତୀ ହୋଇଥାନ୍ତି, ସେମାନେ ଜନ ସମାଜରେ ଉପୁଜୁଥିବା ବିଭିନ୍ନ ପ୍ରକାର ଅଶାନ୍ତି ଓ ଯନ୍ତ୍ରଣାଦାୟକ ପୀଡ଼ାର ମୂଳ କାରଣ ହୋଇଥାନ୍ତି । କେବଳ ସେତିକି ନୁହେଁ, ଅବତାରମାନଙ୍କ ସଂପର୍କରେ ସେମାନେ ଅତ୍ୟନ୍ତ ଅଶାଳୀନ ଭାଷା ପ୍ରୟୋଗ କରି ଗାଳି ଗୁଲଜ କରିବାର ସମସ୍ତ ସୀମା ଅତିକ୍ରମ କରିଥାନ୍ତି । ଏହା ସର୍ବସାଧାରଣଙ୍କ ଶାନ୍ତି ଓ ସୋହାର୍ଦ୍ଦ୍ୟମୂଳକ ସହାବସ୍ଥାନରେ ବାଧା ସୃଷ୍ଟି କରିଥାଏ । ସେମାନଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ହୋଇଥିବା ଯୋଗୁଁ ଏପରି ଦୋଷାବହ ଆଚରଣ ପାଇଁ ସେମାନେ ଅଲ୍ଲାଃଙ୍କ ଦୃଷ୍ଟିରେ ଅତ୍ୟାଚାରୀ ଭାବରେ ପରିଗଣିତ ହୁଅନ୍ତି । ତେଣୁ ସେହି ଅଶେଷ ଦୟାମୟ ଓ ସଦା କରୁଣାମୟ ଅଲ୍ଲାଃ ଏକ ମିଥ୍ୟାବାଦୀ ଓ ପ୍ରତାରକ ବ୍ୟକ୍ତିକୁ ତା'ର ଧର୍ମ ପ୍ରଚାର ପଥରେ ଅନୈତିକ ଭାବେ ଅଗ୍ରସର ହେବାକୁ ପ୍ରଶୟ ଦିଅନ୍ତି ନାହିଁ । କାରଣ ସଂସାର ସମ୍ମୁଖରେ ତାଙ୍କୁ ସତ୍ୟବାଦୀ ଅବତାର ରୂପେ ପ୍ରତିଷ୍ଠିତ କରାଇ ସାଧାରଣ ଲୋକଙ୍କ ମନରେ ଭ୍ରମ ସୃଷ୍ଟି କରିବା ପାଇଁ ଅଲ୍ଲାଃ କଦାପି ଉଚିତ ମନେ କରନ୍ତି ନାହିଁ ।'

'ସୁତରାଂ ଏହା ଅତ୍ୟନ୍ତ ପ୍ରିୟ, ଶାନ୍ତିମୟ, ମୈତ୍ରୀର ଭିତ୍ତି ସ୍ଥାପନକାରୀ ତଥା ନୈତିକ ଅବସ୍ଥାକୁ ସମର୍ଥନ କରୁଥିବା ସିଦ୍ଧାନ୍ତ ଯେ ଆମେ ସମସ୍ତ ଅବତାରଙ୍କ ସତ୍ୟତାକୁ ସ୍ୱୀକାର କରିନେବା ଆବଶ୍ୟକ, ଯେଉଁମାନେ ଏହି ସଂସାରରେ ଆବିର୍ଭୂତ

ହୋଇଛନ୍ତି । ସେ ଭାରତବର୍ଷରେ ଆସିଥାନ୍ତୁ ବା ପାରସ୍ୟ କିମ୍ବା ଚୀନ ଅଥବା ଅନ୍ୟ କୌଣସି ଦେଶ ମଧ୍ୟରେ ଆସିଥାନ୍ତୁ । ପରମେଶ୍ୱର କୋଟି କୋଟି ହୃଦୟରେ ସେମାନଙ୍କ ସମ୍ମାନ ତଥା ଶ୍ରଦ୍ଧା ପ୍ରତିଷ୍ଠା କରି ଦେଇଛନ୍ତି । ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମର ଭିତ୍ତି ସ୍ଥାପନ କରିଛନ୍ତି, ଯାହା ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ହୋଇଆସୁଛି । ଏହି ସିଦ୍ଧାନ୍ତ ପବିତ୍ର କୁରଆନ ଆମକୁ ଶିଖାଇଛି । ଏହି ନୀତି ଅନୁସାରେ ଆମେ ପ୍ରତ୍ୟେକ ଧର୍ମର ପ୍ରବର୍ତ୍ତକ ଓ ସଂସ୍ଥାପକ ଯାହାଙ୍କ ଜୀବନ ଚରିତ୍ର ଉକ୍ତ ପରିଭାଷା ଅନ୍ତର୍ଗତ ହୋଇଥାଏ, ତାହାଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଦୃଷ୍ଟିରୁ ଦେଖିଥାଉ । ସେ ହିନ୍ଦୁଙ୍କ ଧର୍ମ ପ୍ରବର୍ତ୍ତକ ହୁଅନ୍ତୁ ଅବା ପାର୍ସି ଧର୍ମଗୁରୁ । ସେ ଚୀନ, ଇହୁଦୀ କିମ୍ବା ଖ୍ରୀଷ୍ଟଧର୍ମର ପ୍ରଣେତା ହୋଇଥାନ୍ତୁ । କିନ୍ତୁ ପରିତାପର ବିଷୟ ଯେ ଆମ ପ୍ରତିପକ୍ଷ ଆମ ସହିତ ଏପରି ସୌହାର୍ଦ୍ଦ୍ୟ ମୂଳକ ଆଚରଣ କରିପାରୁ ନାହାନ୍ତି । ସେମାନଙ୍କର ଏହା ମନେନାହିଁ ଯେ ଈଶ୍ୱର ମିଥ୍ୟାବାଦୀ ନବୀଙ୍କୁ ସେହି ଆଶୀର୍ବାଦ ଓ ସମ୍ମାନ ଦିଅନ୍ତିନାହିଁ ଯାହା ସତ୍ୟବାଦୀଙ୍କୁ ଦେଇଥାନ୍ତି । ଏହା ହିଁ ଈଶ୍ୱରଙ୍କ ଅପରିବର୍ତ୍ତନୀୟ ଓ ପବିତ୍ର ନିୟମ । ମିଥ୍ୟା ବିବେଚିତ ନବୀଙ୍କ ଧର୍ମ ସେପରି ଦୃଢ଼ିଭୁତ ଓ ବିକଶିତ ହୁଏ ନାହିଁ, ଯେପରି ସତ୍ୟ ନବୀଙ୍କ ଧର୍ମର ହୋଇଥାଏ । ସୁତରାଂ ଏପରି ଭାବନା ରଖୁଥିବା ଲୋକ ଯେଉଁମାନେ ଧାର୍ମିକ ସଂପ୍ରଦାୟର ନବୀମାନଙ୍କୁ ମିଥ୍ୟାବାଦୀ କହି କୁତ୍ସା ରଟନା କରନ୍ତି, ସେମାନେ ସର୍ବଦା ଶାନ୍ତି ଓ ମୈତ୍ରୀର ଶତ୍ରୁ ହୋଇଥାନ୍ତି । କାରଣ ଜାତିର ସୁଧାରକମାନଙ୍କୁ ଗାଳି ଗୁଲଜ କରିବାଠାରୁ ବଳି ବିଶୃଙ୍ଖଳା ଅନ୍ୟ କିଛି ହୋଇ ନପାରେ । କେବେ କେବେ ମନୁଷ୍ୟ ମୃତ୍ୟୁକୁ ଶ୍ରେୟ ମଣିଥାଏ ପଛକେ କିନ୍ତୁ ତାହାର ଆଧ୍ୟାତ୍ମିକ ଗୁରୁଙ୍କୁ ଖରାପ କହିବା ବିଷୟକୁ ସେ କେବେହେଲେ ପସନ୍ଦ କରିବ ନାହିଁ । ଯଦି କାହାର ଧର୍ମ ଶିକ୍ଷା ପ୍ରତି ଆମର ଅଭିଯୋଗ ରହିଛି, ତେବେ ଆମ ପକ୍ଷେ ଏହା କଦାପି ଉଚିତ ହେବ ନାହିଁ ଯେ ସେହି ଧର୍ମର ନବୀଙ୍କ ମାନସମ୍ମାନ ଉପରେ ଆକ୍ରମଣ କରିବା କିମ୍ବା ତାଙ୍କୁ ଅପଶବ୍ଦରେ ଗାଳି ଗୁଲଜ କରିବା । ବରଂ ଆମେ ସେହି ଜାତିରେ ପ୍ରଚଳିତ ଥିବା ଆଚରଣ ବିଧି ଉପରେ ହିଁ କେବଳ ଆପତ୍ତି ଉଠାଇବା ଉଚିତ ହେବ ।' (ଅର୍ଥାତ୍ ସେହି ଧର୍ମାବଲମ୍ବୀଙ୍କ ଦୋଷତ୍ରୁଟି ଉପରେ ଅଭିଯୋଗ କରିବା, କିନ୍ତୁ ନବୀଙ୍କ ପ୍ରତି ନୁହେଁ)

"ଏବଂ ଏହି ବିଶ୍ୱାସ ରଖନ୍ତୁ ଯେ ସେହି ନବୀ ଯିଏ କୋଟି କୋଟି ମନୁଷ୍ୟଙ୍କ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇଛନ୍ତି ଓ ଶହ ଶହ ବର୍ଷ ଧରି ଯାହାଙ୍କୁ ସେମାନେ ଗ୍ରହଣ କରି ଆସୁଛନ୍ତି, ଅଲ୍ଲାଃଙ୍କର ଜଣେ ପ୍ରେରିତ ଦୂତ ହୋଇ ଆସିଥିବାର ଏହା ହିଁ ସବୁଠାରୁ ବଡ ପ୍ରମାଣ । ଯଦି ସେ ପ୍ରଭୁଙ୍କ ଦ୍ୱାରା ସ୍ୱୀକୃତ ହୋଇ ନଥାନ୍ତେ, ଏପରି ସମ୍ମାନ ପାଆନ୍ତେ ନାହିଁ । ଭଣ୍ଡ ବାବା ଓ ପ୍ରତାରକକୁ ସମ୍ମାନ ଦେବା ଏବଂ କୋଟି କୋଟି ଭକ୍ତଙ୍କ ମଧ୍ୟରେ ତାଙ୍କ ଧର୍ମକୁ ପ୍ରସାର କରିବା ତଥା ଦୀର୍ଘକାଳ ପର୍ଯ୍ୟନ୍ତ ସେହି ମିଥ୍ୟା ଅପଧର୍ମକୁ ସୁରକ୍ଷିତ ରଖିବା ପ୍ରଭୁଙ୍କ କାର୍ଯ୍ୟ ନୁହେଁ । ତେଣୁ ଯେଉଁ ଧର୍ମ ବା ସଂପ୍ରଦାୟ ପ୍ରସାରିତ ହୁଏ ଯଦି ତାହା ଦୀର୍ଘକାଳ ପର୍ଯ୍ୟନ୍ତ ତିଷ୍ଠି ରହେ ତଥା ସମ୍ମାନିତ ଅବସ୍ଥାରେ ତାର ସମୟ କାଳ ବୃଦ୍ଧି ହୋଇଥାଏ, ତା'ହେଲେ ସେ ନିଜର ଅସଲ ରୂପରେ ମିଥ୍ୟା ବୋଲି ଘୋଷିତ ହୋଇପାରିବ ନାହିଁ । ସୁତରାଂ ସେହି ଶିକ୍ଷା ଅଭିଯୋଗ ପୂର୍ଣ୍ଣ ହେବାର ଯଦି ଦେଖାଯାଏ, ତା'ହେଲେ ଏହାର ତିନୋଟି କାରଣ ରହିଛି (ସେ ଏପରି କହିଛନ୍ତି ଯେ ଏହାର କାରଣ ପ୍ରଥମତଃ) ସେହି ଅବତାରଙ୍କ ନୀତିଶିକ୍ଷାକୁ ବଦଳାଇ ଦିଆଯାଇଛି । (ଦ୍ୱିତୀୟତଃ) ସେହି ନୀତିଶିକ୍ଷା ବା ଉପଦେଶର ଭୁଲ ଅର୍ଥରେ ବ୍ୟାଖ୍ୟା କରାଯାଇଛି । (ତୃତୀୟ କଥା ହେଉଛି) ଅଥବା ଏହା ମଧ୍ୟ ହୋଇପାରେ ଯେ ଅଭିଯୋଗ ଉଠାଇବା ଆମ ପାଇଁ ଅଯୌକ୍ତିକ (ଅର୍ଥାତ କୌଣସି ଏକ କଥାକୁ ସେମାନେ ଭଲରେ ବୁଝିପାରନ୍ତି ନାହିଁ, ତେଣୁ ଅନେକ ଅଭିଯୋଗ କରି ଦେଉଛନ୍ତି । ନା ସେମାନେ ଇତିହାସ ପଢନ୍ତି ନା ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରନ୍ତି ନା କୁରଆନର ଭାବକୁ ବୁଝନ୍ତି ! ତେଣୁ ମହାମାନ୍ୟ କହିଛନ୍ତି ଯେ) ସୁତରାଂ ଦେଖାଯାଉଛି ଯେ କେତେକ ପାଦ୍ରୀ ନିଜର ସ୍ୱଳ୍ପ ଜ୍ଞାନ ଦୃଷ୍ଟିରୁ ପବିତ୍ର କୁରଆନର ସେହି ବିଷୟ ଉପରେ ଅଭିଯୋଗ କରି ଦିଅନ୍ତି, ଯାହାକୁ ତୋରାହ ଗ୍ରନ୍ଥ ଅନୁଯାୟୀ ଯଥାର୍ଥ ବିବେଚନା କରାଯାଏ ଏବଂ ତାହା ଐଶ୍ୱରିକ ଶିକ୍ଷା ଭାବରେ ମାନ୍ୟତା ପାଇ ସାରିଥାଏ । ତେଣୁ ଏପରି ଅଭିଯୋଗ ନିଜର ଭୁଲ ଯୋଗୁଁ ହେଉ କିମ୍ବା ତରବରିଆ ଅବସ୍ଥା ଯୋଗୁଁ କରାଯାଇଥାଏ ।"

(ପୁଣି କହିଛନ୍ତି) **"ସଂକ୍ଷେପରେ କହିବାକୁ ଗଲେ ଜଗତର କଲ୍ୟାଣ, ଶାନ୍ତି, ମୈତ୍ରୀ, ଈଶ୍ୱର ଭୟ ଓ ଧର୍ମନିଷ୍ଠତା ଇତ୍ୟାଦି ଏହି ନୀତି ମଧ୍ୟରେ ରହିଛି**

**ଯେ ଆମେ ସେହି ଅବତାରମାନଙ୍କୁ କଦାପି ମିଥ୍ୟାବାଦୀ ରୂପେ ଘୋଷଣା କରିବା ନାହିଁ, ଯେଉଁମାନଙ୍କ ସତ୍ୟତା ଉପରେ ଅଗଣିତ ବ୍ୟକ୍ତିଙ୍କ ମନରେ ଶହ ଶହ ବର୍ଷ ହେଲା ବିଶ୍ୱାସ ମତ ପ୍ରତିଷ୍ଠିତ ହୋଇ ରହିଛି । ପୁରାତନ କାଳରୁ ଐଶି ସମର୍ଥନ ତାଙ୍କ ପଛରେ ରହି ଆସିଛି । ମୋର ଏହା ବିଶ୍ୱାସ ଯେ ଜଣେ ସତ୍ୟାନ୍ୱେଷୀ ସେ ଏସୀୟ ହୋଇଥାନ୍ତୁ ଅବା ୟୁରୋପୀୟ, ଆମର ଏହି ନୀତିକୁ ପସନ୍ଦ କରିବ ଓ ଦୀର୍ଘ ନିଃଶ୍ୱାସ ପକାଇ କହିବ 'ଆହା ! ଆମର ନୀତି ଏପରି କାହିଁକି ହେଲା ନାହିଁ ?"**

"ମୁଁ ଏହି ସିଦ୍ଧାନ୍ତକୁ ମହାରାଣୀ ବ୍ରିଟେନ ଓ ଭାରତଙ୍କ କରକମଳରେ ଏଥିପାଇଁ ଉପସ୍ଥାପନ କରୁଛି ଯେ ଆମର ଏହି ସିଦ୍ଧାନ୍ତ ହିଁ ବିଶ୍ୱରେ ଶାନ୍ତିକୁ ପ୍ରସାରିତ କରିବାରେ ଏକମାତ୍ର କାରଣ ହେବ । ସେଥିପାଇଁ ଇସଲାମ ଆଜି ଗୌରବାନ୍ୱୀତ ହୋଇଛି ଯେ ଏପରି ସୁନ୍ଦର ଓ ମର୍ମସ୍ପର୍ଶୀ ନୀତିଶିକ୍ଷା ବିଶେଷ ରୂପେ ନିଜ ପାଖରେ ରଖିଛି । କ'ଣ ଏହା ଆମ ପାଇଁ ଶୋଭନୀୟ ହେବ ଯେ ଆମେମାନେ ସେହି ମୁନି ଋଷିମାନଙ୍କୁ ନିନ୍ଦା ଓ ଅପବାଦର ଗଞ୍ଜଣା ଦେବା, ଯେଉଁମାନେ ଈଶ୍ୱରଙ୍କ ଆଶୀର୍ବାଦ ଯୋଗୁଁ ପୃଥିବୀ ପୃଷ୍ଠରେ ମନୁଷ୍ୟ ସମାଜକୁ ସତ୍ୟର ଆଜ୍ଞାନୁବହ କରାଇଛନ୍ତି ? ଏବଂ ଶହ ଶହ ବର୍ଷ ଧରି ସମ୍ରାଟମାନଙ୍କ ବେକକୁ ସେମାନଙ୍କ ଆଗରେ ନୁଆଇ ଦେଇଛନ୍ତି ? କ'ଣ ଏହା ଯୁକ୍ତିଯୁକ୍ତ ହେବ ଯେ ଅଲ୍ଲାଃଙ୍କ ପ୍ରତି ଅପବାଦ ଦେବା ଯେ ସେ ମିଥ୍ୟାବାଦୀଙ୍କୁ ସତ୍ୟବାଦୀଙ୍କ ଉପରେ ମହତ୍ତ୍ୱ ଦେଇ ସତ୍ୟ ପୁରୁଷଙ୍କ ପରି ତାଙ୍କୁ ଅଗଣିତ ଲୋକଙ୍କର ଧର୍ମାଧୀଶ୍ୱର ଭାବରେ ସେହି ସଂପ୍ରଦାୟକୁ ଦୀର୍ଘସ୍ଥାୟୀ କରିଦେବେ ଓ ତାଙ୍କ ସମର୍ଥନରେ ଐଶି ନିଦର୍ଶନ ପ୍ରକାଶ କରି ଦୁନିଆକୁ ଧୋକା ଦେବାକୁ ଚାହୁଁଛନ୍ତି ? ଯଦି ପ୍ରଭୁ ଆମମାନଙ୍କ ସହିତ ଏପରି ଶଠତା ପୂର୍ଣ୍ଣ ଆଚରଣ କରିବେ, ତେବେ ଆମେ ମିଥ୍ୟା ଠାରୁ ସତ୍ୟକୁ କିପରି ପ୍ରଭେଦ ଦେଖାଇ ପାରିବୁ ?"

(ପୁଣି କହିଛନ୍ତି) "ଏହା ଏକ ଜରୁରୀ ବିଷୟ ଯେ ମିଥ୍ୟା ନବୀଙ୍କ ମହିମା ସ୍ୱୀକୃତି ତଥା ଖ୍ୟାତି ଏପରି ବ୍ୟାପିବା ଉଚିତ ନୁହେଁ ଯେପରି ଭାବେ ସତ୍ୟ ମହାପୁରୁଷଙ୍କର ହୋଇଥାଏ । ଭଣ୍ଡ ନବୀଙ୍କ ଯୋଜନା ଏପରି ପାରଦର୍ଶିତା ଲାଭ କରିବା ଉଚିତ ନୁହେଁ, ଯେପରି ସତ୍ୟ ନବୀଙ୍କ ଅବତରୀୟ ଲୀଳା ପ୍ରକାଶ ପାଇଥାଏ ।

ସେଥିପାଇଁ ସତ୍‌ପୁରୁଷଙ୍କ ପ୍ରଥମ ଲକ୍ଷଣ ହେଉଛି ଯେ ପ୍ରଭୁଙ୍କ ଚୀରସ୍ଥାୟୀ ସମର୍ଥନ ତାଙ୍କ ସହିତ ରହିବ ଓ ପ୍ରଭୁ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମର ବୀଜ ବପନ କରି କୋଟି କୋଟି ହୃଦୟରେ ଭକ୍ତିଭାବ ଉତ୍ପନ୍ନ କରିବେ ଓ ତାକୁ ଦୀର୍ଘସ୍ଥାୟୀ କରାଇବେ । ସୁତରାଂ ଯେଉଁ ନବୀଙ୍କ ସଂପ୍ରଦାୟରେ ଆମେ ଏହି ଲକ୍ଷଣ ଦେଖିବାକୁ ପାଉ, ନିଜ ମୃତ୍ୟୁକୁ ଦେଖି ଓ ନ୍ୟାୟ ଭାବନାକୁ ମନେ ପକାଇ ଏପରି ଧର୍ମଗୁରୁ ଓ ପ୍ରବର୍ତ୍ତକମାନଙ୍କ ମର୍ଯ୍ୟାଦା ହାନୀ କରିବା ନାହିଁ, ବରଂ ସେମାନଙ୍କ ସହିତ ଆନ୍ତରିକ ପ୍ରେମ ଓ ଭକ୍ତିଭାବ ରଖିବା । ଏହା ହିଁ ପ୍ରଥମ ନୀତି ଯାହା ଆମକୁ ପ୍ରଭୁ ଶିଖାଇଛନ୍ତି । ଏହା ମାଧ୍ୟମରେ ଆମେ ଏକ ବୃହତ ନୈତିକ ଆଦର୍ଶର ବଂଶଧର ହୋଇଯାଇଛୁ ।"

**(ତୋହଫାଏ କୈସରୀୟା, ରୁହାନି ଖଜାୟିନ, ଖଣ୍ଡ ୧୨, ପୃ ୨୭୯)**

ପ୍ରତିଶ୍ରୁତ ମସିହ ହଜରତ ଅହମଦ[ଅସ] ଏହା ମଧ୍ୟ କହିଛନ୍ତି ଯେ ଏପରି ଧର୍ମ ସମ୍ମିଳନୀ ଅନୁଷ୍ଠିତ କରିବା ଆବଶ୍ୟକ, ଯେଉଁଠାରେ ବିଭିନ୍ନ ସଂପ୍ରଦାୟର ଲୋକ ସମ୍ମିଳିତ ହୋଇ ନିଜ ଅବତାରମାନଙ୍କ ଗୁଣ ବର୍ଣ୍ଣନା କରନ୍ତୁ ।

ଯଦି ବର୍ତ୍ତମାନ ଦେଖାଯିବ ବ୍ୟାବହାରିକ କ୍ଷେତ୍ରରେ ଇସଲାମ ପୃଥିବୀର ପ୍ରଥମ ଧର୍ମ ଓ ଲୋକସଂଖ୍ୟା ଦୃଷ୍ଟିରୁ ଏହା ଦ୍ୱିତୀୟ ବୃହତ୍ତମ ଧର୍ମ । ସେଥିପାଇଁ ବିଶ୍ୱର ଅନ୍ୟ ଧର୍ମାବଲମ୍ବୀମାନେ ମୁସଲମାନମାନଙ୍କୁ ଶ୍ରଦ୍ଧା, ସମ୍ମାନ ଓ ସହାନୁଭୂତି ପ୍ରଦର୍ଶନ କରିବା ଉଚିତ ଓ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ସମ୍ମାନ ଓ ଭକ୍ତି କରିବାର ଯେଉଁ କର୍ତ୍ତବ୍ୟ ରହିଛି, ତାହା ସେମାନେ ପାଳନ କରିବା ପାଇଁ ପ୍ରୟାସ କରିବା ଉଚିତ । ତା'ନହେଲେ ଦୁନିଆରେ ଅଶାନ୍ତି ଓ ବିଶୃଙ୍ଖଳା ଉପୁଜିବ । ସୁତରାଂ ଯେବେ ଆମେ ବିଶ୍ୱ ଧର୍ମ ସଂପ୍ରଦାୟଗୁଡ଼ିକର ସମ୍ମାନ ଓ ଆଦର କରୁଛୁ, ଏହା କେବଳ ସେହି ସୁନ୍ଦର ଓ ଅମଳିନ ଶିକ୍ଷା ଯୋଗୁଁ ଯାହା ପବିତ୍ର କୁରଆନ ଆମକୁ ଶିଖାଇଛି ତଥା ଯାହା ଆମକୁ ଦିବ୍ୟ ରସୁଲ ମୁହମ୍ମଦ[ସଅ] ଶିଖାଇଛନ୍ତି । ଇସଲାମ ବିରୋଧିମାନେ ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ ଯେତେ ପ୍ରକାର ଅପଶବ୍ଦ ପ୍ରୟୋଗ କରୁଥିଲେ ସୁଦ୍ଧା ଓ ତତସହିତ ନାନା ପ୍ରକାର ଅଶ୍ଳୀଳ ଫଟୋ ତିଆରି କରୁଥିଲେ ମଧ୍ୟ ଆମେ କୌଣସି ଧର୍ମ ପ୍ରବର୍ତ୍ତକଙ୍କୁ କଟୁ ଶବ୍ଦରେ ସମ୍ବୋଧନ କରୁନାହୁ କିମ୍ବା ସେମାନଙ୍କୁ ଅପଦସ୍ତ କରୁନାହୁଁ । ଏସବୁ

ନକରିବା ସତ୍ତ୍ୱେ ମୁସଲମାନମାନଙ୍କୁ ଆକ୍ଷେପ କରି କୁହାଯାଇଛି ଯେ ଏମାନେ ଶାନ୍ତିନଷ୍ଟ କରୁଛନ୍ତି । ପ୍ରଥମେ ତ ସେମାନେ ହିଁ ଶାନ୍ତିର ବାତାରଣକୁ ନଷ୍ଟ କରୁଛନ୍ତି ଓ ଅନ୍ୟର ଭାବନା ସହିତ ଖେଳୁଛନ୍ତି । ମାତ୍ର ଯେତେବେଳେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି, କେବଳ ମୁସଲମାନଙ୍କ ଉପରେ ଆରୋପ ଲଗାଇ ସେମାନଙ୍କୁ ନିନ୍ଦିତ କରାଯାଉଛି ।

ହଜରତ ମସିହ ମଉଦ[ଅସ] (ପ୍ରତିଶ୍ରୁତ ମସିହ)ଙ୍କ ଉପରୋକ୍ତ ବାର୍ତ୍ତା ଯାହାକୁ ଏବେ ମୁଁ ପାଠ କଲି, ସେହି ମଧୁମୟ ସନ୍ଦେଶକୁ ଆପଣମାନେ ପୃଥିବୀ ସାରା ପ୍ରସାରଣ କରନ୍ତୁ । ଯଦ୍ୱାରା ଇସଲାମର ବାସ୍ତବ ଶିକ୍ଷା ପ୍ରତି ପୃଥିବୀବାସୀ ଅବଗତ ହୋଇପାରିବେ । ବିଶ୍ୱବାସୀଙ୍କୁ ଏହା ଜଣାନାହିଁ ଯେ ହଜରତ ମୁହମ୍ମଦ[ସଅ]ଙ୍କ ପଦମର୍ଯ୍ୟାଦା ଆମ ହୃଦୟରେ କେତେ ଉଚ୍ଚରେ । ପ୍ରକୃତ ମୁସଲମାନ ନିକଟରେ ତାଙ୍କ ମହିମା କିପରି ଜାଗ୍ରତ ହୋଇଛି । ମହାମହିମଙ୍କ ପଦ ଶିକ୍ଷା ତଥା ଆଦର୍ଶ ଚରିତ୍ର କିପରି ଋଦ୍ଧିମନ୍ତ ହୋଇ ରହିଛି ? ତାହାର ସୌନ୍ଦର୍ଯ୍ୟ କେତେ ମଧୁର ଓ ଉଦାର ? ଜଣେ ପ୍ରକୃତ ମୁସଲମାନର ମନରେ ମହାଭାଗଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଓ ପ୍ରେମ କେତେ ଗଭୀର ତାହାର ଏମାନେ କଳନା କରି ପାରିବେ ନାହିଁ । ଆଜିଠାରୁ ଚଉଦ ଶହ ବର୍ଷ ପୂର୍ବେ ସେହି ମହାମାନବଙ୍କ ମହାପ୍ରୟାଣରେ ବ୍ୟଥିତ ହୋଇଥିବା ଜଣେ ବିଶିଷ୍ଟ ଆରବୀୟ କବି ହସାନ୍ ବିନ୍ ସାବିତ୍‌ଙ୍କ ପ୍ରେମ ଓ ଭକ୍ତିଭାବ ଏହି କାବ୍ୟ ପଙ୍‌କ୍ତିରେ ଫୁଟି ଉଠିଥିଲା: كُنْتَ السَّوَادَ لِنَاظِرِىْ فَعَمِىَ عَلَيْكَ النَّاظِرُ

مَنْ شَآءَ بَعْدَكَ فَلْيَمُتْ فَعَلَيْكَ كُنْتُ اُحَاذِرُ

କୁନ୍ତସ୍ ସୱାଦା ଲେ ନା'ଜିରୀ ଫଅମିୟା ଅଲୈକନ୍ ନାଜିର୍
ମନ୍ ଶାଆ ବା'ଦକା ଫଲ୍ ୟମୁତ୍ ଫଅଲୈକା କୁନ୍‌ତୋ ଉହାଜିର ।

ଅର୍ଥାତ୍ 'ହେ ମୁହମ୍ମଦ ! ତୁ ତ ଥିଲୁ ମୋ ନୟନର ପ୍ରତିମା । ଆଜି ତୁ ମୃତ୍ୟୁ ଲାଭ କରିଥିବା ଯୋଗୁଁ ମୁଁ ଅନ୍ଧ ହୋଇଗଲି । ଏଣିକ ଯିଏ ବି ମୃତ୍ୟୁ ବରଣ କରୁ, ମୋର ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ତ ତୋର ମରଣକୁ ହିଁ ଭୟ କରୁଥିଲି ।'

ଏହି କବିତା ମହାଭାଗଙ୍କ ଦେହାନ୍ତ ହେବା ପରିପ୍ରେକ୍ଷୀରେ ହସାନ ବିନ ସାବିତ କହିଥିଲେ । କିନ୍ତୁ ଏହି ଯୁଗରେ ହଜରତ ମସିହ ମଉଦ[ଅସ] ଆମମାନଙ୍କ ମଧ୍ୟରେ ମୁହମ୍ମଦ[ସଅ]ଙ୍କ ପ୍ରତି ଏକ ଗଭୀର ପ୍ରେମର ଛାପ ଅଙ୍କିତ କରି ଦେଇଛନ୍ତି । ଆମ ହୃଦୟରେ ଶ୍ରଦ୍ଧା ଓ ଭକ୍ତିର ଜ୍ୟୋତି ପ୍ରଜ୍ୱଳିତ କରି ଦେଇଛନ୍ତି । ସେ ଏକ ସ୍ଥାନରେ ଏହିପରି ପ୍ରେମ ଓ ଶ୍ରଦ୍ଧାର ଅନୁପମ ବ୍ୟାଖ୍ୟା କରି ଏକ ଆରବୀ କାବ୍ୟ (କସିଦା)ରେ ଯାହା ଲେଖିଛନ୍ତି ସେଥି ମଧ୍ୟରୁ କେତୋଟି ପଦ ଏହିପରି:

قَوْمٌ رَأَوْكَ وَاُمَّةٌ قَدْ اُخْبِرَتْ

مِنْ ذَالِكَ الْبَدْرِ الَّذِیْ اَصْبَانِیْ

କୋମୁନ୍ ରାଓକା ୱ ଉମ୍ମତୁନ୍ କଦ ଉଖବିରତ୍
ମିନ୍ ଜାଲିକଲ୍ ବଦରିଲ୍ ଲଜି ଅସ୍‌ବାନୀ ॥

ଅର୍ଥାତ୍ 'ଏକ ଜାତି ତୋତେ ଦେଖିଛି, ଏକ ସଂପ୍ରଦାୟ ତୋତେ ପରଖି ନେଇଛି ।
ସେହି ପୂର୍ଣ୍ଣ ଚନ୍ଦ୍ରମା ଯାହା ମୋତେ ତୁମର ପ୍ରେମିକ କରିଦେଇଛି ।'

يَبْكُوْنَ مِنْ ذِكْرِ الْجَمَالِ صَبَابَةً

وَ تَاَلُّمًا مِّنْ لَوْعَةِ الْهِجْرَانِ

ୟବ୍‌କୁନା ମିନ୍ ଜିକ୍‌ରିଲ୍ ଜମାଲି ସବାବତନ୍ ।
ୱ ତା' ଅଲ୍ ଲୁମନ ମିନ୍ ଲଓ ଅତିଲ୍ ହିଜରାନୀ ॥

ଅର୍ଥାତ୍ 'ସେ ତୋର ସୌନ୍ଦର୍ଯ୍ୟକୁ ସ୍ମରଣ କରି ପ୍ରେମାତୁର ହୋଇ ରୋଦନ କରୁଛନ୍ତି
ଓ ତୁମ ବିଚ୍ଛେଦର ଜ୍ୱାଳାରେ ଦୁଃଖ ଉଠାଇ ଅଶ୍ରୁ ତର୍ପଣ କରୁଛନ୍ତି ।'

وَأَرَى الْقُلُوْبَ لَدَى الْحَنَاجِرَ كُرْبَةً

وَأَرَى الْغُرُوْبَ تُسِيْلُهَا الْعَيْنَانِ

ୱ ଅରଲ୍ କୁଲୁବା ଲଦଲ୍ ହନାଜିରା କୁର୍‌ବତନ୍ ।
ୱ ଅରଲ୍ ଗୋରୁବା ତୁସିଲୁହଲ୍ ଅଏନାନୀ ॥

ଅର୍ଥାତ୍ 'ଆଉ ମୁଁ ଦେଖୁଛି ଯେ ମୋର ହୃଦୟ ଅଥୟ ହୋଇଯିବା ପର୍ଯ୍ୟନ୍ତ ଆସି ଗଲାଣି । ଆଉ ମୁଁ ଦେଖୁଛି ଯେ ମୋର ନୟନ ଅଶ୍ରୁ ଗଡାଉଛି ।'

ଏହି କସିଦାର ଶେଷ ପଙ୍କ୍ତି ଏହିପରି : (ଯାହାକୁ ଆମ ପିଲାମାନେ ମଧ୍ୟ ମୁଖସ୍ତ କରିଛନ୍ତି)

جِسْمِیْ یَطِیْرُ اِلَیْکَ مِنْ شَوْقٍ عَلَا

یَا لَیْتَ کَانَتْ قُوَّۃُ الطَّیَرَانٖ

ଯିସମୀ ୟତିରୁ ଇଲୈକା ମିନ୍ ଶୌକିନ୍ ଅଲା ।
ୟା ଲୈତା କାନତ୍ କୁଓ୍ୱତୁତ୍ ତୈୟରାନୀ ॥

ଅର୍ଥାତ୍ 'ମୋ ପ୍ରାଣପିଣ୍ଡ ତୁମ ପ୍ରେମରେ ଅଧୀର ହୋଇ ତୁମ ନିକଟକୁ ଉଡିଯିବା ପାଇଁ ଚାହୁଛି । ହାୟ, ମୋ ଭିତରେ ଉଡିବାର ଶକ୍ତି ଥାଆନ୍ତା କି !

**(ଆଇନା କମାଲାତେ ଇସଲାମ୍, ରୁହାନି ଖଜାଏନ୍, ଖଣ୍ଡ ୫, ପୃ ୫୯୦-୫୯୪)**

ଅତଏବ ଆମକୁ ତ ମୁହମ୍ମଦ[ସଅ]ଙ୍କ ପ୍ରେମରେ ଉଦବୁଦ୍ଧ ହୋଇ ତାହାଙ୍କ ସତ୍ତାରେ ବିଲୀନ ହେବାର ଶିକ୍ଷା ଦିଆ ଯାଇଛି । ଅଥଚ ଏହି ବସ୍ତୁବାଦୀ ମଣିଷ କହୁଛି, କ'ଣ ବା ଫରକ ପଡୁଛି ଯେ ତାହାଙ୍କ ପ୍ରତି କିଞ୍ଚିତ ବ୍ୟଙ୍ଗ ବିଦ୍ରୁପ କରିଦେଲେ କିଛି କ୍ଷତି ନାହିଁ ।' ଯଦି ମଣିଷର ନୈତିକ ଅବନତି ଏପରି ହେବ ଯେ ତାହା ଉର୍ଦ୍ଧ୍ୱକୁ ଯିବା ପରିବର୍ତ୍ତେ ରସାତଳକୁ ଚାଲି ଯିବ, ଫଳ ସ୍ୱରୂପ ଦୁନିଆର ଶାନ୍ତି ନଷ୍ଟ ହେବାତା ହିଁ ସାର ହେବ ।..........

କିନ୍ତୁ ଯେପରି ମୁଁ କହିଛି ଆମର ଏହା କାମ ହେଉଛି ଯେ ଅଧିକରୁ ଅଧିକ ଚେଷ୍ଟା କରି ମୁହମ୍ମଦ[ସଅ]ଙ୍କ ଜୀବନୀର ବିଭିନ୍ନ ଦିଗକୁ ପୃଥିବୀବାସୀଙ୍କ ସମ୍ମୁଖକୁ ଆଣିବା । ସେଥିପାଇଁ ସଂକ୍ଷୀପ୍ତ ଓ ଉଚ୍ଚକୋଟିର ପୁସ୍ତକ Life of Muhammad ଅଥବା କୁରଆନର ବ୍ୟାଖ୍ୟା ମୂଳକ ଉପକ୍ରମଣିକା ରହିଥିବା ତାହାଙ୍କ ଜୀବନ ଚରିତ ସମ୍ପର୍କୀତ ସେହି ଭାଗକୁ ପ୍ରତ୍ୟେକ ଅହମଦି ଅଧ୍ୟୟନ କରିବା ଉଚିତ । ସେଥିରେ ମନୁଷ୍ୟ ଜୀବନ ଶୈଳୀର ସମସ୍ତ ଦିଗ ଯାହାକୁ ଆମେ ଜରୁରୀ ଦିଗ ରୂପେ ବର୍ଣ୍ଣନା

ହୋଇଥିବାର କହିପାରିବା, ସେସବୁ ଉଲ୍ଲେଖ କରାଯାଇଛି । ନିଜ ଜ୍ଞାନର ଦକ୍ଷତା ଓ ଆଗ୍ରହ ଦେଖାଇ ଅନ୍ୟାନ୍ୟ ଜୀବନୀ ପୁସ୍ତକ ମଧ୍ୟ ପଢନ୍ତୁ ତଥା ମୁହମ୍ମଦ[ସଅ] ଙ୍କ ଆଦର୍ଶ ଚରିତ୍ର ପ୍ରତି ବିଭିନ୍ନ ଉପାୟ ଓ ମାଧ୍ୟମ ଦ୍ୱାରା ଲେଖା ଓ ପ୍ରଚାରପତ୍ର ପ୍ରସ୍ତୁତ କରି ପୃଥିବୀବାସୀଙ୍କୁ ଅବଗତ କରାନ୍ତୁ । ଅଲ୍ଲାଃତାଲା ଏହି ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱକୁ ଆମମାନଙ୍କୁ ସଂପାଦନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ପ୍ରତ୍ୟେକ ଅହମଦିଙ୍କୁ ଏଥିପ୍ରତି ସଚେତନ ହେବା ଓ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଶକ୍ତି ଦିଅନ୍ତୁ । ଦୁନିଆକୁ ଏଥିପାଇଁ ସଦବୁଦ୍ଧି ଦିଅନ୍ତୁ ଯେ ଯେଉଁ ଏକ ଶିକ୍ଷିତବର୍ଗ ଏପରି କୁତ୍ସିତ ଭାବନା ତଥା ନିଷ୍ଠୁର ଆଚରଣ ପୂର୍ବକ ସେହି ମହାନ ଚରିତ୍ରବାନ ପୁରୁଷଙ୍କ ବ୍ୟକ୍ତିଗତ ଜୀବନକୁ ଉପହାସରେ ଉଡାଇ ଦେଉଛନ୍ତି, ସେମାନଙ୍କର ଏତାଦୃଶ ବୈରଭାବକୁ ଦମନ କରନ୍ତୁ । ଯଦ୍ୱାରା ଦୁନିଆ ଅଶାନ୍ତିରୁ ରକ୍ଷା ପାଇପାରିବ ତଥା ଅଲ୍ଲାଃଙ୍କ ମହାକୋପରୁ ମଧ୍ୟ ବଞ୍ଚିତ ହୋଇ ପାରିବ । **(ଖୁତ୍‌ବା ଜୁମା ୨୮ ସେପ୍ଟେମ୍ବର ୨୦୧୨)**

## ଅହମଦିଙ୍କ ପ୍ରତିକ୍ରିୟା ଶୈଳୀ

୨୦୦୬ ମସିହାରେ ଡେନମାର୍କରେ ହଜରତ ମୁହମ୍ମଦ[ସଅ] ଙ୍କ ବିରୁଦ୍ଧରେ ବହୁସଂଖ୍ୟାରେ ଅତ୍ୟନ୍ତ ଘୃଣ୍ୟ ଓ ଅପମାନଜନକ ବ୍ୟଙ୍ଗଚିତ୍ର ପ୍ରକାଶ ପାଇଥିଲା । ଏହାକୁ ଦୃଢ ନିନ୍ଦା କରି ଅହମଦିୟା ମୁସଲିମ ଜମାଅତର ମୁଖ୍ୟ ତଥା ପଞ୍ଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ଏକ ଖୁତବା ଜୁମା ଅବସରରେ ପ୍ରତିବାଦ ଜଣାଇଥିଲେ । ସେ ସମୟରେ ମୁସଲିମ ରାଷ୍ଟ୍ରମାନଙ୍କରେ ଏହା ବିରୁଦ୍ଧରେ ହିଂସାତ୍ମକ ଆନ୍ଦୋଳନ କରି ନାନା ପ୍ରକାର ପୋଡାଜଳା ଦ୍ୱାରା ସେମାନେ ନିଜର ହିଁ କ୍ଷତି ଘଟାଇଥିଲେ । ଏହା ଦେଖି ଜମାଅତ ଅହମଦିୟାର ଇମାମ ବିଶେଷ ଭାବରେ ନିଜ ଜମାଅତକୁ ତଥା ସାଧାରଣ ଭାବରେ ମୁସଲମାନମାନଙ୍କୁ ଉପଦେଶ ଦେଇ ଯଥାର୍ଥ ଉପାୟରେ ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ କହିଥିଲେ । ସେ ଏହାର ସଠିକ ନୀତି ବତାଇ ଏହିପରି ମାର୍ଗଦର୍ଶନ କରିଥିଲେ ।

"ଯେପରି ମୁଁ କହିଥିଲି ବିରୋଧିଙ୍କ ଏତାଦୃଶ ଆଚରଣ ଯୋଗୁଁ ନିଶ୍ଚିତ ରୂପେ ସବୁଠାରୁ ଅଧିକ ଆମ ହୃଦୟକୁ ବାଧିଛି ଓ ଆମେ ସେଥିପାଇଁ ଗଭୀର ଭାବରେ

ମର୍ମାହତ ହୋଇଛୁ । ଏଠାରେ ମୁଁ ଏକଥା ମଧ୍ୟ କହିଦେବାକୁ ଚାହୁଁଛି ଯେ ସବୁବେଳ ପରି ଆଗକୁ ମଧ୍ୟ ସମୟ ସମୟରେ ସେମାନେ କିଛି ନା କିଛି ଦୁଷ୍ଟାମି ଅବଶ୍ୟ କରିବେ, ଯଦ୍ଦ୍ୱାରା ପୁଣି ମୁସଲମାନଙ୍କ ହୃଦୟରେ ଆଘାତ ପହଞ୍ଚିବ । ଏହା ପଛରେ ଅନ୍ୟ ଏକ ଉଦ୍ଦେଶ୍ୟ ମଧ୍ୟ ଥାଇପାରେ ଯେ ପ୍ରାଚ୍ୟ ଦେଶରୁ ଆସୁଥିବା ମୁସଲମାନ ବିଶେଷତଃ ଭାରତ ଉପମହାଦେଶର ଶରଣାର୍ଥିମାନଙ୍କୁ ଏହି ବାହାନାରେ ହଇରାଣ ହରକତ କରିବା ପାଇଁ ଆଇନର କଟକଣା ଲାଗୁ କରିବାକୁ ଚେଷ୍ଟା କରିବେ । ସେମାନେ ଯାହା କଟକଣା ଲଗାନ୍ତୁ ନା କାହିଁକି ଆମକୁ ନିଜର ପ୍ରତିକ୍ରିୟା ଇସଲାମର ନୀତି ନିୟମ ଓ ଶିକ୍ଷା ଅନୁଯାୟୀ ଦେଖାଇବାକୁ ହେବ ।

ଯେପରି ମୁଁ କହିଥିଲି, ଇସଲାମ ତଥା ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ସେମାନେ ପ୍ରଥମରୁ ହିଁ ଏପରି ଚକ୍ରାନ୍ତ ଚଳାଇ ଆସିଛନ୍ତି । କିନ୍ତୁ ଅଲ୍ଲାଃତାଲା ନିଜ ପ୍ରତିଶ୍ରୁତି ଅନୁସାରେ ଏହାକୁ ସୁରକ୍ଷା ଦେଇ ଆସୁଛନ୍ତି । ଫଳ ସ୍ୱରୂପ ସେମାନଙ୍କ ବିରୁଦ୍ଧାଚରଣର ସମସ୍ତ ହୀନ ଉଦ୍ୟମ ପଣ୍ଡ ହୋଇଯାଉଛି ।”

## ଇସଲାମ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ଚକ୍ରାନ୍ତମୂଳକ ଯୋଜନାର ପ୍ରତିରୋଧ କରିବା ମସିହ ମଉଦ[ସଅ]ଙ୍କ କାର୍ଯ୍ୟ ଥିଲା

“ଏହି ଯୁଗରେ ଅଲ୍ଲାଃ ପ୍ରତିଶ୍ରୁତ ମସିହଙ୍କୁ ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ପଠାଇଛନ୍ତି । ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ବ୍ୟକ୍ତିତ୍ୱ ଉପରେ ଚଳିତ ସମୟରେ ଯେଉଁ ପ୍ରକାର ଆକ୍ରମଣ ହେଉଛି, ତାକୁ ପ୍ରତିହତ କରିବା ପାଇଁ ଯେପରି ପ୍ରତିଶ୍ରୁତ ମସିହ ତଥା ତାଙ୍କ ଉତ୍ତରେ ଆସିଥିବା ଖଲିଫାମାନେ ଜମାଅତକୁ ମାର୍ଗଦର୍ଶନ କରି ଅସୁଛନ୍ତି ଓ ସେମାନେ ଯେପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାହାର ଅନେକ ସୁଫଳ ମିଳିଛି । ଏହାର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଉଛି । ଯଦ୍ଦ୍ୱାରା ଯେଉଁ ଲୋକମାନେ ଅହମଦିଙ୍କ ଉପରେ ଆରୋପ ଲଗାଉଛନ୍ତି ଯେ ଏମାନେ ବିକ୍ଷୋଭ ଓ ଧର୍ମଘଟରେ ଭାଗ ନେଉ ନଥିବା ଯୋଗୁଁ ସେମାନଙ୍କ ମନରେ ଆଦୌ ମୁହମ୍ମଦ[ସଅ]ଙ୍କ ପ୍ରତି ଲଗାଯାଉଥିବା ଦୁର୍ନାମର କାଳିମା ପ୍ରତି ଦରଦ ନାହିଁ । ଏହି ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଅହମଦିଙ୍କ କାର୍ଯ୍ୟକଳାପ କ’ଣ, ଏଠାରେ ତାହା ସ୍ପଷ୍ଟ ହୋଇଯିବ ।

ଆମମାନଙ୍କ ପ୍ରତିକ୍ରିୟା ଏପରି ସବୁବେଳେ ରହିଛି ଓ ହେବା ଉଚିତ ମଧ୍ୟ ଯଦ୍ଦ୍ୱାରା ମୁହମ୍ମଦ[ସଅ]ଙ୍କ ଶିକ୍ଷା ଓ ଜୀବନ ଚରିତ ସ୍ୱଷ୍ଟ ରୂପେ ପ୍ରକାଶିତ ହୋଇଯିବ । ପବିତ୍ର କୁରଆନର ନିର୍ମଳ ଶିକ୍ଷା ମଧ୍ୟ ସମ୍ମୁଖକୁ ଆସିବ । ଦିବ୍ୟ ଅବତାରଙ୍କ ପ୍ରତି ହେଉଥିବା କୁତ୍ସିତ ଆକ୍ରମଣକୁ ଦେଖି କୌଣସି ହିଂସାକାଣ୍ଡରେ ଜଡିତ ହେବା ପରିବର୍ତ୍ତେ ଆମେମାନେ ଅଲ୍ଲାଃଙ୍କ ଆଗରେ ମୁଣ୍ଡ ନୁଆଇଁ ତାଙ୍କର ସାହାଯ୍ୟ ଭିକ୍ଷା କରିଥାଉଁ । ଏବେ ମୁଁ ମୁହମ୍ମଦ[ସଅ]ଙ୍କ ପ୍ରିୟ ଅନୁରକ୍ତ ପ୍ରତିଶ୍ରୁତ ମସିହ[ଅସ]ଙ୍କ ହୃଦୟରେ ରହିଥିବା ନିବିଡ ପ୍ରେମର ଦୁଇଟି ଦୃଷ୍ଟାନ୍ତ ଦେଉଛି ।

ପ୍ରଥମ ଉଦାହରଣ ଜଣେ ଖ୍ରୀଷ୍ଟିୟାନ ଅବ୍ଦୁଲ୍ଲା ଆଥମଙ୍କର । ସେ ନିଜ ପୁସ୍ତକରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଅତ୍ୟନ୍ତ ଘୃଣ୍ୟ ଓ କଦର୍ଯ୍ୟ ଭାଷାରେ ମନ୍ତବ୍ୟ ଦେଇ ତାଙ୍କ ପ୍ରତି ଦଜଜାଲ୍ (ପ୍ରଭୁ ରକ୍ଷା କରନ୍ତୁ) ଶବ୍ଦ ପ୍ରୟୋଗ କରିଥିଲା । ସେ ସମୟରେ ତା' ସହିତ ପ୍ରତିଶ୍ରୁତ ମସିହଙ୍କର ଏକ ତର୍କଯୁଦ୍ଧ ହୋଇଥିଲା, ଯାହା ଇସଲାମ ଓ ଖ୍ରୀଷ୍ଟଧର୍ମ ଉପରେ ଆଧାରିତ ଥିଲା । ସୁତରାଂ ଏହି ପରିପ୍ରେକ୍ଷୀରେ ପ୍ରତିଶ୍ରୁତ ମସିହ କହିଛନ୍ତି:

ତେବେ ମୁଁ ପନ୍ଦର ଦିନ ପର୍ଯ୍ୟନ୍ତ ବିତର୍କରେ ବ୍ୟସ୍ତ ରହିଲି । ଅନେକ ଆଲୋଚନା ଚାଲିଲା ଓ ମୁଁ ଗୋପନ ଭାବରେ ତାହାର ଏହି ଧୃଷ୍ଟତା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କଲି ଯେ ସେ ମୁହମ୍ମଦ[ସଅ]ଙ୍କ ପ୍ରତି ଯେଉଁ ଅପଶବ୍ଦ ପ୍ରୟୋଗ କରିଛି ସେଥିପାଇଁ ତାକୁ ଦୈବି ଶାସ୍ତି ମିଳୁ ।' ମସିହ ମଉଦ କହନ୍ତି 'ଯେବେ ବିତର୍କ ଶେଷ ହେଲା ମୁଁ ତାକୁ କହିଲି ଗୋଟିଏ ବିତର୍କ ଶେଷ ହୋଇଗଲା, କିନ୍ତୁ ଅନ୍ୟ ଏକ ଧରଣର ପ୍ରତିଯୋଗୀତା ଆହୁରି ବାକି ରହିଛି । ଯାହା ଈଶ୍ୱରଙ୍କ ତରଫରୁ ହେବ ଯେ ତୁମେ ନିଜ ପୁସ୍ତକ 'ଅନ୍ଦୃନା ବାଇବେଲ'ରେ ଆମ ନବୀଙ୍କୁ 'ଦଜ୍‌ଜାଲ' ନାମରେ ଆରୋପିତ କରିଛ । କିନ୍ତୁ ମୁଁ ମୁହମ୍ମଦ[ସଅ]ଙ୍କୁ ଜଣେ ସତ୍ୟନିଷ୍ଠ ଓ ପରମ ସାଧୁ ରୂପେ ଜାଣିଛି ଓ ଇସଲାମକୁ ଐଶ୍ୱରିକ ଧର୍ମ ରୂପେ ବିଶ୍ୱାସ କରିଛି । ତେଣୁ ଏପରି ଏକ ମୁକାବିଲାରେ ବିଧାତା ହିଁ ନିଷ୍ପତ୍ତି କରିବେ ଯେ ଆମ ଦୁଇଜଣଙ୍କ ମଧ୍ୟରୁ କିଏ ମିଥ୍ୟା କହୁଛି ତଥା ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ ଏବଂ ଜଣେ ଅସତ୍ୟ ରସୁଲଙ୍କୁ ଭଣ୍ଡ ଓ ମିଥ୍ୟାବାଦୀ

(ଦଜ୍‌ଜାଲ୍) କହି ସତ୍ୟର ଶତ୍ରୁ ସାଜିଛି । ସେହି ବ୍ୟକ୍ତି ପାଇଁ ସର୍ତ୍ତ ହେଉଛି ଯେ ଆଜି ଦିନଠାରୁ ପନ୍ଦର ମାସ ଭିତରେ ଯିଏ ସତ୍ୟ ଉପରେ ପ୍ରତିଷ୍ଠିତ ଥିବ, ତାହାର ଜୀବନ କାଳରେ ହିଁ ସେହି ବ୍ୟକ୍ତି ନର୍କରେ ପଡିବ । ସେ ନର୍କ ମଧ୍ୟରେ ଘାଣ୍ଟି ହେବ ଯଦି ସେ ସତ୍ୟକୁ ଫେରିବ ନାହିଁ । ଅର୍ଥାତ୍ ଜଣେ ସତ୍ୟବାଦୀ ଓ ନିଷ୍ପାପର ନବୀଙ୍କୁ 'ଦଜ୍‌ଜାଲ' କହିବାରୁ କ୍ଷାନ୍ତ ନ ହେଲେ ଓ ଆଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ନ ଛାଡିଲେ ଏହାର କୁପରିଣାମ ତାକୁ ଅବଶ୍ୟ ଭୋଗ କରିବାକୁ ପଡିବ । ଏଥିପାଇଁ ଏହା କୁହାଗଲା ଯେ କେବଳ ଏକ ଧର୍ମମତକୁ ଅସ୍ୱୀକାର କରିଦେବା ଏହି ଦୁନିଆରେ ଶାସ୍ତିକୁ ନିର୍ଦ୍ଧାରଣ କରେ ନାହିଁ, ବରଂ ନିର୍ଲ୍ଲଜତା, ଔଦ୍ଧତ୍ୟ ଓ ଅଶ୍ଳୀଳ ଭାଷା ପ୍ରୟୋଗ ଆଦି ଯୋଗୁଁ ତାକୁ ଶାସ୍ତି ମିଳିଥାଏ ।' ପୁଣି ପ୍ରତିଶ୍ରୁତ ମସିହ ଏପରି କହିଛନ୍ତି:

'ମୁଁ ଯେତେବେଳେ ଏହିକଥା ତାକୁ କହିଲି, ତା'ର ମୁହଁ କଳା ପଡିଗଲା । ଚେହେରା ମଳିନ ହୋଇଗଲା, ହାତ ଥରିବାକୁ ଲାଗିଲା ଓ ସେ ଅନାୟସରେ ଜିଭ କାମୁଡି ପକାଇଲା । ଦୁଇ ହାତରେ କାନମୁଣ୍ଡାକୁ ଧରି ମୁଣ୍ଡ ହଲାଇବାକୁ ଲାଗିଲା । ସତେ ଯେପରି ଜଣେ ଅପରାଧି ଡରିଯାଇ ନିଜ ଦୋଷ ଟାଳିଦେବା ପାଇଁ ଦୃଢ ଭାବରେ ଅମାନ୍ୟ କରେ ଓ ଭୀଷଣ ଅନୁତପ୍ତ ହୁଏ । ସେଥିଲାଗି ବିନୟଭାବ ଜାହିର କରି ସେ ବାରମ୍ବାର କହୁଥିଲା ଯେ ସେ କୌଣସି ଅସମ୍ମାନ କରିନାହିଁ କି ଉଦ୍ଧତପଣ ଦେଖାଇ ନାହିଁ ଓ ସେ କେବେହେଲେ ଆଉଥରେ ଇସଲାମ ବିରୁଦ୍ଧରେ ପଦୁଟିଏ ହେଲେ କହିନାହିଁ ।'

ସୁତରାଂ ଏହା ଥିଲା ପ୍ରଭୁଙ୍କ ବୀରୋଚିତ ଭକ୍ତର ଜବାବ, ଯାହାଙ୍କର ଦିବ୍ୟ ଅବତାରଙ୍କ ପ୍ରତି ରହିଥିବା ସମ୍ମାନର ମହାନ ଭାବନା ଅତି ନିର୍ଭିକ ଭାବରେ ପ୍ରକଟିତ ହୋଇଥିଲା । କେବଳ ସେ ହିଁ ଏପରି ଔଦ୍ଧତ୍ୟ ଓ ଅଶିଷ୍ଟଚରକୁ ଦୃଢ ହସ୍ତରେ ଦମନ କରିବା ପାଇଁ ଆହ୍ୱାନ ଜଣାଇଥିଲେ ।

ସେହିପରି ଅନ୍ୟ ଜଣେ ବ୍ୟକ୍ତି ଥିଲେ ପଣ୍ଡିତ ଲେଖରାମ, ଯିଏ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ କଟୁ ଭାଷାରେ ଗାଳି ଦେଉଥିଲା । ପ୍ରତିଶ୍ରୁତ ମସିହ ହଜରତ ଅହମଦ[ସଅ] ତାକୁ ସେଥିରୁ କ୍ଷାନ୍ତ ରହିବା ପାଇଁ ବହୁ ଚେଷ୍ଟା କଲେ । କିନ୍ତୁ ସେ ନିଜ

ଅଭଦ୍ର ଆଚରଣରୁ ନିବୃତ୍ତ ହେଲା ନାହିଁ । ପରିଣାମ ସ୍ୱରୂପ ମସିହ ମଉଦ[ଅସ] ପ୍ରାର୍ଥନା କଲେ ଓ ଈଶ୍ୱର ତାକୁ ଶାସ୍ତି ସ୍ୱରୂପ ଯନ୍ତ୍ରଣାଦାୟକ ମୃତ୍ୟୁ ଦେବାର ସୂଚନା ଦେଲେ । ତେଣୁ ପ୍ରତିଶ୍ରୁତ ଅବତାର କହିଲେ:

'ପ୍ରଭୁ ଓ ଅବତାର ମହିମଙ୍କ ଜଣେ ପରମ ଶତ୍ରୁଙ୍କ ସମ୍ବନ୍ଧରେ ଈଶ୍ୱର ମୋତେ ତାଙ୍କର ଭୟଙ୍କର କୋପର ସୂଚନା ଦେଇଛନ୍ତି । ଯିଏ କି ଅଲ୍ଲାଃ ଓ ରସୁଲଙ୍କ ସଂକ୍ରାନ୍ତରେ ଗାଳିଗଲଜ କରି ଅଭଦ୍ରାମୀର ପରିଚୟ ଦେଇଛି । ତାହାର ନାମ ଲେଖରାମ୍ । ମୁଁ ଯେତେବେଳେ ତା'ପ୍ରତି ଅଭିଶାପ ଜନିତ ପ୍ରାର୍ଥନା କଲି, ପ୍ରଭୁ ମୋର ପ୍ରାର୍ଥନା ଶୁଣିଲେ ଏବଂ ମୋତେ ଏହି ସମ୍ବାଦ ଦେଲେ ଯେ ସେ ଛଅ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବ । ଏହା ସେହି ଲୋକମାନଙ୍କ ପାଇଁ ନିଦର୍ଶନ, ଯେଉଁମାନେ ସତ୍ୟ ଧର୍ମର ଅନ୍ୱେଷଣ କରିଥାନ୍ତି । ସତକୁ ସତ ଠିକ ସେୟା ହେଲା ଓ ସେ ଏକ ଦୟନୀୟ ମୃତ୍ୟୁର ଶୀକାର ହେଲା ।'

## ଦୁନିଆ ସମ୍ମୁଖରେ ମୁହମ୍ମଦ[ସଅ]ଙ୍କ ଉତ୍କର୍ଷ ଚରିତ୍ରର ଜ୍ଞାନଲୋକ ପ୍ରଦାନ କର

ହଜରତ ମସିହ ମଉଦ[ସଅ] ଆମକୁ ଏହି ପଥ ଦେଖାଇଛନ୍ତି ଯେ ମୁହମ୍ମଦ[ସଅ]ଙ୍କ ନୈତିକ ଆଦର୍ଶ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଥିବା ଲୋକମାନଙ୍କୁ ଭଲ ଭାବରେ ବୁଝାଅ । ଦୁନିଆକୁ ଅଜଣା ଥିବା ଏହି ସୁନ୍ଦର ଓ ଅନୁପମ ଶିକ୍ଷା ପ୍ରତି ସଚେତନ କରାଅ । ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କର ଯେ ଅଲ୍ଲାଃତାଲା ସେମାନଙ୍କ କାର୍ଯ୍ୟକଳାପରୁ କ୍ଷାନ୍ତ ରଖନ୍ତୁ ନତୁବା ସେମାନଙ୍କୁ ଧରି ଉପଯୁକ୍ତ ମତେ ଦମନ କରନ୍ତୁ । ଅଲ୍ଲାଃତାଲାଙ୍କ ପ୍ରକୋପିତ ଶାସ୍ତି ଅନେକ ପ୍ରକାରର ଓ କାହାକୁ କେଉଁ ପ୍ରକାର ଶାସ୍ତି ଦିଆଯିବ, ତାହା ତାଙ୍କୁ ଭଲ ଭାବରେ ଜଣାଅଛି ।

ପୁନଶ୍ଚ ଅହମଦୀୟା ସଂପ୍ରଦାୟର ଦ୍ୱିତୀୟ ଖଲିଫାଙ୍କ ସମୟରେ ଅତ୍ୟନ୍ତ ଅସଭ୍ୟ ଧରଣର ପୁସ୍ତକ 'ରଙ୍ଗିଲା ରସୁଲ୍' ନାମରେ ଲେଖାଯାଇଥିଲା । ସେହିପରି ଏକ ପ୍ରତିକା 'ବର୍ତ୍ତମାନ୍'ରେ ଅତି କଦର୍ଯ୍ୟ ଲେଖା ପ୍ରକାଶ ପାଇଲା, ଯଦ୍ଦ୍ୱାରା

ଭାରତୀୟ ମୁସଲମାନମାନଙ୍କ ଚେତନା ଜାଗ୍ରତ ହେଲା । ସେମାନେ ଏଥିରେ ଉତକ୍ଷିପ୍ତ ହୋଇ ଏହାର ଦୃଢ ପ୍ରତିବାଦ ଜଣାଇଲେ ।

ଏହି ଅବସରରେ ମୁସଲମାନ ସମାଜକୁ ସମ୍ବୋଧିତ କରି ଦ୍ୱିତୀୟ ଖଲିଫା[ରଅ] କହିଥିଲେ 'ହେ ମୋର ଭାଇମାନେ ! ମୁଁ ଆପଣମାନଙ୍କୁ ପୁଣି ଥରେ ଦରଦଭରା ହୃଦୟରେ କହୁଛି ଯେ ଲଢେଇ କରିବା ପାଇଁ ଆଗକୁ ବାହାରି ପଡିବା କୌଣସି ସାହାସିକ କାର୍ଯ୍ୟ ନୁହେଁ । ସେ ଏକ କାପୁରୁଷ ଯିଏ ନିଜ ଆତ୍ମସ୍ୱାର୍ଥ ତଳେ ଦବି ହୋଇ ରହିଯାଏ । ହଦିସ ଅନୁଯାୟୀ କ୍ରୋଧକୁ ଚପି ରଖିବା ହେଉଛି ପ୍ରକୃତ ବାହାଦୁରୀ । ସେହି ବ୍ୟକ୍ତି ପ୍ରକୃତରେ ବାହାଦୁର ବୋଲାଇବ ଯିଏ ନିଜ ପ୍ରତିଜ୍ଞାରେ ସେହି ପରି ଅଟଳ ରହିଥିବ । ଯେ ପର୍ଯ୍ୟନ୍ତ ତାକୁ ପୂରଣ ନ କରେ, ସେ ପର୍ଯ୍ୟନ୍ତ ପଛକୁ ହଟି ନଥାଏ ।' ସେ କହିଛନ୍ତି; 'ଇସଲାମର ଉନ୍ନତି କଳ୍ପେ ତିନୋଟି କଥାର ସଂକଳ୍ପ କର । ପ୍ରଥମତଃ ତୁମ ମନରେ ଈଶ୍ୱର ଭୟ ଥିବ ଓ ତୁମେ ଧର୍ମ ପ୍ରତି ଅମନଯୋଗୀ ହୋଇ ନଥିବ । ତେଣୁ ପ୍ରଥମେ ନିଜର ସଂସ୍କାର କର । ଦ୍ୱିତୀୟତଃ ଇସଲାମର ପ୍ରଚାର କ୍ଷେତ୍ରରେ ସଂପୂର୍ଣ୍ଣ ଆଗ୍ରହ ଓ ସହଯୋଗ ମନୋବୃତ୍ତି ଦେଖାଅ । ଯଦ୍ଦ୍ୱାରା ଇସଲାମର ଶିକ୍ଷାକୁ ପ୍ରତ୍ୟେକ ପୃଥିବୀବାସୀ ଜାଣି ପାରିବେ । ମୁହମ୍ମଦ[ସଅ]ଙ୍କ ଗୁଣ ଗ୍ରାମର ମହିମା ଓ ଜୀବନର ସୁନ୍ଦର ଆଦର୍ଶକୁ ସମସ୍ତେ ଉପଲବ୍ଧ କରିପାରିବେ । ତୃତୀୟତଃ ସାମାଜିକ ଓ ଅର୍ଥନୈତିକ ଦାସତ୍ୱରୁ ମୁସଲମାନମାନଙ୍କୁ ରକ୍ଷା କରିବା ପାଇଁ ପୂର୍ଣ୍ଣ ପ୍ରାଣରେ ପ୍ରୟାସ କରିବା ।' **(ଅନଓ୍ୱରୁଲ୍ ଓଲୁମ, ଖଣ୍ଡ ୯, ପୃ ୫୫୫-୫୫୬)**

ବର୍ତ୍ତମାନ ଏହା ପ୍ରତ୍ୟେକ ମୁସଲମାନ ସାଧାରଣ ବ୍ୟକ୍ତି ତଥା ନେତୃସ୍ଥାନୀୟ ଲୋକଙ୍କର କର୍ତ୍ତବ୍ୟ ହୋଇ ପଡିଛି । ଏବେ ଦେଖନ୍ତୁ, ସ୍ୱାଧୀନ ବୋଲାଉଥିବା ମୁସଲିମ ରାଷ୍ଟ୍ର ଯେଉଁମାନେ ସ୍ୱାଧୀନ ହେବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସାମାଜିକ ଓ ଆର୍ଥିକ ଦାସତ୍ୱର ଶୀକାର ହୋଇଛନ୍ତି । ପାଶ୍ଚାତ୍ୟ ଦେଶଗୁଡିକ ଉପରେ ଏମାନେ ନିର୍ଭରଶୀଳ ଓ ସେମାନଙ୍କୁ ଅନୁକରଣ କରି ଚାଲିଛନ୍ତି । ନିଜେ ସ୍ୱାବଲମ୍ବୀ ନୁହନ୍ତି କି ନିଜେ କୌଣସି କାର୍ଯ୍ୟ କରନ୍ତି ନାହିଁ । ବରଂ ସେମାନଙ୍କ ଛତ୍ରଛାୟା ତଳେ ବଞ୍ଚିବାକୁ ଚାହାନ୍ତି । ଏହି ଏକମାତ୍ର କାରଣ ଯୋଗୁଁ ସେହି ଶକ୍ତି ରାଷ୍ଟ୍ରଗୁଡିକ ବେଳେବେଳେ

ମୁସଲମାନମାନଙ୍କର ଭାବନା ସହିତ ଖେଳନ୍ତି । ପୁଣି ଦ୍ୱିତୀୟ ଖଲିଫା ମହୋଦୟ ମୁହମ୍ମଦ[ସଅ]ଙ୍କ ଜୀବନ ଚରିତ ଭିତ୍ତିକ ସମାବେଶର ଆୟୋଜନ ଆରମ୍ଭ କରିଥିଲେ । ଶତ୍ରୁର କାର୍ଯ୍ୟକଳାପକୁ ଅଗ୍ରାହ୍ୟ କରିବାର ଏହିପରି ପନ୍ଥା ଅବଲମ୍ବନ କରିବା ଆବଶ୍ୟକ । ଏହା ନୁହେଁ ଯେ ବିକ୍ଷୋଭ ପ୍ରଦର୍ଶନ କରିବା କିମ୍ବା ଭଙ୍ଗାରୁଜା ଓ ହିଂସାକାଣ୍ଡ ଭିଆଇବା । ଏହି ବିଷୟ ପ୍ରତି ସେ ମୁସଲମାନମାନଙ୍କ ମନରେ ଯେଉଁ ସଚେତନା ସୃଷ୍ଟି କରିଥିଲେ, ତନ୍ମଧ୍ୟରେ ସବୁଠାରୁ ଅଧିକ ଅହମଦିମାନେ ହିଁ ସମ୍ବୋଧିତ ହୋଇଥିଲେ ।

ସେହିସବୁ ରାଷ୍ଟ୍ରରେ ପ୍ରଚଳିତ କେତେକ ଭୁଲ ରୀତି ଅନୁଭବ ହୀନ ଉପାୟରେ ଆମର କେତେକ ପରିବାର ମଧ୍ୟରେ ପ୍ରବେଶ ହେବାରେ ଲାଗିଛି । ମୁଁ ଅହମଦିମାନଙ୍କୁ କହୁଛି ଯେ ଆପଣମାନେ ମଧ୍ୟ ସମ୍ବୋଧିତ ଥିଲେ । ସେମାନଙ୍କ କୁସଂସ୍କୃତିକୁ ପରିହାର କରନ୍ତୁ । ତେଣୁ ଆମର ପ୍ରତିକ୍ରିୟା ଏହା ହିଁ ହେବା ଉଚିତ ମାତ୍ର ପୋଡାଜଳା ଓ ଧନଜୀବନ ନଷ୍ଟ କରିବା ନୁହେଁ । ଆତ୍ମ ସମୀକ୍ଷା ପ୍ରତି ଆମର ଅଧିକ ଧ୍ୟାନ ରହିବା ଉଚିତ । ଆମେ କ'ଣ କରୁଛୁ, ଆମର କେତେ ଈଶ୍ୱରଭୟ ରହିଛି, ତାହାଙ୍କର ଉପାସନା ପ୍ରତି ଆମେ କେତେ ଯତ୍ନବାନ, ଧାର୍ମିକ ଅନୁଶାସନ ପାଳନ ପ୍ରତି ଆମେ କେତେ ଦୂର ପ୍ରୟାସ କରୁଛୁ ଓ ଈଶ୍ୱରଙ୍କ ମଧୁମୟ ବାର୍ତ୍ତାକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାକୁ ଆମେମାନେ କେତେ ବ୍ୟଗ୍ର, ସେ ସମ୍ବନ୍ଧରେ ଚେଷ୍ଟିତ ଓ ପ୍ରସ୍ତୁତ ରହିବାର ଆଜି ବେଳ ଆସିଛି ।

ତା'ପରେ ପୁଣି ସଂପ୍ରଦାୟର ଚତୁର୍ଥ ଖଲିଫାଙ୍କ କାର୍ଯ୍ୟକାଳରେ 'ସଲମନ୍ ରୁଶଦି' ଆକ୍ରମଣାତ୍ମକ ମନୋଭାବ ନେଇ ଏକ ଅପମାନ ଜନକ ପୁସ୍ତକ ଲେଖିଥିଲେ । ତାହାର ଦୃଢ ପ୍ରତିବାଦ କରି ଖଲିଫା ମହୋଦୟ ଏକ ଜୁମା ଅଭିଭାଷଣ ଦେଇଥିଲେ ଓ ଏକ ପୁସ୍ତକ ମଧ୍ୟ ପ୍ରକାଶ କରି ଇସଲାମର ସତ୍ୟତା ଓ ମୁହମ୍ମଦ[ସଅ]ଙ୍କ ସମ୍ମାନ ରକ୍ଷା କରିଥିଲେ । ପୁଣି ଯେପରି ମୁଁ କହିଛି, ଏପରି କାର୍ଯ୍ୟକଳାପ ସବୁବେଳେ ହୋଇ ଆସୁଛି । ବିଗତ ବର୍ଷର ପ୍ରାରମ୍ଭରେ ମଧ୍ୟ ମୁହମ୍ମଦ[ସଅ]ଙ୍କ ଜୀବନ ସଂକ୍ରାନ୍ତରେ ଏକ ଲେଖା ବାହାରିଥିଲା । ସେ ସମୟରେ ସକଳ ମିଥ୍ୟାରୋପକୁ ଖଣ୍ଡନ କରିବା ପାଇଁ

ବିଭିନ୍ନ ଲେଖା ପ୍ରକାଶ କରିବା, ପତ୍ରାଳାପ କରିବା ତଥା ଯୋଗାଯୋଗ ରକ୍ଷା କରିବା ଦିଗରେ ବ୍ୟାପକ ଭାବରେ ପ୍ରୟାସ ଜାରି ରଖିବାକୁ ମୁଁ ଜମାଅତ ଓ ସହାୟକ ସଂଗଠନଗୁଡିକୁ ନିର୍ଦ୍ଦେଶ ଦେଇଥିଲି । ତେବେ ଦିବ୍ୟ ଅବତାରଙ୍କ ଜୀବନର ଉତ୍କୃଷ୍ଟ ଦିଗକୁ ପୃଥିବୀରେ ପ୍ରଦର୍ଶିତ କରିବା ଓ ତାଙ୍କ ସମ୍ମାନର ପ୍ରଶ୍ନ ହୋଇଥିବାରୁ ତାହା ଭଙ୍ଗାରୁଜା ଓ ହିଂସାକାଣ୍ଡ ଦ୍ୱାରା ହାସଲ ହୋଇପାରିବ ନାହିଁ । ସେଥିପାଇଁ ଯଦି ପ୍ରତ୍ୟେକ ବର୍ଗର ଅହମଦି ପ୍ରତ୍ୟେକ ଦେଶରେ ଅନ୍ୟ ଶିକ୍ଷିତ ଓ ଚିନ୍ତାଶୀଳ ମୁସଲମାନମାନଙ୍କୁ ଏଥିପ୍ରତି ପ୍ରରୋଚିତ କରିବେ ଯେ ତୁମେମାନେ ମଧ୍ୟ ଶାନ୍ତିପ୍ରିୟ ଉପାୟରେ ନିଜର ପ୍ରତିକ୍ରିୟା ଦେଖାଅ ଓ ନିଜର ଯୋଗାଯୋଗର ପରିସରକୁ ବଢାଅ ଓ ସମସ୍ତଙ୍କୁ ଲେଖି ଜଣାଅ, ତା'ହେଲେ ସମାଜର ପ୍ରତ୍ୟେକ ବର୍ଗ ସବୁ ସ୍ତରରେ ଏଥିରେ ପାରଦର୍ଶିତା ଲାଭ କରିବ । ତା'ପରେ ଯଦି କେହି ଦୁର୍ବୁଦ୍ଧ କୌଣସି ଆସ୍ପର୍ଦ୍ଧା କରୁଛି, ତେବେ ସେ ବିଷୟକୁ ଈଶ୍ୱରଙ୍କ ଉପରେ ଛାଡିଦିଅ ।

ଅଲ୍ଲାଃତାଲା ହଜରତ ମୁହମ୍ମଦ[ସଅ]ଙ୍କୁ 'ରହମତୁଲ୍ ଲିଲ୍ ଆଲମିନ୍' (ସମଗ୍ର ବିଶ୍ୱପାଇଁ କରୁଣାର ଅବତାର) କରି ପଠାଇଥିଲେ । ଅଲ୍ଲାଃସ୍ୱୟଂ ଏହାର ଘୋଷଣା କରିଛନ୍ତି: وَمَآ اَرۡسَلۡنٰكَ اِلَّا رَحۡمَةً لِّلۡعٰلَمِيۡنَ﴿۱۰۸﴾

ଓ୍ୱମା ଅର୍‌ସଲ୍‌ନାକା ଉଲ୍ଲାରହମତଲ୍ ଲିଲ୍ ଆଲମିନ୍ ।

ଅର୍ଥାତ୍ 'ଆମ୍ଭେ ତୁମକୁ ସମଗ୍ର ଜଗତ ପାଇଁ ଅନୁଗ୍ରହ ରୂପେ ପ୍ରେରଣ କରିଅଛୁ' **(ଅଲ୍ ଅମ୍ବିୟା ୧୮୦)**

ତେବେ ଏପରି ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରି ହୋଇଥିବା ମହାନ କରୁଣା ବିତରଣକାରୀ ଯୁଗପୁରୁଷ ନା ପୂର୍ବରୁ କେବେ ଧରାଧାମରେ ଜନ୍ମ ନେଇଛନ୍ତି ବା ଆଗାମି ସମୟରେ ଜନ୍ମ ନେବେ । ବାସ୍ତବ ପକ୍ଷେ ସେହି ଜୀବନାର୍ଶର ପ୍ରତୀକ ଯୁଗେ ଯୁଗେ ପ୍ରତିଷ୍ଠିତ ହୋଇ ରହିଥିବ । ଏହାକୁ ପ୍ରତ୍ୟେକ ମୁସଲମାନ ଅନୁକରଣ କରିବା ପାଇଁ ପ୍ରୟାସ କରିବା ଉଚିତ । ସ୍ୱପାଇଁ ଜଣେ ଅହମଦିଙ୍କ ଉପରେ ଏକ ବିରାଟ ଦାୟୀତ୍ୱ ନ୍ୟସ୍ତ କରାଯାଇଛି । ସବୁ ଦୃଷ୍ଟିକୋଣରୁ ଦିବ୍ୟ ଅବତାର ମନୁଷ୍ୟ ସମାଜ ପାଇଁ କରୁଣାର ଉତ୍ସ ହୋଇ ଆସିଥିଲେ । କିନ୍ତୁ ଯେତେବେଳେ ଏହି ମନୁଷ୍ୟ ତାଙ୍କ

ଛବିକୁ ଏପରି ଚିତ୍ରଣ କରି ଦେଖାଉଛନ୍ତି, ଯଦ୍ଦ୍ୱାରା ଏକ ଭୟାନକ ଛବି ଅତ୍ୟନ୍ତ ବିଭତ୍ସ ରୂପେ ପ୍ରଦର୍ଶିତ ହେଉଛି । ଏପରି ସ୍ୱର୍ଗୀୟ ପ୍ରେମ ଓ ଦିବ୍ୟ କରୁଣାର ପ୍ରତୀକ ସାଜିଥିବା ଜଣେ ଦୈବି ପୁରୁଷଙ୍କ ସମ୍ବନ୍ଧରେ ପୃଥିବୀବାସୀଙ୍କୁ ଜଣାଇବାକୁ ପଡିବ । ଏହାକୁ ବତାଇବା ପାଇଁ ମୁସଲମାନମାନଙ୍କ ଚିନ୍ତାଧାରା ବଦଳାଇବାକୁ ହେବ । କଠୋର ବାଦର ତ ପ୍ରଶ୍ନ ଉଠୁନାହିଁ । କାରଣ ମୁହମ୍ମଦ[ସଅ] ଯୁଦ୍ଧରୁ ନିସ୍ତାର ପାଇବା ପାଇଁ ସର୍ବଦା ପ୍ରୟାସ କରୁଥିଲେ । କିନ୍ତୁ ତାହା ତାଙ୍କ ମଦିନା ଆଗମନ ପର୍ଯ୍ୟନ୍ତ ଥିଲା । ଯେତେବେଳେ ଶତ୍ରୁତାର ସୀମା ଟପିଗଲା, ସେତେବେଳେ ବାଧ୍ୟ ହୋଇ ଯୁଦ୍ଧର ଭାର ଜବରଦସ୍ତି ତାଙ୍କ ଉପରେ ଲଦି ଦିଆଗଲା । ତା'ପରେ ଅଲ୍ଲାଃଙ୍କ ଅନୁମତି କ୍ରମେ ପ୍ରତିରକ୍ଷା ମୂଳକ ଭାବରେ ତାଙ୍କୁ ଯୁଦ୍ଧ କରିବାକୁ ପଡିଲା । ସୁତରାଂ ଅଲ୍ଲାଃଙ୍କର ଏହି ଆଦେଶ ପ୍ରାପ୍ତ ହେଲା:

وَقَاتِلُوْا فِيْ سَبِيْلِ اللّٰهِ الَّذِيْنَ يُقَاتِلُوْنَكُمْ
وَلَا تَعْتَدُوْا ؕ اِنَّ اللّٰهَ لَا يُحِبُّ الْمُعْتَدِيْنَ ﴿١٩١﴾

ଓ୍ୱ କାତିଲୁ ଫି ସବିଲିଲ୍ଲାହିଲ୍ ଲଜି ୟୁକାତିଲୁ ନକୁମ୍ ଓ୍ୱଲା ତା'ତଦୁ; ଇନ୍‌ନଲ୍ଲାହା ଲା ୟୁହିବ୍‌ବୁଲ୍ ମୁଁ ତଦିନ ।

ଅର୍ଥାଥ 'ହେ ମୁସଲମାନଗଣ ! ଅଲ୍ଲାଃଙ୍କ ମାର୍ଗରେ ସେମାନଙ୍କ ସହିତ ଲଢ, ଯେଉଁମାନେ ତୁମ ସହିତ ଲଢୁଛନ୍ତି । କିନ୍ତୁ ସୀମା ଲଂଘନ କର ନାହିଁ । ଅଲ୍ଲାଃ ନିଶ୍ଚିତ ରୂପେ ସାମୀ ଲଂଘନକାରୀଙ୍କୁ ଭଲ ପାଆନ୍ତି ନାହିଁ ।'

**(ଅଲ୍ ବକରା ୧୯୧)**

ତେବେ ହଜରତ ମୁହମ୍ମଦ[ସଅ] ତାଙ୍କ ପ୍ରତି ପ୍ରକଟିତ ଶରିୟତ ବା ଅଲ୍ଲାଃଙ୍କ ବିଧାନ ଉପରେ ସବୁଠାରୁ ଅଧିକ ପାଳନ କରୁଥିଲେ । ତେଣୁ ତାଙ୍କ ସମ୍ବନ୍ଧରେ ଏପରି ଅପମାନଜନକ ଭାବନା ରଖିବା ତାଙ୍କ ପ୍ରତି ନିଷ୍ଠୁର ହେବ ।

## ବ୍ୟଙ୍ଗ ଚିତ୍ର ପ୍ରକାଶିତ ହେବା ବିରୁଦ୍ଧରେ ଅହମଦିୟା ଜମାଅତ୍‌ର ତୁରନ୍ତ ପଦକ୍ଷେପ

ଅନ୍ୟ ମୁସଲମାନମାନେ ତ ଉତ୍ତେଜିତ ହୋଇ ଧର୍ମଘଟ କରୁଛନ୍ତି ଓ ଭଙ୍ଗାରୁଜା କରୁଛନ୍ତି । କାରଣ ସେମାନଙ୍କ ପ୍ରତିବାଦ ବିକ୍ଷୋଭ ଓ ହିଂସାକାଣ୍ଡ ଦ୍ୱାରା ଧନଜୀବନ ନଷ୍ଟ କରିବାରେ ଥାଏ । କିନ୍ତୁ ଏହି ଘଟଣା ପରେ ଅହମଦିୟା ସମ୍ପ୍ରଦାୟର ତୁରନ୍ତ ପ୍ରତିକ୍ରିୟା ସ୍ୱରୂପ ଯଥୋଚିତ ଉପାୟରେ ପଦକ୍ଷେପ ଗ୍ରହଣ କରାଗଲା । ସେମାନେ ସଙ୍ଗେ ସଙ୍ଗେ ସମ୍ବାଦପତ୍ର ସହିତ ଯୋଗାଯୋଗ କଲେ । ପୁଣି ୨୦୦୬ ଫେବୃୟାରୀରେ ହୋଇଥିବା ଧର୍ମଘଟ ଆଜିର କଥା ନୁହେଁ । ପୂର୍ବ ବର୍ଷ ମଧ୍ୟ ଏହି ଘଟଣା ହୋଇଥିଲା । ସେପ୍ଟେମ୍ବର ମାସରେ ହୋଇଥିବା ଘଟଣାର ଆମେ କିପରି ପ୍ରତିବାଦ କରିଥିଲୁ ? ଯେପରି ମୁଁ କହିଛି, ଉକ୍ତ ଘଟଣା ସେପ୍ଟେମ୍ବରରେ ହେଉ କି ଅକ୍ଟୋବର ମାସର ଆରମ୍ଭରେ । ଆମ ମିଶନାରୀ ଅତିଶୀଘ୍ର ବିସ୍ତାର ପୂର୍ବକ ଏକ ଲେଖା ପ୍ରସ୍ତୁତ କଲେ ଓ ଯେଉଁ ସମ୍ବାଦପତ୍ରରେ ବ୍ୟଙ୍ଗଚତ୍ର ପ୍ରକାଶିତ ହୋଇଥିଲା, ତାଙ୍କ ନିକଟକୁ ପ୍ରତିବାଦ ସ୍ୱରୂପ ଏହି ଲେଖାଟି ପଠାଇଲେ । ସେଥିରେ ପ୍ରତିଶ୍ରୁତ ମସିହଙ୍କ ଶିକ୍ଷା ସଂକ୍ରାନ୍ତରେ ବୁଝାଇ ଦିଆଗଲା ଯେ ଆମମାନଙ୍କ ପ୍ରତିବାଦର ପନ୍ଥା ଏହିପରି । ଆମେ କୌଣସି ଶୋଭାଯାତ୍ରା ବାହାର କରିବୁ ନାହିଁ, କିନ୍ତୁ ତୁମ ସହିତ କଲମର ଜିହାଦ୍ କରି ସମସ୍ତଙ୍କୁ ଜଣାଇ ଦେବୁ ଯେ ମୁହମ୍ମଦ[ସଅ]ଙ୍କ ବ୍ୟଙ୍ଗଚିତ୍ର ପ୍ରକାଶିତ ହେବା ଦ୍ୱାରା ଆମେ କେତେ ମର୍ମାହତ ହୋଇଛୁ, ସେଥିପାଇଁ ଆମର ଉଦ୍‌ବେଗ ଜଣାଇବୁ । ଉକ୍ତ କାର୍ଟୁନ ପାଇଁ ସେମାନେ ଅବଶ୍ୟ ଦୁଃଖ ପ୍ରକାଶ କରୁଛନ୍ତି । କିନ୍ତୁ ସେମାନଙ୍କୁ କୁହାଗଲା ଯେ ଅଭିବ୍ୟକ୍ତିର ଏପରି ସ୍ୱାଧୀନତାକୁ ସହ୍ୟ କରିଯିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଅନ୍ୟର ଭାବନାକୁ ଆଘାତ ଦେବା । ତେବେ ଏହାର ସକାରାତ୍ମକ ପ୍ରତିକ୍ରିୟା ମିଳିଲା । ଯେଉଁ ଲେଖାଟି ସମ୍ବାଦପତ୍ରକୁ ପଠାଯାଇଥିଲା, ତାହା ପ୍ରକାଶିତ ହେଲା ଓ ଡେନ୍‌ମାର୍କର ଲୋକମାନେ ଏହାକୁ ସାଦରେ ଗ୍ରହଣ କଲେ । ଅନେକ ଟେଲିଫୋନ ବାର୍ତ୍ତା ଆମ ମିଶନ୍ ହାଉସକୁ ଆସିଥିଲା, ଯହିଁରେ ସେହି ଲେଖା ଉପରେ ଅନେକ ପ୍ରଶଂସା ଓ ଶୁଭେଚ୍ଛା ମିଳିଥିଲା । ସାମ୍ବାଦିକ ସଂଘର ସଭାପତି ଏକ ବୈଠକ ଡକାଇ ଆମକୁ ନିମନ୍ତ୍ରଣ କଲେ ।

ସେଠାରେ ସେମାନଙ୍କୁ ଏହା ବୁଝାଇ ଦିଆଗଲା ଯେ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଓ ବାକ୍ ସ୍ୱାଧୀନତା ପାଇଁ ଆଇନଗତ ଅନୁମତି ଦିଆ ଯାଇଥିଲେ ସୁଦ୍ଧା ଏହାର ଅର୍ଥ ନୁହେଁ ଯେ କୌଣସି ଧର୍ମଗୁରୁ ବା ସମ୍ମାନୀୟ ପୁରୁଷଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଓ ସେମାନଙ୍କୁ ହୀନ ଦୃଷ୍ଟିରେ ଦେଖିବା । ଏଠାରେ ପରିବେଶରେ ଏକାଠି ରହି ଆସୁଥିବା ମୁସଲମାନ ଓ ଖ୍ରୀଷ୍ଟିୟାନଙ୍କ ଭାବନାକୁ ଧ୍ୟାନରେ ରଖିବା ଅତି ଗୁରୁତ୍ୱ ବହନ କରୁଛି । କାରଣ ଏହା ନହେଲେ ଶାନ୍ତିର ବାତାବରଣ ସୃଷ୍ଟି ହୋଇ ପାରିବ ନାହିଁ ।

ସେମାନଙ୍କୁ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ଉଚ୍ଚ ନୈତିକ ଆଦର୍ଶ, ଉତ୍ତମ ବ୍ୟବହାର, ମାନବ ସମାଜ ପ୍ରତି ସହାନୁଭୂତି, ଈଶ୍ୱରଙ୍କ ସୃଷ୍ଟି ପ୍ରତି ପ୍ରେମ ତଥା ମାନବୀୟ ଗୁଣର ଉତ୍କର୍ଷତା ସଂବନ୍ଧରେ ଅବଗତ କରାଗଲା । ତାଙ୍କ ଜୀବନର କେତେକ ଘଟଣା ବର୍ଣ୍ଣନା କରାଯାଇ ପଚରାଗଲା ଯେ ଏପରି ଦିବ୍ୟ ଗୁଣ ଓ ମହିମାର ଯିଏ ଅଧିକାରୀ ଥିଲେ, ତାଙ୍କର ବ୍ୟଙ୍ଗଚିତ୍ର ତିଆରି କରିବା କେତେ ଦୂର ଯଥାର୍ଥ ? ସୁତରାଂ ଏହି କଥା ଶୁଣି ସେମାନେ ଆମର ଭୁରି ଭୁରି ପ୍ରଶଂସା କଲେ । ଜଣେ କାର୍ଟୁନିଷ୍ଟ ଖୋଲା ଖୋଲି କହିଲେ ଯଦି ଏପରି ସଭା ପୂର୍ବରୁ ଅନୁଷ୍ଠିତ ହୋଇଥାନ୍ତା ସେ କଦାପି ଏପରି ବ୍ୟଙ୍ଗାତ୍ମକ ଚିତ୍ର ଅଙ୍କନ କରି ନଥାନ୍ତେ । ବର୍ତ୍ତମାନ ସେ ଇସଲାମର ଶିକ୍ଷାକୁ ଜାଣି ପାରିଛନ୍ତି । ଏପରି Dialogue ଓ ବାର୍ତ୍ତା ବିନିମୟର ଧାରା ଆଗକୁ ଜାରି ରଖିବାକୁ ସମସ୍ତେ ସହମତି ପ୍ରକାଶ କଲେ । ପରିଶେଷରେ ସଂଘର ସଭାପତି ଏକ ପ୍ରେସ ରିଲିଜ୍ ଜାରି କଲେ ଓ ଏହାର ବିଷୟ ବସ୍ତୁକୁ ସର୍ବ ସମକ୍ଷରେ ପଢି ଶୁଣାଇ ଦିଆଗଲା । ଯାହା ହେଉ, ଆମ ଜମାଅତ ଏତାଦୃଶ ପଦକ୍ଷେପ ସବୁବେଳେ ଗ୍ରହଣ କରିଆସୁଛି । ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ଏହିପରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁତରାଂ ଯେଉଁଠାରେ ମୂଳ ଘଟଣା ହୋଇଥିଲ, ସେଠାରେ ଜମାଅତ ଯଥେଷ୍ଟ କାର୍ଯ୍ୟ କରିଛି । ତେବେ ଉକ୍ତ ବ୍ୟଙ୍ଗଚିତ୍ରର ମୂଳ କାରଣ ହେଉଛି, ଜଣେ ଡେନ୍‌ମାର୍କ ଲେଖକ ହଜରତ ମୁହମ୍ମଦ[ସଅ]ଙ୍କ ଜୀବନ ଓ କୁରଆନ ସମ୍ବନ୍ଧରେ ଏକ ପୁସ୍ତକ ଲେଖିଥିଲେ ଯାହା ଏବେ ବିକ୍ରି ହେଉଛି । ଲେଖକ ଲୋକମାନଙ୍କୁ ଦିବ୍ୟ ଅବତାରଙ୍କ ଫଟୋ ପଠାଇବା ପାଇଁ କହିଲେ । ଯେଉଁମାନେ କେତେକ ଫଟୋ ପଠାଇଲେ ମୁସଲମାନ କାଳେ ଏଥିରେ ଉତକ୍ଷିପ୍ତ ହେବେ, ଏହା

ଆଶଙ୍କା କରି ସେ ନିଜ ନାମ ଗୋପନ ରଖିଲେ । ତେଣୁ ପୁସ୍ତକ ହେଉଛି ଏହି ଘଟଣାର ମୂଳ କାରଣ, ଯେପରି ସମ୍ବାଦପତ୍ରରେ ବ୍ୟଙ୍ଗଚିତ୍ର ହିଁ ଘଟଣାର ଆଧାର ଥିଲା । ତେଣୁ ଏ ସଂକ୍ରାନ୍ତରେ ଅବିରତ ଭାବେ ସେମାନେ ପ୍ରୟାସ କରିବା ଉଚିତ । ଦୁନିଆର ପ୍ରତ୍ୟେକ ସ୍ଥାନରେ ଏହାକୁ ପଢି ଯେଉଁଠାରେ ବି ଅଭିଯୋଗ ଉଠିବ ତାକୁ ଦର୍ଶାଇ ଏହାର ସମୁଚିତ ଉତ୍ତର ଦେବାକୁ ହେବ । ସେହି ଡେନମାର୍କରେ ଏହି ଧାରଣା ଜନ୍ମିଛି ଯେ କେତେକ ମୁସଲିମ ବିଭିନ୍ନ ପ୍ରକାର ବ୍ୟଙ୍ଗଚିତ୍ର ଯାହା ସେମାନେ ପ୍ରକାଶିତ କରି ନାହାନ୍ତି, ସେସବୁକୁ ଦେଖାଇ ମୁସଲିମ ଜଗତକୁ ଉତ୍ତେଜିତ କରାଯାଇଛି । ଏହା ସତ କି ମିଛ ଜଣାନାହିଁ । କିନ୍ତୁ ଆମର ତୁରନ୍ତ ଧ୍ୟାନ ଦେବା ଫଳରେ ସେମାନେ ଅଧିକ ସଚେତନ ହୋଇଛନ୍ତି । ଏହି ପଦକ୍ଷେପ ଅବଶ୍ୟ ପୂର୍ବରୁ ନିଆ ଯାଇଥିଲା, କିନ୍ତୁ ଏହି ଲୋକମାନେ ବର୍ତ୍ତମାନ ଜାଣିବାକୁ ପାଇଲେ ଯେବେକି ଏହା ତିନିମାସ ତଳର ଘଟାଣା ।

ଯେପରି ମୁଁ କହିଥିଲ. ପ୍ରତ୍ୟେକ ଦେଶରେ ହଜରତ ମୁହମ୍ମଦ[ସଅ]ଙ୍କ ଜୀବନର ସମସ୍ତ ଦିଗ ବିଷୟରେ ଏକ ସ୍ଥୁଳ ଧାରଣା ମୂଳକ ଚେତନା ଜାଗ୍ରତ କରାଇବା ଆବଶ୍ୟକ । ବିଶେଷତଃ ଇସଲାମରେ ଯୁଦ୍ଧଖୋର ମନୋବୃତ୍ତି ରହିଥିବାର ଯେଉଁ ଭ୍ରାନ୍ତ ଧାରଣା ରହିଛି, ତାକୁ ବଳିଷ୍ଠ ଯୁକ୍ତି ଓ ଯଥାର୍ଥ କାରଣ ଦର୍ଶାଉ ଥିବା ତଥ୍ୟ ଦ୍ୱାରା ରଦ୍ଦ କରିବା ଆମ ପାଇଁ ଅତ୍ୟନ୍ତ ଜରୁରୀ ହୋଇ ପଡିଛି । ସମ୍ବାଦପତ୍ରମାନଙ୍କରେ ଲେଖାମାନ ପ୍ରସ୍ତୁତ କରି ବହୁଳ ଭାବରେ ପ୍ରଚାର କରିବା ପାଇଁ ମୁଁ ପୂର୍ବରୁ ଉପଦେଶ ଦେଇଥିଲି । ମୁହମ୍ମଦ[ସଅ]ଙ୍କ ଜୀବନ ଚରିତ ପୁସ୍ତକ ଲେଖକମାନଙ୍କୁ ଓ ସମ୍ବାଦପତ୍ରଗୁଡିକ ନିକଟକୁ ପଠାଯାଇ ପାରେ ।

## ଅହମଦି ଯୁବଗୋଷ୍ଠୀଙ୍କୁ ସାମ୍ବାଦିକତା କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଉଚିତ

ଅନ୍ୟ ଏକ ପ୍ରସ୍ତାବ ହେଉଛି ଯେ ଆଗାମୀ ଦିନ ପାଇଁ ଜମାଅତ ଏକ ଯୋଜନା ପ୍ରସ୍ତୁତ କରିବ, ଯଦ୍ୱାରା ଯୁବଗୋଷ୍ଠୀ ସାମ୍ବାଦିକତା କରିବା କ୍ଷେତ୍ରରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେବା ସକାଶେ ଚେଷ୍ଟା କରନ୍ତୁ । ଯାହାର ଏ

ଦିଗରେ ଆଗ୍ରହ ରହିଛି, ସମ୍ବାଦପତ୍ର ଓ ଅନ୍ୟସବୁ ସ୍ଥାନରେ ଆମେ ନିଜର ପ୍ରଭାବ ବିସ୍ତାର କରିପାରିବା । କାରଣ ଅନେକ ପ୍ରକାର ଖଳ ପ୍ରକୃତିର କାମ ସମୟ ସମୟରେ ଏପରି ଦେଖାଯାଇଥାଏ, ଯାହାକୁ ପ୍ରତିହତ କରିବା ପାଇଁ ଏହି ଗଣ ମାଧ୍ୟମଗୁଡ଼ିକ ସହିତ ଅଧିକ ସଂପର୍କ ରଖାଯାଇ ପାରିବ । ଯଦ୍ଦ୍ୱାରା ଦୁଷ୍ଟ ଶକ୍ତିଗୁଡିକୁ ଦମନ କରିବାର ବାଟ ଖୋଲିଯିବ । ତଥାପି ଯଦି ସେମାନେ ଏଥିରୁ ବିରତ ନ ହେବେ, ସେହି ଧରଣର ଲୋକ ଅଲ୍ଲାଃଙ୍କ କୋପର ଶୀକାର ହେବେ । ଯେଉଁମାନଙ୍କ ଉପରେ ଇହକାଳରେ ଓ ପରକାଳରେ ମଧ୍ୟ ଅଭିଶାପ ପକାଯାଏ । ସୁତରାଂ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

إِنَّ الَّذِينَ يُؤْذُونَ اللَّهَ وَرَسُولَهُ لَعَنَهُمُ اللَّهُ
فِي الدُّنْيَا وَالْآخِرَةِ وَأَعَدَّ لَهُمْ عَذَابًا مُّهِينًا ۝٥٨

ଇନ୍‌ନଲ୍ଲଜିନା ୟ ଜୁନଲ୍ଲାହା ଓ୍ୱ ରସୁଲହୁ ଲାଆନହୁମୁଲ୍ଲାହୁ
ଫିଦ୍ ଦୁନ୍‌ୟା ଓ୍ୱାଲ୍ ଆଖିରତି ଓ ଅବ୍‌ଦାଲହୁମ ଅଜାବମ୍ ମୁହିନା

'ଯେଉଁମାନେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କୁ କ୍ଳେଶ ଦିଅନ୍ତି, ଅଲ୍ଲାଃ ତାଙ୍କ ଉପରେ ଦୁନିଆରେ ଅଭିଶାପ ପକାନ୍ତି ଓ ପରକାଳରେ ମଧ୍ୟ । ଏବଂ ସେମାନଙ୍କ ପାଇଁ ଅପମାନଜନକ ଶାସ୍ତି ପ୍ରସ୍ତୁତ ହୋଇ ରହିଛି ।' **(ଅଲ୍ ଅହଜାବ ୫୮)**

ତେବେ ଏହି ଆଦେଶର କାର୍ଯ୍ୟକାରୀତା ଶେଷ ହୋଇଯାଇ ନାହିଁ । ଆମ ଅବତାର ଜଣେ ଜୀବନ୍ତ ସିଦ୍ଧ ମହାପୁରୁଷ । ତାଙ୍କ ଶିକ୍ଷା ଚୀରସ୍ଥାୟୀ ଓ ସର୍ବଦା ଜୀବିତ ରହିବ । ତାଙ୍କ ଶରିୟତ ବା ଧର୍ମୀୟ ବିଧାନ ଯୁଗୋପଯୋଗୀ, ଯାହା ସବୁ ସମୟରେ ସମସ୍ୟାର ସମାଧାନ କରିବାକୁ ସମର୍ଥ । ତାଙ୍କୁ ଅନୁସରଣ କଲେ ଅଲ୍ଲାଃଙ୍କ ସାନିଧ୍ୟ ପାଇବ । ସେଥିଯୋଗୁଁ ଯେଉଁସବୁ ଦୁଃଖ ଯନ୍ତ୍ରଣା ତୁମକୁ ଦିଆଯାଇଛି ଓ ତାଙ୍କୁ ମାନୁଥିବା ଲୋକମାନେ ଯେପରି ଉତ୍ପୀଡନର ଶୀକାର ହେଉଛନ୍ତି, ସେମାନେ ସଦାସର୍ବଦା ସତ୍ୟ ଉପରେ ଅଟଳ ରହିଛନ୍ତି । ଅଲ୍ଲାଃ ଜୀବନ୍ତ ଈଶ୍ୱର ହୋଇ ରହିଛନ୍ତି ଓ ସମସ୍ତ ମନ୍ଦ କାର୍ଯ୍ୟକଳାପକୁ ଦେଖୁଛନ୍ତି ।

ସୁତରାଂ ଦୁନିଆକୁ ଏ ବିଷୟ ଅବଗତ କରାଇବା ଆମର କର୍ତ୍ତବ୍ୟ । ଆମେ ଦୁନିଆକୁ ଏହି ଖବର ପହଞ୍ଚାଇବା ଯେଉଁ ପ୍ରକାର ନିର୍ଯାତନା ତୁମକୁ ଦିଆଯାଉଛି,

ସେଥିପାଇଁ ଶାସ୍ତିବିଧାନ କରିବା କ୍ଷମତା ସେ ନିଜ ହସ୍ତରେ ରଖିଛନ୍ତି । ସୁତରାଂ ଅଲ୍ଲାଃ ଓ ଦିବ୍ୟ ଅବତାରଙ୍କୁ ଆଘାତ ପହଞ୍ଚାଇବାରୁ ବିରତ ରୁହ । ତେବେ ଆମେ ଯେତେବେଳେ ଇସଲାମର ଶିକ୍ଷା ଓ ଦିବ୍ୟ ଅବତାରଙ୍କ ଆଦର୍ଶ ଚରିତ୍ର ସମ୍ବନ୍ଧରେ ପୃଥିବୀକୁ ଜଣାଉଛେ, ସେତେବେଳେ ନିଜର ସଂସ୍କାର ଓ ଆତ୍ମଶୁଦ୍ଧି କରିବା ମଧ୍ୟ ଆବଶ୍ୟକ । କାରଣ ଆମର ନିଜ କର୍ମ ହିଁ ଦୁନିଆର ମୁହଁକୁ ବନ୍ଦ କରିପାରିବ ଓ ଦୁନିଆକୁ ଚୁପ ରଖିବା ପାଇଁ ଆମେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା । ଯେପରି ମୁଁ ଏକ ତଥ୍ୟ ଦେଇଥିଲି ଯେ ଜଣେ ମୁସଲମାନ ବିଦ୍ୱାନ ଦୋମୁହାଁ ନୀତି ଅବଲମ୍ବନ କରୁଥିବାର ଆରୋପ ଲଗାଯାଇଛି । ସେ ଏଠାରେ ଗୋଟିଏ କଥା କହୁଛି ତ ସେଠାକୁ ଯାଇ ଏହାର ଓଲଟା କହି ଲୋକମାନଙ୍କୁ ଉସୁକାଉଛି । ବୋଧହୁଏ ମୁଁ ସେହି ରିପୋର୍ଟ ପଢିନାହିଁ । ତେଣୁ ଆମର ଅନ୍ତର ଓ ବାହାର ତଥା ଆମର କହିବା ଓ କରିବାକୁ ଏକ କରି ସୁସଙ୍ଗତ ଉପାୟରେ ନିଜର ଉତ୍ତମ ଆଦର୍ଶ ଦେଖାଇବାକୁ ହେବ ।

## ପତାକା ଜଳାଇବା ଓ ଧନ ଜୀବନ ନଷ୍ଟ କରିବା ଦ୍ୱାରା ମୁହମ୍ମଦ[ସଅ]ଙ୍କ ସମ୍ମାନ ପ୍ରତିଷ୍ଠା ହୋଇ ପାରିବ ନାହିଁ

ନିଜକୁ ମୁସଲିମ ବୋଲାଉଥିବା ଲୋକମାନଙ୍କୁ ମୁଁ ଏହା କହୁଛି ଯେ ସେ ଅହମଦି ହୋଇଥାନ୍ତୁ କି ନୁହେଁ, ସିହା ସୁନି ହୋଇଥାନ୍ତୁ କି ଅନ୍ୟ କୌଣସି ଗୋଷ୍ଠୀର ମୁସଲମାନ, ଯେତେବେଳେ ଆମ ଦିବ୍ୟ ଅବତାରଙ୍କ ବ୍ୟକ୍ତିତ୍ୱ ପ୍ରତି ଆକ୍ରମଣ କରାଯାଉଛି, ସେମାନେ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ପତାକା ଜଳାଇବା, ଭଙ୍ଗାରୁଜା କରିବା, ଧନଜୀବନକୁ କ୍ଷତି ପହଞ୍ଚାଇବା ତଥା ଦୂତାବାସ ଉପରେ ଆକ୍ରମଣ କରିବା ପରିବର୍ତ୍ତେ ନିଜ କର୍ମରେ ସୁଧାର ଆଣନ୍ତୁ । ଯାହା ଫଳରେ ଅନ୍ୟମାନେ ସେମାନଙ୍କ ଉପରକୁ ଅଙ୍ଗୁଳି ଉଠାଇବାର ସୁଯୋଗ ପାଇବେ ନାହିଁ । କ'ଣ ପୋଡାଜଳା କରିଦେଲେ ସେମାନେ ବୁଝୁଛନ୍ତି ଯେ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ଇଜ୍ଜତ ଓ ପଦମର୍ଯ୍ୟାଦାର (ଅଲ୍ଲାଃ କ୍ଷମା କରନ୍ତୁ) କେବଳ ଏତିକି ଗୌରବ ରହିଛି

ଯେ ପତାକା ଜଳାଇ ବା ଏକ ରାଷ୍ଟ୍ରଦୂତ ଭବନର ସଂପତ୍ତି ଧ୍ୱଂସ କରି ସେମାନେ ବଦଳା ନେଇଗଲେ । ନା ନା, ଆମେ ତ ଏପରି ନବୀଙ୍କୁ ମାନୁଛୁ ଯିଏ ବିଦ୍ୱେଷର ନିଆଁ ଲିଭାଇବାକୁ ଆସିଥିଲା । ଯିଏ ପ୍ରେମ ଓ ଅହିଂସାର ଦୂତ ହୋଇ ଆସିଥିଲା । ସେ ହିଁ ଶାନ୍ତିର ରାଜକୁମାର ଥିଲା । ତେଣୁ କଠୋର ଆଚରଣ ନକରି ତାଙ୍କ ସୁନ୍ଦର ଶିକ୍ଷାକୁ ପୃଥିବୀବାସୀଙ୍କ ନିକଟରେ ପରିବେଷଣ କରନ୍ତୁ ।

## ଜଣେ ଅହମଦିଙ୍କର ପ୍ରକୃତ ପ୍ରତିକ୍ରିୟା କଣ ହେବା ଉଚିତ୍

ଅଲ୍ଲାଃତାଲା ମୁସଲମାନମାନଙ୍କୁ ବୁଝିବା ଶକ୍ତି ଓ ସଦ୍‌ବୁଦ୍ଧି ଦିଅନ୍ତୁ । କିନ୍ତୁ ମୁଁ ଅହମଦିମାନଙ୍କୁ କହୁଛି ଯେ ସେହି ମୁସଲମାନମାନଙ୍କୁ ତ ଜଣା ନାହିଁ ଯେ କେବେ ସେମାନଙ୍କର ବୁଦ୍ଧି ଓ ଜ୍ଞାନ ଆସିବ କି ନାହିଁ । କିନ୍ତୁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ପିଲା, ପ୍ରତ୍ୟେକ ବଡ, ପ୍ରତ୍ୟେକ ଯୁବା ଓ ପ୍ରତ୍ୟେକ ବୃଦ୍ଧ, ପ୍ରତ୍ୟେକ ପୁରୁଷ ଓ ପ୍ରତ୍ୟେକ ନାରୀ ସେହି ଅଭଦ୍ର ବ୍ୟଙ୍ଗଚିତ୍ରର ପ୍ରତିକ୍ରିୟା ସ୍ୱରୂପ ନିଜ ଭିତରେ ଏପରି ନିଆଁ ଲଗାନ୍ତୁ, ଯାହା କେବେ ଲିଭିବ ନାହିଁ । ତାହା କେବେ କୌଣସି ଦେଶର ଜାତୀୟ ପତାକା କିମ୍ୱା ସଂପତ୍ତି ଜାଳିପୋଡି ଛାରଖାର କରି ଦେଉଥିବା ନିଆଁ ନ ହେଉ ଯାହାକୁ ନିର୍ବାପିତ କରିବା ପାଇଁ ମାତ୍ର କେତେ ଘଣ୍ଟା ବା ମିନିଟ ଲାଗିଯିବ । ଆମ ନିଆଁ ତ ଏପରି ହେବା ଉଚିତ ଯାହା ସଦାସର୍ବଦା ଜଳୁଥିବା ପ୍ରେମାଗ୍ନି, ଶ୍ରଦ୍ଧା ଓ ସମର୍ପଣର ଜ୍ୱାଳା, ଯାହା ତାଙ୍କ ଜୀବନର ପ୍ରତ୍ୟେକ ଆଦର୍ଶକୁ ଦୁନିଆରେ ଦେଖାଉଥିବା ଅଗ୍ନି । ଏହା ଯାହା ଆପଣମାନଙ୍କ ହୃଦୟରେ ଥରେ ଲାଗିଗଲେ ତାହା ସଦା ପ୍ରଜ୍ୱଳିତ ହୋଇ ରହିଥିବ । ଏହା ଏପରି ଧରଣର ନିଆଁ ହେଉ ଯାହା ପ୍ରାର୍ଥନାରେ ପରିବର୍ତ୍ତିତ ହୋଇଯିବ ଓ ଯାହାର ଶିଖା ପ୍ରତିକ୍ଷଣ ଆକାଶରେ ପହଞ୍ଚୁଥିବ ।

## ନିଜ ମନର ବେଦନାକୁ ପ୍ରାର୍ଥନାରେ ପରିଣତ କରନ୍ତୁ ଏବଂ ହଜରତ ମୁହମ୍ମଦ[ସଅ]ଙ୍କ ଉପରେ ବ୍ୟାପକ ରୂପେ ଦରୁଦ୍ ପ୍ରେରଣ କରନ୍ତୁ

ସୁତରାଂ ଏହି ନିଆଁ ପ୍ରତ୍ୟେକ ଅହମଦି ନିଜ ହୃଦୟରେ ପ୍ରଜ୍ୱଳିତ କରନ୍ତୁ ଏବଂ ନିଜ ମନର ବେଦନାକୁ ପ୍ରାର୍ଥନାରେ ପରିଣତ କରନ୍ତୁ । କିନ୍ତୁ ସେଥିପାଇଁ

ମୁହମ୍ମଦ[ସଅ] ମାଧ୍ୟମ ହେବା ଉଚିତ୍ । ନିଜ ପ୍ରାର୍ଥନା ଗୃହୀତ ହେବା ସକାଶେ ତଥା ଅଲ୍ଲାଃଙ୍କ ପ୍ରେମକୁ ଆକର୍ଷିତ କରିବା ପାଇଁ ତଥା ଦୁନିଆର ନିର୍ବୋଧ କାର୍ଯ୍ୟକଳାପରୁ ରକ୍ଷା ପାଇବା ଓ ନିଜକୁ ସମସ୍ତ ପ୍ରକାର ଅନୈକତା ଓ ବିଶୃଙ୍ଖଳାରୁ ସୁରକ୍ଷିତ ରଖିବାକୁ ହେଲେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରେମ ଓ ଶ୍ରଦ୍ଧାକୁ ହୃଦୟରେ ଜନ୍ମାଇବାକୁ ହେବ । ନିଜର ଇହକାଳ ଓ ପରକାଳ ଜୀବନକୁ ସାର୍ଥକ କରିବାକୁ ହେଲେ ମୁହମ୍ମଦ[ସଅ]ଙ୍କ ପ୍ରତି ଅପାର ଆଶୀର୍ବାଦ ଓ ନମସ୍ୟ ଭାବର ନୈବେଦ୍ୟ ଅର୍ପଣ କରିବାକୁ ହେବ । ଅଜସ୍ର ଦରୁଦ୍ ପଠାଇବାକୁ ହେବ । ଆଜିର ବିଶୃଙ୍ଖଳାପୂର୍ଣ୍ଣ ସମୟରେ ଆପଣାକୁ ମୁହମ୍ମଦ[ସଅ]ଙ୍କ ପ୍ରେମରେ ମଗ୍ନ କରି ରଖିବା ତଥା ନିଜ ବଂଶଧରଙ୍କୁ ଅହମଦିୟତ ଓ ଇସଲାମ ଉପରେ ପ୍ରତିଷ୍ଠିତ କରିବା ପାଇଁ ଅଲ୍ଲାଃତାଲାଙ୍କର ଏହି ଆଦେଶକୁ କଡାକଡି ଭାବରେ ପାଳନ କରିବାକୁ ପଡିବ । إِنَّ ٱللَّهَ وَمَلَٰٓئِكَتَهُۥ يُصَلُّونَ عَلَى ٱلنَّبِىِّ ۚ يَٰٓأَيُّهَا ٱلَّذِينَ ءَامَنُوا۟ صَلُّوا۟ عَلَيْهِ وَسَلِّمُوا۟ تَسْلِيمًا ٥٧

‘ଇନ୍ନଲ୍ଲାଃ ୱ ମଲାଇକତହୂ ୟୁସଲ୍ଲୁନା ଅଲନ୍ ନବୀୟେ । ୟା ଅୟୋହଲ୍ ଲଜିନା ଆମନୁ ସଲ୍ଲୁ ଅଲୈହେ ୱ ସଲ୍ଲେମୁ ତସଲିମା’

> ଅର୍ଥାତ ‘ହେ ଲୋକମାନେ ! ଯେଉଁମାନେ ବିଶ୍ୱାସ ଆଣିଛ, ତୁମେ ମଧ୍ୟ ତାଙ୍କ ଉପରେ ଦରୁଦ ଓ ସଲାମ (ଆଶୀର୍ବାଦ ଓ ନମସ୍କାର) ପ୍ରେରଣ କର । କାରଣ ଅଲ୍ଲାଃ ଓ ଦେବଦୂତମାନେ ତାଙ୍କ ପ୍ରତି ଏହା ପ୍ରେରଣ କରୁଛନ୍ତି ।’

**(ଅଲ୍ ଅହଜାବ ୫୭)**

**(ଖୁତବା ଜୁମା, ୧୦ ଫେବୃୟାରୀ ୨୦୦୬. ମୁହମ୍ମଦ[ସଅ] ଓ ବ୍ୟଙ୍ଗଚିତ୍ରର ବାସ୍ତବିକତା, ପୃ ୯-୨୦)**

## ଅନ୍ୟମାନଙ୍କ ଭାବନା ସହିତ ଖେଳିବା କୌଣସି ଗଣତନ୍ତ୍ର ନୁହେଁ କିମ୍ବା ବିବେକ ସାଧୀନତା ନୁହେଁ

ମହାମାନ୍ୟ ପଞ୍ଚମ ଖଲିଫା[ଅବ] ପାଶ୍ଚାତ୍ୟ ଦେଶମାନଙ୍କୁ ଅନ୍ୟମାନଙ୍କ ଭାବନା ସହିତ ଖେଳିବା ପ୍ରତି ସତର୍କ କରାଇ ଦେଇ କହିଛନ୍ତି ଯେ ଏହା ଅଲ୍ଲାଃଙ୍କ ପ୍ରକୋପ କୁ ଉତ୍ତେଜିତ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ । ମହାମାନ୍ୟ କହିଛନ୍ତି:

ଏହା ଆମେ ଜଗତବାସୀଙ୍କୁ ବୁଝାଇ ଚାଲିଛୁ ଯେ କୌଣସି ସଂପ୍ରଦାୟର ପବିତ୍ର ଧର୍ମଗୁରୁ, ସଂସ୍ଥାପକ ବା ଆଚାର୍ଯ୍ୟମାନଙ୍କ ପ୍ରତି ଅସୂୟା ମନୋଭାବ ପ୍ରକାଶ କରିବା ଓ ମନ ଭିତରେ ସଂକୀର୍ଣ୍ଣ ଧାରଣା ରଖିବା କେବେହେଲେ ସ୍ୱାଧୀନ ବିଚାରଧାରାର ପରିସରଭୁକ୍ତ ନୁହେଁ । ଧର୍ମ ନିରପେକ୍ଷତା ଓ ବିବେକ ସ୍ୱାଧୀନତାର ମହତ୍ତ୍ୱାକାଙ୍କ୍ଷୀ ରୂପେ ନିଜକୁ ଯେତେ ଶ୍ରେଷ୍ଠ ଭାବିଲେ ବି ଅନ୍ୟର ଭାବନା ସହିତ ଖେଳୁଥିବା ଯୋଗୁଁ ତାହାକୁ ନା ଧର୍ମ ନିରପେକ୍ଷତା କୁହାଯିବ ନା କୌଣସିମତେ ତାହା ଅଭିବ୍ୟକ୍ତିର ସ୍ୱାଧୀନତା ବୋଲାଇବ । ପ୍ରତ୍ୟେକ କାର୍ଯ୍ୟ କରିବାର ଏକ ସୀମା ଅଛି, ଏକ ନୀତିଗତ ଶୃଙ୍ଖଳା ରହିଛି । ଯେପରି ପ୍ରତ୍ୟେକ ପେଷାରେ ଶୃଙ୍ଖଳାଗତ ବିଧି ରହିଥାଏ, ସେହିପରି ମୁକ୍ତ ଓ ଅବାଧ ସାମ୍ବାଦିକତା କ୍ଷେତ୍ରରେ ମଧ୍ୟ ଏକ ଶୃଙ୍ଖଳିତ ବ୍ୟବସ୍ଥା କାର୍ଯ୍ୟ କରିଥାଏ ଓ ଯାହାର କର୍ମ ପରିସର ସୀମିତ ଥାଏ । ତଦନୁସାରେ ଯେ କୌଣସି ପ୍ରଶାସନ ବା ସରକାର ହୁଅନ୍ତୁ ନା କାହିଁକି ଏକ ନିର୍ଦ୍ଦିଷ୍ଟ ନୀତି ନିୟମ ମଧ୍ୟରେ ପରିଚାଳିତ ହୁଅନ୍ତି ।

ଅଭିବ୍ୟକ୍ତିର ସ୍ୱାତନ୍ତ୍ର୍ୟତା ବା ବିବେକ ସ୍ୱାଧୀନତାର ଅର୍ଥ ଏହା ଆଦୌ ନୁହେଁ ଯେ ଅନ୍ୟମାନଙ୍କ ଭାବନା ସହିତ ଖେଳିବା ବା ସେମାନଙ୍କୁ ମାନସିକ ଆଘାତ ଦେବା । ଏପରି ଚିନ୍ତାଧାରା ବ୍ୟକ୍ତ କରୁଥିବା ସ୍ୱାଧୀନତା ଯାହା ପାଇଁ ପାଶ୍ଚାତ୍ୟ ଦେଶ ଗର୍ବ କରେ, ପ୍ରକୃତରେ ତାହା ମୁକ୍ତ ବିଚାରଧାରାର ପରିଚାୟକ ନୁହେଁ । ଏପ୍ରକାର ସ୍ୱାଧୀନତା ବିକାଶ ଦିଗକୁ ନେଇଯାଏ ନାହିଁ, ବରଂ ଏହା ଅବନତି ଓ ଅବକ୍ଷୟ ଆଡକୁ ଗତି କରିଥାଏ ।

## ମୁହମ୍ମଦ[ସଅ]ଙ୍କ ପ୍ରତି ହେଉଥିବା ଅପବାଦ ଜନକ କାର୍ଯ୍ୟକଳାପ ଦୈବି ପ୍ରକୋପର କାରଣ

ପାଶ୍ଚାତ୍ୟ ଦେଶ ଚଞ୍ଚଳ ଗତିରେ ଧାର୍ମିକ ଆସ୍ଥା ତ୍ୟାଗ କରି ମୁକ୍ତ ବିଚାରଧାରା ନାମରେ ପ୍ରତ୍ୟେକ କ୍ଷେତ୍ରରେ ନୈତିକ ଶିଷ୍ଟାଚାରକୁ ପଦଦଳିତ କରୁଛି । ତାଙ୍କୁ ଜଣାନାହିଁ ଯେ କିପରି ସେହି ଲୋକମାନେ ନିଜ ବିନାଶକୁ ନିମନ୍ତ୍ରଣ କରୁଛନ୍ତି ।

ଏବେ ଇଟାଲିର ଜଣେ ମନ୍ତ୍ରୀ ଦୁଷ୍ଟାମିର ଏକ ନୂଆ ଫର୍ଦ୍ଦ ଖୋଲିଛନ୍ତି ଯେ କୁତ୍ସିତ ବ୍ୟଙ୍ଗଚିତ୍ରକୁ ନିଜ ଟି' ସାର୍ଟ ଉପରେ ଛପାଇ ପିନ୍ଧି ବୁଲିବା ଆରମ୍ଭ କଲେଣି, ଏପରିକି ଅନ୍ୟମାନଙ୍କୁ କହିଲେ ଯେ ମୋଠାରୁ ଏହାକୁ ନିଅ । ଏହା ବିକ୍ରି ହେଉଥିବାର ଶୁଣାଯାଉଛି । ସେମାନେ ଏହା ମଧ୍ୟ କହୁଛନ୍ତି ଯେ ମୁସଲମାନମାନଙ୍କ ପାଇଁ ଏହା ହିଁ ସଠିକ ଉପଚାର । କିନ୍ତୁ ସେମାନେ ଏହା ବୁଝିନେବା ଆବଶ୍ୟକ ଯେ ଏହି କାର୍ଯ୍ୟକଳାପ ଯୋଗୁଁ ସେମାନେ ନିଶ୍ଚିତ ଭାବେ ପ୍ରଭୁଙ୍କ କ୍ରୋଧ ଓ ମହାକୋପର ଶୀକାର ହୋଇ ଯାଇଛନ୍ତି । ଯାହା କିଛି ସମୟ ପୂର୍ବରୁ ଭୁଲ ବଶତଃ ହୋଇଗଲା ସେ କଥା ଛାଡନ୍ତୁ । କିନ୍ତୁ ଏହାକୁ ଆଗକୁ ନିରନ୍ତର ଜାରି ରଖିବା ଓ ଜିଦ୍‌ଖୋର ମନୋଭାବ ନେଇ ସେମାନେ ଏହା କରି ଚାଲିବା, ଆହୁରି ଅବାଧ ହୋଇ ଦାବି କରିବା ଯେ ଯାହା ଆମେ କରୁଛୁ ଠିକ କରୁଛୁ । ଏହାର ପରିଣାମ ସ୍ୱରୂପ ଅଲ୍ଲାଃଙ୍କ ମହାକୋପ ସେମାନଙ୍କ ଉପରେ ନିଶ୍ଚିତ ରୂପେ ପଡିବ, ଏଥିରେ କୌଣସି ସନ୍ଦେହ ନାହିଁ ।

## ଏହି ପରିସ୍ଥିତିରେ ଅହମଦିମାନଙ୍କ ପ୍ରତିକ୍ରିୟା କିପରି ହେବା ଉଚିତ

ଯେପରି ମୁଁ କହିଥିଲି, ଅନ୍ୟ ମୁସଲମାନମାନଙ୍କ ପ୍ରତିକ୍ରିୟା ସେମାନେ ଜାଣିଛନ୍ତି । କିନ୍ତୁ ଏକ ଅହମଦିଙ୍କ ପ୍ରତିକ୍ରିୟା ଏପରି ହେବା ଉଚିତ ବୋଲି ସେମାନଙ୍କୁ ବୁଝାନ୍ତୁ । ଈଶ୍ୱରଙ୍କ ମହାକୋପ ପ୍ରତି ସେମାନଙ୍କୁ ଭୟ ଦେଖାନ୍ତୁ । ପ୍ରଥମରୁ ମୁଁ ଯେପରି କହିଥିଲି, ମୁହମ୍ମଦ[ସଅ] ଆଗରେ ନତମସ୍ତକ ହୁଅନ୍ତୁ ଓ ତାହାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରନ୍ତୁ । ଯଦି ଏହି ଲୋକମାନେ ପ୍ରଭୁଙ୍କ ଶାସ୍ତି ଆଡକୁ ଅଗ୍ରସର ହେଉଛନ୍ତି, ତାହେଲେ ସେହି ପ୍ରଭୁ ଯିଏ ଭକ୍ତମାନଙ୍କର ପ୍ରାଣ ସଖା ହେବାର ଜ୍ଞାନ ରଖିଛନ୍ତି, ସେ ମଧ୍ୟ ମହା ପ୍ରକୋପକୁ ନେଇ ଆସିବାର କ୍ଷମତା ରଖିଛନ୍ତି । ଯେହେତୁ ସେ ସକଳ ଶକ୍ତି ଓ ପରାକ୍ରମର ଅଧିକାରୀ । ସେ ମନୁଷ୍ୟକୃତ ନୀତି ନିୟମ ପ୍ରତି ଧ୍ୟାନ ଦେବା ପାଇଁ କେବେ ବାଧ୍ୟ ନୁହନ୍ତି । ପ୍ରତ୍ୟେକ ବସ୍ତୁ ତାଙ୍କରି କର୍ତ୍ତୃତ୍ୱାଧୀନ ହୋଇ ପରିଚାଳିତ ହେଉଛି । ତାଙ୍କର ପ୍ରଚଣ୍ଡ କ୍ରୋଧରୁ କେହିହେଲେ ବର୍ତ୍ତିଯାଇ ପାରିବେ ନାହିଁ, ଯାହା ମନୁଷ୍ୟ ଚିନ୍ତାର ବାହାରେ ।

ତେବେ ପାଶ୍ଚାତ୍ୟ ଦେଶ ବା ଲୋକମାନଙ୍କର ଏପରି ମତିଗତି ଦେଖି ପ୍ରତ୍ୟେକ ଅହମଦି ପ୍ରଭୁଙ୍କ ଛାମୁରେ ଅଧିକ ନଇଁବା ଆବଶ୍ୟକ । ଈଶ୍ୱରଙ୍କ ମସିହ ୟୁରୋପକୁ ଓ ଆମେରିକାକୁ ଚେତାବନୀ ଦେଇ ସାରିଛନ୍ତି । ଆଜିକାଲି ଯେପରି ଭୁମିକମ୍ପ, ବନ୍ୟା, ବାତ୍ୟା ଇତ୍ୟାଦି ପ୍ରକୃତିକ ବିପର୍ଯ୍ୟୟମାନ ଆସିବାରେ ଲାଗିଛି, ଏହା କେବଳ ଏସିଆ ପାଇଁ ଅଭିପ୍ରେତ ନୁହେଁ । ଆମେରିକା ତ ଏହାର ଏକ ଝଲକ ଦେଖି ସାରିଛି । ସୁତରାଂ ହେ ୟୁରୋପ ! ତୁ ମଧ୍ୟ ନିରାପଦ ନାହୁଁ । ସେଥିପାଇଁ ଈଶ୍ୱରଙ୍କୁ ଭୟ କର ଓ ତାଙ୍କର ତେଜସ୍ୱୀ ମହିମାକୁ ଆହ୍ୱାନ କରନାହିଁ । କିନ୍ତୁ ଏହା ସହିତ ମୁଁ କହୁଛି ଯେ ମୁସଲିମ ରାଷ୍ଟ୍ର ବା ମୁସଲମାନ ବୋଲାଉଥିବା ଲୋକମାନେ ନିଜ ଚିନ୍ତାଧାରାରେ ପରିବର୍ତ୍ତନ କରନ୍ତୁ । ଏପରି ମନୋଭାବ ରଖି ପ୍ରତିକ୍ରିୟା ପ୍ରକାଶ କରନ୍ତୁ, ଯଦ୍ୱାରା ମୁହମ୍ମଦ[ସଅ] ଙ୍କ ପଦମର୍ଯ୍ୟାଦା ଓ ଉତ୍ତମ ଗୁଣାବଳୀ ପୃଥିବୀ ସମ୍ମୁଖରେ ରଖାଯାଇ ପାରିବ । ଏହା ସେମାନଙ୍କୁ ଦେଖାଇ ପାରିଲେ ଜଣେ ପ୍ରକୃତ ବିଶ୍ୱାସକାରୀଙ୍କ ଏହା ସଠିକ ପ୍ରତିକ୍ରିୟା ହୋଇପାରିବ । **(ଖୁତବା ଜୁମା, ୨୪ ଫେବୃୟାର ୨୦୦୬, ମୁହମ୍ମଦ[ସଅ] ଓ ବ୍ୟଙ୍ଗଚିତ୍ରର ବାସ୍ତବିକତା, ପୃ ୨୫-୨୭)**

## ଅଣମୁସଲିମମାନଙ୍କ ସହିତ ସଦବ୍ୟବହାର ସମ୍ବନ୍ଧରେ ଇସଲାମର ଆଦର୍ଶ ଶିକ୍ଷା

ବିବେକ ସ୍ୱାଧୀନତା ଓ ଧର୍ମଗତ ସ୍ୱାଧୀନତା ସଂକ୍ରାନ୍ତରେ ଇସଲାମର ଯେଉଁସବୁ ସୁନ୍ଦର ଓ ଉତ୍କୃଷ୍ଟ ଶିକ୍ଷା ରହିଛି ସେ ବିଷୟରେ ଅହମଦିୟା ଜମାଅତର ପଞ୍ଚମ ଖଲିଫା କହିଛନ୍ତି:

ପବିତ୍ର କୁରଆନରେ ବହୁମାତ୍ରାରେ ଇସଲାମର ଉପାଦେୟ ଶିକ୍ଷାର ବର୍ଣ୍ଣନା ରହିଛି । ଯହିଁରେ ଅଣ-ମୁସଲିମଙ୍କ ପ୍ରତି ସଦବ୍ୟବହାର ପ୍ରଦର୍ଶନ କରିବା, ସେମାନଙ୍କ ଅଧିକାର ପ୍ରତି ଧ୍ୟାନ ରଖିବା, ସେମାନଙ୍କ ସହିତ ନ୍ୟାୟ କରିବା, ଧର୍ମରେ କୌଣସି ପ୍ରକାର ବଳ ପ୍ରୟୋଗ ନ କରିବା ତଥା ଧର୍ମ ବିଶ୍ୱାସ ପ୍ରତି କଠୋର ମନୋଭାବ ପୋଷଣ ନ କରିବା ଇତ୍ୟାଦି ବିଷୟରେ ରହିଥିବା ଆଦେଶ କେବଳ ନିଜ ପାଇଁ

ନୁହେଁ, ଅଣମୁସଲମାନମାନଙ୍କ ପ୍ରତି ଲାଗୁ କରିବାକୁ କୁହାଯାଇଛି । ଅବଶ୍ୟ କେତେକ ପରିସ୍ଥିତିରେ ଯୁଦ୍ଧର ଅନୁମତି ରହିଛି । କିନ୍ତୁ ତାହା ସେହି ଅବସ୍ଥାରେ ଯେତେବେଳେ ଶତ୍ରୁ ପ୍ରଥମେ ଆକ୍ରମଣ କରିବ ବା ବୁଝାମଣାର ସର୍ତ୍ତକୁ ଭଙ୍ଗ କରିବ, ନ୍ୟାୟ ଓ ସତ୍ୟର କଣ୍ଠରୋଧ କରାଯିବ, ଏପରି କି ଅତ୍ୟାଚାରର ସମସ୍ତ ସୀମା ଟପିଯିବ । କିନ୍ତୁ ଏପରି ସ୍ଥିତିରେ ମଧ୍ୟ କୌଣସି ଦେଶର ଧାର୍ମିକ ସଂଗଠନ ବା ସଂପ୍ରଦାୟ ଏହାକୁ ପ୍ରତିରୋଧ କରିବାର କୌଣସି ଅଧିକାର ନାହିଁ । ବରଂ ସେହି ଦେଶକୁ ଏହି କ୍ଷମତା ଦିଆଯାଇଛି ଯେ ସେହି ଅତ୍ୟାଚାରକୁ କିପରି ଦମନ କରାଯାଇ ପାରିବ ତାହାର ସେ ହିଁ ନିଷ୍ପତ୍ତି କରିବେ । କୌଣସି ଜେହାଦୀ ସଂଗଠନର ଏହା କାମ ନୁହେଁ ଯେ ମନ ଇଚ୍ଛା ଏହି କାର୍ଯ୍ୟ ଆରମ୍ଭ କରିଦେବ ।

## ମକ୍କାର ବିଧର୍ମୀ ଓ ଇସଲାମର ଶତ୍ରୁମାନଙ୍କ ଉପଦ୍ରବ ଓ ଅତ୍ୟାଚାରର ତୁଳନାରେ ମୁହମ୍ମଦ[ସଅ]ଙ୍କ ଆଦର୍ଶ ଆଚରଣ

ହଜରତ ମୁହମ୍ମଦ[ସଅ]ଙ୍କ ଯୁଗରେ ମଧ୍ୟ ଯୁଦ୍ଧ ପାଇଁ ବିଶେଷ ଅବସ୍ଥା ସୃଷ୍ଟି କରାଗଲା, ଯାହା ଫଳରେ ମୁସଲମାନମାନେ ବାଧ୍ୟ ହୋଇ ସେହି ଯୁଦ୍ଧର ସମ୍ମୁଖୀନ ହୋଇ ଓଲଟା ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ଯେପରି ମୁଁ କହିଛି, ଆଜିକାଲି ଜିହାଦୀ ସଂଗଠନଗୁଡିକ କୌଣସି କାରଣ ନଥାଇ ଯୁଦ୍ଧ କରିବାର କ୍ଷମତା ପ୍ରାପ୍ତ ନକରି ସୁଦ୍ଧା ନିଜର ଯୁଦ୍ଧଂଦେହୀ ଡାକରା ଦେଇ ଆସୁଛନ୍ତି, ଯଦ୍ଵାରା ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଏପରି ସୁଯୋଗ ମିଳିଯାଉଛି ଯେ ସେମାନେ ଅତି ଅବାଧ୍ୟ ହୋଇ ମୁହମ୍ମଦ[ସଅ]ଙ୍କ ପବିତ୍ର ବ୍ୟକ୍ତିତ୍ୱ ପ୍ରତି ଆକ୍ରମଣ ଚଳାଇ ତାଙ୍କର ଚରିତ୍ର ସଂହାର କରୁଛନ୍ତି । କିନ୍ତୁ ମହାଭାଗଙ୍କ ଆପାଦ ମସ୍ତକ ଦୟା ଓ କରୁଣାରେ ପରିପୂର୍ଣ୍ଣ ଥିଲା । ସେ ଥିଲେ ମାନବିକତାର ପୃଷ୍ଠପୋଷକ । ସେ ମାନବାଧିକାରର ରକ୍ଷାକର୍ତ୍ତା ସାଜି ଯୁଦ୍ଧକାଳୀନ ପରିସ୍ଥିତିରେ ମଧ୍ୟ ଏପରି ଉଦାର ଓ କୋମଳ ଭାବାପନ୍ନ ସୁଯୋଗକୁ ହାତଛଡା କରୁ ନଥିଲେ । ଏପରି ସମୟ ନଥିଲା, ଯେତେବେଳେ ସେ ଶତ୍ରୁପକ୍ଷର ଲୋକମାନଙ୍କୁ କୌଣସି ସୁବିଧା ଯୋଗାଇ ଦେଉ ନଥିଲେ । ମହାଭାଗଙ୍କ ଜୀବନର

ସମସ୍ତ ଆଚରଣ ତାଙ୍କର ପ୍ରତିଟି ମୂହୁର୍ତ୍ତ, କ୍ଷଣ ପ୍ରତିକ୍ଷଣ ଏହା ସାକ୍ଷ୍ୟ ଦେଉଥିଲା ଯେ ସେ ଦୟା ଓ କ୍ଷମାର ସାକ୍ଷାତ ଦେବ ପ୍ରତିମ ଥିଲେ । ତାଙ୍କ ହୃଦୟର ପ୍ରତିଟି ସ୍ପନ୍ଦନରେ ଏପରି ଉଦାରତା ଓ କରୁଣା ଝଲକୁ ଥିଲା, ଯାହା ଅନ୍ୟ କାହାର ହୃଦୟକୁ ସେପରି ଉଦ୍‌ବେଳିତ କରିପାରିବ ନାହିଁ । ଶାନ୍ତିରେ ଓ ଯୁଦ୍ଧରେ, ଘରେ ଓ ବାହାରେ, ଦୈନନ୍ଦିନ ଜୀବନ ଚରିତ୍ରରେ କିମ୍ବା ଅନ୍ୟ ମତାବଲମ୍ବୀଙ୍କ ସହିତ ବୁଝାମଣା କରିବା କ୍ଷେତ୍ରରେ ଏପରି ସବୁ ସମୟରେ ମହାଭାଗ ବିବେକ ସ୍ୱାଧୀନତା, ସାମ୍ପ୍ରଦାୟୀକ ସଦଭାବନା ଓ ଭାଇଚାରର ଆଦର୍ଶ ପ୍ରତିଷ୍ଠା କରି ଯାଇଛନ୍ତି । ଯେବେ ସେ ଶତ୍ରୁଙ୍କ ଉପରେ ମହାନ ବିଜୟର ଗୌରବ ବହନ କରି ମକ୍କାରେ ପ୍ରବେଶ କଲେ, ଏକ ପକ୍ଷେ ପରାଜିତ ଜାତିର ଲୋକମାନଙ୍କୁ କ୍ଷମା ଓ ଦୟାଭାବ ପ୍ରଦର୍ଶନ କଲେ ତ ଅନ୍ୟ ପକ୍ଷେ ଧର୍ମଗତ ସ୍ୱାଧୀନତାର ସଂପୂର୍ଣ୍ଣ ଅଧିକାର ପ୍ରଦାନ କଲେ । ପବିତ୍ର କୁର୍‌ଆନ୍‌ରେ ଏପରି ଆଦେଶର ଏକ ଜ୍ୱଳନ୍ତ ଉଦାହରଣ ରହିଛି:

لَآ اِكْرَاهَ فِي الدِّيْنِ

'ଲା ଇକ୍‌ରାହା ଫିଦ୍‌ଦୀନ୍'

ଅର୍ଥାତ୍ 'ଧର୍ମଗ୍ରହଣ ତୁମର ହୃଦୟର କଥା ଓ ମନର ସ୍ୱାଧୀନ ବିଚାରଧାରା ।'

ମୋର ତ ଇଚ୍ଛା ଯେ ତୁମେମାନେ ସତ୍ୟ ଧର୍ମକୁ ମାନ ଓ ନିଜ ଇହ ଓ ପରକାଳ ଜୀବନକୁ ସାର୍ଥକ କର ତଥା ନିଜକୃତ କର୍ମର ପୁଣ୍ୟଫଳ ଅର୍ଜନ କର । କିନ୍ତୁ ସଂକ୍ରାନ୍ତରେ କୌଣସି ପ୍ରକାର ବାଧ୍ୟ ବାଧକତାକୁ କେବେ ବି ପ୍ରଶୟ ଦିଆଯିବ ନାହିଁ । ସୁତରାଂ ସେହି ପୁଣ୍ୟଶ୍ଳୋକଙ୍କ ଜୀବନ ସୌହାର୍ଦ୍ଧ୍ୟ, ସହନଶୀଳତା, ଧର୍ମଗତ ତଥା ବିବେକ ସ୍ୱାଧୀନତାର ଏପରି ଅସଂଖ୍ୟ ଉଦାହରଣରେ ଭରି ପଡିଛି ଯାହା ମଧ୍ୟରୁ ଜ୍ୱଳନ୍ତ ଦୃଷ୍ଟାନ୍ତ ସ୍ୱରୂପ ମୁଁ କେତେକ ଘଟଣା ଏଠାରେ ବର୍ଣ୍ଣନା କରୁଛି ।

ଏହା କିଏ ଜାଣିନାହିଁ ଯେ ମକ୍କାରେ ହଜରତ ମୁହମ୍ମଦ[ସଅ] ଙ୍କ ଅବତାରତ୍ୱ ପରେ ତେରବର୍ଷ ରହଣୀ କାଳରେ କେତେ ଯେ ଦୁର୍ବିସହ ହୋଇ ପଡିଥିଲା ତାଙ୍କ ଜୀବନ ! କେତେ କଷ୍ଟଦାୟକ ଥିଲା ତାଙ୍କର ପ୍ରାଣ ନେଇ ବଞ୍ଚିବାର ସ୍ୱପ୍ନ ! ସେ ଓ ତାଙ୍କ ଅନୁଚରମାନେ ଭୋଗ କରିଥିବା ଦୁଃଖ ଓ ନିର୍ଯ୍ୟାତନା କେତେ ଯେ ଥିଲା

ଅସହ୍ୟ, ଅବ୍ୟକ୍ତ ବେଦନାର ବିଳାପ ! ମୁଣ୍ଡ ଫଟା ଖରାରେ ଦିନ ଦ୍ୱିପ୍ରହର ସମୟରେ ସେମାନଙ୍କୁ ଶୁଆଇ ଦିଆ ଯାଉଥିଲା ଉତ୍ତପ୍ତ ବାଲି ଉପରେ । ଗରମ ପଥର ଲଦି ଦିଆଯାଇଥିଲା ସେମାନଙ୍କ ଫୁଙ୍ଗୁଳା ଛାତି ଉପରେ । ଏଣେ କୋରଡାରେ ନିର୍ମମ ପ୍ରହାର । ପୁଣି ଅବଳା ନାରୀମାନଙ୍କ ଗୋଡକୁ ବିପରୀତ ଦିଗକୁ ଫାଡି ଦେଇ ମାରି ଦିଆଯାଉଥିଲା ଅତି ନିର୍ଦ୍ଦୟ ଭାବରେ । ନିରୀହ କ୍ରୀତଦାସମାନଙ୍କୁ ହତ୍ୟା କରି ସେମାନଙ୍କ ଶବକୁ ପକାଇ ଦିଆଯାଉଥିଲା ହିଂସ୍ର ଜନ୍ତୁଙ୍କ ମୁହଁରେ ଅତି ବିଭତ୍ସ ରୂପରେ ଶହୀଦମାନଙ୍କ ରକ୍ତରେ ରଞ୍ଜିତ ହେଉଥିଲା ମକ୍କାର ଗଳିକନ୍ଦି । ଏହିପରି ଦୁର୍ଦ୍ଦାନ୍ତ କୋରୈଶମାନଙ୍କ ଦ୍ୱାରା ତାଙ୍କ ପ୍ରତି ହେଉଥିବା ଅକଥନୀୟ ଅତ୍ୟାଚାରର ଯେପରି କୌଣସି ଅନ୍ତ ଦେଖାଯାଉ ନଥିଲା । ଦିବ୍ୟ ଅବତାର ସ୍ୱୟଂ ନମାଜରେ ସଜ୍‌ଦାଃ (ଭୂମିରେ ମସ୍ତକ ପ୍ରଣିପାତ) କରିବା ଅବସ୍ଥାରେ ଅନେକ ଥର ଓଟର ଅନ୍ତ ବୁଜୁଳା ଆଣି ତାଙ୍କ ଅଣ୍ଟା ଓ ବେକ ଉପରେ ରଖି ଦିଆଯାଉଥିଲା । ଏହାର ଓଜନ ତଳେ ଦବି ଯିବା ଫଳରେ ସେ ନିଜ ମୁଣ୍ଡ ଉପରକୁ ଉଠାଇ ପାରୁ ନଥିଲେ । ସେହିପରି ନିକଟସ୍ଥ ତାଏଫ୍ ଯାତ୍ରା ସମୟରେ ସହରର ପିଲାମାନେ ତାଙ୍କ ଉପରେ ପଥର ବର୍ଷା କଲେ । ଅତି ଅଶ୍ରାବ୍ୟ ଓ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ । ସେଥିପାଇଁ ସେଠାକାର ମୁଖିଆ ସେମାନଙ୍କୁ ଉସୁକାଉ ଥିଲେ । ମହାଭାଗଙ୍କ ତାଳୁଠାରୁ ତଳିପା ଯାଏ ଲହୁ ଲୁହାଣ ହୋଇ ରକ୍ତରେ ତାଙ୍କ ଜୋତା ଭିଜି ଯାଇଥିଲା । ସେହିପରି 'ଶୋବେ ଅବିତାଲିବ' (ତାଙ୍କ ପିତୃବ୍ୟ ନିବାସ)ର ଘଟଣା ଏଠାରେ ଉଲ୍ଲେଖ ଯୋଗ୍ୟ । ସ୍ୱୟଂ ମୁହମ୍ମଦ[ସଅ], ତାଙ୍କ ପରିବାର ବର୍ଗ ଓ ଅନୁଚରମାନଙ୍କ ଦୁର୍ଦ୍ଦଶା କହିଲେ ସରିବ ନାହିଁ । ସେମାନଙ୍କୁ ଅନେକ ବର୍ଷ ପର୍ଯ୍ୟନ୍ତ ସେଠାରେ ସାମାଜିକ ବାଛନ୍ଦ କରାଗଲା ନା ଖାଇବାକୁ ଆହାର ନା ପିଇବାକୁ ମୁନ୍ଦାଏ ପାଣି । ପିଲାମାନେ ଭୋକଶୋଷରେ ଛଟପଟ ହୋଇ ଚିତ୍କାର କରୁଥିଲେ । ଜଣେ ଅନୁଚର ଉପାସରେ ଏମିତି ଉହକ ବିକଳ ହେଉଥିଲେ ଯେ ଅନ୍ଧାରରେ ଏକ ଜିନିଷ ଉପରେ ତାଙ୍କ ଗୋଡ ବାଜିବା ଯୋଗୁଁ ତାକୁ ଖାଦ୍ୟ ଭାବି ସେ ନିଜ ମୁହଁରେ ପକାଇଦେଲେ । ଭୋକ ଦାଉରୁ ରକ୍ଷା ପାଇବାର ଏହା ଥିଲା ତାଙ୍କର ଉଦ୍ଦାମ ମାନସିକତା । ପରିସ୍ଥିତି ଏପରି ଜଟିଳ ହେଲା ଯେ ଶେଷରେ ସେମାନଙ୍କୁ ବାଧ୍ୟ ହୋଇ ହିଜରତ (ଦେଶାନ୍ତର ଗମନ)

କରିବାକୁ ପଡିଲା । ସେମାନେ ମକ୍କାରୁ ପଳାୟନ କରି ମଦିନା ପହଞ୍ଚିବା ବେଳକୁ ଶତ୍ରୁମାନେ ତାଙ୍କ ପିଛା ଛାଡି ନ ଥିଲେ । ପଛରେ ଗୋଡାଇ ବାରମ୍ବାର ଆକ୍ରମଣ କଲେ । ମଦିନାରେ ରହୁଥିବା ଇହୁଦିମାନଙ୍କୁ ମୁହମ୍ମଦ[ସଅ] ଙ୍କ ବିରୁଦ୍ଧରେ ଉତ୍ତେଜିତ କରିବାକୁ ଲାଗିଲେ । ଯାହା ମୁଁ ଏବେ ବର୍ଣ୍ଣନା କଲି, ଏହି ପରିସ୍ଥିତି ଉପୁଜିଲେ ଯଦି ଯୁଦ୍ଧର ଆଶଙ୍କା ସୃଷ୍ଟି ହୁଏ ଓ ଅତ୍ୟଚ୍ଚରୀତ, ଦୁଃଖ ପ୍ରପୀଡିତ ଲୋକମାନଙ୍କୁ ଏହାର ଜବାବ ଦେବାପାଇଁ ସୁଯୋଗ ମିଳେ ତଥା  ଏହାର ବଦଳା ନେବାର ଅବସର ପ୍ରାପ୍ତ ହୁଏ, ତା'ହେଲେ ସେ ନିଶ୍ଚୟ ଅତ୍ୟାଚ୍ଚରର ପ୍ରତିଶ୍ରୋଧ ଅତ୍ୟାଚ୍ଚରରେ ନେବା ପାଇଁ ଚେଷ୍ଟା କରିବ । କୁହାଯାଏ ଯୁଦ୍ଧରେ ସବୁକିଛି ବୈଧ । କିନ୍ତୁ ସେହି ପରିସ୍ଥିତିରେ ମଧ୍ୟ ଆମ ନବୀ ଶିରୋମଣିଙ୍କ ଅନ୍ତରରେ ଭରି ରହିଥିଲା ଉଦାରତା । ତାଙ୍କ ହୃଦୟ ମଧ୍ୟରେ ଏପରି କୋମଳ ଓ ଦୟାଭାବ ଉଛୁଳି ଉଠୁଥିଲା ଯାହା ତାଙ୍କ ବ୍ୟକ୍ତିତ୍ୱକୁ ରୁଦ୍ଧିମନ୍ତ କରି ଗଢି ତୋଳିଥିଲା ଓ ତାଙ୍କୁ ପହଞ୍ଚାଇ ଦେଇଥିଲା ମର୍ଯ୍ୟାଦା ପୁରୁଷୋତ୍ତମର ଶୀର୍ଷ ସ୍ଥାନରେ । ମକ୍କା ଛାଡି ମଦିନାକୁ ଆସିବାର ଏଇ ମାତ୍ର ଅଳ୍ପ କେଇ ଦିନ ବିତିଥିଲା । ନିଜ ପୀଡାଠାରୁ ନିଜ ଅନୁଚରମାନଙ୍କ ପୀଡାକୁ ସେ ଅଧିକ ମାତ୍ରାରେ ଅନୁଭବ କରିଥିଲେ । ତଥାପି ଇସଲାମର ଶିକ୍ଷା ଓ ନୀତି ନିୟମକୁ ସେ କେବେହେଲେ ଭାଙ୍ଗି ନ ଥିଲେ । ଉଚ୍ଚ ନୈତିକ ଆଚରଣର ସେହି ମାନ ଯାହା ତାଙ୍କର ସ୍ୱଭାବଗତ ଥିଲା, ତାକୁ ସେ କେବେ ଛାଡିଦେଇ ନ ଥିଲେ । ଯେଉଁ ଶିକ୍ଷାର ସ୍ତର ତାଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା, ତାକୁ ସେ କେବେହେଲେ ବି ଜଳାଞ୍ଜଳି ଦେଇ ନଥିଲେ । କିନ୍ତୁ ଆଜିର ଯୁଦ୍ଧ ନୀତିକୁ ଦେଖନ୍ତୁ ! କେତେକ ପାଶ୍ଚାତ୍ୟ ଦେଶ ଅନ୍ୟ ଯାହା ସହିତ ବି ଯୁଦ୍ଧ କରୁଛନ୍ତି, ସେମାନଙ୍କୁ କିପରି ତଳିତଳାନ୍ତ କରି ଦେଉଛନ୍ତି । ବଞ୍ଚି ରହିବାର ସବୁ ଆଶାକୁ  ଧୁଳିସାତ କରୁଛନ୍ତି । ମାତ୍ର ଏହାର ମୁକାବିଲାରେ ମୁହମ୍ମଦ[ସଅ] ଙ୍କ ଜୀବନର ଆଦର୍ଶଗତ ଗୁଣକୁ ଦେଖନ୍ତୁ, ଯାହା ଇତିହାସରେ ଏହିପରି ବର୍ଣ୍ଣନା କରାଯାଇଛି ।

ବଦର ଯୁଦ୍ଧ ସମୟରେ ଯେଉଁ ସ୍ଥାନରେ ଇସଲାମୀୟ ସେନା ଡେରା ପକାଇଲେ । ତାହା ଯୁଦ୍ଧ ଛାଉଣୀ ପାଇଁ ଅନୁକୂଳ ଭୂମି ନଥିଲା । ଏହା ଦେଖି ହଜରତ ହୁବାବ ମିନ୍ ମନ୍‌ଜର[ରଅ] ମହାଭାଗଙ୍କ ନିକଟରେ ଆପତ୍ତି କଲେ ଯେ ପ୍ରଭୁଙ୍କ ନିର୍ଦ୍ଦେଶ

କ୍ରମେ ଏହି ଜାଗା ଆମ ପାଇଁ ନିରୁପଣ କରିଛନ୍ତି ନା ନିଜ ପସନ୍ଦରେ ଏହାର ଚୟନ କରାଯାଇଛି ? ସେନାଙ୍କ ଯୁଦ୍ଧ କୌଶଳର ଯୋଜନା ଦୃଷ୍ଟିରୁ ଏହି ସ୍ଥାନ ଉପଯୁକ୍ତ କି ? ହଜରତ ମୁହମ୍ମଦ[ସଅ] ଉତ୍ତର ଦେଲେ ଯେ ଯୁଦ୍ଧ ପରିଚାଳନା ପାଇଁ ଏହି କ୍ଷେତ୍ର ଉତ୍ତମ ସାବ୍ୟସ୍ତ ହେବ ବୋଲି ମୋର ଧାରଣା ଥିଲା, ଯାହା ଏକ ଉଚ୍ଚ ମାଳଭୂମି । ତହୁଁ ସେହି ଅନୁଚର ସେହି ସ୍ଥାନକୁ ଅନୁପଯୁକ୍ତ ବୋଲି କହି ମହାଭାଗଙ୍କୁ ଏକ ପାଣିର ଝରଣା ନିକଟକୁ ନେଇଗଲେ । ସୁତରାଂ ସେମାନେ ଏହାକୁ ଦଖଲ କରି କହିଲେ, ଚାଲନ୍ତୁ ଆମେ ପିଇବା ପାଇଁ ଜଳକୁଣ୍ଡ ତିଆରି କରିବା ଓ ଯୁଦ୍ଧ କରିବା । ଏହି ପ୍ରକାରେ ଆମେ ସେଥିରୁ ପାଣି ପିଇ ପାରିବା, ମାତ୍ର ଆମ ଶତ୍ରୁପକ୍ଷକୁ ପିଇବା ପାଇଁ ପାଣି ମିଳିବ ନାହିଁ । ମହାଭାଗ ସେହି ପ୍ରସ୍ତବରେ ରାଜି ହୋଇଗଲେ । ସୁତରାଂ ମୁସଲିମ ସୈନ୍ୟ ସେଠାକୁ ଯାଇ ନିଜର ଶିବିର ସ୍ଥାପନ କଲେ । କିଛି ସମୟ ଉପରାନ୍ତେ କୋରୈଶ ଶତ୍ରୁ ସେନାର କେତେକ ଲୋକ ପାଣି ପିଇବା ପାଇଁ ସେହି ଝରଣା ନିକଟକୁ ଆସିଲେ । କିନ୍ତୁ ଅନୁଚରମାନେ ସେମାନଙ୍କୁ ରୋକିବାକୁ ଚେଷ୍ଟା କଲେ । ଏହା ଦେଖି ମହାଭାଗ କହିଲେ 'ନା ନା ସେମାନଙ୍କୁ ସେଠାରୁ ପାଣି ନେବାକୁ ଅବସର ଦିଅ ।'

(ଇବ୍‌ନେ ହିସାମ୍ ଭାଗ-୨ ପୃ ୨୮୪)

## ଇସଲାମ ତରବାରୀ ବଳରେ ବ୍ୟାପିନାହିଁ ବରଂ ଉତ୍ତମ ଆଦର୍ଶ, ବିବେକ ସ୍ୱାଧୀନତା ଭିତ୍ତିକ ଇସଲାମର ଶିକ୍ଷା ଦ୍ୱାରା ବ୍ୟାପିଛି ।

ତେବେ ଏହା ହେଉଛି ହଜରତ ମୁହମ୍ମଦ[ସଅ]ଙ୍କ ଉଚ୍ଚସ୍ତରୀୟ ଚରିତ୍ର । ଅଳ୍ପ ଦିନ କେଇଟା ଆଗରୁ ଶତ୍ରୁମାନେ ମୁସଲମାନ ପିଲାମାନଙ୍କ ଦାନା ପାଣି ବନ୍ଦ କରି ଦେଇଥିଲେ ସୁଦ୍ଧା ମହାଭାଗ ସେମାନଙ୍କ ଉପରେ କରୁଣାର ଦୃଷ୍ଟି ପକାଇଥିଲେ ।

ଯେଉଁ ଶତ୍ରୁ ସେନା ପାଣିର ସନ୍ଧାନରେ ଝରଣା ନିକଟରେ ପହଞ୍ଚିଥିଲେ, ମୁସଲିମ ସେନା ଜଳର ପୁଷ୍କରିଣୀକୁ ନିଜ ଅକ୍ତିଆରରେ ରଖିଥିଲେ ସୁଦ୍ଧା ସେହି ସିପାହୀମାନଙ୍କୁ ସେଥିରୁ ପାଣି ନେବାରୁ ରୋକି ନଥିଲେ । କାରଣ ସେ ନୈତିକତାର ନିମ୍ନ ସ୍ତରକୁ ଖସି ଯାଇ ନଥିଲେ । ଇସଲାମ ଉପରେ ସବୁଠାରୁ ଏକ ସାଂଘାତିକ

ଅଭିଯୋଗ କରାଯାଉଛି ଯେ ଏହା ତରବାରୀ ବଳରେ ପ୍ରସାରିତ ହୋଇଛି । କିନ୍ତୁ ଏହି ଲୋକ ଯେଉଁମାନେ ପାଣି ନେବାକୁ ଆସିଥିଲେ, ସେମାନଙ୍କୁ ତ ଜବରଦସ୍ତି କରାଯାଇ ପାରିଥାନ୍ତା ଯେ ତୁମକୁ ଯଦି ପାଣି ନେବାର ଅଛି ତା'ହେଲେ ଆମର ସର୍ତ୍ତ ମାନିବାକୁ ପଡିବ । କିନ୍ତୁ ଏହିପରି ଅନେକ ଯୁଦ୍ଧ ଅମାନ୍ୟକାରୀଙ୍କ ଦ୍ୱାରା କରାଯାଇଛି । ମାତ୍ର ମୁହମ୍ମଦ[ସଅ] ଶତ୍ରୁତାମୂଳକ ଆଚରଣ ପ୍ରଦର୍ଶନ କରି ନାହାନ୍ତି । ଏଠାରେ କୁହାଯାଇ ପାରେ ଯେ ମୁସଲମାନ ଦୁର୍ବଳ ଓ ଅଳ୍ପସଂଖ୍ୟକ ଥିବାରୁ ଲଢିବାରେ ସମର୍ଥ ନାହାନ୍ତି ତେଣୁ ବୋଧହୁଏ ଯୁଦ୍ଧ ଏଡାଇଦେବା ପାଇଁ ଏପରି ଅନୁକମ୍ପା ଦେଖାଇବାକୁ ପ୍ରୟାସ କରିଛନ୍ତି । କିନ୍ତୁ ଏହି ଅଭିଯୋଗ ସଂପୂର୍ଣ୍ଣ ଭୁଲ । କାରଣ ମୁସଲମାନଙ୍କ ପ୍ରତ୍ୟେକ ପିଲାକୁ ଜଣାଥିଲା ସେ ମକ୍କାବାସୀ ଅମାନ୍ୟକାରୀ ମୁସଲମାନମାନଙ୍କ ରକ୍ତ ପିପାସୁ ଥିଲେ ଏବଂ ତାଙ୍କ ଚେହେରା ଦେଖିବା କ୍ଷଣି ସେମାନେ ରକ୍ତ ବାଉଳା ହୋଇ ଯାଉଥିଲେ । ତେଣୁ ଏହି ପରିସ୍ଥିତିରେ କେହି ହେଲେ ଏପରି ବୃଥା ଆସ୍ଫାଳନ କରିବ ନାହିଁ, ଏପରିକି ମୁହମ୍ମଦ[ସଅ] ମଧ୍ୟ ଏପରି ଭ୍ରାନ୍ତ ଧାରଣାରେ ପଡିବାର ପ୍ରଶ୍ନ ଉଠୁନାହିଁ । କିନ୍ତୁ ମହାଭାଗ ନିଜ ଚରିତ୍ରରେ ଏହିସବୁ ଗୁଣ ଧାରଣ କରିଥିବା ଯୋଗୁଁ ସହନଶୀଳତା ଦୟା ଓ ଉଦାର ମନୋଭାବ ପୋଷଣ କରି ମାନବୀୟ ମୂଲ୍ୟବୋଧର ବ୍ୟକ୍ତିଗତ ପରାକାଷ୍ଠା ଦେଖାଇ ଥିଲେ । କାରଣ ତାଙ୍କ ବ୍ୟକ୍ତିତ୍ୱରେ ହିଁ ଏହିସବୁ ନୈତିକ ଶିକ୍ଷା ଦେବା ପାଇଁ ଏକ ପରିଚୟ ସୃଷ୍ଟି କରିବାର ଥିଲା ।

## ଦିବ୍ୟ ଅବତାରଙ୍କ ଦ୍ୱାରା ଉଚ୍ଚ ସ୍ତରୀୟ ନ୍ୟାୟ ଓ ଅଭିବ୍ୟକ୍ତି ସାଧୀନତାର ଅନନ୍ୟ ଉଦାହରଣ

ପୁଣି ଇସଲାମ ବିରୋଧି ଶତ୍ରୁଙ୍କ ଏକ ଘଟଣାରୁ ଜଣାପଡେ ଯେ ଜଣେ ଶତ୍ରୁପକ୍ଷର ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା । କିନ୍ତୁ ଦିବ୍ୟ ଅବତାର କେବଳ ତାକୁ କ୍ଷମା କରି ନଥିଲେ ବରଂ ସେ ଯେ ପର୍ଯ୍ୟନ୍ତ ମୁସଲମାନଙ୍କ ସହିତ ରହିଲା ସେ ନିଜ ଧର୍ମ ପାଳନ କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା ପାଇଥିଲା । ସୁତରାଂ ଘଟଣାଟି ଏହିପରି:

ପରମଶତ୍ରୁ ଅବୁଜହେଲର ପୁଅ ଇକ୍ରିମା ନିଜ ପିତା ପରି ଜୀବନ ସାରା ମୁହମ୍ମଦ[ସଅ]ଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲା । ଯେତେବେଳେ ମକ୍କା ବିଜୟ ହେଲା, ଶାନ୍ତି ଓ କ୍ଷମା ଘୋଷଣା ସତ୍ତ୍ୱେ ସେ ଏକଶ୍ୱରବାଦୀ ଦଳ ଉପରେ ଆକ୍ରମଣ କରି କା'ବା ଗୃହରେ ରକ୍ତପାତ ଘଟାଇଲା । ଯୁଦ୍ଧ ଅପରାଧ ଘଟାଇ ଥିବା କାରଣରୁ ତାକୁ ମୃତ୍ୟୁ ଦଣ୍ଡ ଦିଆଯାଇଥିଲା । କିନ୍ତୁ ସେ ସମୟରେ ମୁସଲମାନଙ୍କ ପ୍ରତାପ ଆଗକୁ କେହି ଆସିପାରୁ ନ ଥିଲେ । ସେଥିଯୋଗୁଁ ସେ ମକ୍କାବିଜୟ ସମୟରେ ନିଜ ଜୀବନକୁ ବଞ୍ଚାଇ ୟେମନ ଅଭିମୁଖେ ପଳାଇଲା । ଇକ୍ରିମାର ପତ୍ନୀ ମୁହମ୍ମଦ[ସଅ]ଙ୍କ ଛାମୁରେ ସ୍ୱାମୀର କ୍ଷମା ପ୍ରାର୍ଥିନୀ ହୋଇ ଉପସ୍ଥିତ ହେଲା । ମହାଭାଗ ଅତ୍ୟନ୍ତ ସଦୟ ହୋଇ ତାକୁ କ୍ଷମା କରିଦେଲେ । ପୁଣି ସେ ସ୍ୱାମୀକୁ ଲେଉଟାଇ ଆଣିବା ପାଇଁ ତା'ର ପଛେ ପଛେ ଗଲା । ତାକୁ କ୍ଷମାଦାନ କରାଯାଇ ଥିବାର ତାକୁ ଯେତେ ବୁଝାଇଲେ ବି ଇକ୍ରିମା ନିଜ ପତ୍ନୀ କଥାକୁ ବିଶ୍ୱାସ କଲା ନାହିଁ । ସେ କହିଲା 'ମୁଁ ଅନେକ ଅତ୍ୟାଚର କରିଛି ବହୁ ସଂଖ୍ୟାରେ ମୁସଲମାନମାନଙ୍କୁ ହତ୍ୟା କରିଛି ଶେଷ ଦିନ ପର୍ଯ୍ୟନ୍ତ ଯୁଦ୍ଧ କରିଛି, ମୋତେ କିପରି ବା କ୍ଷମା କରାଯାଇ ପାରିବ ?' ତେବେ ଶେଷରେ କୌଣସି ପ୍ରକାରେ ବୁଝାଇ ଶୁଝାଇ ସ୍ୱାମୀ ଇକ୍ରିମାକୁ ଫେରାଇ ଆଣିଲା ଯେବେ ଇକ୍ରିମା ମୁହମ୍ମଦ[ସଅ]ଙ୍କ ଦରବାରରେ ହାଜିର୍ ହୋଇ କ୍ଷମାଦାନର ସତ୍ୟାସତ୍ୟ ଜାଣିବାକୁ ଚହିଲା, ମହାଭାଗ ତା'ର ଆଗମନରେ ଆଶ୍ଚର୍ଯ୍ୟ ଜନକ ବ୍ୟବହାର ପ୍ରଦର୍ଶନ କଲେ । ପ୍ରଥମେ ତାକୁ ସମ୍ମାନର ସହିତ ଅଭିବାଦନ କଲେ ଓ ସେ ଶତ୍ରୁ ଜାତିର ଦଳପତି ହୋଇଥିବା ଯୋଗୁଁ ଇକ୍ରିମାର ସମ୍ମାନାର୍ଥେ ସ୍ୱୟଂ ଛିଡା ହୋଇଗଲେ । ପୁଣି ଇକ୍ରିମା ପଚରିବାରୁ କହିଲେ 'ପ୍ରକୃତରେ ମୁଁ ତୁମକୁ କ୍ଷମା କରିଦେଇଛି ।' **(ମୌତ୍ତା ଇମାମ ମାଲିକ)**

ପୁଣି ଇକ୍ରିମା ପ୍ରଶ୍ନ କଲା 'ନିଜ ଧର୍ମରେ ରହିଥିଲେ ସୁଦ୍ଧା କ'ଣ ମୋତେ କ୍ଷମା ମିଳିଯାଇଛି ? ଅର୍ଥାତ୍ ମୁଁ ତ ମୁସଲମାନ ହୋଇନାହିଁ । ମୁଶ୍ରିକ ବା ଅନେକେଶ୍ୱରବାଦୀ ଥିବା ଅବସ୍ଥାରେ ମଧ୍ୟ ମୋତେ କଣ ଆପଣ କ୍ଷମା କରିଦେଲେ ? ମୋର ଅପରାଧ ମାର୍ଜନା କଲେ ?' ମହାଭାଗ ଏହା ଶୁଣି କହିଲେ 'ହଁ ଅବଶ୍ୟ' ଏହା ଶୁଣି ଇକ୍ରିମାର ବକ୍ଷ ଇସଲାମ ପାଇଁ ଖୋଲିଗଲା ଓ ସେ ଅନାୟାସରେ କହିଉଠିଲା 'ହେ ମୁହମ୍ମଦ ! ଆପଣ ପ୍ରକୃତରେ ଅତ୍ୟନ୍ତ କ୍ଷମାଶୀଳ ଓ ପରମ ଦୟାଶୀଳ ଉଦାର

ବ୍ୟକ୍ତି ।' ମୁହମ୍ମଦ[ସଅ]ଙ୍କ ଏପରି ଶିଷ୍ଟାଚାର ଓ ଅଦ୍ଭୁତ ବ୍ୟବହାର ଦେଖି ଇକ୍ରିମା ତତ୍‌କ୍ଷଣାତ ମୁସଲମାନ ହୋଇଗଲା । **(ଅସ୍‌ ସିରତୁଲ୍‌ ହଲବିୟା, ତୃତୀୟ ଖଣ୍ଡ ପୃ ୧୦୯)**

ତେବେ ଏହିପରି ଶିଷ୍ଟାଚାର ପୂର୍ଣ୍ଣ ବିବେକ ସ୍ୱାଧୀନତା ଓ ଧର୍ମଗତ ମୁକ୍ତ ଭାବନାର ଅନୁମତି ରହିଥିବା ଯୋଗୁଁ ହିଁ ଇସଲାମ ପ୍ରସାରିତ ହୋଇଛି । ଧର୍ମୀୟ ସ୍ୱତନ୍ତ୍ରତା ଓ ମୁକ୍ତ ବିଚାର ଭାବନାର ଏହି ତୀର ଗୋଟିଏ ମିନିଟରେ ଇକ୍ରିମାର ହୃଦୟକୁ ଘାଇଲା କରିଦେଲା । ହଜରତ ମୁହମ୍ମଦ[ସଅ] ସମସ୍ତ ଯୁଦ୍ଧବନ୍ଦୀ ଓ ଦାସମାନଙ୍କୁ ଏହି ଅନୁମତି ଦେଇଥିଲେ ଯେ ତୁମେ ଯେଉଁ ଧର୍ମ ଚାହୁଁଛ ଅବଲମ୍ବନ କର । କିନ୍ତୁ ଇସଲାମର ପ୍ରଚାର ସ୍ୱର୍ଗୀୟ ଆଦେଶରେ ଏଥିପାଇଁ ଅନୁବନ୍ଧିତ କରାଗଲା, ଯଦ୍ୱାରା ଯେଉଁମାନେ ଏହାର ଶିକ୍ଷା ବିଷୟରେ କିଛି ଜାଣି ନାହାନ୍ତି; ସେମାନେ ସେଥିପ୍ରତି ଅବଗତ ହୋଇ ପାରିବେ । ଇସଲାମ ଧର୍ମକୁ ଜାଣିବା ସେମାନଙ୍କର କେବଳ ଏକମାତ୍ର କାମନା । ଏହି ଇଚ୍ଛା ଏଥିପାଇଁ ଜାଗୃତ ହୋଇଛି ଯେ ଇସଲାମ ତୁମକୁ ଅଲ୍ଲାଃଙ୍କ ନିକଟବର୍ତ୍ତୀ କରାଇବ । ତୁମେ ବାସ୍ତବ ଈଶ୍ୱରଙ୍କ ସାନିଧ ଲାଭ କରିପାରିବ । ଏଣୁ ଆମର ତୁମ ପ୍ରତି ସହାନୁଭୂତି ରହିଥିବା ଯୋଗୁଁ ଆମେ ତୁମକୁ ଏହା କହୁଛୁ ।

ସୁତରାଂ ଜଣେ ଯୁଦ୍ଧବନ୍ଦୀଙ୍କ ଏକ ଘଟଣା ଏହିପରି ବର୍ଣ୍ଣିତ ଅଛି । ସୟଦ ବିନ୍‌ ଅବି ସୟିଦ[ରଅ] ବର୍ଣ୍ଣନା କରିଛନ୍ତି ଯେ ସେ ହଜରତ ଅବୁହୁରୈରା[ରଅ]ଙ୍କୁ ମହାଭାଗ ଏହା କହିଥିବାର ଶୁଣିଛନ୍ତି । ମୁହମ୍ମଦ[ସଅ] ଯେତେବେଳେ ନଜଦ୍‌ ଅଭିମୁଖେ ଅଭିଯାନ ଆରମ୍ଭ କଲେ, ସୁମାମା ବିନ୍‌ ଅସାଲ ନାମକ ଜଣେ ବ୍ୟକ୍ତିଙ୍କୁ ବନ୍ଦୀ କରି ଅଣାଗଲା । ତାକୁ ଅନୁଚରମାନେ ମସଜିଦ୍‌ ନବ୍ୱିର ଏକ ଖୁଣ୍ଟରେ ବାନ୍ଧି ଦେଲେ । ଦିବ୍ୟ ଅବତାର ତାଙ୍କ ନିକଟକୁ ଆସି ଜିଜ୍ଞାସା କଲେ 'ହେ ସୁମାମା ! ତୁମ ସହିତ କିପରି ବ୍ୟବହାର କରାଯିବ ବୋଲି ତୁମେ ଆଶା କରୁଛ ?' ସେ ଉତ୍ତର ଦେଲା 'ମୋର ଇଚ୍ଛା ଫଳବତୀ ହେବାର ଆଶା ରହିଛି । ଯଦି ତୁମେ ମୋତେ ଜୀବନରୁ ମାରିଦେବ ତା'ହେଲେ ତୁମେ ଜଣେ ହତ୍ୟାକାରୀକୁ ମାରିବ । ଯଦି ତୁମେ ମୋ ପ୍ରତି ଉଦାରପଣ ଦେଖାଇବ, ତା'ହେଲେ ମୋତେ ତୁମ ଅନୁଗ୍ରହ ପ୍ରତି କୃତଜ୍ଞ ବ୍ୟକ୍ତି ରୂପେ ପାଇବ । କିନ୍ତୁ ଯଦି ମୋ ଠାରୁ ଧନ ଆଶା କରୁଛ ଯେତେ ଇଚ୍ଛା ସେତେ ମୋ ଠାରୁ ନେଇପାର, ଯାହା ମୋର

ଲୋକମାନେ ତୁମକୁ ଦେଇ ମୋତେ ମୁକୁଳାଇ ପାରିବେ ।' ତା' ପରଦିନ ପୁଣି ମହାଭାଗ ଆସି ସେହି ପ୍ରଶ୍ନ ପଚାରିଲେ ଯେ ସେ କ'ଣ ଚାହୁଁଛନ୍ତି । ସେ ପୁଣି ସେହି ଉତ୍ତର ଦେଲା ଯେ ଯଦି ତା'ପ୍ରତି କ୍ଷମାଚରଣ କରାଯାଏ, ତା'ହେଲେ ଏହା ମନେ କରାଯିବ ଯେ ଦୟାର ଉପଯୁକ୍ତ ସମ୍ମାନ କରୁଥିବା ବ୍ୟକ୍ତି ପ୍ରତି ତାହା କରାଯାଇଛି । ଏ ଥର ମଧ୍ୟ ଦିବ୍ୟ ଅବତାର ତାକୁ ସେଠାରେ ଛାଡି ଚାଲିଗଲେ । ତୃତୀୟ ଦିନ ମହାଭାଗ ପୁଣି ଆସି ପଚାରିଲେ 'ହେ ସୁମାମା ! ତୁମର କଣ ଇଚ୍ଛା ଅଛି ?' ସେ କହିଲା 'ମୁଁ ଏହା ପୂର୍ବରୁ ମୋ ମନର ଇଚ୍ଛା ବ୍ୟକ୍ତ କରି ସାରିଛି ।' ତହୁଁ ମୁହମ୍ମଦ[ସଅ] ତାକୁ ମୁକ୍ତ କରି ଦେବାର ଆଦେଶ ଦେଲେ । ଏହାପରେ ସୁମାମା ନିକଟରେ ଥିବା ଏକ ଫଳ ଉଦ୍ୟାନକୁ ଗଲା । ସେଠାରେ ସ୍ନାନ କଲା ଓ ମସଜିଦରେ ପ୍ରବେଶ କରି କଲମା ଶହାଦତ୍ ପାଠ କଲା ଏବଂ କହିଲା 'ହେ ମୁହମ୍ମଦ ! ପ୍ରଭୁଙ୍କ ଦ୍ୱାହି ଦେଇ ସତ କହୁଛି ଯେ ମୁଁ ତୁମ ଚେହେରାକୁ ନାପସନ୍ଦ କରୁଥିଲି । କିନ୍ତୁ ବର୍ତ୍ତମାନ ତୁମ ମୁଖମଣ୍ଡଳ ମୋର ସବୁଠାରୁ ପ୍ରିୟ ହୋଇଯାଇଛି । ପ୍ରଭୁଙ୍କ ରାଣ, ପୂର୍ବରୁ ତୁମ ଧର୍ମକୁ ମୁଁ ଅସମ୍ମାନିତ କରୁଥିଲି । କିନ୍ତୁ ଏବେ ତାହା ମୋର ସବୁଠାରୁ ଆଦରଣୀୟ । ପ୍ରଭୁଙ୍କ ରାଣ, ତୁମ ସହର ମୋତେ ସବୁଠାରୁ ଅପ୍ରିୟ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ଏହା ମୋ ପାଇଁ ସର୍ବୋତ୍ତମ ସହର ହୋଇ ଯାଇଛି । କିନ୍ତୁ ଘଟଣାଚକ୍ରରେ ପଡି ଆପଣଙ୍କର ଜଣେ ଅଶ୍ୱାରୋହୀ ମୋତେ ଧରିନେଲା । କିନ୍ତୁ ମୁଁ କାବା ଅଭିମୁଖେ ଯାଇ ତୀର୍ଥ (ଉମରା) କରିବାକୁ ଚାହୁଁଥିଲି । ଆପଣ ଏ ବିଷୟରେ ମୋତେ ଯାହା ନିର୍ଦ୍ଦେଶ ଦେବେ, ତାହା ମୁଣ୍ଡପାତି ମାନିନେବି ।' ଏହା ଶୁଣି ମୁହମ୍ମଦ[ସଅ] ତାଙ୍କୁ ଅଭିନନ୍ଦନ ଜଣାଇଲେ । ସେ ଇସଲାମ ଧର୍ମ ଗ୍ରହଣ କରିଥିବା ଯୋଗୁଁ ଶୁଭେଚ୍ଛା ପୂର୍ବକ ତାଙ୍କୁ ଏହି ଆଦେଶ ଦେଲେ 'ଯାଅ ତୁମେ ଉମରା କର, ଅଲ୍ଲାଃ ତାହା ଅବଶ୍ୟ ଗ୍ରହଣ କରିବେ ।' ତହୁଁ ସେ ଯାଇ ମକ୍କାରେ ପହଞ୍ଚିବାରୁ ଜଣେ ବ୍ୟକ୍ତି ପ୍ରଶ୍ନ କଲା 'କଣ ତୁମେ ଶାବି ହୋଇଗଲ' ସେ କହିଲା 'ନା ମୁଁ ମୁହମ୍ମଦଙ୍କୁ ଅଲ୍ଲାଃଙ୍କ ପ୍ରେରିତ ଅବତାର ରୂପେ ବିଶ୍ୱାସ ସ୍ଥାପନ କରିଛି । ସେଥିପାଇଁ ବର୍ତ୍ତମାନ ଏକ ଶସ୍ୟର ଦାନା ମଧ୍ୟ ସୁମାମାଙ୍କ ତରଫରୁ ତୁମ ନିକଟକୁ ଆସିବ ନାହିଁ ।' ତେବେ ଏପରି ଦାନ କରିବାର ଅନୁମତି ମଧ୍ୟ ରସୁଲୁଲାଃ ତାଙ୍କୁ ପ୍ରଦାନ କଲେ । **(ବୁଖାରି, କିତାବୁଲ୍ ମଗାଜି, ଭାଗ ଓଫଦ୍ ବନି ହନିଫା)**

ଅନ୍ୟ ଏକ ହଦିସରେ ଆସୁଛି ଯେ ସୁମାମା ଇସଲାମ ଧର୍ମ ଗ୍ରହଣ କଲାପରେ ଯେତେବେଳେ ଖାନା କାବାକୁ ଉମରା କରିବା ପାଇଁ ଗଲେ, ଅମାନ୍ୟକାରୀ ମକ୍କାବାସୀ ତାହା ଜାଣିପାରି ତାଙ୍କୁ ମାରଧର କରିବାକୁ ଲାଗିଲେ । ତହୁଁ ସେ କହିଲେ 'ତୁମ ସକାଶେ ଖାଦ୍ୟଶସ୍ୟର ଦାନାଟିଏ ମଧ୍ୟ ଆମ ପାଖରୁ ଆସିବ ନାହିଁ, ଯେ ପର୍ଯ୍ୟନ୍ତ ନବୀଶ୍ରେଷ୍ଠଙ୍କ ଅନୁମତି ପ୍ରାପ୍ତ ନହୋଇଛି ।' ସୁତରାଂ ଜଣେ ବାହାର ରାଜ୍ୟର ତୀର୍ଥଯାତ୍ରୀ ପ୍ରତି ବିଧର୍ମୀମାନଙ୍କ ଏପରି ନିଷ୍ଠୁର ବ୍ୟବହାର ଦେଖି ସେ ନିଜ ସଂପ୍ରଦାୟକୁ ଯାଇ କହିବାରୁ ସେଠାରୁ ଖାଦ୍ୟ ଦ୍ରବ୍ୟ ଆସିବା ବନ୍ଦ ହୋଇଗଲା । ଫଳରେ ମକ୍କାର ବାସିନ୍ଦାଙ୍କ ଅବସ୍ଥା ଅତି ଶୋଚନୀୟ ହୋଇ ପଡିଲା । ପୁଣି ସେମାନଙ୍କ ନେତା ଅବୁସୁଫିୟାନ୍ ହଜରତ ମୁହମ୍ମଦ[ସଅ]ଙ୍କ ସେବାରେ ଉପସ୍ଥିତ ହୋଇ ଅତି ନେହୁରା ହୋଇ କହିଲେ 'ନିଜ ଜାତି ପ୍ରତି ଦୟା କରନ୍ତୁ, ସେମାନେ ଭୋକ ଉପାସରେ ମରୁଛନ୍ତି ।'

ଏହାର ପ୍ରତିକ୍ରିୟାରେ ମହାଭାଗ ଏହା କହିଲେ ନାହିଁ ଯେ ଖାଦ୍ୟର ଦାନାଟିଏ ତୁମକୁ ସେତେବେଳେ ମିଳିବ, ଯେତେବେଳେ ତୁମେ ମୁସଲମାନ ହୋଇଯିବ । ବରଂ ତୁରନ୍ତ ସୁମାମା ନିକଟକୁ ଖବର ପଠାଇଲେ ଯେ ଏପରି କଟକଣା ବନ୍ଦକର । କାରଣ ଏହା ଏକ ପ୍ରକାର ଅତ୍ୟାଚାର । ପିଲା ବଡ ବୟୋବୃଦ୍ଧ ସମସ୍ତଙ୍କୁ ଆହାର ଖୋରାକର ଆବଶ୍ୟକତା ଅଛି । ତାହା ସେମାନଙ୍କୁ ଯଥାଶୀଘ୍ର ଯୋଗାଇ ଦିଆଯିବା ଉଚିତ । **(ଇବ୍‌ନେ ହିଶାମ)**

ଦ୍ୱିତୀୟତଃ ଏହା ମଧ୍ୟ ବିଚାର କରନ୍ତୁ ଯେ ଦିବ୍ୟ ଅବତାର ବନ୍ଦୀ ସୁମାମାକୁ ଏହା କହିଲେ ନାହିଁ ଯେ ଏବେ ତୁମେ ଆମ କବ୍‌ଜାରେ ଅଛ । ପ୍ରଥମେ ତୁମେ ମୁସଲମାନ ହୋଇଯାଅ । ଏହା ପରିବର୍ତ୍ତେ ତାଙ୍କ ସହିତ ତିନିଦିନ ପର୍ଯ୍ୟନ୍ତ ଭଦ୍ରାମି ପୂର୍ବକ ବ୍ୟବହାର କରାଗଲା, ଯାହା ଅତି ଉଚ୍ଚକୋଟିର ଥିଲା ଓ ତାଙ୍କୁ ସ୍ୱାଧୀନ ମଧ୍ୟ କରି ଦିଆଗଲା । ପୁଣି ଦେଖନ୍ତୁ, ସୁମାମାଙ୍କ ଅନ୍ତଃଦୃଷ୍ଟି କିପରି ଥିଲା । ସେ ବନ୍ଦୀରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ମୁହମ୍ମଦ[ସଅ]ଙ୍କ ଶ୍ରୀ ଚରଣରେ ଦାସ ହୋଇ ରହିବା ପାଇଁ ନିଜକୁ ସମର୍ପିତ କରିଦେଲେ । କାରଣ ତାଙ୍କ ପଦାରବିନ୍ଦରେ ଦାସତ୍ୱ ସ୍ୱୀକାର କରିବାରେ ହିଁ ତାଙ୍କର ସଂସାରିକ ଓ ଆଧ୍ୟାତ୍ମିକ ଜୀବନର କଲ୍ୟାଣ ନିହିତ ଥିଲା ।

ପୁଣି ଦିବ୍ୟ ଅବତାର ଜଣେ ଇହୁଦି ଦାସଙ୍କୁ କଦାପି ବାଧ୍ୟ କରି ନ ଥିଲେ ଯେ ତୁମେ ଜଣେ ଦାସ, ମୋ ଅଧୀନରେ ରହିଛ । ସେଥିପାଇଁ ମୁଁ ଯାହା କହିବି ତାହା ତୁମକୁ କରିବାକୁ ପଡିବ । ଏପରିକି ଯେତେବେଳେ ସେହି ବ୍ୟକ୍ତି ରୋଗଗ୍ରସ୍ତ ହୋଇ ଏପରି ବିପଦଜନକ ସ୍ଥିତିରେ ପହଞ୍ଚିଲା, ଯଦ୍ୱାରା ମହାଭାଗ ଏହି ଚିନ୍ତାରେ ପଡିଲେ ଯେ ଯଦି ତାର ମୃତ୍ୟୁ ହୋଇଯିବ, ସେ ଈଶ୍ୱରଙ୍କ ଅନ୍ତିମ ବିଧାନକୁ ସ୍ୱୀକାର ନ କରିବା ଅବସ୍ଥାରେ ଦୁନିଆ ଛାଡି ଚାଲି ନଯାଉ । ବରଂ ଏହି ଐଶି ଧର୍ମକୁ ହୃଦୟ ମଧ୍ୟରେ ସ୍ଥାନ ଦେଇ ଇହଧାମ ତ୍ୟାଗ କରୁ ।  ଫଳ ସ୍ୱରୂପ ଅଲ୍ଲାଃତାଲା ତାକୁ ମୋକ୍ଷ  ପ୍ରଦାନ କରିବେ । ସୁତରାଂ ଏହି ଚିନ୍ତା କରି ମହାଭାଗ ସେହି ରୋଗିକୁ ଦେଖିବା ପାଇଁ ଗଲେ ଏବଂ ତାକୁ ଅତି ସରାଗରେ କହିଲେ ‘ତୁମେ ଇସଲାମ ଧର୍ମ ଗ୍ରହଣ କର ।’

ସୁତରାଂ ହଜରତ ଅନସ[ରଅ] ବର୍ଣ୍ଣନା କରିଛନ୍ତି ଯେ ମୁହମ୍ମଦ[ସଅ]ଙ୍କର ଜଣେ ସେବକ ଇହୁଦୀ ଯୁବକ ଥିଲା । ସେ ଅସୁସ୍ଥ ହୋଇ ପଡିଲା । ତାର ସ୍ୱାସ୍ଥ୍ୟାବସ୍ଥା ଦେଖିବା ପାଇଁ ମହାଭାଗ ତା ନିକଟକୁ ଗଲେ ଓ ତା’ ମୁଣ୍ଡ ପାଖରେ ଛିଡା ହୋଇ କହିଲେ ‘ତୁମେ ଇସଲାମ ସ୍ୱୀକାର କରିନିଅ ।’ ଅନ୍ୟତ୍ର ବର୍ଣ୍ଣିତ ଅଛି ଯେ ସେହି ଯୁବକ ନିଜ ଗୁରୁଜନମାନଙ୍କ ଆଡକୁ ଚହିଁଲା । କିନ୍ତୁ ସେମାନଙ୍କ ଅନୁମତି କ୍ରମେ ହେଉ କିମ୍ବା ନିଜର ଅନ୍ତରାତ୍ମା କହିବାରୁ ସେ ଇସଲାମ ଧର୍ମ ଗ୍ରହଣ କଲା ।

**(ସହି ବୁଖାରି, କିତାବୁଲ୍ ଜନାଇଜ୍, ଭାଗ ଇଜା ଅସଲମସ୍ ସାବିୟୁ, ହଦିସ ନଂ-୧୩୫୬)**

ଏହି ସ୍ୱୀକାରୋକ୍ତି ଥିଲା ଜଣେ ଯୁବ କ୍ରୀତଦାସର । ଯାହା ନିଶ୍ଚିତ ରୂପେ ତାକୁ ମିଳିଥିବା ସେହି ଶ୍ରଦ୍ଧା ଓ ଅନୁରାଗ ପୂର୍ଣ୍ଣ ବ୍ୟବହାରର ପ୍ରତି ଫଳନ ସେ ନିଶ୍ଚୟ ଏହା ଅନୁଭବ କରିଥିଲା ଯେ ଇସଲାମ ଏକ ସତ୍ୟ ଧର୍ମ, ଯାହା ମନୁଷ୍ୟକୁ ମୁକ୍ତି ଦେଇ ତା ପାଇଁ ସ୍ୱର୍ଗର ଦ୍ୱାରା ଖୋଲି ଦେଇଥାଏ । ସେ ଏହା କଳ୍ପନା ସୁଦ୍ଧା କରି ନଥିଲା ଯେ ମୁହମ୍ମଦ[ସଅ]ଙ୍କ ପରି ପ୍ରେମ ଓ ଅନୁରାଗର ମୂର୍ତ୍ତିମନ୍ତ ପ୍ରତୀକ କେବେ ତାଙ୍କର ମନ୍ଦ ପାଞ୍ଚିଥିବେ । ସେ ନିଶ୍ଚୟ ସତ୍ୟର ପୂଜାରୀ, ସେ ଅନ୍ୟମାନଙ୍କୁ ସର୍ବଦା ପୁଣ୍ୟ ଆଡକୁ ଡାକୁଛନ୍ତି ଓ ଉତ୍ତମ କର୍ମ ପ୍ରତି ଆହ୍ୱାନ କରୁଛନ୍ତି । ଏହା ହିଁ ସେହି ସ୍ୱାଧୀନତା ଯାହା ସେ ପ୍ରତିଷ୍ଠା କରି ଯାଇଛନ୍ତି । ଜଗତରେ ଏହାର ତୁଳନା ନାହିଁ ।

ଦିବ୍ୟ ଅବତାର[ସଅ] ଅବତାରତ୍ୱ ପ୍ରାପ୍ତି ପୂର୍ବରୁ ମଧ୍ୟ ମାନବ ସମାଜରେ ବିବେକ ସ୍ୱାଧୀନତା, ଧର୍ମଗତ ସ୍ୱାଧୀନତା ଓ ମୁକ୍ତ ଜୀବନର ଜୀବନ୍ତ ସ୍ପର୍ଶ ଦେଇଥିଲେ । ସେ ଦାସତ୍ୱ ପ୍ରଥାକୁ ଘୃଣା କରୁଥିଲେ । ବିବାହ ପରେ ପ୍ରଥମ ପତ୍ନୀ ହଜରତ ଖଦିଜା[ରଅ] ନିଜର ସମସ୍ତ ସଂପତ୍ତି ଓ ଦାସ ଦାସୀମାନଙ୍କୁ ମୁହମ୍ମଦ[ସଅ]ଙ୍କ ଚରଣରେ ଅର୍ପଣ କରିଦେଲେ । ମହାଭାଗ କହିଲେ 'ଠିକ୍ ଅଛି, ଯଦି ତୁମେ ଏସବୁ ମୋତେ ଦେଉଛ ତା'ହେଲେ ମୁଁ ଏମାନଙ୍କ ସହିତ ଯେମିତି ଚାହିଁବି ତାହା ସ୍ୱେଚ୍ଛାକୃତ ଭାବେ କରିବା ମୋର ଅଧିକାର ରହିବ ।' ପତ୍ନୀ କହିଲେ 'ସେଥିପାଇଁ ତ ମୁଁ ଏସବୁ ଆପଣଙ୍କୁ ଅର୍ପଣ କରି ଦେଇଛି ।' ମହାଭାଗ କହିଲେ 'ମୁଁ ପ୍ରଥମେ ଦାସମାନଙ୍କୁ ମୁକ୍ତ କରିବି ।' ସେ ଉତ୍ତର ଦେଲେ 'ଯାହା ଚାହୁଁଛ କର, ସେଥିରେ ମୋର କୌଣସି ଆପତ୍ତି ନାହିଁ । ଏ ଧନ ସମ୍ପତ୍ତି ଆପଣଙ୍କର ।' ସୁତରାଂ ମହାଭାଗ ସେହି ସମୟରେ ହଜରତ ଖଦିଜା[ରଅ]ଙ୍କ ଦାସମାନଙ୍କୁ ଡକାଇଲେ ଏବଂ କହିଲେ 'ତୁମେ ସମସ୍ତେ ଆଜିଠାରୁ ସ୍ୱାଧୀନ ହେଲ ।' କେବଳ ସେତିକି ନୁହେଁ, ମହାଭାଗ ପୁଣି ଧନ ସଂପତ୍ତିର ଅଧିକାଂଶ ଭାଗ ଅଭାବଗ୍ରସ୍ତ ଗରିବମାନଙ୍କ ମଧ୍ୟରେ ବିତରଣ କରିଦେଲେ ।

ଦାସତ୍ୱରୁ ମୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଜଏଦ ନାମକ ଜଣେ ଦାସ ମଧ୍ୟ ଥିଲେ । ଅନ୍ୟମାନଙ୍କ ଠାରୁ ସେ ଜଣେ ଉତ୍ତମ ବ୍ୟକ୍ତି ଓ ବୁଦ୍ଧିମାନ ଚାକର ଥିଲେ । ସେ ଏକଥା ବୁଝିନେଇଥିଲେ ଯେ ବର୍ତ୍ତମାନ ତ ମୁଁ ମୁକ୍ତ ହୋଇଯିବି ଓ ମୋଠାରେ ଲାଗିଥିବା ଗୋଲାମର କଳଙ୍କ ଟିକା ତ ଲିଭିଯିବ । କିନ୍ତୁ ଏହା ମୋ ପାଇଁ ଶ୍ରେୟସ୍କର ଯେ ମୁଁ ମହାଭାଗଙ୍କ ଚରଣରେ ଆଶ୍ରିତ ହୋଇ ଦାସତ୍ୱର ଜୀବନ ନିର୍ବାହ କରିବି । ତେଣୁ ସେ କହିଲେ 'ଠିକ ଅଛି ଆପଣ ମୋତେ ମୁକ୍ତ କରିଦେଲେ ସତ କିନ୍ତୁ ମୁଁ ଆପଣଙ୍କ ଗୋଲାମିରୁ କେବେହେଲେ ମୁକୁଳିବି ନାହିଁ । ମୁଁ ତ ସର୍ବଦା ଆପଣଙ୍କ ଦାସ ହୋଇ ରହିବି । ସୁତରାଂ ସେ ନବୀଶ୍ରେଷ୍ଠଙ୍କ ପାଖରେ ରହିଲେ ଏବଂ ମୁନିବ ଓ ଭତ୍ୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଲା । ଜଏଦ ଏକ ଧନୀକ ଶ୍ରେଣୀର ପରିବାରର ବ୍ୟକ୍ତି ଥିଲେ । କିନ୍ତୁ ତାଙ୍କୁ ଡାକୁମାନେ ଅପହରଣ କରି ତାଙ୍କ ଦେଶରୁ ନେଇ ଅନ୍ୟତ୍ର ବିକ୍ରି କରିଦେଲେ । ଏହିପରି ସେ ଅନେକ ଥର ବିକ୍ରି ହୋଇ ମକ୍କାରେ

ଆସି ପହଞ୍ଚିଲେ । ତାଙ୍କ ପିତା, ମାତା ଓ ବନ୍ଧୁବାନ୍ଧବ ତାଙ୍କୁ ଖୋଜି ଖୋଜି ଶେଷରେ ମକ୍କାରେ ତାଙ୍କର ସନ୍ଧାନ ପାଇଲେ । ମୁହମ୍ମଦ[ସଅ] ଙ୍କ ସଭାରେ ଉପସ୍ଥିତ ହୋଇ ତାଙ୍କ ନିକଟରେ ନେହୁରା ହୋଇ କହିଲେ 'ଆପଣ ଆମଠାରୁ ଯେତେ ଧନ ନେବାକୁ ଚାହୁଁଛନ୍ତି ନିଅନ୍ତୁ ପଛକେ କିନ୍ତୁ ଆମ ପୁତ୍ରକୁ ମୁକ୍ତ କରି ଦିଅନ୍ତୁ । ତା'ର ମାଆ କାନ୍ଦି କାନ୍ଦି ବେହାଲ ହୋଇଗଲାଣି ।' ମହାଭାଗ ଏହାଶୁଣି କହିଲେ 'ମୁଁ ତ ଏହାକୁ ପ୍ରଥମରୁ ହିଁ ମୁକ୍ତ କରିଦେଇଛି । ସେ ଯିବାକୁ ଚାହୁଛି ତ ଚାଲିଯାଉ, ମୋତେ ତୁମେମାନେ ଧନ ଦେବା ଆବଶ୍ୟକ ନାହିଁ ।' ପୁଣି ସେମାନେ ତାଙ୍କ ପୁଅକୁ ସାଥିରେ ଯିବା ପାଇଁ କହିବାରୁ ପୁଅ ଉତ୍ତର ଦେଲେ 'ଆପଣଙ୍କ ସହିତ ସାକ୍ଷାତ କଲି ସେତିକି ହିଁ ଯଥେଷ୍ଟ । କେବେ ଅବସର ମିଳିଲେ ମାଆଙ୍କ ସହିତ ଦେଖାହେବ । କିନ୍ତୁ ବର୍ତ୍ତମାନ ମୁଁ ଆପଣଙ୍କ ସହିତ ଯାଇ ପାରିବି ନାହିଁ । ମୁଁ ତ ମୁହମ୍ମଦ[ସଅ] ଙ୍କ ଦାସ ହୋଇଯାଇଛି । ତାଙ୍କ ଠାରୁ କେବେ ଅଲଗା ହୋଇ ରହି ପାରିବି ନାହିଁ । ମାଆ ବାପାଙ୍କ ଠାରୁ ମଧ୍ୟ ସେ ମୋତେ ଅଧିକ ଭଲ ପାଉଛନ୍ତି ।' ସୁତରାଂ ଜଏଦଙ୍କ ବାପା ଓ କକା ଆଦି ଗୁରୁଜନମାନେ ତାଙ୍କୁ ସାଥିରେ ନେବା ପାଇଁ ଯେତେ ଜୋର କଲେ ମଧ୍ୟ ସେ ଯିବାକୁ ନାଚାର । ଜଏଦଙ୍କ ଏପରି ପ୍ରେମାତୁର ଭାବ ଦେଖି ମୁହମ୍ମଦ[ସଅ] କହିଲେ 'ଜଏଦ ତ ପୂର୍ବରୁ ସ୍ୱାଧୀନ ହୋଇଥିଲା, ମାତ୍ର ଆଜିଠାରୁ ସେ ମୋର ପୁଅ ।' ଏହି ଦୃଶ୍ୟ ଦେଖି ଜଏଦଙ୍କ ବାପା ଓ କକା ସେଠାରୁ ନିଜ ଦେଶକୁ ବାହୁଡିଲେ ଓ ଜଏଦ ସବୁଦିନ ପାଇଁ ସେଠାରେ ରହିଗଲେ । **(ତଫ୍‌ସିରୁଲ୍ କୁରଆନ, ପାଦଟିକା, ପୃ୧୧୨)**

ଅବତାରତ୍ୱ ପ୍ରାପ୍ତି ପରେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରଣୀତ ସ୍ୱାଧୀନତାର ମାନବୀୟ ମୂଲ୍ୟବୋଧ ଅଧିକ ତେଜସ୍କ୍ରିୟ ହୋଇ ଉଠିଲା । ତାଙ୍କର ଅନ୍ତର୍ନିହିତ ସ୍ୱଭାବ ସହିତ ତାଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶାସ୍ତ୍ରୀୟ ବିଧାନରେ ମଧ୍ୟ ଆଦେଶ ମିଳିଲା ଯେ ଦାସ ଦାସୀଙ୍କୁ ତାଙ୍କର ଅଧିକାର ଦିଅ । ଯଦି ତାହା ଦେଇ ନ ପାରୁଛ, ତା'ହେଲେ ସେମାନଙ୍କୁ ମୁକ୍ତ କର ।

ସୁତରାଂ ଏକ ହଦିସରେ ବର୍ଣ୍ଣିତ ଅଛି ଯେ ଜଣେ ଅନୁଚର ନିଜ ଦାସକୁ ମାରପିଟ କରୁଥିବାର ମୁହମ୍ମଦ[ସଅ] ଦେଖିଲେ ଓ ଅତ୍ୟନ୍ତ କ୍ରୋଧ ଭାବ ପ୍ରକାଶ କଲେ ।

ସେଥିଯୋଗୁଁ ସେହି ଅନୁଚର ନିଜ ଦାସକୁ ମୁକ୍ତ କରିଦେଲେ ଓ କହିଲେ ମୁଁ ଏବେ ତାକୁ ମୁକ୍ତ କରୁଛି । ଏହା ଶୁଣି ମହାଭାଗ କହିଲେ 'ଯଦି ତୁମେ ମୁକ୍ତ କରି ନଥାନ୍ତ, ତା'ହେଲେ ଅଲ୍ଲାଃଙ୍କ ଶାସ୍ତିର କବଳିତ ହୋଇଥାନ୍ତ ।'

**(ସହି ମୁସଲିମ, କିତାବୁଲ୍ ଇମାନ, ହଦିସ ନଂ ୪୩୦୮)**

ଏହା ହେଉଛି ସ୍ୱାଧୀନତାର ଉଜ୍ୱଳ ଦୃଷ୍ଟାନ୍ତ । ଅନ୍ୟ ଧର୍ମର ଲୋକମାନଙ୍କ ସକାଶେ ମୁକ୍ତିର ସ୍ୱର ବ୍ୟକ୍ତି କରିବାର ଏକ ଘଟଣା ଏଠାରେ ବର୍ଣ୍ଣନା କରାଯାଉଛି । ଏହା ସେହି ସମୟର ଘଟଣା, ଯେତେବେଳେ ମଦିନାରେ ଦିବ୍ୟ ଅବତାରଙ୍କ ଶାସନ ଚାଲିଥିଲା ।

ଏକ ହଦିସରେ ହଜରତ ଅବୁ ହୁରୈରା[ରଅ] ବର୍ଣ୍ଣନା କରିଛନ୍ତି ଯେ ଦୁଇ ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ କଳି, ଝଗଡା ଓ ଗାଳି ଗୁଲଜ କରୁଥିଲେ । ଜଣେ ମୁସଲମାନ ଓ ଅନ୍ୟ ଜଣେ ଇହୁଦି । ତେବେ ମୁସଲମାନ ଜଣକ କହିଲା 'ମୁଁ ତାହାଙ୍କର ରାଣ ଖାଇ କହୁଛି ଯିଏ ଅବତାର ମୁହମ୍ମଦ[ସଅ]ଙ୍କୁ ସମସ୍ତ ଜଗତ ପାଇଁ ମନୋନୀତ କରି ଅନ୍ୟମାନଙ୍କ ଉପରେ ଶ୍ରେଷ୍ଠତ୍ୱ ପ୍ରଦାନ କରିଛନ୍ତି ।' ଏହା କହି ସେହି ବ୍ୟକ୍ତି କ୍ରୋଧ ବଶତଃ ଇହୁଦିଙ୍କ ଉପରେ ହାତ ଉଠାଇ ଶକ୍ତ ଚାପୁଡା କଷିଦେଲା । ତହୁଁ ଇହୁଦି ବ୍ୟକ୍ତିଟି ମୁହମ୍ମହ[ସଅ]ଙ୍କ ନିକଟରେ ହାଜର ହୋଇ ଅଭିଯୋଗ କଲା । ଏହା ଶୁଣି ମହାଭାଗ ସେହି ମୁସଲମାନ ବ୍ୟକ୍ତିଙ୍କୁ ସମସ୍ତ ଘଟଣା ପଚାରିଲେ ଓ କହିଲେ:

'ଲା ତୁଖୈୟରୋ ଓ୍ୱିନୁନ୍ ଅଲା ମୁସା' لَا تُخَيِّرُوْنِى عَلٰى مُوْسٰى

ଅର୍ଥାତ 'ମୋତେ ମୋସେସଙ୍କ ଉପରେ ଶ୍ରେଷ୍ଠତ୍ୱ ଦିଅ ନାହିଁ'

Do not give me preference over Moses.

**(ସହି ବୁଖାରି, କିତାବୁଲ ଖୁସୁମାତ୍, ଭାଗ ମାୟୁଜକରୁ ଫିଲ୍ ଅଶ୍‌ଖାସ)**

ତେବେ ଏହା ଥିଲା ସ୍ୱାଧୀନତାର ଉଚ୍ଚ ସ୍ତରୀୟ ଭାବନା, ଧର୍ମଗତ ଓ ବିବେକ ସ୍ୱାଧୀନତାର ଉତ୍କର୍ଷ ଚିନ୍ତାଧାରା । ତାହା ପୁଣି ଏପରି ସ୍ଥିତିରେ ଯେପରିକି ମଦିନାରେ ନିଜର ଶାସନ ଅଛି, ମୁସଲିମ ରାଜତନ୍ତ୍ର ରହିଛି । ଯେଉଁଠାରେ ମୁକ୍ତ

ଅଭିବ୍ୟକ୍ତିର ସ୍ୱର ଗୁଞ୍ଜରିତ ହେଉଛି । ମଦିନାକୁ ହିଜରତ କରି ଆସିବା ପରେ ଦିବ୍ୟ ଅବତାର ଶାନ୍ତି ସୌହାର୍ଦ୍ଦ୍ୟ ଓ ନ୍ୟାୟର ବାତାବରଣ ସୃଷ୍ଟି କରିବା ପାଇଁ ଇହୁଦି ଓ ଅନ୍ୟ ଜନଜାତି ଗୋଷ୍ଠୀଙ୍କ ମଧ୍ୟରେ ଏକ ବୁଝାମଣା ଚୁକ୍ତି ସ୍ଥାପନ କରିଥିଲେ । ମୁସଲମାନ ସଂଖ୍ୟା ଗରିଷ୍ଠତା ଲାଭ କରିଥିବା ଯୋଗୁଁ କିମ୍ୱା ଯେଉଁମାନେ ମୁସଲମାନଙ୍କ ସହିତ ମିଶି ଯାଇଥିଲେ, ସେମାନେ ମୁସଲମାନ ହୋଇ ନଥିଲେ ସୁଦ୍ଧା ପ୍ରଶାସନ ମୁହମ୍ମଦ[ସଅ]ଙ୍କ ହାତରେ ରହିଥିଲା । କିନ୍ତୁ ଏହି ସରକାର ଗଠନ ହେବାର ଅର୍ଥ ଏହା ନଥିଲା ଯେ ଅନ୍ୟ ପ୍ରଜାବର୍ଗର ଲୋକମାନଙ୍କ ଭାବନା ପ୍ରତି ଧ୍ୟାନ ଦିଆଯିବ ନାହିଁ । ପବିତ୍ର କୁରଆନ ଏହାର ସାକ୍ଷ୍ୟ ଦେଇଥିଲେ ସୁଦ୍ଧା ଯେ ମୁହମ୍ମଦ[ସଅ] ଅନ୍ୟ ସମସ୍ତ ରସୁଲଙ୍କ ଠାରୁ ଶ୍ରେଷ୍ଠ, ତଥାପି ସେ କଦାପି ଏହି କଥାକୁ ସହ୍ୟ କଲେ ନାହିଁ ଯେ ଅବତାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତାର କଳହ ସୃଷ୍ଟି କରି ପରିବେଶକୁ ଦୂଷିତ କରାଯିବ । ମହାଭାଗ ସେହି ଇହୁଦିର କଥା ଶୁଣି କେବଳ ମୁସଲିମ ବ୍ୟକ୍ତିକୁ ଏପରି ଉର୍ତ୍ସନା କରିଥିଲେ ଯେ ତୁମେମାନେ ନିଜ ଝଗଡା ଭିତରକୁ ଅବତାରମାନଙ୍କୁ ଆଣ ନାହିଁ । ଠିକ ଅଛି, ତୁମ ଦୃଷ୍ଟିରେ ମୁଁ ନବୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଯାହା କୁରଆନ ସାକ୍ଷ୍ୟ ଦେଉଛି । କିନ୍ତୁ ଆମ ସରକାର ଓ ଶାସନତନ୍ତ୍ରରେ କାହାର ଭାବନାକୁ ଏଥିପାଇଁ ଆଘାତ ଦିଆଯିବା ଉଚିତ ନୁହେଁ ଯେ ତାଙ୍କ ନବୀଙ୍କ ସଂବନ୍ଧରେ କେହି କିଛି ଆକ୍ଷେପ କରି କହିବ । ମୁଁ ଏହାର ଅନୁମତି ଦେଇ ପାରିବି ନାହିଁ । ମୋତେ ସମ୍ମାନ ଦେବାକୁ ହେଲେ ଅନ୍ୟ ସମସ୍ତ ଅବତାରମାନଙ୍କ ପ୍ରତି ମଧ୍ୟ ସମ୍ମାନପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ ହେବ ।

ସୁତରାଂ ଏହା ଥିଲା ମହାନୁଭବଙ୍କ ନ୍ୟାୟ ଓ ସ୍ୱତନ୍ତ୍ର ଅଭିବ୍ୟକ୍ତିର ସ୍ତର, ଯାହା ସେ ପର ଆପଣା ସମସ୍ତଙ୍କୁ ଧ୍ୟାନରେ ରଖି ପ୍ରତିଷ୍ଠା କରିଥିଲେ । ବରଂ କେତେକ ସ୍ଥଳରେ ଅନ୍ୟର ଆବେଗ ପ୍ରତି ଅଧିକ ଧ୍ୟାନ ରଖା ଯାଇଥିଲା ।

# ମାନବୀୟ ମୂଲ୍ୟବୋଧ ଓ ଧାର୍ମିକ ସହିଷ୍ଣୁତା ପ୍ରତିଷ୍ଠା ପାଇଁ ହଜରତ ମୁହମ୍ମଦ[ସଅ]ଙ୍କ ବ୍ୟାବହାରିକ ଆଚରଣର ଉତ୍କୃଷ୍ଟ ଉଦାହରଣ

ମହାଭାଗଙ୍କର ମାନବୀୟ ମୂଲ୍ୟବୋଧ ଓ ସ୍ୱଚ୍ଛ ନ୍ୟାୟର ଅନ୍ୟ ଏକ ଉଦାହରଣ ରହିଛି । ଅବ୍‌ଦୁର୍ ରହମାନ୍ ବିନ୍ ଅବି ଲୈଲା ବର୍ଣ୍ଣନା କରିଛନ୍ତି ଯେ କାଦ୍‌ସିଆ ନାମକ ଏକ ସ୍ଥାନରେ ସୋହେଲ୍ ବିନ୍ ହନିଫ୍ ଓ କୈସ ବିନ୍ ସାଆଦ୍ ବସି ଥିଲେ । ସେତିକିବେଳେ ଏକ ଶବ ଶୋଭାଯାତ୍ରା ଯାଉଥିଲା । ତାହା ଦେଖି ସେ ଦୁହେଁ ଛିଡା ହୋଇଗଲେ । ସେମାନଙ୍କୁ କୁହାଗଲା ଯେ ଏହା ଏକ ଅଣ ମୁସଲିମ ଜମ୍ମି ଜାତିର ମୃତ ଶବ ଯାଉଛି । ସେ ଦୁହେଁ ଉତ୍ତର ଦେଲେ ଯେ ଥରେ ମୁହମ୍ମଦ[ସଅ]ଙ୍କ ପାଖ ଦେଇ ଏକ ଶବ ଯାଉଥିଲା ଓ ମହାଭାଗ ସଙ୍ଗେ ସଙ୍ଗେ ଏହାକୁ ସମ୍ମାନ ଜଣାଇ ଛିଡା ହୋଇ ପଡିଲେ । ତାଙ୍କୁ କୁହାଗଲା ଯେତ ଜଣେ ଇହୁଦିଙ୍କ ଶବ । ମହାଭାଗ ଉତ୍ତର ଦେଲେ

'ଅଲୈସତ୍ ନଫସନ୍ ?' اَلَيْسَتْ نَفْسًا

କଣ ସେ ମନୁଷ୍ୟ ନୁହେଁ ? **(ସହି ବୁଖାରି, କିତାବୁଲ୍ ଜନାଇଜ୍)**

ସୁତରାଂ ଅନ୍ୟ ଧର୍ମକୁ ଓ ମାନବିକତାକୁ ସମ୍ମାନ ଦେବାର ଏହା ଏକ ଉତ୍କୃଷ୍ଟ ଉଦାହରଣ । ଏପରି ସ୍ୱାଧୀନ ଭାବ ବ୍ୟକ୍ତ କରିବା ଓ ଏପରି ଆଦର୍ଶ ଦେଖାଇବା ସମାଜରେ ସଂପ୍ରଦାୟିକ ସଦଭାବନାର ଏକ ସ୍ୱଚ୍ଛ ବାତାବରଣ ସୃଷ୍ଟି କରିଥାଏ । ଏହି ଅଭିବ୍ୟକ୍ତି ହିଁ ଜଣେ ଅନ୍ୟ ଜଣକ ମଧ୍ୟରେ କୋମଳ ମନୋଭାବ ଉତ୍ପନ୍ନ କରାଇଥାଏ । ଏହି ଭାବାବେଗ ଓ ସମ୍ବେଦନଶୀଳତା ଯୋଗୁଁ ହିଁ ସ୍ନେହ, ପ୍ରେମ ଓ ସୌହାର୍ଦ୍ଦ୍ୟର ପରିବେଶ ସୃଷ୍ଟି ହୁଏ । କିନ୍ତୁ ଆଜିକାଲି ବସ୍ତୁବାଦ ଓ ସାଂସାରିକ ମୋହମାୟାରେ ଜଡିତ ଆଚରଣରେ କେବଳ ଘୃଣା ଓ ବିଦ୍ୱେଷ ବ୍ୟତୀତ ଅନ୍ୟ କିଛି ଦେଖିବାକୁ ମିଳେ ନାହିଁ ।

ଅନ୍ୟ ଏକ ହଦିସରୁ ଜଣାପଡେ ଯେ ଖୈବର ଯୁଦ୍ଧରେ ମୁସଲମାନମାନଙ୍କ ବିଜୟ ସମୟରେ ତୋରାହ ଗ୍ରନ୍ଥର କେତେକ ତଥ୍ୟର ନକଲ ସେମାନଙ୍କୁ ମିଳିଥିଲା । ଇହୁଦିମାନେ ଆସି ଦିବ୍ୟ ଅବତାରଙ୍କ ନିକଟରେ ଆପତ୍ତି କଲେ ଯେ ସେହି ଦିବ୍ୟ

ଗ୍ରନ୍ଥକୁ ସେମାନଙ୍କୁ ଫେରାଇ ଦିଆଯାଉ । ତହୁଁ ମହାଭାଗ ତାଙ୍କ ଅନୁଚରଙ୍କୁ ନିର୍ଦ୍ଦେଶ ଦେଲେ 'ସେହି ଧର୍ମ ପୁସ୍ତକକୁ ଇହୁଦିମାନଙ୍କୁ ଲେଉଟାଇ ଦିଅ ।'

(ଅସ୍ ସିରତୁଲ୍ ହଲବିୟା, ଭାଗ ଜିକ୍ର୍ ମୁଗାଜିୟା, ଖଣ୍ଡ ୩, ପୃ ୪ ୯ )

ଇହୁଦିମାନଙ୍କର ମନ୍ଦ ମନୋଭାବ ଯୋଗୁଁ ସେମାନେ ଦଣ୍ଡିତ ହୋଇଥିବା ସତ୍ତ୍ୱେ ଦିବ୍ୟ ଅବତାର କଦାପି ଏହା ବରଦାସ୍ତ କରୁ ନଥିଲେ ଯେ ଶତ୍ରୁମାନଙ୍କ ପ୍ରତି ମଧ୍ୟ ସେପରି ବ୍ୟବହାର କରାଯିବ, ଯଦ୍ଦ୍ୱାରା ସେମାନଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚିବ ।

## ହଜରତ ମୁହମ୍ମଦ[ସଅ] ଏବଂ ମଦିନାର ଇହୁଦିମାନଙ୍କ ମଧ୍ୟରେ ଶାନ୍ତି ବୁଝାମଣା ପତ୍ର

କେତେକ ପୃଥକ ଘଟଣାକୁ ମୁଁ ଉପରେ ବର୍ଣ୍ଣନା କରିଛି ଓ ମଦିନାରେ ହୋଇଥିବା ସନ୍ଧି ଚୁକ୍ତି ବିଷୟରେ ମଧ୍ୟ ସୂଚନା ଦେଇଥିଲି । ସେହି ସନ୍ଧିପତ୍ରରେ କେତେକ ବୁଝାମଣାର ଦଫା ମୁହମ୍ମଦ[ସଅ]ଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିଲା । ହଦିସରେ ଯାହା ଉଲ୍ଲେଖ ରହିଛି, ତଦନୁଯାୟୀ ମୁଁ ଏଠାରେ ଏପରି କେତେକ ଘଟଣା ବର୍ଣ୍ଣନା କରିବି ଯେ ମହାଭାଗ କେଉଁ ପରିସ୍ଥିତିରେ ଭ୍ରାତୃତ୍ୱ ଓ ସାମ୍ୟଭାବ ପ୍ରତିଷ୍ଠା ପାଇଁ ପ୍ରୟାସ କରିଥିଲେ ଓ କେଉଁ ପରିବେଶରେ ଶାନ୍ତି ଓ ସୌହାର୍ଦ୍ଦ୍ୟ କାମନା କରିଥିଲେ । ଯଦ୍ଦ୍ୱାରା ସମାଜରେ ଶାନ୍ତି ଫେରିଆସି ପାରିବ ଏବଂ ମାନବିକତା ପ୍ରତିଷ୍ଠା କରାଯାଇ ପାରିବ । ମଦିନାରେ ପହଞ୍ଚିବା ପରେ ମହାଭାଗ ଇହୁଦିମାନଙ୍କ ସହିତ ଯେଉଁ ସନ୍ଧିପତ୍ର କରିଥିଲେ, ସେଥିରେ କେତେକ ସର୍ତ୍ତ ଏହିପରି ରହିଥିଲା ।

- ମୁସଲମାନ ଓ ଇହୁଦି ପରସ୍ପର ମଧ୍ୟରେ ସହାନୁଭୁତି ଓ ଭଦ୍ରଶୀଳ ଆଚରଣ ଦେଖାଇବେ । ବନ୍ଧୁତା ମୂଳକ ସଂପର୍କ ରଖି ଏକାଠି ମିଳିମିଶି ଚଳିବେ ଏବଂ ଜଣେ ଅନ୍ୟ ବିରୁଦ୍ଧରେ ହିଂସା, ଦ୍ୱେଷ ଓ ଅତ୍ୟାଚର କରିବାର ମନୋବୃତ୍ତି ରଖିବେ ନାହିଁ । (ସର୍ତ୍ତର ଏହି ଦଫାକୁ ଇହୁଦିମାନେ ସର୍ବଦା ଭଙ୍ଗ କରି ଆସୁଥିଲେ ମଧ୍ୟ ମହାଭାଗ ଉଦାର ବ୍ୟବହାର ଦେଖାଇ ଆସିଛନ୍ତି । ଏପରିକି

ଯେବେ ତାଙ୍କର ଶତ୍ରୁତା ସମସ୍ତ ସୀମା ଟପିଗଲା, ସେତେବେଳେ ବାଧ୍ୟ ହୋଇ ସେମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡିଲା ।)

- ଦ୍ୱିତୀୟ ସର୍ତ୍ତ ଏହିପରି ଥିଲା ଯେ ପ୍ରତ୍ୟେକ ଜାତି ବା ସଂପ୍ରଦାୟର ଲୋକମାନଙ୍କୁ ଧାର୍ମିକ ସ୍ୱାଧୀନତା ମିଳିବ । (ମୁସଲମାନ ସଂଖ୍ୟା ଗରିଷ୍ଠ ଥିଲେ ମଧ୍ୟ ତୁମେ ନିଜ ଧର୍ମ ପାଳନରେ ସ୍ୱାଧୀନ)

- ତୃତୀୟ ସର୍ତ୍ତରେ ଏହା ଲେଖାଥିଲେ ଯେ ଯେଉଁମାନେ ବିଶୃଙ୍ଖଳା ଓ ଶାନ୍ତିଭଙ୍ଗ କରୁଥିବେ, ସେମାନଙ୍କ ବ୍ୟତୀତ ସମାଜର ସବୁ ବର୍ଗର ବାସିନ୍ଦାଙ୍କ ଧନ ଓ ଜୀବନ ପ୍ରତି ସୁରକ୍ଷା ପ୍ରଦାନ କରାଯିବ ଏବଂ ସେମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯିବ । (ଏଥିରେ ମଧ୍ୟ କୌଣସି ପକ୍ଷପାତ କରିବାର ନିର୍ଦ୍ଦେଶ ନାହିଁ । ସେ ମୁସଲିମ ହୋଇଥାଉ କିମ୍ବା ଅଣ ମୁସଲିମ ଯେ କେହି ବି କୌଣସି ଅପରାଧ ବା ନିୟମ ଉଲଂଘନ କରିଥିଲେ, ତାକୁ ଅବଶ୍ୟ ଉପଯୁକ୍ତ ଶାସ୍ତି ଦିଆଯିବ । ଅଧିକନ୍ତୁ ସୁରକ୍ଷା ଦେବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ଓ ଏହା ସରକାରଙ୍କର ମଧ୍ୟ ସମ୍ବିଧାନକ କର୍ତ୍ତବ୍ୟ)

- ପୁଣି ଏହା ଲେଖାଥିଲା, ପ୍ରତ୍ୟେକ ପ୍ରକାର ମତାନ୍ତର ଓ ବିଦ୍ୱେଷର ବିଚାର ପାଇଁ ମୁହମ୍ମଦ[ସଅ]ଙ୍କ ନିକଟରେ ଉପସ୍ଥାପନ କରାଯିବ ଓ ପ୍ରତ୍ୟେକ ନିଷ୍ପତ୍ତି ପ୍ରଭୁଙ୍କ ଆଦେଶ ଅନୁଯାୟୀ କରାଯିବ । (ଈଶ୍ୱରଙ୍କ ଆଦେଶ ହେଉଛି ପ୍ରତ୍ୟେକ ସଂପଦାୟର ନିଜ ଶାସ୍ତ୍ରୀୟ ବିଧାନ ଅନୁଯାୟୀ ବିଚାର କରାଯିବା । ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ମୁହମ୍ମଦ[ସଅ]ଙ୍କ ସମ୍ମୁଖରେ ଆଗତ କରିବା ଏକାନ୍ତ ଆବଶ୍ୟକ । କାରଣ ତତ୍କାଳୀନ ସରକାରୀ ପ୍ରଶାସନର ସର୍ବୋଚ୍ଚ ସେନାଧ୍ୟକ୍ଷ ମଧ୍ୟ ହଜରତ ମୁହମ୍ମଦ[ସଅ] ହିଁ ଥିଲେ । ସେଥିପାଇଁ ମହାଭାଗ ଯେବେ ଇହୁଦିମାନଙ୍କ ପାଇଁ କେତେକ ନିଷ୍ପତ୍ତି ତାଙ୍କ ନିଜସ୍ୱ ଶାସ୍ତ୍ରୀୟ ବିଧାନ ଅନୁଯାୟୀ ଗ୍ରହଣ କଲେ, ତାହା ଉପରେ ଏବେକାର ଖ୍ରୀଷ୍ଟ ସମାଜ ତଥା ଅନ୍ୟ ବିରୋଧିମାନେ ଅଭିଯୋଗ କରୁଛନ୍ତି ଯେ ତାହା ଅନ୍ୟାୟ ଓ କଠୋର ନିଷ୍ପତ୍ତି ଥିଲା । ଅଥଚ ସେମାନଙ୍କ କହିବା ଅନୁଯାୟୀ ତାହା ତାଙ୍କ ସର୍ତ୍ତାବଳୀ ଉପରେ ହିଁ ଆଧାରିତ ଥିଲା ।)

- ଅନ୍ୟ ଏକ ସର୍ତ୍ତ ରହିଥିଲା ଯେ ମୁହମ୍ମଦ[ସଅ]ଙ୍କ ବିନା ଅନୁମତିରେ କେହି ଯୁଦ୍ଧ କରିବାକୁ ଯାଇ ପାରିବେ ନାହିଁ । (ସେଥିପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ କୌଣସି ସରକାରଙ୍କ ଅଧୀନରେ ରହିଥିଲେ ସେହି ସରକାରଙ୍କ ନିୟମ ମାନିବାକୁ ପଡିବ) ତେବେ ଏହି ସର୍ତ୍ତ ଆଜିକାଲିର ଜେହାଦୀ ସଂଗଠନଗୁଡିକ ପାଇଁ ମଧ୍ୟ ଲାଗୁ ହେବ । ଯେଉଁ ପ୍ରଶାସନ ଅଧୀନରେ ରହିଥିବ ତାଙ୍କ ଅନୁମତି ବିନା କୌଣସି ପ୍ରକାର ଜିହାଦ କରିପାରିବ ନାହିଁ । କେବଳ ସେହି ଦେଶର ସେନାବାହିନୀରେ ନିଜକୁ ସାମିଲ କରିପାରିବ । ପୁଣି ସେହି ସେନାରେ ମିଶି ସେହି ସରକାର ବା ସେହି ଦେଶର ଶତ୍ରୁ ସହିତ ଯୁଦ୍ଧ କରାଯାଇ ପାରେ ।

ଅନ୍ୟ ଏକ ସର୍ତ୍ତ ଅନୁଯାୟୀ ଯଦି ଇହୁଦି ଓ ମୁସଲମାନଙ୍କ ବିରୁଦ୍ଧରେ କୌଣସି ଅନ୍ୟ ଜାତି ଯୁଦ୍ଧ କରିବ, ତା'ହେଲେ ଉଭୟ ସଂପ୍ରଦାୟର ଲୋକ ଜଣେ ଅନ୍ୟର ସହାୟତା କରିବା ପାଇଁ ଛିଡା ହେବେ । ଯଦି କୌଣସି ଗୋଟିଏ ପକ୍ଷ ବିରୁଦ୍ଧରେ ଯୁଦ୍ଧ ହେଉଛି ତ ଅନ୍ୟ ପକ୍ଷ ସାହାଯ୍ୟ କରିବ । ଶତ୍ରୁଙ୍କ ସହିତ ସନ୍ଧି ସ୍ଥାପନ କରାଗଲେ ମୁସଲିମ ଓ ଅଣ ମୁସଲିମ ଉଭୟଙ୍କୁ ଯଦି ସେଥିରୁ କୌଣସି ଲାଭ ପହଞ୍ଚୁଛି, ତେବେ ସେହି ଲାଭାଂଶର ପ୍ରତ୍ୟେକ ସହଯୋଗୀ ପକ୍ଷ ସମାନୁପାତରେ ଅଂଶୀଦାର ହେବେ ।

ସେହିପରି ଯଦି ମଦିନା ଉପରେ ଆକ୍ରମଣ ହୁଏ, ତେବେ ସମସ୍ତେ ମିଳିତ ଭାବରେ ତାହାର ମୁକାବିଲା କରିବେ ।

ପୁଣି ଏକ ସର୍ତ୍ତ ହେଉଛି କୋରୈଶ ମକ୍କାବାସୀ ଓ ସେମାନଙ୍କ ସମର୍ଥକମାନଙ୍କୁ ଇହୁଦିମାନଙ୍କ ତରଫରୁ କୌଣସି ପ୍ରକାର ସହାୟତା କରାଯିବ ନାହିଁ ଓ ଆଶ୍ରୟ ଦିଆ ଯିବନାହିଁ । କାରଣ ମକ୍କାର ବିରୋଧିଗଣ ହିଁ ମୁସଲମାନମାନଙ୍କୁ ସେଠାରୁ ନିଷ୍କାସିତ କରିଥିଲେ । ମୁସଲମାନ ମଦିନା ଆସି ଏଠାରେ ଶରଣ ନେଲେ । ସେଥିପାଇଁ ଏହି ସରକାରଙ୍କ ଅଧୀନରେ ବାସ କରୁଥିବା ନାଗରିକ ଶତ୍ରୁଙ୍କ ସହିତ କୌଣସି ପ୍ରକାର ସାଲିସ ବା ମସୁଧା କରିପାରିବେ ନାହିଁ ଆଉ ନା କୌଣସି ସାହାଯ୍ୟ ନେବେ । ଏହା ମଧ୍ୟ କୁହାଯାଇଛି ଯେ ପ୍ରତ୍ୟେକ ଜାତିର ଲୋକ ନିଜ ଖର୍ଚ୍ଚ ନିଜେ

ବହନ କରିବେ । ଏହି ସନ୍ଧିଚୁକ୍ତି ଅନୁଯାୟୀ ଯଦି କେହି କୌଣସି ଅତ୍ୟାଚାର, ପାପ ଓ ଭୁଲ କାର୍ଯ୍ୟ କରିଥିବ, ତାକୁ ନିଶ୍ଚୟ ଶାସ୍ତି ମିଳିବ । ସେ ମୁସଲମାନ ହୋଇଥାଉ କି ଇହୁଦି କିମ୍ବା କୌଣସି ଅନ୍ୟ ଧର୍ମର ବ୍ୟକ୍ତି ସେ ଏଥିରୁ ଛାଡ ପାଇବ ନାହିଁ ।

**(ସିରତ ଖାତମୁନ୍ ନବୀୟିନ, ହଜରତ ମିର୍ଜା ବଶିର ଅହମଦ୍, ପୃ୨୭୯)**

## ଧର୍ମଗତ ସ୍ୱାଧୀନତା ଓ ନାଜରାନ ଜନସାଧାରଣଙ୍କୁ ସର୍ବକ୍ଷମା

ପୁଣି ସଂପ୍ରଦାୟିକ ସଦଭାବନା, ନାଗରିକ ସ୍ୱାଧୀନତା ଓ ଧାର୍ମିକ ସହିଷ୍ଣୁତାର ପ୍ରତିଷ୍ଠା ରକ୍ଷା କରିବା ପାଇଁ ମହାଭାଗ ନାଜରାନରୁ ଆସିଥିବା ଖ୍ରୀଷ୍ଟ ମତାବଲମ୍ବୀଙ୍କୁ ମସଜିଦ୍ ନବୱି (Prophet's Mosque) ଭିତରେ ଉପାସନା କରିବା ପାଇଁ ଅନୁମତି ଦେଇଥିଲେ । ସେମାନେ ପୂର୍ବ ଦିଗକୁ ମୁହଁ କରି ପ୍ରାର୍ଥନା କଲେ । ଏହାଦେଖି ଅନୁଚରମାନେ ଆପତ୍ତି ଜଣାଇବାରୁ ଦିବ୍ୟ ଅବତାର କହିଲେ 'ସେଥିରେ କିଛି ଯାଏ ଆସେ ନାହିଁ ।'

ନଜରାନ ଅଧିବାସୀଙ୍କ ଉଦ୍ଦେଶ୍ୟରେ ମୁହମ୍ମଦ[ସଅ] ଯେଉଁ ନିରାପତ୍ତା ମୂଳକ ପତ୍ର ଦେଇଥିଲେ, ସେଥିରେ ଉଲ୍ଲେଖ ଅଛି ଯେ ମହାଭାଗ ଏହି ଦାୟୀତ୍ୱର ଭାର ନିଜ ମୁଣ୍ଡକୁ ନେଲେ । ନାଜରାନରୁ ଆସିଥିବା ଖ୍ରୀଷ୍ଟିୟାନମାନଙ୍କୁ ଦେଶର ସରହଦରେ ମୁସଲିମ ସୈନ୍ୟଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯିବ । ଅଧିକନ୍ତୁ ସେମାନଙ୍କ ଗୀର୍ଜା, ଉପାସନା ସ୍ଥଳୀ ତଥା ଆଶ୍ରୟ ସ୍ଥଳୀ ଓ ଯାତ୍ରୀ ବିଶ୍ରାମାଗାର ଇତ୍ୟାଦି ପାଇଁ ନିରାପତ୍ତା ମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ । ତାହା ସହର, ପାହାଡ, ଜଙ୍ଗଲ ଆଦି ଯେତେ ଦୁର୍ଗମ ଅଞ୍ଚଳରେ ରହିଥାଉ ପଛକେ ସେଗୁଡିକର ସୁରକ୍ଷା ମୁସଲମାନମାନଙ୍କ ଦାୟୀତ୍ୱ । ସେମାନଙ୍କ ନିଜସ୍ୱ ଧର୍ମୀୟ ରୀତିନୀତି ଅନୁଯାୟୀ ଉପାସନା କରିବାର ସ୍ୱାଧୀନତା ପ୍ରତି ସୁରକ୍ଷା ଦେବା ମଧ୍ୟ ମୁସଲମାନମାନଙ୍କ କର୍ତ୍ତବ୍ୟ ହେବ । ସୁତରାଂ ଦିବ୍ୟ ଅବତାର[ସଅ] କହିଥିଲେ :

'ସେମାନେ ମୁସଲମାନ ସରକାରଙ୍କ ଅଧୀନରେ ରହିଛନ୍ତି । ଯେହେତୁ ସେମାନେ ମୋର ପ୍ରଜା, ତେଣୁ ଏହା ମୋ ପାଇଁ ଅନିବାର୍ଯ୍ୟ ହୋଇ ପଡିଛି ଯେ ମୁଁ ସେମାନଙ୍କର ସମସ୍ତ ସୁରକ୍ଷା ଦାୟୀତ୍ୱ ବହନ କରିବି ।'

ପୁଣି ଆଗକୁ ସର୍ତ୍ତରେ ଏହିପରି ଲେଖାଅଛି ଯେ ମୁସଲମାନମାନେ ନିଜର ଯୁଦ୍ଧ ଅଭିଯାନରେ ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କ ସହମତି ବିନା ସାମିଲ କରିବେ ନାହିଁ । ସେମାନଙ୍କ ପାଦ୍ରୀ ତଥା ଧାର୍ମିକ ନେତୃବୃନ୍ଦ ଯେଉଁ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି, ସେଠାରୁ ସେମାନଙ୍କୁ ହଟାଇ ଦିଆଯିବ ନାହିଁ । ସେମାନେ ସେହିଠାରେ ରହି ପୂର୍ବବତ୍ କାର୍ଯ୍ୟ କରିବେ । ସେମାନଙ୍କ ଉପାସନା ପୀଠ ଉପରେ କୌଣସି ହସ୍ତକ୍ଷେପ କରାଯିବ ନାହିଁ । କୌଣସି ପରିସ୍ଥିତିରେ ସେଗୁଡିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାରକୁ ଅଣାଯିବ ନାହିଁ । ନା କୌଣସି ପାନ୍ଥଶାଳା ନା ଅନ୍ୟ କୌଣସି ଉଦ୍ଦେଶ୍ୟରେ ସେଗୁଡିକୁ ଲଗାଯିବ । ଧାର୍ମିକ ବିଦ୍ୱାନ ବା ପାଦ୍ରିମାନଙ୍କ ଠାରୁ ଜିଦିୟା କର ଆଦାୟ କରାଯିବ ନାହିଁ । ଯଦି କୌଣସି ମୁସଲମାନ କୌଣସି ଖ୍ରୀଷ୍ଟିୟାନ ମହିଳାଙ୍କୁ ବିବାହ କରିଥିବେ, ତା'ହେଲେ ସେ ନିଜସ୍ୱ ଧର୍ମ ପାଳନ କରିବାର ସଂପୂର୍ଣ୍ଣ ସ୍ୱାଧୀନତା ପାଇବେ । ଯଦି ସେ ନିଜ ପଣ୍ଡିତଙ୍କ ଠାରୁ ଧର୍ମତତ୍ତ୍ୱ ବିଷୟରେ ଜାଣିବାକୁ ଚାହିବେ ତେବେ ତାହା ସେ ନିଜେ ପଚାରି ବୁଝି ପାରନ୍ତି । ଚର୍ଚ୍ଚଗୁଡିକର ମରାମତି ସମ୍ବନ୍ଧରେ ସର୍ତ୍ତରେ ଲେଖାଅଛି ଯେ ଯଦି ସେମାନେ ଏଥିପାଇଁ କୌଣସି ମୁସଲମାନ ଠାରୁ ଆର୍ଥିକ ସାହାଯ୍ୟ ଲୋଡିବେ ତାହା ଅବଶ୍ୟ ତାଙ୍କୁ ମିଳିବ । ଏହା କୌଣସି ଧାର ସୂତ୍ରରେ ନୁହେଁ କି ବଦାନ୍ୟତାରେ ନୁହେଁ । ବରଂ ସେହି ବୁଝାମଣା ପତ୍ରକୁ ଅଧିକ ଉତ୍ତମ ଭାବେ କାର୍ଯ୍ୟକାରୀ କରିବାର ଏହା ମାଧ୍ୟମ ହେବ । ସେହିପରି ସାମାଜିକ ସଂପର୍କ ଓ ପାରସ୍ପରିକ ସହଯୋଗ ବୃଦ୍ଧି କରାଯିବ ।

**(ଜାଦୁଲ୍ ମା'ଦ୍, ଫି ହଦିୟେ ଖୈରିଲ୍ ଇବାଦ୍, ଫସଲ୍ ଫିକୁଦୁମ ୱଫ୍‌ଦେ ନଜରାନ୍)**

ସୁତରାଂ ଏହାଥିଲା ଦିବ୍ୟ ବାର୍ତ୍ତାବହଙ୍କ ଧାର୍ମିକ ସ୍ୱାଧୀନତା ଓ ସହନଶୀଳତାର ଉଚ୍ଚ ମାନଦଣ୍ଡ, ଅଥଚ ଏହାର ବିପରୀତରେ ଇସଲାମ ବଳ ପ୍ରୟୋଗ ଓ ଅତ୍ୟାଚାର ଦ୍ୱାରା ପ୍ରସାର ଲାଭ କରିଛି ବୋଲି କହିବା ଏକ ନିଷ୍ଠୁର ଅଭିଯୋଗ ବ୍ୟତୀତ ଅନ୍ୟ କିଛି ନୁହେଁ ।

ହଜରତ ମସିହ ମଉଦ[ଅସ] କହିଛନ୍ତି ଯେତେବେଳେ ଗ୍ରନ୍ଥାଧାରୀ ଓ ଆରବର ମୁଶ୍‌ରିକ (ବିଧର୍ମୀ) ଅତ୍ୟନ୍ତ ଦୂରାଚାର ମଧ୍ୟ ଦେଇ ଗତି କରୁଥିଲେ ଓ ଅଧର୍ମର ଶୀକାର ହୋଇ ଯାଇଥିଲେ । ପୁଣି ସେମାନେ ମନ୍ଦ ଆଚରଣ କରି ଏହା ଭାବୁଥିଲେ

ଯେ ଆମେ ବହୁତ ମହାନ କର୍ମ କରିଛୁ । ସେମାନେ ଯେତେବେଳେ ଅପରାଧ ମୂଳକ କାର୍ଯ୍ୟରୁ ବିରତ ହେଉ ନଥିଲେ ଓ ସାମାଜିକ ଶାନ୍ତି ଓ ନିରାପତ୍ତରେ ବାଧା ସୃଷ୍ଟି କରୁଥିଲେ, ଈଶ୍ୱର ନିଜର ଅବତାରୀ ପୁରୁଷଙ୍କ ହାତରେ ରାଜତ୍ୱ ଅର୍ପଣ କରି ଗରିବ ଓ ଅସହାୟମାନଙ୍କୁ ସେମାନଙ୍କ କବଳରୁ ରକ୍ଷା କରିବାକୁ ମନସ୍ଥ କଲେ । ସେଥିପାଇଁ ପବିତ୍ର ଅବତାରଙ୍କୁ ଶାସନ ଭାର ଦିଆଗଲା । ଯେହେତୁ ସମଗ୍ର ଆରବର ଲୋକ କୌଣସି ରାଜାଙ୍କ ସାମ୍ରାଜ୍ୟର ଅଧୀନରେ ନଥିଲେ ଓ ସମସ୍ତେ ଲଗାମ ଛଡା ହୋଇ ଯାଇଥିଲେ । ପରିଣାମ ସ୍ୱରୂପ ସେମାନେ ଶୃଙ୍ଖଳା ଭିତରେ ନ ରହି ଅତ୍ୟନ୍ତ ବେପରୁଆ ଭାବରେ ସେଠାରେ ଜୀବନ ଯାପନ କରୁଥିଲେ । ସେମାନଙ୍କ ପାଇଁ କୌଣସି ଶାସ୍ତିର ବ୍ୟବସ୍ଥା ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅପରାଧ ଦିନକୁ ଦିନ ବଢୁଥିଲା । ମାତ୍ର ଅରାଜକତାର ଚରାଭୁଇଁ ପାଲଟି ଯାଇଥିବା ସେହି ଭୁଖଣ୍ଡ ଉପରେ ଈଶ୍ୱରଙ୍କ ଶୁଭ ଦୃଷ୍ଟି ପଡିଲା । ସେହି ଦେଶ ଉପରେ ଦୟା ପରବଶ ହୋଇ ଈଶ୍ୱର ମୁହମ୍ମଦ[ସଅ]ଙ୍କୁ ନା କେବଳ ନିଜର ରସୁଲ (ବାର୍ତ୍ତବହ) କରି ପଠାଇଲେ, ବରଂ ସେହି ଦେଶର ସମ୍ରାଟ କରିଦେଲେ । ପବିତ୍ର କୁରଆନ୍‌କୁ ସମସ୍ତ ପ୍ରକାର ଅନୁଶାସନର ବିଧାନବାହୀ ଗ୍ରନ୍ଥ ରୂପେ ସଂପୂର୍ଣ୍ଣ କଲେ । ଯହିଁରେ ଦିୱାନୀ ଫୌଜଦାରୀ ଅର୍ଥାତ ବିଚାରବିଧି ଓ ଅପରାଧିକ ଆଇନ ତଥା ଆର୍ଥିକ ନ୍ୟାୟର ବ୍ୟବସ୍ଥା ରହିଲା । ସୁତରାଂ ହଜରତ ମୁହମ୍ମଦ[ସଅ] ଏକ ସର୍ବୋଚ୍ଚ ଶାସନକର୍ତ୍ତା ରୂପେ ଦେଶର ସମସ୍ତ ଜାତି ଓ ଗୋଷ୍ଠୀର ଲୋକମାନଙ୍କୁ ନ୍ୟାୟ ବିଚାର ପ୍ରଦାନ କଲେ । ଜଣେ ରାଜା ହେବାର ଦକ୍ଷତା ହାସଲ କରି ସବୁ ଧର୍ମର ଅନୁଗାମୀମାନଙ୍କ ନ୍ୟାୟାଧୀଶ ହୋଇ ସମସ୍ତ ପ୍ରଜାଙ୍କ ଦୁଃଖସୁଖ ବୁଝିବାର ଦାୟୀତ୍ୱ ଗ୍ରହଣ କଲେ । ଫଳତଃ ଯେ କୌଣସି ପ୍ରଜା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ନିଜର ସମସ୍ୟାର ସମାଧାନ କରିବା ପାଇଁ ତାଙ୍କ ନିକଟକୁ ଆସୁଥିଲେ ଏବଂ ସେ ବିନା ପକ୍ଷପାତରେ ସମସ୍ତଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେବା ପାଇଁ ପ୍ରୟାସରତ ଥିଲେ ।

ପବିତ୍ର କୁରଆନରୁ ଏହାର ପ୍ରମାଣ ମିଳୁଛି ଯେ ଜଣେ ମୁସଲିମ ଓ ଇହୁଦିଙ୍କ ମଧ୍ୟରେ ଏକ ମୋକଦ୍ଦମାର ବିଚାର ପାଇଁ ମୁହମ୍ମଦ[ସଅ]ଙ୍କ ଅଦାଲତକୁ ମାମଲା ଆସିଲା । ଅନୁସନ୍ଧାନରୁ ଜଣାପଡିଲା ଯେ ଇହୁଦିର କଥା ନ୍ୟାୟସଂଗତ । ତେଣୁ ସେ ଦୋଷମୁକ୍ତ

ହେଲା ଓ ମୁସଲମାନକୁ ସେହି ମୋକଦ୍ଦମାରୁ ଓହରିବାକୁ ପଡିଲା, ଯେହେତୁ ତା'ର ଦାବି ମିଥ୍ୟା ପ୍ରମାଣିତ ହେଲା । ତେଣୁ କେତେକ ଅଜ୍ଞାନୀ ବିରୋଧି ଗୋଷ୍ଠୀ ଯେଉଁମାନେ ପବିତ୍ର କୁରଆନକୁ ଧ୍ୟାନଦେଇ ପଢି ନଥାନ୍ତି, ସେମାନେ ସବୁ ପ୍ରକାର ଦଣ୍ଡବିଧାନର ପ୍ରସଂଗକୁ ମୁହମ୍ମଦ[ସଅ]ଙ୍କ ଅବତାରତ୍ୱର ପରିଧି ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ମନେ କରନ୍ତି । ଅଥଚ ଏପରି ଶାସ୍ତି ପ୍ରଣୟନ କରିବା ଅବତାରଙ୍କ ଉତ୍ତରାଧିକାରୀ ଭାବେ ନିଯୁକ୍ତ ଖିଲାଫତ୍ କିମ୍ବା ଜଣେ ସମ୍ରାଟଙ୍କ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଉଥିଲା । ଅର୍ଥାତ୍ ଏହା ତତ୍‌କାଳୀନ ସରକାରଙ୍କ କାର୍ଯ୍ୟ ଥିଲା ।

ହଜରତ ମୋସେସ[ଅସ]ଙ୍କ ପରେ ଇସ୍ରାଇଲ ଜାତିରେ ଅବତାର ବିଧି ବ୍ୟବସ୍ଥାକୁ ପୃଥକ ଓ ଦେଶର ରାଜାଙ୍କୁ ଅଲଗା ବିବେଚନା କରାଗଲା । ରାଜାମାନେ ରାଜନୈତିକ ବ୍ୟବସ୍ଥା ମାଧ୍ୟମରେ ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିଲେ । ସୁତରାଂ ଦିବ୍ୟ ଅବତାର[ସଅ]ଙ୍କ ସମୟ ଆସିବା ବେଳକୁ ଉଭୟ ଅନୁଷ୍ଠାନ (ଅବତାରତ୍ୱ ଓ ଶାସନତନ୍ତ୍ର) ତାଙ୍କୁ ଐଶି କ୍ଷମତା ରୂପେ ଅର୍ପଣ କରାଗଲା । ଅପରାଧିମାନଙ୍କୁ ଛାଡି ଦେଲେ ଅନ୍ୟମାନଙ୍କ ସହିତ କିପରି ନ୍ୟାୟମୂଳକ ଆଚରଣ ପ୍ରସ୍ତୁତ କରାଗଲା, ତାହା ପବିତ୍ର କୁରଆନର ଏହି ପଙ୍କ୍ତିରେ ଉଲ୍ଲେଖ ରହିଛି :

وَقُلْ لِّلَّذِيْنَ اُوْتُوا الْكِتٰبَ وَالْاُمِّيّٖنَ
ءَاَسْلَمْتُمْ ۗ فَاِنْ اَسْلَمُوْا فَقَدِ اهْتَدَوْا ۚ
وَاِنْ تَوَلَّوْا فَاِنَّمَا عَلَيْكَ الْبَلٰغُ ۗ

ୱକୁଲ୍ ଲିଲ୍ଲଜିନା ଉତୁଲ୍ କିତାବା ୱଲ୍ ଉମ୍ମିୟିନା ଆ ଅସଲମ୍‌ତୁମ୍;
ଫଇନ୍ ଅସଲମୁ ଫକଦିହ୍‌ତଦଓ ୱଇନ୍ ତୱଲ୍ଲୌ ଫଇନ୍ନମା ଅଲୈକଲ୍ ବଲାଗ୍ ।

ଅର୍ଥାତ୍ 'ହେ ରସୁଲ୍ ତୁମେ ଗ୍ରନ୍ଥାଧାରୀ ଓ ଆରବର ଅଜ୍ଞାନୀ ଲୋକମାନଙ୍କୁ କୁହ, କଣ ତୁମେମାନେ ଇସଲାମ ଧର୍ମ ଗ୍ରହଣ କରୁଛ ? ଯଦି (ସେମାନେ) ଇସଲାମ ଅବଲମ୍ବନ କରିବେ, ତା'ହେଲେ ସତଶିକ୍ଷା ପାଇଯିବେ । କିନ୍ତୁ ଯଦି ଏହି ଧର୍ମରୁ ବିମୁଖ ହୋଇ ମୁହଁ ମୋଡି ଚାଲିଯିବେ, ତେବେ ତୁମର କେବଳ

ଏତିକି କାର୍ଯ୍ୟ ଯେ (ତୁମେ ସେମାନଙ୍କୁ) ଅଲ୍ଲାଃଙ୍କ ଆଦେଶ ପହଞ୍ଚାଇ ଦିଅ ।'
**(ଆଲେ ଇମ୍ରାନ ୨୧)**

ଏହି ପଙ୍‌କ୍ତିରେ ଏକଥା କୁହାଯାଇ ନାହିଁ ଯେ ତୁମର କାମ ହେଉଛି ତୁମେ ତାଙ୍କ ସହିତ ଯୁଦ୍ଧ କର । ଏଥିରୁ ସ୍ପଷ୍ଟ ହେଉଛି ଯେ ଯୁଦ୍ଧ କେବଳ ଅପରାଧରେ ଜଡିତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଯେଉଁମାନେ ମୁସଲମାନଙ୍କୁ ହତ୍ୟା କରୁଥିଲେ, ଲୋକମାନଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ ଓ ଚୋରି ଡକାୟତି କାମରେ ଲିପ୍ତ ଥିଲେ, ତାଙ୍କ ସହିତ ଯୁଦ୍ଧ କରିବା ରାଜା ବା ପ୍ରଶାସନର କ୍ଷମତା ଅନ୍ତର୍ଗତ ଥିଲା । ଅବତାରଙ୍କ କାର୍ଯ୍ୟ ପରିସର ମଧ୍ୟରେ ତାହା ନ ଥିଲା । ଅର୍ଥାତ ଯେବେ ମୁହମ୍ମଦସଅ ଦେଶ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା ଥିଲେ, ସେହି କ୍ଷମତା ଭିତ୍ତିରେ ସେ ଯୁଦ୍ଧ କରୁଥିଲେ, ଅବତାର ହୋଇଥିବା ଯୋଗୁଁ ନୁହେଁ । ସୁତରାଂ ମହିମାମୟ ଅଲ୍ଲାଃ ଏହିପରି ଘୋଷଣା କରିଥିଲେ ।

وَقَاتِلُوْا فِيْ سَبِيْلِ اللّٰهِ الَّذِيْنَ يُقَاتِلُوْنَكُمْ
وَلَا تَعْتَدُوْا ۭ اِنَّ اللّٰهَ لَا يُحِبُّ الْمُعْتَدِيْنَ ۝١٩١

ଓ୍ୱକାତିଲୁ ଫି ସବିଲିଲ୍ଲାହିଲ ଲଜିନା ୟୁକାତେଲୁ ନକୁମ୍ ଓ୍ୱଲା ତା'ତଦୁ ଇନ୍‌ନାଲ୍ଲାହା ଲା ୟୁହିବ୍‌ବୁଲ୍ ମୁ' ତଦିନ୍

ଅର୍ଥାତ୍ 'ତୁମେମାନେ ଈଶ୍ୱରଙ୍କ ମାର୍ଗରେ ସେହି ଲୋକମାନଙ୍କ ସହିତ ଲଢେଇ କର । ଯେଉଁମାନେ ତୁମ ସହିତ ଲଢୁଛନ୍ତି । ଅନ୍ୟ କୌଣସି ମନ୍ଦ ଉଦ୍ଦେଶ୍ୟ ରଖ ନାହିଁ ଓ ସୀମା ଲଂଘନ କର ନାହିଁ । ନିଶ୍ଚିତ ରୂପେ ଅଲ୍ଲାଃ ସୀମା ଲଂଘନ କରୁଥିବା ଲୋକମାନଙ୍କୁ ପସନ୍ଦ କରନ୍ତି ନାହିଁ ।' **(ଅଲ ବକରା ୧୯୧)**

**(ଚଶମା ଏ ମାରିଫତ୍, ରୁହାନୀ ଖଜାଏନ, ଭାଗ୨୩, ପୃ ୨୪୨-୨୪୩)**

ଏହା କିପରି ହୋଇପାରେ ଯେ ମୁହମ୍ମଦ[ସଅ]ଙ୍କ ପରି ଜଣେ ଦେବୋତ୍ତମ ମହାପୁରୁଷ ଯାହାଙ୍କ ଉପରେ ଧର୍ମୀୟ ବିଧାନ ଅବତୀର୍ଣ୍ଣ ହୋଇଛି, ସେ ସ୍ୱୟଂ ସେହି ଆଦେଶର ଉଲଂଘନ କରିବେ ? ମହାଭାଗ ତ ମକ୍କା ବିଜୟ ସମୟରେ ମଧ୍ୟ ଏପରି

କୌଣସି ସର୍ତ୍ତ ରଖି ନଥିଲେ ଯେ ଯଦି ଇସଲାମ ଗ୍ରହଣ କରିବ, ତା'ହେଲେ ତୁମର ଜୀବନ ନିରାପଦ ରହିବ । ବରଂ ସାଧାରଣ କ୍ଷମାର ଘୋଷଣା କରି ଦେଇଥିଲେ । ଏହାର ଏକ ଦୃଷ୍ଟାନ୍ତ ଆମେ ଦେଖି ସାରିଛୁ । କ୍ଷମା ପ୍ରଦାନର ବିଭିନ୍ନ ପ୍ରକାର କାରଣ ରହିଥିଲା । ଧର୍ମଦ୍ରୋହ, ଅତ୍ୟାଚାର ଓ ବିନା କାରଣରେ ନିର୍ଯାତନା ଦେବା ଭଳି ଅନେକ ଦଫା ଲାଗିଥିଲେ ସୁଦ୍ଧା ସେଥିରେ ଏହା ନଥିଲା ଯେ ବାଧ୍ୟତାମୂଳକ ଭାବରେ ଇସଲାମ ସ୍ୱୀକାର କଲେ ହିଁ ତୁମକୁ କ୍ଷମା ଦିଆଯିବ । ସେହି ସର୍ବକ୍ଷମାର ଘୋଷଣା ବିଭିନ୍ନ ଉପାୟରେ ଓ ପରିସ୍ଥିତିରେ କରାଯାଇଥିଲା । ଯେପରି କି ପ୍ରାଣ ବଞ୍ଚାଇବା ପାଇଁ ବିଭିନ୍ନ ସ୍ଥାନକୁ ଚାଲିଗଲେ, ଆଶ୍ରୟ ନେଲେ ବା ଶାନ୍ତିପୀଠ ଖା'ନା କା'ବାରେ ପ୍ରବେଶ କଲେ ଅଥବା କାହାର ପତାକା ତଳକୁ ଆସିଗଲେ ନତୁବା କାହା ଘରେ ଶରଣାପନ୍ନ ହେବା ଇତ୍ୟାଦି ଯୋଗୁଁ କ୍ଷମା ଓ ମୁକ୍ତିର ଘୋଷଣା କରାଯାଇଥିଲା । ଏହା ଏପରି ଏକ ମହାନ ଦୃଷ୍ଟାନ୍ତ ଥିଲା ଯାହା ଆମକୁ ଅନ୍ୟ କୌଣସି ଠାରେ ଦେଖିବାକୁ ମଳେ ନାହିଁ । ମୁକ୍ତ କଣ୍ଠରେ ଏହା ଘୋଷଣା କରାଗଲା ଯେ

'ଲା ତଶରିବା ଆଲୈକୁମୁଲ୍ ୟୋମ୍' لَا تَثْرِيْبَ عَلَيْكُمُ الْيَوْمَ

ଅର୍ଥାତ୍ 'ଯାଅ, ତୁମମାନଙ୍କ ଉପରେ ଆଜି କୌଣସି ପ୍ରତିଶାଧ ନିଆଯିବ ନାହିଁ । କୌଣସି ଦୋଷାରୋପର କାଳିମା ଲଗାଯିବ ନାହିଁ ।' ସେହି ପରମ ନମସ୍ୟ ପୁଣ୍ୟାତ୍ମାଙ୍କୁ କୋଟି ନମସ୍କାର ତଥା ଶତ ସହସ୍ର ଆଶୀର୍ବାଦ ରହିଥାଉ, ଯିଏ ଏପରି ଉଚ୍ଚ ଆଦର୍ଶ ପ୍ରତିଷ୍ଠା କରି ଯାଇଛନ୍ତି ଏବଂ ଆମମାନଙ୍କୁ ମଧ୍ୟ ଏପରି ଉଚ୍ଚକୋଟିର ଶିକ୍ଷା ଦେଇଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ତାହା ଉପରେ ପାଳନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**(ଖୁତବା ଜୁମା, ୧୦ମାର୍ଚ୍ଚ ୨୦୦୬, ମସଜିଦ୍ ବୈତୁଲ୍ ଫୁତୁହ ଲଣ୍ଡନ)**

## ଭ୍ରାନ୍ତ ଧାରଣା ଦୂରୀଭୁତ କରିବା ପାଇଁ ମୂଲ୍ୟବାନ ପ୍ରସ୍ତାବ

ବିଭିନ୍ନ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ରହିଥିବା ଭୁଲ ଧାରଣାକୁ ଦୂର କରିବା ତଥା ପରସ୍ପର ମଧ୍ୟରେ ପ୍ରେମ, ସୌହାର୍ଦ୍ଦ୍ୟ, ମୈତ୍ରୀ ଓ ସ୍ୱଚ୍ଛ ଭାଇଚାରାର ବାତାବରଣ ସୃଷ୍ଟି କରିବା ପାଇଁ ତଥା ଶାନ୍ତି ଓ ସହାବସ୍ଥାନରେ ବସବାସ କରିବା ପାଇଁ

ଅହମଦୀୟା ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ - ପ୍ରତିଶ୍ରୁତ ମସିହ ଓ ମେହଦୀ[ଅସ] ବିଶ୍ୱ ଆନ୍ତଃଧର୍ମ ସମ୍ମିଳନୀର ଆୟୋଜନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସୁତରାଂ ସେ ବ୍ରିଟେନର ରାଣୀ ଭିକ୍ଟୋରିଆଙ୍କ ହୀରକ ଜୁବିଲି ଅବସରରେ ତାଙ୍କୁ ଏହି ପ୍ରସ୍ତାବ ଦେଇ କହିଲେ:

"ଏହା ଅତ୍ୟନ୍ତ ଆବଶ୍ୟକ ଯେ ଏଠାରେ ଅନୁଷ୍ଠିତ ଆନ୍ତଃଧର୍ମ ସମ୍ମଳନୀରେ ପ୍ରତ୍ୟେକ ବକ୍ତା ନିଜ ଧର୍ମର ଗୁଣାବଳୀ ଉପରେ ଆଲୋଚନା କରିବ । ନିଜ ଧର୍ମମତର ଉତ୍ତମ ଶିକ୍ଷା ସମ୍ବନ୍ଧରେ ବ୍ୟାଖ୍ୟାନ କରିବ । ଅନ୍ୟ କାହାରିକୁ ନିନ୍ଦା କରିବ ନାହିଁ ।" **(ତୋହଫାଏ କୈଶରିୟା, ରୁହାନି ଖଜାଏନ୍, ଭାଗ ୧୨, ପୃ୨୭୯)**

ଏହାର ଆବଶ୍ୟକତା ପ୍ରତି ଜୋର ଦେଇ ମହାମାନ୍ୟ କହିଲେ 'ସାଧାରଣତଃ ଧାର୍ମିକ ନେତା ଓ ପାଦ୍ରୀମାନେ ଜନ ସାଧାରଣକୁ ବିଭ୍ରାନ୍ତିକର ତଥ୍ୟ ଦେଇ ଉତ୍ତେଜନା ସୃଷ୍ଟି କରୁଛନ୍ତି ।' ସେ ଆହୁରି ଲେଖିଛନ୍ତି 'ଯଦି ସେମାନଙ୍କର ଉଦ୍ଦେଶ୍ୟ ମହତ ହୋଇ ଥା'ନ୍ତା, ତେବେ ପବିତ୍ର କୁରଆନ ଉପରେ ସେମାନେ ଅଭିଯୋଗ କରନ୍ତେ ନାହିଁ । ତେବେ ସେହି ଅଭିଯୋଗ ମୋସେସଙ୍କ ଧର୍ମଗ୍ରନ୍ଥ ତୋରାହ ଉପରେ ମଧ୍ୟ ହୋଇ ପାରିଥାନ୍ତା । ଯଦି ସେମାନଙ୍କୁ ଈଶ୍ୱର ଭୟ ଥାଆନ୍ତା, ସେମାନେ ଏହି ପୁସ୍ତକ ଉପରେ ଆସ୍ଥା ରଖନ୍ତେ ନାହିଁ ଯାହା ମୁସଲମାନ ଦୃଷ୍ଟିରେ ନିର୍ଭରଯୋଗ୍ୟ ପୁସ୍ତକ ନୁହେଁ ଯହିଁରେ ପ୍ରାମାଣିକ ସତ୍ୟର ଅଭାବ ରହିଛି । ନ୍ୟାୟଶୀଳ ନୀତି ଏହି ଆଦେଶ ଦିଏ ଯେ ଯଦି ସମଗ୍ର ୟୁରୋପ ଦେବତୁଲ୍ୟ ମନୁଷ୍ୟ ହୋଇଯା'ନ୍ତି, ମାତ୍ର ପାଦ୍ରିଗଣ ସେଥିରୁ ବାଦ ପଡିବେ । ୟୁରୋପରେ ବାସ କରୁଥିବା ଖ୍ରୀଷ୍ଟିୟାନ ଇସଲାମକୁ ଘୃଣା ଚକ୍ଷୁରେ ଦେଖନ୍ତି ଓ ହେୟ ମନେ କରନ୍ତି । ଏହାର ଏକମାତ୍ର କାରଣ ହେଉଛି ଯେ ପାଦ୍ରୀମାନେ ଇସଲାମ ବିଷୟରେ ଅଯୌକ୍ତିକ ତଥ୍ୟ ଉପସ୍ଥାପନ କରି ଘୃଣାର ଶିକ୍ଷା ଦିଅନ୍ତି ।

ହଁ, ମୁଁ ମାନୁଛି ଯେ କେତେକ ଧର୍ମ ବିଷୟରେ ଅଜ୍ଞ ମୁସଲମାନମାନଙ୍କୁ ଚାଲିଚଳନ ଭଲ ନୁହେଁ ଓ ନିର୍ବୋଧ ପଣିଆ ସେମାନଙ୍କ ଜନ୍ମଗତ ଅଭ୍ୟାସ । କେତେକ ଉଗ୍ର ସ୍ୱଭାବର ମୁସଲିମ ନିଷ୍ଠୁର ରକ୍ତପାତକୁ ଜିହାଦର ନାମ ଦେଇଛନ୍ତି । ସେମାନେ ଏହା ଜାଣନ୍ତି ନାହିଁ ଯେ ଦେଶର ପ୍ରଜା ଜଣେ ନ୍ୟାୟବନ୍ତ ରାଜାଙ୍କ

ମୁକାବିଲା କରୁଥିଲେ ତାକୁ ବିଦ୍ରୋହ ବୋଲି କୁହାଯିବ, ଜିହାଦ ନୁହେଁ । ପ୍ରତିଶ୍ରୁତି ଭଙ୍ଗ କରିବା, ଆଇନ ଅମାନ୍ୟ କରିବା, ସତକର୍ମ ପରିବର୍ତ୍ତେ ଅସଦାଚରଣ କରିବା ଏବଂ ନିରୀହ ନିଷ୍ପାପ ଲୋକଙ୍କୁ ମାରିବା ଇତ୍ୟାଦି କାର୍ଯ୍ୟକଳାପ ନିଷ୍ଠୁର ଓ ଅତ୍ୟାଚାରୀ ବ୍ୟକ୍ତି ହିଁ ଘଟାଇଥାଏ, ତାହା ଜଣେ ବୀରୋଚିତ ପୁରୁଷର କାର୍ଯ୍ୟ ନୁହେଁ......... ।

ପାଦ୍ରୀମାନେ ବିଶ୍ୱାସ ମତକୁ ଭୁଲ ଅର୍ଥରେ ପ୍ରକାଶ କରିବା ଯୋଗୁଁ ଏହି ଚିନ୍ତାଧାରା ଉପନ୍ନ ହୋଇଛି । ଐଶ୍ୱରିକ ପୁସ୍ତକରେ ସେହି ତତ୍ତ୍ୱର କୌଣସି ଚିହ୍ନ ଦେଖିବାକୁ ମିଳି ନଥାଏ । ଈଶ୍ୱରଙ୍କ ବାକ୍ୟରେ ସେହିମାନଙ୍କ ପାଇଁ ତରବାରୀର ଶାସ୍ତି ବିଧାନ କରା ଯାଇଛି, ଯେଉଁମାନେ ତରବାରୀ ଉତ୍ତୋଳନ କରନ୍ତି । ବିଦ୍ରୋହର ଶିକ୍ଷା ସେମାନଙ୍କ ପାଇଁ ନୁହେଁ, ଯେଉଁମାନେ ଶାନ୍ତି ପ୍ରତିଷ୍ଠା କରନ୍ତି, ଜନସାଧାରଣଙ୍କୁ ହିତ ପହଞ୍ଚାନ୍ତି ଏବଂ ପ୍ରତ୍ୟେକ ଜାତି ଓ ସଂପ୍ରଦାୟର ଲୋକଙ୍କୁ ମୁକ୍ତିର ଅଧିକାର ଦିଅନ୍ତି । ଈଶ୍ୱରଙ୍କ ବାଣୀକୁ ନିନ୍ଦା କରିବା ପ୍ରତାରଣା ମୂଳକ କାର୍ଯ୍ୟ । ସୁତରାଂ ମାନବର ହିତ ଦୃଷ୍ଟିରୁ ଏହା ଏକାନ୍ତ ବାଞ୍ଛନୀୟ ଯେ ଭାରତର ସାମ୍ରାଜ୍ଞୀ(ଇଂଲଣ୍ଡର ମହାରାଣୀ)ଙ୍କ ଦ୍ୱାରା ଧର୍ମର ବାସ୍ତବିକତାକୁ ପ୍ରଚାର କରିବା ପାଇଁ ଆନ୍ତଃ ଧର୍ମ ସମ୍ମିଳନୀ ଅନୁଷ୍ଠିତ କରାଯାଉ ।'

**(ତୋହଫାଏ କୈଶରିୟା, ରୁହାନି ଖଜାଏନ୍, ଭାଗ ୧୨, ପୃ ୨୮୦)**

## ସହାନୁଭୂତି ପ୍ରଦର୍ଶନ କରିବା ହିଁ ମାନବିକତା

ପ୍ରତିଶ୍ରୁତ ମସିହ ଲେଖିଛନ୍ତି, 'ସାଧାରଣ ଭାବେ ସହାନୁଭୂତି ସମ୍ବନ୍ଧରେ ଯେଉଁ ଧର୍ମ ଦୃଢ ଧାରଣା ସୃଷ୍ଟି ନକରିଛି, ତାହା ଧର୍ମ ପଦବାଚ୍ୟ ନୁହେଁ । ସେହିପରି ଯେଉଁ ବ୍ୟକ୍ତିର ମନରେ ସହାନୁଭୂତି ପ୍ରକଟ ନହୋଇଛି, ସିଏ କଦାପି ମନୁଷ୍ୟ ବୋଲାଇବ ନାହିଁ । ଆମ ଈଶ୍ୱର କାହାରି ମଧ୍ୟରେ କୌଣସି ପ୍ରଭେଦ ରଖି ନାହାନ୍ତି ।' ଏଥିରୁ ସ୍ପଷ୍ଟ ହେଉଛି ଯେ ସମସ୍ତ ପ୍ରକାର ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ ଯାହା ଆର୍ଯ୍ୟମାନଙ୍କୁ ପ୍ରଦାନ କରାଯାଇଛି, ତାହା ଆରବ, ପାରସ୍ୟ, ସିରିୟା, ଚୀନ, ଜାପାନ, ୟୁରୋପ ଓ ଆମେରିକାରେ ବସବାସ କରିଥିବା ସମସ୍ତ ଜାତିକୁ ମଧ୍ୟ ଅର୍ପଣ କରାଯାଇଛି । ଧରଣୀ ବକ୍ଷକୁ ଈଶ୍ୱର ସମସ୍ତ ମାନବଜାତି ପାଇଁ ବିଛଣା ସଦୃଶ ସୃଷ୍ଟି କରିଛନ୍ତି । ବିଧାତାକୃତ

ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଆଦି ଆଲୋକ ବିକିରଣ କରୁଛନ୍ତି ଓ ଆମମାନଙ୍କ ସେବାରେ ନିୟୋଜିତ ହୋଇଛନ୍ତି । ତାହାଙ୍କ ସୃଷ୍ଟଜ ସମସ୍ତ ଉପାଦାନ ଯେପରି ବାୟୁ, ଜଳ, ଅଗ୍ନି ଓ ମାଟି ଆଦି ଠାରୁ ମନୁଷ୍ୟ ଉପକାର ପାଇଛି । ସେହିପରି ଅନ୍ୟାନ୍ୟ ଉତ୍ପାଦିତ ବସ୍ତୁ ଯେପରି ଶସ୍ୟ, ଫଳ ଓ ଔଷଧୀୟ ପଦାର୍ଥ ଇତ୍ୟାଦି ମନୁଷ୍ୟର ଆବଶ୍ୟକତାକୁ ପୂରଣ କରୁଛି ।  ଈଶ୍ୱରଙ୍କ ଏହି ବୈଶିଷ୍ଟ୍ୟ ଆମକୁ ଏହା ଶିଖାଉଛି ଯେ ବଦାନ୍ୟନତା ମୂଳକ ଆଚରଣ ପ୍ରଦର୍ଶନ କରିବା ଓ ଅନ୍ୟମାନଙ୍କ ପ୍ରତି ଦୟାଶୀଳ ମନୋଭାବ ରଖିବା ଉଚିତ । ଅନ୍ୟମାନଙ୍କ ପ୍ରତି ହେୟ ମନୋବୃତ୍ତି ରଖି ସଂକୀର୍ଣ୍ଣମନା ହେବା ଆଦୌ ଉଚିତ ନୁହେଁ ।

ବନ୍ଧୁଗଣ, ନିଶ୍ଚିତ ରୂପେ ଏହା ମନେରଖ ଯେ  ଉଭୟ ଧର୍ମ ମଧ୍ୟରୁ କୌଣସି ଗୋଟିଏ ଧର୍ମର ଅନଗାମୀ ଯଦି ଈଶ୍ୱରଙ୍କ ବିଶେଷ ଗୁଣାବଳୀକୁ ମର୍ଯ୍ୟାଦା ଦେବ ନାହିଁ ଓ ଈଶ୍ୱରଙ୍କ ସ୍ୱଭାବିକ ଆଚରଣ ଅନୁଯାୟୀ ନିଜ ସ୍ୱଭାବ ନ ବଦଳାଇବ, ତେବେ ସେହି ଜାତିର ଶୀଘ୍ର ବିନାଶ ଘଟିବ । ନା କେବଳ ଆପଣାକୁ ନଷ୍ଟ କରିଦେବ, ନିଜର ଭବିଷ୍ୟତ ବଂଶଧରକୁ ମଧ୍ୟ ବିପଦଗ୍ରସ୍ତ ଅବସ୍ଥାରେ ନେଇ ପକାଇବ । ଯେବେଠାରୁ ସୃଷ୍ଟିର ଆରମ୍ଭ ହୋଇଛି, ସମସ୍ତ ଦେଶର ମହାତ୍ମାମାନେ ଏହାର ସାକ୍ଷ୍ୟ ଦେଇ ଆସିଛନ୍ତି ଯେ ଈଶ୍ୱରଙ୍କ ମହନୀୟ ଗୁଣ ଓ କାର୍ଯ୍ୟକୁ ଅନୁସରଣ କରିବା ମନୁଷ୍ୟ ପାଇଁ ଅମୃତ ପାନ କରିବା ସଦୃଶ । ମନୁଷ୍ୟର ଶାରୀରିକ ଓ ଆଧ୍ୟାତ୍ମିକ ଜୀବନ ସେହି ଚିରନ୍ତନ ସତ୍ୟ ଉପରେ ନିର୍ଭର କରେ ଯେ ପରମେଶ୍ୱରଙ୍କ ମହତ ଗୁଣାବଳୀକୁ ଅନୁସରଣ କରିବା ମନୁଷ୍ୟର ପରମ କର୍ତ୍ତବ୍ୟ । ଯେଉଁ ଈଶ୍ୱର ମାନବ ମୁକ୍ତି ଓ ମୋକ୍ଷ ପ୍ରାପ୍ତି ପାଇଁ ଆବଶ୍ୟକ କରୁଥିବା ସମସ୍ତ ନିର୍ଝରର ମୂଳ ଉତ୍ସ ।

**(ପୈଗାମେ ସୁଲହା, ରୁହାନି ଖଜାଏନ, ଖଣ୍ଡ୨୩, ପୃ ୪୩୯-୪୪୦)**

## ମହାପୁରୁଷ ଓ ଦିବ୍ୟଗନ୍ଙ୍କ ବିରୁଦ୍ଧରେ ଅପବାଦ ଦେବା ଅଶୋଭନୀୟ

ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ରଚିତ ପୁସ୍ତକ 'ପୈଗାମେ ସୁଲହା' (ମୈତ୍ରୀ ସନ୍ଦେଶ)ରେ ପ୍ରତିଶ୍ରୁତ ମସିହ[ଅସ] ଏହିପରି ଲେଖିଛନ୍ତି 'ଏପରି ଏକ ଘଡିସନ୍ଧି

ମୁହୂର୍ତ୍ତରେ ଏ ଅଧମ ଆପଣମାନଙ୍କୁ ମୈତ୍ରୀ ସ୍ଥାପନ ପାଇଁ ଡାକୁଛି । ଯେବେ କି ହିନ୍ଦୁ ଓ ମୁସଲମାନ ଉଭୟ ଧର୍ମର ମତାବଲମ୍ବୀଙ୍କୁ ମୈତ୍ରୀ ପୋଷଣର ଅତି ଆବଶ୍ୟକତା ରହିଛି । ଦୁନିଆ ପ୍ରତି ଅନେକ ପ୍ରକାରର ଦୈବ ବିପତ୍ତି ମାଡି ଆସୁଛି । ଭୂମିକମ୍ପର ଝଟକା ଦେଖିବାକୁ ମିଳୁଛି । ଦୁର୍ଭିକ୍ଷ ପଡୁଛି ଓ ପ୍ଲେଗ ରୋଗ ମଧ୍ୟ ପିଛା ଛାଡୁ ନାହିଁ । ମୋତେ ଈଶ୍ୱର ଏହି ସୂଚନା ଦେଇଛନ୍ତି ଯେ ଯଦି ମାନବ ଜଗତ ମନ୍ଦ କର୍ମରୁ ବିରତ ନହୁଏ ଓ ଅଧର୍ମ ଅନୀତି ପରିହାର ପୂର୍ବକ ସେଥିପାଇଁ ପ୍ରାୟଶ୍ଚିତ ନକରେ, ତା' ହେଲେ ଦୁନିଆ ଉପରେ ଭୟାନକ ବିପଦ ଦେଖାଦେବ । ଗୋଟିଏ ବିପତ୍ତିରୁ ନିସ୍ତାର ମିଳି ନଥିବ ଯେ ଅନ୍ୟ ଏକ ବିପତ୍ତି ଆସି ପହଞ୍ଚିଯିବ । ଶେଷରେ ମନୁଷ୍ୟ ବିବ୍ରତ ଓ ଭୟଭୀତ ହୋଇଯିବ ଯେ ଯେ କ'ଣ ହେବାକୁ ଯାଉଛି ସେ ଏହି ଦୈବି ଦୁର୍ବିପାକର ଚକ୍ରବ୍ୟୁହରେ ପେଷି ହୋଇ ପାଗଳ ପ୍ରାୟ ବିଳାପ କରି ବୁଲିବ । ତେଣୁ ହେ ମୋର ପ୍ରିୟ ଦେଶବାସୀ ! ସେହି ଦିନ ଆସିବା ପୂର୍ବରୁ ସତର୍କ ହୋଇଯାଅ । ହିନ୍ଦୁ ମୁସଲମାନ ଆପଣା ମଧ୍ୟରେ ମୈତ୍ରୀ ସ୍ଥାପନ କରିନିଅ । ଦୁଇ ଜାତି ମଧ୍ୟରୁ ଯେଉଁ ପକ୍ଷ ଶାନ୍ତି ବ୍ୟାହତ କରିବା ଦିଗରେ ଯଦି ସୀମାତିକ୍ରମ କରିଥାଏ, ଏହା ପରିବର୍ତ୍ତେ ସେହି ଆଚରଣରୁ ସେ ଶୀଘ୍ର କ୍ଷାନ୍ତ ରହିବା ଶ୍ରେୟସ୍କର । ନଚେତ ସେହିପରି ପରସ୍ପର ମଧ୍ୟରେ ଶତ୍ରୁତା ଯୋଗୁଁ ଲାଗିଥିବା ପାପର ଦୋଷ ସେହି ଜାତିର ବେକ ଉପରେ ପଡିବ ।'

ଯଦି କେହି ପ୍ରଶ୍ନ କରେ ଯେ ବନ୍ଧୁତ୍ୱ ସ୍ଥାପନ ହେବାର ସମ୍ଭାବନା କିପରି ଦେଖା ଦେଇ ପାରିବ, ଯେତେବେଳେ କି ଧର୍ମୀୟ ମତଭେଦ ଏକ ନକରାତ୍ମକ ରୂପରେ ହୃଦୟ ମଧ୍ୟରେ ଦିନକୁ ଦିନ ବିଦ୍ରୋହର ନିଆଁ ଜଳାଉଛି । ଏପରି ସ୍ଥଳେ ମୋର ଉତ୍ତର ହେଉଛି, ଧର୍ମୀୟ ମତଭେଦ ସେତେବେଳେ ଉପୁଜିବ, ଯେତେବେଳେ ନ୍ୟାୟ ଓ ବୁଦ୍ଧି ବିବେକ ପ୍ରତିକୂଳ ପ୍ରଭାବ ବିସ୍ତାର କରିବ ଦେଖାଇବ ଓ ମାନବୀୟ ମୂଲ୍ୟବୋଧ ଭଲ ଭାବରେ ପରଖା ଯାଇପାରିବ ନାହିଁ । ନଚେତ ମନୁଷ୍ୟଙ୍କୁ ତ ହିତାହିତ ଜ୍ଞାନ ଦିଆଯାଇଛି ଯେ ସେ ନ୍ୟାୟ ଓ ବୁଦ୍ଧି ବଳରେ ନିଜ ନୈତିକତାର ସୁରକ୍ଷା କରିପାରିବ । ନିଜ ପରିଶ୍ରମ ଫଳରେ ତା'ର ନୈତିକ ଜ୍ଞାନ ଓ ନ୍ୟାୟର ପଥ ସୁଗମ ହୋଇ ପାରିବ । କୌଣସି ଛୋଟ ଛୋଟ ମତଭେଦ ବା ବିଦ୍ୱେଷର ଭାବ ମୈତ୍ରୀ ପଥରେ ବାଧା ସୃଷ୍ଟି

କରିବ ନାହିଁ । ବରଂ ସେହି ଧରଣର ବିବାଦ ସେତେବେଳେ ମୈତ୍ରୀ ତଥା ଆପୋଷ ବୁଝାମଣାରେ ପ୍ରତିବନ୍ଧକ ସାଜିବ, ଯେତେବେଳେ ଈଶ୍ୱର ପ୍ରେରିତ କୌଣସି ଅବତାର ଓ ଐଶି ପୁସ୍ତକ ଉପରେ ଅସମ୍ମାନ ଓ କୁତ୍ସାରଚନା ପୂର୍ବକ ଆକ୍ରମଣ କରାଯିବ ।’ **(ପୈଗାମେ ସୁଲହା, ରୁହାନି ଖଜାଏନ, ଖଣ୍ଡ ୨୩,ପୃ ୪୪୪)**

‘ହେ ମୋର ପ୍ରିୟ ଭାଇମାନେ ! ଅତୀତର ଅଭିଜ୍ଞତା ଓ ବାରମ୍ବାର ପରୀକ୍ଷିତ ବିଷୟରୁ ଆମମାନଙ୍କୁ ଏହି ପ୍ରମାଣ ମିଳୁଛି ଯେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଅବତାର ରସୁଲଙ୍କୁ ଅସମ୍ମାନ କରିବା ତଥା ଅପଶବ୍ଦରେ ସ୍ମରଣ କରିବା ଓ ସେମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ଏପରି ଏକ ହଳାହଳ ବିଷ, ଯାହାର ପରିଣାମ ସ୍ୱରୂପ ତାହା କେବଳ ଶରୀରକୁ ବିନାଶ କରେ ନାହିଁ, ବରଂ ମନକୁ ମଧ୍ୟ ଜାଳିପୋଡି ଛାରଖାର କରିଦିଏ । ସେହି ଦେଶ କଦାପି ଶାନ୍ତିରେ ତିଷ୍ଠି ରହି ପାରିବେ ନାହିଁ, ଯାହାର ବାସିନ୍ଦା ଜଣେ ଅନ୍ୟର ଧର୍ମ ପ୍ରଣେତାଙ୍କ ଦୋଷ ବାହାର କରିବା ଓ ସେମାନଙ୍କ ଚରିତ୍ର ସଂହାର କରିବାରେ ଲିପ୍ତ ରହିବେ । ସେହି ଜାତିମାନଙ୍କ ମଧ୍ୟରେ ଏକତା ଓ ସଂହତି କଦାପି ଆସିପାରିବ ନାହିଁ, ଯେଉଁମାନଙ୍କ ମଧ୍ୟରୁ ଗୋଟିଏ ସଂପ୍ରଦାୟ ଅନ୍ୟ ଏକ ସଂପ୍ରଦାୟର ନବୀ, ଋଷି, ମୁନି ବା ଅବତାରଙ୍କୁ ଅଶ୍ଳୀଳ ଭାଷାରେ ସମ୍ବୋଧନ କରନ୍ତି । ନିଜର ଅବତାର ବା ଧର୍ମ ପ୍ରବର୍ତ୍ତକଙ୍କ ପ୍ରତି ଅପବାଦ ଶୁଣି କାହାର ମନରେ ଉତ୍ତେଜିତ ଭାବନା ଆସିବ ନାହିଁ । ବିଶେଷତଃ ମୁସଲମାନ ଏପରି ଏକ ଜାତି ଯିଏ ନିଜର ନବୀଙ୍କୁ ଈଶ୍ୱର ବା ଈଶ୍ୱର ପୁତ୍ର ବୋଲି ନ ମାନିଲେ ସୁଦ୍ଧା ମାତୃଗର୍ଭରୁ ଜନ୍ମ ହୋଇଥିବା ସମସ୍ତ ଅବତାରଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ମାନିତ ବ୍ୟକ୍ତି ରୂପେ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ସବୁଠାରୁ ଅଧିକ ଶ୍ରଦ୍ଧା ସୁମନ ଅର୍ପଣ କରନ୍ତି । ଜଣେ ନୈଷ୍ଠିକ ମୁସଲମାନଙ୍କ ସହିତ ମୈତ୍ରୀ ଓ ବନ୍ଧୁତା ସ୍ଥାପନ କରିବା କେବେ ସମ୍ଭବ ହୋଇ ନପାରେ, ଯଦି ସେମାନେ ସର୍ବମାନ୍ୟ ଦିବ୍ୟ ଅବତାର[ସଅ]ଙ୍କ ପ୍ରତି ଆଲୋଚନା କଲା ବେଳେ ସସମ୍ମାନେ ପବିତ୍ର ଶବ୍ଦ ପ୍ରୟୋଗ ନ କରନ୍ତି ।

ଏବଂ ଆମେମାନେ ଅନ୍ୟ ଧର୍ମର ନବୀମାନଙ୍କୁ କେବେହେଲେ କଟୁ ଶବ୍ଦ ପ୍ରୟୋଗ କରୁନାହିଁ, ବରଂ ଆମର ସିଦ୍ଧାନ୍ତ ହେଉଛି, ଯେପରି ଭାବରେ ପୃଥିବୀର ବିଭିନ୍ନ ସଂପ୍ରଦାୟରେ ଅବତାର ଆସିଛନ୍ତି ଓ କୋଟି କୋଟି ଲୋକ ତାଙ୍କର ମାନ୍ୟତା

ସ୍ୱୀକାର କରିଛନ୍ତି । ଦୁନିଆର କୌଣସି ଏକ  ଭାଗରେ ତାଙ୍କ ପ୍ରତି ପ୍ରେମ ଓ ମହିମାର ଭାବ ଜାଗୃତ ହୋଇଛି । ସେମାନଙ୍କ ପ୍ରତି ଯୁଗ ଯୁଗ ଧରି ଭକ୍ତି ଓ ଶ୍ରଦ୍ଧା ଅକ୍ଷୁର୍ଣ୍ଣ ରହିଛି । ଏହା ହିଁ ସେମାନଙ୍କ ସତ୍ୟହାର ପ୍ରମାଣ ପାଇଁ ଯଥେଷ୍ଟ । କାରଣ ଯଦି ସେମାନେ ଇଶ୍ୱର ପ୍ରେରିତ ହୋଇ ନଥାନ୍ତେ, ତା' ହେଲେ କୋଟି କୋଟି ହୃଦୟରେ ସେମାନେ ସ୍ଥାନ ପାଇ ପାରିଥାନ୍ତେ । ପ୍ରଭୁ ତାଙ୍କର ସ୍ୱୀକୃତିପ୍ରାପ୍ତ ଭକ୍ତ ମାନଙ୍କୁ ଦେଉଥିବା ଶ୍ରେଷ୍ଠ ସମ୍ମାନ ଅନ୍ୟମାନଙ୍କୁ କଦାପି ମିଳେ ନାହିଁ । ଯଦି କୌଣସି ପ୍ରବଞ୍ଚକ ସେମାନଙ୍କ ସ୍ଥାନ ଅଧିକାର କରିବାର ବୃଥା ଆସ୍ଫାଳନ କରିବ, ସେ ସଙ୍ଗେ ସଙ୍ଗେ ଧ୍ୱଂସ ହୋଇଯିବ ।'

**(ପୈଗାମେ ସୁଲାହ, ରୁହାନି ଖଜାଏନ, ଖଣ୍ଡ୨୩, ପୃ ୪୫୨-୪୫୩)**

## ମୈତ୍ରୀ ସ୍ଥାପନ ହିଁ ସର୍ବୋତ୍ତମ ପନ୍ଥା

ସେ ପୁଣି କହିଛନ୍ତି, 'ପ୍ରିୟ ବନ୍ଧୁଗଣ ! ମୈତ୍ରୀ ଓ ଶାନ୍ତି ବୁଝାମଣା ଠାରୁ ବଳି ଉତ୍ତମ ବିଷୟ ଅନ୍ୟ କିଛି ନାହିଁ । ଆସ, ଏହି ସନ୍ଧି ଜରିଆରେ ଏକ ହୋଇଯିବା ଓ ଗୋଟିଏ ଜାତିରେ ସମ୍ମିଳିତ ହେବା । ଆପଣମାନେ ଦେଖୁଛନ୍ତି ଯେ ସତ୍ୟକୁ ଅବମାନନା କରି ବୁଝାମଣାକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ଆମମାନଙ୍କ ମଧ୍ୟରେ କେତେ ବିଭେଦ ସୃଷ୍ଟି ହୋଇଛି ଓ ଦେଶକୁ ତାହା କେତେ ମାତ୍ରାରେ କ୍ଷତି ପହଞ୍ଚାଉଛି । ଆସ, ଏହା ମଧ୍ୟ ପରଖିନିଅ ଯେ ଜଣେ ଅନ୍ୟର ସତ୍ୟକୁ ଗ୍ରହଣ କରିବାରେ କେତେ କଲ୍ୟାଣ ରହିଛି । ଆପୋଷ ମିଳାମିଶା ଆମ ଜୀବନକୁ କେତେ ସମୃଦ୍ଧିଶାଳୀ କରି ଗଢି ତୋଳିବ । ଶାନ୍ତି ଓ ମୈତ୍ରୀର ଏହା ହିଁ ଉତ୍କୃଷ୍ଟ ପନ୍ଥା । ଅନ୍ୟ କୌଣସି ଉପାୟରେ ଯଦି ସନ୍ଧି କରାଯାଏ, ତାହା ଏକ ବିପଦ ଜନକ ବଥ ସଦୃଶ, ଯାହା ବାହାରକୁ ପରିଷ୍କାର ହୋଇ ଚିକଚିକ କରୁଥିବ, ଅଥଚ ସେହି ଫୋଟକା ଭିତରେ ସଢି ଯାଇ ଦୁର୍ଗନ୍ଧ ଯୁକ୍ତ ପୂଜ ହୋଇ ରହିଥିବ ।'      **(ପୈଗାମେ ସୁଲହା, ରୁହାନି ଖଜାଏନ, ଖଣ୍ଡ ୨୩, ପୃ ୪୫୬)**

## ଧର୍ମର ଅସଲ ଆଭିମୁଖ୍ୟ

ମୈତ୍ରୀ ସନ୍ଦେଶ (ପୈଗାମେ ସୁଲହା) ପୁସ୍ତକରେ ମାନ୍ୟବର କହିଛନ୍ତି : 'ଧର୍ମ କାର୍ଯ୍ୟରେ ମାନସିକ ଆବେଗ ପ୍ରଭୁ ବାରଣ କରିଥିବା ମନ୍ଦ ପ୍ରବୃତ୍ତିରୁ ନିବୃତ୍ତ ରହିବା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଇଶ୍ୱରଙ୍କ ସନ୍ତୁଷ୍ଟି ଲାଭ କରିବା ପଛରେ ଧାଇଁବା,

ତାହାଙ୍କର ସମସ୍ତ ସୃଷ୍ଟଜ ପ୍ରାଣୀଙ୍କ କଲ୍ୟାଣାର୍ଥେ ସତକର୍ମ କରିବା, ମାନବଜାତି ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା ଓ ବିଶ୍ୱର ସମସ୍ତ ଦିବ୍ୟ ବାର୍ତ୍ତାବହ ତଥା ଅବତାରମାନଙ୍କୁ ତାଙ୍କ ନିଜ ସମୟର ଈଶ୍ୱର ପ୍ରେରିତ ରୂପେ ଗ୍ରହଣ କରିବା ଏବଂ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ କରିବା ଇତ୍ୟାଦି ଧର୍ମର ଅସଲ ଆଭିମୁଖ୍ୟ । ଆମ ଧର୍ମର ସାରତତ୍ତ୍ୱ ହେଉଛି, ପ୍ରତ୍ୟେକ ମନୁଷ୍ୟ ପ୍ରତି ଦୟା ଓ ସେବା ମନୋଭାବ । ଏହା ହିଁ ହେଉଛି ଆମ ବିଶ୍ୱାସ ମତର ମୌଳିକ ଆବଶ୍ୟକତା । ଯେଉଁମାନେ ବିନା କାରଣରେ ଈଶ୍ୱର ଭୟ ନଥାଇ ଆମ ପବିତ୍ର ଅବତାର ମୁହମ୍ମଦ[ସଅ]ଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି, ଅଯଥା ଖାଲି ଗୁଲଜ କରୁଛନ୍ତି ଓ ତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବାରୁ କ୍ଷାନ୍ତ ହୋଉନାହାନ୍ତି, ସେମାନଙ୍କ ସହିତ କିପରି ଆମେ ଶାନ୍ତି ବୁଝାମଣା କରିବୁ ? ମୁଁ ସତ୍ୟ କହୁଛି ଯେ ଲବଣାକ୍ତ ମାଟିରେ ରହୁଥିବା ବଡ ବଡ ସାପ ଓ ବଣର ଗଧିଆ ସହିତ ଆମେ ସନ୍ଧି କରିପାରୁ, କିନ୍ତୁ ଆମ ଜୀବନ ଓ ଆମ ପିତାମାତାଙ୍କ ଠାରୁ ଅଧିକ ପ୍ରିୟ ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କ ପ୍ରତି କ୍ରୁର ଆକ୍ରମଣ କରୁଥିବା ଭ୍ରଷ୍ଟ ଚରିତ୍ରର ଲୋକମାନଙ୍କ ସହିତ ସାଲିସ କରିବା ଆମ ପକ୍ଷେ କଦାପି ସମ୍ଭବ ନୁହେଁ । ପ୍ରଭୁ ଆମକୁ ଇସଲାମର ଅନୁଗାମୀ ଥିବା ଅବସ୍ଥାରେ ମୃତ୍ୟୁ ଦିଅନ୍ତୁ । କିନ୍ତୁ ଆମେ ଏପରି କାର୍ଯ୍ୟ କରିବାକୁ ଚାହୁଁନାହୁଁ, ଯାହା ଆମ ଧର୍ମ ବିଶ୍ୱାସକୁ ଭ୍ରଷ୍ଟ କରାଇବ । .......

ଅତ୍ୟନ୍ତ ସଂଯତ ହୋଇ ମୋତେ ଏହା କହିବାକୁ ପଡିଲା ଯେ ଇସଲାମ ସେହି ପବିତ୍ର ଓ ମୈତୀ ଭାବାପନ୍ନ ଧର୍ମ ଥିଲା, ଯାହା କୌଣସି ଧର୍ମର ପ୍ରବର୍ତ୍ତକଙ୍କ ଉପରେ କୁତ୍ସାରଟନା କରିନାହିଁ । ପବିତ୍ର କୁର୍ଆନ ଏପରି ମହାନ ଗ୍ରନ୍ଥ, ଯାହା ଜାତି ଜାତି ମଧ୍ୟରେ ମୈତ୍ରୀ ଓ ଶାନ୍ତିର ଭିତ୍ତି ସ୍ଥାପନ କରିଛି ଓ ପ୍ରତ୍ୟେକ ସଂପ୍ରଦାୟର ନବୀଙ୍କ ସତ୍ୟତାକୁ ସ୍ୱୀକାର କରିଛି । ଏହି ବୈଶିଷ୍ଟ୍ୟ ପବିତ୍ର କୁରଆନ ପ୍ରାପ୍ତ କରିଛି, ଯାହା ପୃଥିବୀର ସମସ୍ତ ଅବତାରଙ୍କ ସମ୍ବନ୍ଧରେ ଆମକୁ ଏହି ଶିକ୍ଷା ଦେଇଥାଏ ।

لَا نُفَرِّقُ بَيْنَ اَحَدٍ مِّنْهُمْ ۖ وَنَحْنُ لَهٗ مُسْلِمُوْنَ ۝١٣٧

ଲା ନୁଫରିକୁ ବୈନା ଆହାଦିମ୍ ମିନ୍‌ହୁମ ୱନହ୍‌ନୋ ଲହୁ ମୁସଲେମୁନ୍

ଅର୍ଥାତ୍ 'ହେ ମୁସଲମାନ ! ତୁମେ ଏହା କୁହ ଯେ ଆମେମାନେ ପୃଥିବୀର ସମସ୍ତ ନବୀଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଛୁ । ଏବଂ ସେମନଙ୍କ ମଧ୍ୟରେ କୌଣସି ପ୍ରଭେଦ ଦର୍ଶାଉନାହୁଁ ଯେ କେତେକଙ୍କୁ ସ୍ୱୀକାର କରିବୁ ଓ ଅନ୍ୟ କେତେକଙ୍କୁ ରଦ୍ଦ କରିଦେବୁ ।' **(ଅଲ ବକରା, ୧୩୭)**

ଯଦି ଏପରି କୌଣସି ମୈତ୍ରୀ ସ୍ଥାପନକାରୀ ଐଶି ପୁସ୍ତକ ଅଛି ତା'ହେଲେ ତା'ର ନାମ କୁହ । ପ୍ରଭୁଙ୍କ ସାର୍ବଜନୀନ କରୁଣାକୁ କୌଣସି ନିର୍ଦ୍ଦିଷ୍ଟ ଜାତି ବା ପରିବାର ସହିତ ସଂପୃକ୍ତ କରାଯାଇ ନାହିଁ । ଇସ୍ରଇଲ ବଂଶର ଯେତେକ ନବୀ ଥିଲେ ସେ ଯାକୁବ ହୁଅନ୍ତୁ କି ଇସହାକ, ସେ ମୁସା ହୁଅନ୍ତୁ କି ଦାଉଦ ଅଥବା ଯୀଶୁ ଆଦି ସମସ୍ତଙ୍କର ଅବତାରତ୍ୱକୁ ସ୍ୱୀକାର କରିନେଇଛି । ପ୍ରତ୍ୟେକ ଜାତିର ନବୀ ସେ ହିନ୍ଦୁସ୍ତାନରେ ଆସିଥାନ୍ତୁ ଅବା ପାରସୀୟ ବଂଶରେ କାହାରିକୁ ମିଥ୍ୟାବାଦୀ ଓ ପ୍ରତାରକ ବୋଲି କହିନାହିଁ । ବରଂ ସ୍ୱଷ୍ଟ ରୂପେ କହିଛି ଯେ ପ୍ରତ୍ୟେକ ଜାତି ଓ ସହରରେ ସେମାନେ ଆବିର୍ଭୁତ ହୋଇଛନ୍ତି । ସବୁରି ଲୋକଙ୍କ ମଧ୍ୟରେ ଶାନ୍ତିର ମୂଳଭିତ୍ତି ସ୍ଥାପନ କରିଛନ୍ତି । କିନ୍ତୁ ହାୟ, ବିଡମ୍ୱନା ହେଉଛି ଯେ ଏହି ଶାନ୍ତି ପ୍ରିୟ ନବୀ ମୁହମ୍ମଦ[ସଅ]ଙ୍କୁ ପ୍ରତ୍ୟେକ ଜାତି ଗାଳିଗୁଲଜ କରୁଛି ଓ ତାଙ୍କ ପ୍ରତି ଘୃଣା ମନୋଭାବ ରଖୁଛି ।

ହେ ପ୍ରିୟ ଦେଶବାସୀ ! ମୁଁ ଏହା ଆପଣମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିବାର ଅଭିପ୍ରାୟ ଏହା କଦାପି ନୁହେଁ ଯେ ମୁଁ ଏହା ଆପଣଙ୍କ ମନରେ ଆଘାତ ପହଞ୍ଚାଇବି ଓ ଆପଣଙ୍କୁ କଷ୍ଟ ଦେବି । ବରଂ ସ୍ୱଚ୍ଛ ମନରେ ଏହି ମହତ ଉଦ୍ଦେଶ୍ୟ ନେଇ ମୁଁ କହିବାକୁ ଚାହୁଛି ଯେ ଯେଉଁ ଜାତି ବା ସଂପ୍ରଦାୟର ଅଭ୍ୟାସ ରହିଛି ଯେ ଅନ୍ୟ ସଂପ୍ରଦାୟର ଅବତାରମାନଙ୍କ ସଂକ୍ରାନ୍ତରେ ଅଯୌକ୍ତିକ ଭାବରେ ହସ୍ତକ୍ଷେପ କରି ସେମାନଙ୍କୁ ତାଚ୍ଛଲ୍ୟ କରିଥାନ୍ତି । ସେମାନେ ନା କେବଳ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଥାନ୍ତି ବରଂ ମାନବ ଜାତିରେ ଶତ୍ରୁତା ଓ କଳହର ମଞ୍ଜି ବୁଣିଦେବାର ଧୃଷ୍ଟତା ମଧ୍ୟ କରିଛନ୍ତି । ଆପଣ ନିଜ ଛାତିରେ ହାତରଖି ମୋତେ ଏହାର ଉତ୍ତର ଦିଅନ୍ତୁ ଯେ ଯଦି କୌଣସି ବ୍ୟକ୍ତି ଅନ୍ୟ କାହାର ବାପାକୁ ଗାଳି ଦିଏ କିମ୍ୱା ମାଆ ଉପରେ ଲାଞ୍ଛନା ଦେଇ ଅପବାଦର କାଳିମା ଲଗାଏ, ତେବେ ସେ କ'ଣ ନିଜ ବାପର ଇଜ୍ଜତ ଉପରେ ନିଜେ

ଆକ୍ରମଣ କରୁନାହିଁ କି ? ଅର୍ଥାତ୍ ସେହି ଗାଳି କଣ ସମାନ ଭାବରେ ଲେଉଟି ଯାଇ ତାର ନିଜର ପିତାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁନାହିଁ? ଗାଳି ଖାଇଥିବା ଲୋକ ଯଦି ପ୍ରତ୍ୟୁତ୍ତରରେ ସେହିପରି ଗାଳି ଦେବ, ତା'ହେଲେ ଏହା କରିବା କ'ଣ ଯୁକ୍ତିଯୁକ୍ତ ହେବ ନାହିଁ ଯେ ପ୍ରକୃତରେ ସେହି ଅପନିନ୍ଦାର ବୋଝ ପ୍ରଥମେ ଗାଳି ଦେଇଥିବା ଲୋକ ହିଁ ବହନ କରିବ ? ଯଦ୍ଦ୍ୱାରା ତାର ପିତାମାତାଙ୍କ ସମ୍ମାନରେ ଆଞ୍ଚ ଆସିବାରେ ସେ ନିଜେ ହିଁ ଦୋଷୀ ସାବ୍ୟସ୍ତ ହେବ ।'

**(ପୈଗାମେ ସୁଲ୍‌ହା, ରୁହାନି ଖଜାଏନ, ଖଣ୍ଡ୨୩, ପୃ ୪୫୮-୪୬୦)**

## ପ୍ରାୟଶ୍ଚିତ କଲେ ତ୍ରାହି ମିଳିବ

ଅହମଦୀୟା ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଲେଖିଛନ୍ତି:

'ମନେରଖ ! ପରମେଶ୍ୱର ମୋତେ ସାଧାରଣ ଭାବରେ ବହୁ ଭୁମିକମ୍ପର ସୂଚନା ଦେଇଛନ୍ତି । ତେଣୁ ଏହା ସୁନିଶ୍ଚିତ ଯେ ଭବିଷ୍ୟତ ବାଣୀ ଅନୁଯାୟୀ ଯେପରି ଆମେରିକା ଓ ୟୁରୋପରେ ଭୁମିକମ୍ପ ହେଲା, ସେହିପରି ଏସିଆର ବିଭିନ୍ନ ପ୍ରାନ୍ତକୁ ଏହା କବଳିତ କରିବ ଏବଂ ସେମାନଙ୍କ ମଧ୍ୟରେ କେତେକ ପ୍ରଳୟଙ୍କରୀ ରୂପ ଧାରଣ କରିବ । ବହୁ ସଂଖ୍ୟାରେ ଲୋକ ମରିବେ ଓ ରକ୍ତର ନଦୀ ପ୍ରବାହିତ ହେବ । ଏହି ମୃତ୍ୟୁରୁ ପଶୁପକ୍ଷୀମାନେ ମଧ୍ୟ ରକ୍ଷା ପାଇବେ ନାହିଁ ।ଏପରି ପ୍ରଳୟଙ୍କରୀ ବିଧ୍ୱଂସ ପୃଥିବୀରେ ମାନବ ସୃଷ୍ଟି ହେବା ଦିନଠାରୁ ମଧ୍ୟ କଦାପି ପରିଦୃଷ୍ଟ ହୋଇ ନଥିବ । ଅଧିକାଂଶ ସ୍ଥାନ ଏପରି ପରିବର୍ତ୍ତିତ ହୋଇଥିବ, ଯାହାକୁ ଦେଖିଲେ ମନେ ହେବ ସତେ ଯେପରି ମନୁଷ୍ୟ ଆଦୌ ସେଠାରେ ବାସ କରୁ ନଥିଲେ । ଏହା ସଙ୍ଗେ ସଙ୍ଗେ ଅନ୍ୟ କେତେକ ବିପତ୍ତି ପୃଥିବୀ ଓ ଆକାଶରେ ଅତି ଭୟାନକ ଭାବରେ ଦେଖା ଦେବ । ଏପରିକି ପ୍ରତ୍ୟେକ ବୁଦ୍ଧିମାନ ଲୋକଙ୍କ ଦୃଷ୍ଟିରେ ସେସବୁ ଘଟଣା ଅସାଧାରଣ ହୋଇଯିବ । ନାନା ଜ୍ଞାନବିଜ୍ଞାନର ପୁସ୍ତକ ତଥା ଦର୍ଶନଶାସ୍ତ୍ରର କୌଣସି ପୃଷ୍ଠାରେ ସେସବୁ ଦେଖିବାକୁ ମିଳିବ ନାହିଁ । ସେତେବେଳେ ଲୋକଙ୍କ ମନରେ ବ୍ୟାକୁଳତା

ପ୍ରକାଶ ପାଇବ କି ଏସବୁ କ'ଣ ହେବାକୁ ଯାଉଛି ! ସେଥିରୁ କେତେକ ରକ୍ଷା ପାଇଯିବେ ଓ ଅନ୍ୟ କେତେକ ମୃତ୍ୟୁ ମୁଖରେ ପଡିବେ । ସେଦିନ ଖୁବ ନିକଟରେ, ବରଂ ମୁଁ ଦେଖି ପାରୁଛି ଯେ ତାହା ଦ୍ୱାର ଦେଶରେ ଉପସ୍ଥିତ । ପୃଥିବୀ ଏକ ଖଣ୍ଡ ପ୍ରଳୟର ଦୃଶ୍ୟ ଦେଖିବ । କେବଳ ଭୂମିକମ୍ପ ନୁହେଁ, ଆହୁରି ଅନେକ ଭୟଙ୍କର ବିପଦ ମଧ୍ୟ ମନୁଷ୍ୟକୁ ଗ୍ରାସ କରିବ । କେତେକ ଆକାଶରୁ ଓ ଅନ୍ୟ କେତେକ ପୃଥିବୀରୁ । ଏହା ଘଟିବ, କାରଣ ମାନବଜାତି ପ୍ରକୃତ ଈଶ୍ୱରଙ୍କ ଉପାସନା ତ୍ୟାଗ କରିଛି ଓ ମନ ଧ୍ୟାନ ଦେଇ ସାଂସାରିକ କାର୍ଯ୍ୟରେ ଲିପ୍ତ ରହିଛି । **ଯଦି ମୁଁ ଆସି ନଥାନ୍ତି, ତେବେ ଏହି ବିପଦକୁ କିଛି କାଳ ସ୍ଥଗିତ କରି ଦିଆଯାଇଥାନ୍ତା । କିନ୍ତୁ ମୋର ଆଗମନ ଦ୍ୱାରା ପରମେଶ୍ୱରଙ୍କ ପ୍ରକୋପର ଦୀର୍ଘ କାଳ ସୁପ୍ତ ରହିଥିବା ଯୋଜନା ପ୍ରକାଶିତ ହୋଇଗଲା ।** ଯେପରି କି ଈଶ୍ୱର କହିଛନ୍ତି:

وَمَا كُنَّا مُعَذِّبِيْنَ حَتّٰى نَبْعَثَ رَسُوْ ⑯

ଓ୍ୱମା  କୁନ୍‌ନା ମୁଅଜଜେବିନା ହତ୍‌ତା ନବାସା ରସୁଲା ।

ଅର୍ଥାତ 'ସଂସାରକୁ କୌଣସି ଅବତାର ନପଠାଇ କୌଣସି ଶାସ୍ତି ବିଧାନ କରାଯାଏ ନାହିଁ ।' ଏବଂ ଅନୁତାପକାରୀଗଣ ରକ୍ଷା ପାଇବେ । ଯେଉଁମାନେ ବିପଦ ଉପସ୍ଥିତ ହେବା ପୂର୍ବରୁ ଭୟ କରୁଛନ୍ତି, ସେମାନଙ୍କ ପ୍ରତି ଦୟା କରାଯିବ । କ'ଣ ତୁମେ ଭାବୁଛ ଯେ ତୁମେ ଏହି ପ୍ରାକୃତିକ ବିପଦରୁ ରକ୍ଷା ପାଇପାରିବ କିମ୍ବା ନିଜର ସୁଚିନ୍ତିତ ଯୋଜନା ଦ୍ୱାରା ନିଜକୁ ରକ୍ଷା କରିପାରିବ ? କଦାପି ନୁହେଁ, ସେ ଦିନ ମନୁଷ୍ୟର ସମସ୍ତ ଯୋଜନା ଓ ଦକ୍ଷତାର ପରିସମାପ୍ତି ଘଟିବ । ଏହା କେବେ ଭାବନାହିଁ ଯେ କେବଳ ଆମେରିକା ଓ ଅନ୍ୟ ମହାଦେଶମାନଙ୍କରେ ପ୍ରଚଣ୍ଡ ଭୂମିକମ୍ପ  ଆସିଲା, କିନ୍ତୁ ତୁମେ ଦେଶ ନିରାପଦ ରହିବ । ପ୍ରକୃତରେ ତୁମେମାନେ ମଧ୍ୟ ସେମାନଙ୍କ ଅପେକ୍ଷା ଅଧିକ ଦାରୁଣ  ଯନ୍ତ୍ରଣାର ସମ୍ମୁଖୀନ ହୋଇପାର ।

ହେ ୟୁରୋପ ! ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପବାସୀ ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ

ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଏବଂ ଆବାଦି ଭୁମିକୁ ଅନାବାଦି ରୂପେ ଦେଖିବାକୁ ପାଉଛି । ସେହି ଏକ ପରମବ୍ରହ୍ମ ବହୁ ସମୟ ଧରି ନୀରବ ରହିଲେ ଓ ତାଙ୍କ ସମ୍ମୁଖରେ ବିଭତ୍ସ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକସ୍ଫୁର୍ତ୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇବେ । ଯାହାର କାନ ଅଛି ସେ ଶୁଣୁ । ସେହି ସମୟ ବେଶୀ ଦୂର ନାହିଁ । ମୁଁ ବହୁ ଚେଷ୍ଟା କଲି ଯେ ଈଶ୍ୱରଙ୍କ ଶାନ୍ତିର ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରାଇବି । କିନ୍ତୁ ଏହା ଜରୁରୀ ଥିଲା ଯେ ଭାଗ୍ୟର ଲେଖନୀ ନିର୍ଣ୍ଣାୟକ ସିଦ୍ଧି ହେବ । ମୁଁ ନିରାଟ ସତ୍ୟ କହୁଛି ଯେ  ଏହି ଦେଶର ନୂତନ ପରିବର୍ତ୍ତନ ମଧ୍ୟ ନିକଟତର ହୋଇ ଆସୁଛି । ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ଆସିଯିବ (ଅର୍ଥାତ୍ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ- ଅନୁବାଦକ) ଏବଂ ଲୁତଙ୍କ ଭୁମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଦେଖିପାରିବ (ଅର୍ଥାତ ଚରମ ବ୍ୟଭିଚାରର କୁପରିମାଣ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା- ଅନୁବାଦକ) କିନ୍ତୁ ଈଶ୍ୱର ପ୍ରକୋପ ସାଧନରେ ମନ୍ଦ ମନ୍ଥର ଗତିକୁ ପସନ୍ଦ କରନ୍ତି । ତେଣୁ ପ୍ରାୟଶ୍ଚିତ କର, ଫଳରେ ତୁମ ପ୍ରତି ଦୟା କରାଯାଇପାରେ । ସୃଷ୍ଟିର ଯେଉଁ ଜୀବ ଭଗବାନଙ୍କୁ ଭୟ କରେନାହିଁ, ସେ ଜୀବନ୍ତ ନୁହେଁ ମୃତ ।'

**(ହକିକତୁଲ ଓହି, ରୁହାନି ଖଜାଏନ, ଖଣ୍ଡ ୨୨, ପୃ୨୬୮-୨୬୯)**

## ଇସଲାମର ହୃତ ଗୌରବ ଫେରି ପାଇବା ସକାଶେ ଏକମାତ୍ର ପନ୍ଥା ହେଉଛି ପ୍ରତିଶ୍ରୁତ ମସିହ[ଅସ]ଙ୍କ ସଂପ୍ରଦାୟରେ ସାମିଲ ହେବାର ପ୍ରୟାସ କରିବା

ସୁତରାଂ ଆଜି ଧର୍ମ ବିଶ୍ୱାସର ପୁନଃ ଜାଗରଣ ଓ ଇସଲାମର ହୃତ ଗୌରବ ଫେରିବାର ଦିନ । ଏହାର ମହିମାର ଅଭ୍ୟୁତ୍ଥାନ ସକାଶେ ତଥା ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତିରକ୍ଷା ସ୍ୱରୂପ ଅଲ୍ଲାଃତାଲା ଯେଉଁ ବୀରୋଚିତ ମହାପୁରୁଷଙ୍କୁ ଛିଡା କରାଇଛନ୍ତି, ତାଙ୍କୁ ଅନୁସରଣ କରିବାର ସମୟ ଆସିଛି । ଈଶ୍ୱରଙ୍କ ଠାରୁ ଶିକ୍ଷାପ୍ରାପ୍ତ ମସିହ ମଉଦ[ଅସ]ଙ୍କ ତାତ୍ତ୍ୱିକ ଯୁକ୍ତି ଓ ବଳିଷ୍ଠ ପ୍ରମାଣ ମାଧ୍ୟମରେ ତଥା ସେହି ଶିକ୍ଷା

ଉପରେ ପାଳନ କଲେ ଯାଇ ଏହି ଉଦ୍ଦେଶ୍ୟ ସାଧିତ ହେବ । ଇସଲାମ ଓ ହଜରତ ମୁହମ୍ମଦ[ସଅ] ଙ୍କ ପତାକା ଅତ୍ୟନ୍ତ ମର୍ଯ୍ୟାଦା ଓ ଗୌରବ ସହକାରେ ଫର ଫର ହୋଇ ଉଡୁଥିବ । (ଇନ୍‌ଶାଲ୍ଲାଃ – ଈଶ୍ୱର ଇଚ୍ଛା କଲେ)

ହଜରତ ମସିହ ମଉଦ[ଅସ] ଚଳିତ ଯୁଗର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧିକୁ ବର୍ଣ୍ଣନା କରି ଏଥିପ୍ରତି ଲୋକମାନେ ଧ୍ୟାନ ଫେରାଇ କହିଛନ୍ତି । ଏହାର ସାରାଂଶ ହୋଇଛି, ଇସଲାମ ଉପରେ କଷ୍ଟକର ସମୟ ଆସି ପହଞ୍ଚିଛି ଓ ଏହା ଏକ ଦୁର୍ଦ୍ଦିନ ମଧ୍ୟ ଦେଇ ଗତି କରୁଛି । ସେଥି ପାଇଁ ଅଲ୍ଲାଃତାଲା ଏପରି ଏକ ମିଶନ ପ୍ରତିଷ୍ଠା କରିଛନ୍ତି, ଯାହା ଇସଲାମର ଗୌରବକୁ ପୁନଃ ପ୍ରତିଷ୍ଠା କରିବ । ସେହି କାରଣରୁ ମୁସଲମାନମାନଙ୍କୁ କହିଲେ ଯେ ନିଜର ଜିଦ ଛାଡ ଓ ଚିନ୍ତା କର ଯେ କ'ଣ ଅଲ୍ଲାଃତାଲା ମୁହମ୍ମଦ[ସଅ] ଙ୍କ ବ୍ୟକ୍ତିତ୍ୱ ଉପରେ ଚଉରିଆଡୁ ଆକ୍ରମଣ ହୋଇଥିବା ସମୟରେ ନିଜର ଉଦବେଗ ପ୍ରକାଶ କରିନାହାନ୍ତି ? ଯିଏ ତାଙ୍କ ପ୍ରତି ଦରୁଦ ପ୍ରେରଣ (ଆଶୀର୍ବାଦ କାମନା) କରିଥାନ୍ତି, ସେ କ'ଣ ଦିବ୍ୟ ରସୁଲଙ୍କ ଗୌରବ ରକ୍ଷା କରିବା ପାଇଁ ଭାବାବେଶରେ ଆସି ନାହାନ୍ତି ? ସୁତରାଂ ଏହି ପ୍ରସଙ୍ଗକୁ ଉଲ୍ଲେଖ କରି ପ୍ରତିଶ୍ରୁତ ମସିହ ନିଜର ଏହି ଭାବନା ବ୍ୟକ୍ତ କରିଛନ୍ତି:

'ଚଳିତ ସମୟ କିପରି କଲ୍ୟାଣମୟ ଯୁଗ ଯେ ପ୍ରଭୁ ଏପରି ସଂକଟ ଜନକ ପରିସ୍ଥିତିରେ ନିଜର କୃପା ବଳରେ ହଜରତ ମୁହମ୍ମଦ[ସଅ] ଙ୍କ ମହିମାମୟ ଲୀଳାକୁ ପ୍ରକାଶ କରିବା ନିମନ୍ତେ ଶୂନ୍ୟରୁ ସ୍ୱର୍ଗୀୟ ସହାୟତା ଅର୍ପଣ କଲେ ଏବଂ ଏକ ମୋକ୍ଷ ପ୍ରାପ୍ତ ଐଶି ସଂପ୍ରଦାୟ ପ୍ରତିଷ୍ଠା କଲେ । ମୁଁ ସେହି ଲୋକମାନଙ୍କୁ ପଚରିବାକୁ ଚହୁଁଛି ଯେଉଁମାନେ ଇସଲାମ ଧର୍ମ ପ୍ରତି ମନରେ ଦରଦ ରଖିଛନ୍ତି ଓ ଆପଣା ହୃଦୟରେ ଏହାର ମର୍ଯ୍ୟାଦା ଓ ଯଶକୁ ସ୍ଥାନ ଦେଇଛନ୍ତି । ସେମାନେ କୁହନ୍ତୁ ଯେ ବର୍ତ୍ତମାନ ଇସଲାମ ଯେଉଁ ଦୂରବସ୍ଥା ଦେଇ ଗତି କରୁଛି, ଏହା ପୂର୍ବରୁ  କେବେ ଏପରି ଦେଖା ଦେଇଥିଲା କି ? ଆମ ପ୍ରିୟତମ ଅବତାରଙ୍କ ଉପରେ ଯେପରି ଲାଞ୍ଛନା ଓ ଅପବାଦର କାଳିମା ଲଗାଯାଇଛି ଏବଂ ପବିତ୍ର କୁରଆନକୁ ଯେପରି ଅସମ୍ମାନ କରାଯାଇଛି, ଏପରି କେବେ ଆଗରୁ ଘଟିଥିଲା କି ? ମୁସଲମାନମାନଙ୍କ ଏପରି ଦୁର୍ଦ୍ଦଶା ଦେଖି

ଦୁଃଖରେ ମୁଁ ମର୍ମାହତ ହୋଇ ପଡିଛି ଓ ମୋ ହୃଦୟ ଅତ୍ୟନ୍ତ ବିଚଳିତ ହୋଇ ଯାଉଛି । ତଥାପି ସେମାନେ ଏପରି ଘୋର ଅପମାନଜନକ ଅବସ୍ଥାକୁ କିପରି ଅନୁଭବ କରିପାରୁ ନାହାନ୍ତି । କ'ଣ ମୁହମ୍ମଦ[ସଅ] ଙ୍କ ସମ୍ମାନ ରକ୍ଷା କରିବା ପାଇଁ ଅଲ୍ଲାଃ ଏପରି ପଦକ୍ଷେପ ଗ୍ରହଣ କରିବାକୁ ଜରୁରୀ ମନେ କରୁନାହାନ୍ତି, ଯାହା ସକାଶେ ଏକ ସ୍ୱର୍ଗୀୟ ମିଶନ ପ୍ରତିଷ୍ଠା କରି ଶତ୍ରୁଙ୍କ ମୁହଁ ବନ୍ଦ କରିପାରିବେ ? ଆଉ ଫଳ ସ୍ୱରୂପ ମୁହମ୍ମଦ ରସୁଲୁଲ୍ଲାଃ[ସଅ] ଙ୍କ ଅମ୍ଳାନ ଗୌରବ ପୃଥିବୀରେ ପରିବ୍ୟାପ୍ତ ହୋଇ ପାରିବ ? ପୁନଶ୍ଚ ସ୍ୱୟଂ ଅଲ୍ଲାଃ ଓ ତାଙ୍କ ଦେବଦୂତଗଣ ମୁହମ୍ମଦ[ସଅ] ଙ୍କ ପ୍ରତି ଆଶୀର୍ବାଦ ଓ ସଲାମ ପ୍ରେରଣ କରି ଏପରି ଅପମାନ ଜନକ ସ୍ଥିତିରେ ତାଙ୍କ ଅଭିବାଦନର ସ୍ପଷ୍ଟ ପ୍ରମାଣ ଦର୍ଶାଇ ପାରିବେ । ଏବଂ ସେ ଚିରନମସ୍ୟ ବୋଲି ସଂକେତ ଦେଇ ଏହାର ଆବଶ୍ୟକତାକୁ ପ୍ରତିପାଦିତ କରିପାରିବେ । ଯାହାକୁ କେବଳ ଏକ ମିଶନ ରୂପେ ଅଲ୍ଲାଃତାଲା ସମ୍ଭବ କରି ଦେଖାଇଛନ୍ତି ।' (ମଲଫୁଜାତ, ଖଣ୍ଡ ୩, ପୃ ୮-୯, ୨୦୦୩ ସଂସ୍କରଣ)

ଦେଖନ୍ତୁ, ଏହି ଉକ୍ତିରେ ଅହମଦିୟା ମୁସଲିମ ସଂପ୍ରଦାୟ ଉପରେ କିପରି ଗୁରୁଦାୟୀତ୍ୱ ଅର୍ପଣ କରାଯାଇଛି ଓ ଯେଉଁମାନେ ଏହି ଜମାଅତରେ ଅନ୍ତର୍ଭୁକ୍ତ, ସେମାନଙ୍କୁ କିପରି ସଚେତନ କରାଯାଇଛି ।

ସୁତରାଂ ଏପରି ଏକ ଘଡିସନ୍ଧି ମୂହୁର୍ତ୍ତରେ ଯେତେବେଳେ ହଜରତ ମୁହମ୍ମଦ[ସଅ] ଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଛି ଓ ତାଙ୍କ ବିରୁଦ୍ଧରେ ମିଥ୍ୟାରୋପ କରାଯିବା ଯୋଗୁଁ ଯେପରି ଉତ୍ତେଜନା ପ୍ରକାଶ ପାଉଛି, ସେଥିପାଇଁ ଅଲ୍ଲାଃତାଲା ଓ ଦେବଦୂତମାନେ ନିଶ୍ଚିତ ରୂପେ ତାଙ୍କ ଉପରେ କୃପାଶୀଷ ଓ ସଲାମ ପଠାଉଥିବେ ଏବଂ ଆଜି ମଧ ପଠାଉଛନ୍ତି । ଯେଉଁମାନେ ମୁହମ୍ମଦ[ସଅ] ଙ୍କର ଜଣେ ସତ୍ୟ ପ୍ରେମିକ ତଥା ଯୁଗାବତାରଙ୍କ ଜମାଅତରେ ନିଜକୁ ସାମିଲ କରିଛନ୍ତି, ସେମାନେ ନିଜ ପ୍ରାର୍ଥନାକୁ ଦରୁଦ ପ୍ରେରଣ କରିବାରେ ପରିବର୍ତ୍ତିତ କରିଦିଅନ୍ତୁ । ନିଜ ପ୍ରାଣସିକ୍ତ ବେଦନାରେ ଦରୁଦକୁ ଏପରି ଭରି ଦିଅନ୍ତୁ ଯେ ବାତାବରଣରେ ତାହା ସତ୍ୟର କଣିକା ହୋଇ ଖେଳିଯିବ ଓ ବାୟୁ ମଣ୍ଡଳରେ ପ୍ରତିଟି ଧୂଳିକଣାରେ ଦରୁଦର ମହକ

ଚହଟି ଉଠିବ । ଏହି ଦାରୁଦ ମଧ୍ୟରେ ଆମ ସମସ୍ତ ପ୍ରାର୍ଥନା ଅଲ୍ଲାଃଙ୍କ ଦରବାରରେ ପହଞ୍ଚି ସ୍ୱୀକୃତି ଲାଭ କରିବାର ସ୍ତରକୁ ପାଇଯିବ । ଏହା ହିଁ ପ୍ରେମ ଓ ଅନୁରାଗର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସ୍ପଷ୍ଟ ନିଦର୍ଶନ । ଯାହାକୁ ମୁହମ୍ମଦ[ସଅ] ଙ୍କ ବ୍ୟକ୍ତିତ୍ୱରେ ଦର୍ଶାଇ ଓ ତାଙ୍କ ଅନୁଗାମୀଙ୍କ ପ୍ରଚଣ୍ଡ ପ୍ରତିଭା ସହିତ ଦେଖାଇବା ଆବଶ୍ୟକ । ଅଲ୍ଲାଃତାଲା ମୁସଲିମ ସଂପ୍ରଦାୟକୁ ଏଥିପାଇଁ ସଦବୁଦ୍ଧି ଦିଅନ୍ତୁ ଓ ସେମାନଙ୍କର ଜ୍ଞାନ ଉଦୟ ହେଉ ଯେ ସେମାନେ ଅଲ୍ଲାଃଙ୍କର ଏହି ଦେବୋତ୍ତମ ପୁରୁଷଙ୍କୁ ଚିହ୍ନନ୍ତୁ । ହଜରତ ମୁହମ୍ମଦ[ସଅ] ଙ୍କର ଏହି ଆଧ୍ୟାତ୍ମିକ ପୁତ୍ରଙ୍କର ଜମାଅତରେ ସାମିଲ ହୁଅନ୍ତୁ । ଯିଏକି ଦ୍ୱିତୀୟ ଥର ଶାନ୍ତି, ମୈତ୍ରୀ ଓ ପ୍ରିତିର ବାତାବରଣ ସୃଷ୍ଟି କରି ମୁହମ୍ମଦ[ସଅ] ଙ୍କ ପଦମର୍ଯ୍ୟାଦାକୁ ଉଚ୍ଚ ସ୍ଥାନରେ ପହଞ୍ଚାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସଦବୁଦ୍ଧି ଦିଅନ୍ତୁ ଯେ ସେମାନେ ମୁହମ୍ମଦ[ସଅ] ଙ୍କ ଆଡକୁ ନିଜକୁ ଅନୁପ୍ରେରିତ କରିବା ସତ୍ତ୍ୱେ ଏହା ଆଜି ପୁଣି ଥରେ ଦେଖି ନିଅନ୍ତୁ ଯେ ଚଉଦ ଶହ ବର୍ଷ ପରେ ମଧ୍ୟ ଏହି ମୁହରମ ମାସରେ ସେହି ମାଟିକୁ ମଣିଷ ରକ୍ତରେ ରଞ୍ଜିତ କରାଯାଉଛି ଓ ଜଣେ ମୁସଲମାନ ଅନ୍ୟ ଜଣେ ମୁସଲମାନର ରକ୍ତରେ ହୋଲି ଖେଳୁଛି । ମାତ୍ର ତାହାର ଚେତା ପଶୁନାହିଁ ଓ ସେ ଏଥିରୁ କୌଣସି ଶିକ୍ଷା ଲାଭ କରୁନାହିଁ ଯଦ୍ୱାରା ଆଜି ପର୍ଯ୍ୟନ୍ତ ସେ ନରହନ୍ତା ସାଜି ରକ୍ତ ବୁହାଇ ଚାଲିଛି । ଅଲ୍ଲାଃତାଲା ସେହି ରକ୍ତପିପାସୁ ଲୋକମାନଙ୍କୁ ମଧ୍ୟ ସଦବୁଦ୍ଧି ଦିଅନ୍ତୁ ଯେ ନାରକୀୟ କାଣ୍ଡରୁ କ୍ଷାନ୍ତ ରହନ୍ତୁ ଓ ନିଜ ହୃଦୟରେ ଈଶ୍ୱରଙ୍କ ଭୟ ସୃଷ୍ଟି କରନ୍ତୁ ତଥା ଇସଲାମର ସତ୍‌ଶିକ୍ଷା ଉପରେ ପାଳନ କରନ୍ତୁ । ଆଜି ସେମାନେ ଯାହା କରୁଛନ୍ତି, ତାହା ଯୁଗରୁ ଇମାମ (ପଥ ପ୍ରଦର୍ଶକ)ଙ୍କୁ ନ ଚିହ୍ନିବା କାରଣରୁ ଓ ମୁହମ୍ମହ[ସଅ] ଙ୍କ ନିର୍ଦ୍ଦେଶର ଅବମାନନା କରିବା ଯୋଗୁଁ ହୋଇ ଚାଲିଛି ।

ସୁତରାଂ ଆଜି ଅହମଦିମାନଙ୍କର ଏହା ଗୁରୁଦାୟୀତ୍ୱ, ଯେଉଁମାନେ ଏ ଯୁଗର ଇମାମଙ୍କ ପରିଚୟ ପାଇଛନ୍ତି, ତାହା କେବଳ ହଜରତ ମୁହମ୍ମଦ[ସଅ] ଙ୍କ ପ୍ରେମ ଓ ପ୍ରଗାଢ ଭକ୍ତିର ଆବେଗ ଯୋଗୁଁ ସମ୍ଭବ ହୋଇଛି । ତେଣୁ ତାହାଙ୍କ ପାଇଁ ଦରୁଦ ପଢନ୍ତୁ, ପ୍ରାର୍ଥନା କରନ୍ତୁ, ନିଜ ପାଇଁ ଓ ଅନ୍ୟ ମୁସଲମାନଙ୍କ ପାଇଁ ମଧ୍ୟ । ଯଦ୍ଦ୍ୱାରା ଅଲ୍ଲାଃତାଲା ମୁସଲମାନ ଜାତିକୁ ଧ୍ୱଂସମୁଖରୁ ରକ୍ଷା କରନ୍ତୁ ।

ହଜରତ ମୁହମ୍ମଦ[ସଅ] ଙ୍କ ପ୍ରତି ପ୍ରେମ ସେତେବେଳେ ପ୍ରକୃତ ଅର୍ଥରେ ପ୍ରଦର୍ଶିତ ହୋଇପାରିବ, ଯଦି ଆମେ ନିଜ ପ୍ରାର୍ଥନାରେ ମୁସଲିମ ଜାତିକୁ ସ୍ଥାନ ଦେବା । ଅନ୍ୟ ଲୋକଙ୍କ ମନୋବୃତ୍ତି ଭଲ ନାହିଁ । ଏହା ଆମକୁ ଜଣା ନାହିଁ ଯେ ମାନବ ସମାଜକୁ କେତେବେଳେ କେଉଁ ଦୁର୍ଦ୍ଦଶା ଭୋଗ କରିବାକୁ ପଡିବ ଓ କଠିନ ପରିସ୍ଥିତି ମଧ୍ୟ ଦେଇ ସେମାନଙ୍କୁ ଗତି କରିବାକୁ ପଡିବ । ନିରୀହ ମୁସଲମାନ କେଉଁ ବିପତ୍ତିର ସମ୍ମୁଖୀନ ହେବେ ଓ ସେମାନଙ୍କ ବିରୁଦ୍ଧରେ କିପରି କୁଟ ଚକ୍ରାନ୍ତ କରାଯାଉଛି । ଅଲ୍ଲାଃ ଦୟା କରନ୍ତୁ ।

ଅଲ୍ଲାଃ ଆମମାନଙ୍କୁ ସର୍ବଦା ସତପଥରେ ପରିଚ୍ଚାଳିତ କରନ୍ତୁ । ଆମେ ଅଲ୍ଲାଃଙ୍କର କୃତଜ୍ଞ ଭକ୍ତ ହୋଇଯିବା ଓ ତାଙ୍କୁ ଧନ୍ୟବାଦ ଦେବା ଯେ ସେ ଆମମାନଙ୍କୁ ଯୁଗ ପ୍ରବର୍ତ୍ତକଙ୍କୁ ମାନିବାର ସାମର୍ଥ୍ୟ ପ୍ରଦାନ କରିଛନ୍ତି । ପୁଣି ତାଙ୍କର ମାନ୍ୟତା ସ୍ୱୀକାର କରିବା ପ୍ରତି ଆମର କର୍ତ୍ତବ୍ୟ ନିର୍ବାହ କରିବାର ମଧ୍ୟ ଅଲ୍ଲାଃ ଆମମାନଙ୍କୁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମମାନଙ୍କୁ ସର୍ବଦା ତାହାଙ୍କ ପ୍ରସନ୍ନତାର ମାର୍ଗରେ ପରିଚ୍ଚାଳିତ କରାନ୍ତୁ ।'

**( ଖୁତବା ଜୁମା, ଫେବୃୟାରୀ ୨୦୦୬, ବୈତୁଲ ଫୁତୁହ, ଲଣ୍ଡନ)**

# ହଜରତ ମିର୍ଜା ମସରୁର ଅହମଦ[ଅବ]ଙ୍କ ପ୍ରଦତ୍ତ ୨୧ ସେପ୍ଟେମ୍ବର ୨୦୧୨ ଶୁକ୍ରବାର ଖୁତ୍‌ବା ଜୁମା (ଅଭିଭାଷଣ) ଉପରେ ଆନ୍ତର୍ଜାତିକ ଗଣମାଧ୍ୟମର ସମ୍ବାଦ ପରିବେଷଣ

LONDON, 22 September 2012

**PRESS RELEASE**
**WORLD MUSLIM LEADER CONDEMNS ANTI-ISLAM FILM**

ପ୍ରେସ ଡେସ୍କ ଲଣ୍ଡନ, ୨୨ ସେପ୍ଟେମ୍ବର ୨୦୧୨

## ମୁସଲିମ ବିଶ୍ୱ ନେତାଗଣ ଇସଲାମ ବିରୋଧି ଚଳଚିତ୍ରକୁ ତ୍ରୀବ ନିନ୍ଦା କଲେ

## ଅହମଦିୟା ମୁସଲିମ୍ ଜମାଅତର ମୁଖ୍ୟ କହିଲେ ଯେ ମୁସଲମାନମାନଙ୍କ କ୍ରୋଧ ସଂପୂର୍ଣ୍ଣ ଯଥାର୍ଥ ; କିନ୍ତୁ ପ୍ରତିହିଂସା ମୂଳକ ଆଚରଣ ନିଶ୍ଚିତ ଭାବେ ନିନ୍ଦନୀୟ

### ହଜରତ ମିର୍ଜା ମସରୁର ଅହମଦ ସମବେତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଚଳଚିତ୍ର ସମ୍ବନ୍ଧରେ ଅବଗତ କରାଇଲେ।

ଅହମଦିୟା ମୁସଲମ ସଂପ୍ରଦାୟର ବିଶ୍ୱ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ, ପଞ୍ଚମ ଖଲିଫା[ଅବ] ପୃଥିବୀର ସମସ୍ତ ମୁସଲିମ ସମୁଦାୟ ଏକଜୁଟ ହୋଇ Innocence of Muslims ନାମକ ଏକ କୁତ୍ସିତ ଚଳଚିତ୍ରର ବିରୋଧ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । ଶାନ୍ତିପୂର୍ଣ୍ଣ ଉପାୟରେ ଏହାର ପ୍ରତିବାଦ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଯେହେତୁ ଏହି ଚଳଚିତ୍ରରେ ପ୍ରଦର୍ଶିତ ହୋଇଥିବା ବିଷୟ ଇସଲାମ ଓ ମୁହମ୍ମଦସଅ ଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଛି, ତେଣୁ ସେ ନିଜର ମତାମତ ଦେଇ ଏହି ପ୍ରସ୍ତାବ ରଖିଛନ୍ତି ଯେ ବାକ୍ ସ୍ୱାଧୀନତା ବା ଅଭିବ୍ୟକ୍ତିର ସ୍ୱର ଉଠାଇବା ପାଇଁ ଏକ ସୀମା ନିର୍ଦ୍ଧାରଣ କରାଯିବା ଉଚିତ, ଯଦ୍ୱାରା ସମସ୍ତ ଲୋକଙ୍କ ଧାର୍ମିକ ଭାବନାର ସୁରକ୍ଷା କରାଯାଇ ପାରିବ ।

ତାଙ୍କର ସାପ୍ତାହିକ ଖୁତ୍‌ବା ଜୁମା (ଅଭିଭାଷଣ) ଯାହାକୁ ସେ ମସଜିଦ ବୈତୁଲ ଫୁତୁହ, ଲଣ୍ଡନଠାରେ ସେପ୍ଟେମ୍ବର ୨୧ ତାରିଖ ଦିନ ପରିବେଷଣ କରିଥିଲେ, ସେଥିରେ ନିଜର ପ୍ରତିକ୍ରିୟା ପ୍ରକାଶ କରି କହିଲେ, ସମଗ୍ର ମୁସଲିମ ଜଗତ ଏହି ଚଳଚିତ୍ର ତଥା ଫ୍ରାନସର ଏକ ପ୍ରସିଦ୍ଧ ପତ୍ରିକାରେ ହଜରତ ମୁହମ୍ମଦ[ସଅ] ଙ୍କ ବ୍ୟଙ୍ଗଚିତ୍ରକୁ ପୁନର୍ବାର ପ୍ରକାଶିତ କରିବା ନିଷ୍ପତ୍ତି ଯୋଗୁଁ ଗଭୀର ଭାବେ ମାନସିକ ଆଘାତ ପାଇଛନ୍ତି ।

ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯଥା : BBC National News. BBC News Night Sky News, Sky Arabic, Reuters, Press Association ତଥା ଅନ୍ୟାନ୍ୟ ସଙ୍ଗଠନର ସାମ୍ବାଦିକମାନେ ଉପସ୍ଥିତ ଥିଲେ । ସେମାନେ ଜୁମା ଉଦବୋଧନ ପରେ ପରେ ମହାମାନ୍ୟ ଖଲିଫାଙ୍କ ସହିତ ସାକ୍ଷାତ କରିଥିଲେ ।

ଖୁତବା ଜୁମା ଅବସରରେ ହଜରତ ମିର୍ଜା ମସରୁର ଅହମଦ[ଅବ] କହିଲେ, ଇସଲାମ ବିରୋଧି ଭିଡିଓ ଓ ସେହିପରି ଅନ୍ୟାନ୍ୟ ଆକ୍ରମଣ ପଛରେ ସେମାନଙ୍କ ଇସଲାମ ପ୍ରତି ପ୍ରଚ୍ଛନ୍ନ ଭୟ ରହିଥିଲା । ସେ କହିଲେ, **'ଇସଲାମକୁ ପରାଜିତ କରିବାରେ ଏହା ସେମାନଙ୍କ ଅକ୍ଷମତାକୁ ଦର୍ଶାଉଛି, ଯାହା ମୁକ୍ତ ବିଚାର ଭାବନା ଆଳରେ କୁତ୍ସିତ କର୍ମ କରିବାକୁ ପ୍ରବର୍ତ୍ତାଉଛି ।'**

ବିଭିନ୍ନ ମୁସଲିମ ଦେଶରେ ଚରମପନ୍ଥୀ ମୁସଲମାନଙ୍କ ତରଫରୁ ହେଉଥିବା ହିଂସାତ୍ମକ ପ୍ରତିକ୍ରିୟାର ତ୍ରୀବ ନିନ୍ଦା କରି ହଜତର ମିର୍ଜା ମସରୁର ଅହମଦ ସାହେବ କହିଲେ ଯେ ବିଭିନ୍ନ ରାଷ୍ଟ୍ରଦୂତ ଓ କୂଟନୀତିଜ୍ଞଙ୍କ ସହିତ ନିରୀହ ଲୋକମାନଙ୍କ ହତ୍ୟା କରିବା ସଂପୂର୍ଣ୍ଣ ରୂପେ ଇସଲାମ ଶିକ୍ଷା ବିରୋଧି କାର୍ଯ୍ୟ । ଧନଜୀବନ ଧ୍ୱଂସ କରିବା, ଅଟ୍ଟାଳିକା ଭାଙ୍ଗି ଧରାଶାୟୀ କରିବା ତଥା ପୋଡାଜଳା କରିବା ଇତ୍ୟାଦି ଅତି ଗର୍ହିତ କାର୍ଯ୍ୟ । ଏହା ଦ୍ୱାରା କେବଳ ସେହି ଲୋକମାନଙ୍କୁ ଲାଭ ହୋଇଥାଏ , ଯେଉଁମାନେ ଇସଲାମକୁ ବଦନାମ କରିବାକୁ ଚାହୁଁଛନ୍ତି ।

ବାକ ସ୍ୱାଧୀନତା ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେଇ ପୁଣ୍ୟଶ୍ଳୋକ କହିଲେ **'ଏପରି ନହେଉ ଯେ ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ସମଗ୍ର ବିଶ୍ୱରେ ଶାନ୍ତି ବ୍ୟାହତ ହେବ ।'**

ମହାମାନ୍ୟ ଖଲିଫା ବିଶ୍ୱନେତା ଓ ଲୋକ ପ୍ରତିନିଧିମାନଙ୍କ ଉଦ୍ଦେଶ୍ୟରେ ନିଜର ମତବ୍ୟକ୍ତ କରି କହିଲେ ଏପରି ନହେଉ ଯେ ସେହି ଚଳଚିତ୍ର ଓ ବ୍ୟଙ୍ଗଚିତ୍ର ପ୍ରସ୍ତୁତ କରିଥିବା ଲୋକମାନଙ୍କୁ ସବୁପ୍ରକାର ସହଯୋଗ ଓ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରି ମନୁଷ୍ୟର ଧାର୍ମିକ ଭାବନା ପ୍ରତି କୁଠାରାଘାତ କରିବା ଓ ନିରୀହ ଲୋକଙ୍କୁ ମାନସିକ ବ୍ୟଥା ପହଞ୍ଚାଇବାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବେ । ଏପରି ହୀନ କାର୍ଯ୍ୟ କରିବାର ଅଧିକାର ସାବ୍ୟସ୍ତ କରିବା ଫଳରେ ପୃଥିବୀ ସାରା ଯେପରି ତିକ୍ତତା ଓ ବୈରଭାବ ବୃଦ୍ଧି ପାଉଛି । କାଳେ ସେଥିରେ ସେମାନଙ୍କର ହାତ ଥିବାର ଆଶଙ୍କା ଦେଖା ଯାଉନାହିଁ ତ !

ଏଭଳି ଉତ୍ତେଜନା ପ୍ରତି ନିଜର ପ୍ରତିକ୍ରିୟା ପ୍ରକାଶ କରି ମହାମାନ୍ୟ ଖଲିଫା ପୃଥିବୀର ମୁସଲିମ ସମାଜକୁ ଆହ୍ୱାନ କରିଥିଲେ ଏବଂ ଏହାର ପ୍ରତିବାଦରେ ଏକ ସାମୁହିକ ଓ ପ୍ରଭାବଶାଳୀ ଉତ୍ତର ରଖିବାକୁ କହିଥିଲେ । ସେ କହିଲେ ମୁସଲିମ ରାଷ୍ଟ୍ରଗଣ ଓ ପାଶ୍ଚାତ୍ୟ ଦେଶମାନଙ୍କରେ ବାସ କରୁଥିବା ମୁସଲମାନମାନେ ମିଳିତ ହୋଇ ଇସଲାମ ତଥା ପବିତ୍ର କୁରଆନର ବାସ୍ତବ ଓ ଶାନ୍ତିମୟ ଶିକ୍ଷାକୁ ଦୁନିଆ ସମ୍ମୁଖରେ ଉପସ୍ଥାପନ କରନ୍ତୁ । ସେ କହିଲେ ଏଥିପାଇଁ ସେମାନେ ସଂଘବଦ୍ଧ ଭାବେ ଓ ଶାନ୍ତପୂର୍ଣ୍ଣ ଉପାୟରେ ଇସଲାମ ସପକ୍ଷରେ ଯୁକ୍ତି ବାଢନ୍ତୁ ଏବଂ ଦିବ୍ୟ ଅବତାର ମୁହମ୍ମଦ[ସଅ] ଙ୍କ ମହାନ ବ୍ୟକ୍ତିତ୍ୱ ଓ ପବିତ୍ର ଜୀବନର ଆଦର୍ଶ ଚରିତ୍ରକୁ ପ୍ରତିପାଦନ କରନ୍ତୁ । ସୁତରାଂ ମହାମହିମ କହିଲେ :

**'ମୁସଲମାନମାନେ ଏହା ମନେ ରଖିବା ଉଚିତ ଯେ ଚରମପନ୍ଥୀ କାର୍ଯ୍ୟ କଳାପ ତାହାର ଉତ୍ତର ନୁହେଁ । ଏହା ପରିବର୍ତ୍ତେ ଆପଣାକୁ ସୁଧାରି ପାରିଲେ ଓ ସତ୍‌କର୍ମ ଦ୍ୱାରା ଏହାର ପ୍ରତିବାଦ କରିପାରିଲେ, ତାହା ହିଁ ଯଥାର୍ଥ ଉତ୍ତର ଦିଆ ଯାଇପାରିବ । ପ୍ରତିପକ୍ଷ ଗୋଷ୍ଠୀଙ୍କ ଆକ୍ରୋଶକୁ ଦମନ କରାଯାଇ ପାରିବ । ଦିବ୍ୟ ଅବତଚାରଙ୍କ ପ୍ରତି ନମସ୍ୟ ଭାବ ବ୍ୟକ୍ତି କରି ତାଙ୍କୁ ଆଶୀର୍ବାଦ ପ୍ରେରଣ କରିବା ଦ୍ୱାରା ହିଁ ସମ୍ଭବ ହେବ । ମାନବିକତାର ରକ୍ଷା ଓ ମୁକ୍ତିର ପ୍ରକୃତ ମାର୍ଗ ଏହାର ପ୍ରତିଫଳନ ହେବ ।**

**ସଂସାରିକ ପ୍ରୟାସରେ ସମସ୍ତ ମୁସଲିମ ଜଗତ ଐକ୍ୟବଦ୍ଧ ହେବା ଆବଶ୍ୟକ । ପାଶ୍ଚାତ୍ୟ ଜଗତରେ ରହୁଥିବା ମୁସଲମାନମାନେ ସେମାନଙ୍କ ଭୋଟଦାନ କ୍ଷମତାର ଅଧିକାରକୁ ସଂପୂର୍ଣ୍ଣ ରୂପେ ସଦ୍ ବିନିଯୋଗ କରିବା ଉଚିତ।**

ପୁଣ୍ୟଶ୍ଲୋକ ଏଥିପ୍ରତି ଗୁରୁତ୍ୱାରୋପ କରି କହିଲେ ଯେ ଗତ କିଛି ବର୍ଷ ହେଲା ଇସଲାମ ପ୍ରତି ଏତାଦୃଶ ଆକ୍ରମଣ ବୃଦ୍ଧି ପାଇଛି । ଅପର ପକ୍ଷେ କେତେକ ମୁସଲମାନ ଅନୁପଯୁକ୍ତ ପ୍ରତିକ୍ରିୟାକୁ ମଧ୍ୟ ନିନ୍ଦା କରିବା ଆବଶ୍ୟକ । ଏହା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ଏପରି ବିଶୃଙ୍ଖଳା ଭିଆଇବାରେ ଅନ୍ୟମାନେ ପ୍ରଥମେ ପଦକ୍ଷେପ ନେଇଛନ୍ତି ।

ଇସଲାମର ବାସ୍ତବ ଛବି ଦୁନିଆ ସାମନାରେ ରଖିବା ଓ ଏହାର ପ୍ରକୃତ ଶିକ୍ଷା ଚିତ୍ରଣ କରିବାରେ ଅହମଦିୟା ମୁସଲିମ ଜମାଅତର ଭୂମିକା ସଂପର୍କରେ ଅବଗତ କରାଇ ହଜରତ ମିର୍ଜା ମସରୁର ଅହମଦ[ଅବ] କହିଲେ :

**'ଆମେ ଅହମଦି ମୁସଲମାନ ମାନବ ସେବା କ୍ଷେତ୍ରରେ କୌଣସି ସୁଯୋଗକୁ ହାତଛଡା କରୁନାହିଁ । ଉଦାହରଣ ସ୍ୱରୂପ ଆମେରିକାରେ ଗତ ବର୍ଷ ରକ୍ତର ଅତି ମାତ୍ରାରେ ଆବଶ୍ୟକ ପଡୁଥିବାର ଦେଖି ଆମେ ବାର ହଜାର ବୋତଲ ରକ୍ତଦାନ କରିଥିଲୁ । ସେହିପରି ଏ ବର୍ଷ ମଧ୍ୟ ଆମ ପକ୍ଷରୁ ରକ୍ତ ସଂଚୟ କରାଯାଉଛି ଓ ଆଜିକାଲି ରକ୍ତଦାନ ପାଇଁ ସଂଗଠିତ ଉଦ୍ୟମ ପୁଣି ଥରେ ଜାରି ରହିଛି । ସୁତରାଂ ଆମେମାନେ ଜୀବନ ରକ୍ଷା ପାଇଁ ରକ୍ତ ଦେଉଛୁ, ଅଥଚ ଅନ୍ୟ ଲୋକମାନେ ଏପରି ହୀନ ଆଚରଣକୁ ସମର୍ଥନ କରି ଆମମାନଙ୍କ ହୃଦୟକୁ ଦୁଃଖ ଦେଇ ରକ୍ତାକ୍ତ କରି ଦେଉଛନ୍ତି ।'**

ହଜରତ ଖଲିଫତୁଲ ମସିହ ନିଜ ଖୁତବା ଅଭିଭାଷଣର ଶେଷରେ ମୁହମ୍ମଦ[ସଅ]ଙ୍କ ସମ୍ମାନ କ୍ଷୁର୍ଣ୍ଣ କରାଯାଉଥିବା ସମସ୍ତ ପ୍ରଚେଷ୍ଟା ବିଫଳ ହେଉଥିବାର ସୂଚନା ଦେଇ କହିଲେ:

**'ଯୁଗର ଇମାମ ତଥା ଅହମଦିୟା ମୁସଲିମ ଜମାଅତର ସଂସ୍ଥାପକଙ୍କର ଏହି ଘୋଷଣାକୁ ସର୍ବଦା ମନେ ରଖନ୍ତୁ ଯେ ପ୍ରତ୍ୟେକ ପ୍ରକାର ବିଜୟ ସ୍ୱର୍ଗରୁ ହିଁ ଆସିଥାଏ । ସ୍ୱର୍ଗରେ ନିଷ୍ପତ୍ତି ହୋଇ ସାରିଛି ଯେ ଯେଉଁ ଅବତାରଙ୍କର ତୁମେ ମର୍ଯ୍ୟାଦାହାନୀ ଓ ଅପମାନିତ କରିବାକୁ ଚେଷ୍ଟା କରୁଛ, ଏହି ପୃଥିବୀରେ ସର୍ବଶେଷରେ ତାଙ୍କର ହିଁ ମହା ବିଜୟ ହେବ । ଲୋକମାନଙ୍କ ହୃଦୟକୁ ଜୟ କରିବା ଦ୍ୱାରା ଏହି ବିଜୟ ହାସଲ ହୋଇପାରିବ ।'**

ଜୁମା ଅଭିବାଷଣ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ହଜରତ ମିର୍ଜା ମସରୁର ଅହମଦ[ଅବ] ସମବେତ ଗଣ ପ୍ରତିନିଧିମାନଙ୍କୁ କହିଲେ, ମୁସଲମାନମାନେ ମୁହମ୍ମଦ[ସଅ]ଙ୍କୁ ଗଭୀର ପ୍ରେମ କରନ୍ତି । ସେ କହିଲେ, ଯଦି କାହାର ପ୍ରିୟତମ ପୁରୁଷଙ୍କୁ ଉପହାସ କରାଯାଏ, ତେବେ ନିଶ୍ଚୟ ତା'ର ମନରେ କଷ୍ଟ ପହଞ୍ଚିବ । ଏହିପରି ପ୍ରଭୁଙ୍କ ରସୁଲ ତଥା ଦିବ୍ୟ ବାର୍ତ୍ତାବହଙ୍କ ପ୍ରତି ହେଉଥିବା ପ୍ରତ୍ୟେକ ଆକ୍ରମଣ ସମସ୍ତ ମୁସଲମାନଙ୍କ ହୃଦୟକୁ ଅବଶ୍ୟ କ୍ଷତ ବିକ୍ଷତ କରିବ ।

ଅଶ୍ଳୀଳ ଚଳଚିତ୍ର ପ୍ରଦର୍ଶନ କରିବାର ଫଳ ସ୍ୱରୂପ ବିଶ୍ୱବ୍ୟାପୀ ଦେଖା ଦେଇଥିବା ହିଂସାତ୍ମକ ପ୍ରତିବାଦ ସଂପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, 'ଏପରି ଧରଣର ପ୍ରତିବାଦ କରିବା ମୁସଲିମମାନଙ୍କ ପକ୍ଷେ ଏକ ଭୂଲ କାର୍ଯ୍ୟ । କୌଣସି ରାଷ୍ଟ୍ରଦୂତ ଓ କୂଟନୀତିଜ୍ଞଙ୍କ ସମେତ ନିରୀହ ଲୋକମାନଙ୍କୁ ଜଘନ୍ୟ ରୂପେ ହତ୍ୟା କରିବା ଇସଲାମ ଶିକ୍ଷାର ସଂପୂର୍ଣ୍ଣ ପରିପନ୍ଥୀ । ମହାମାନ୍ୟ ଏହା ମଧ୍ୟ କହିଲେ ଯେ ପ୍ରତ୍ୟେକ ପ୍ରକାର ପ୍ରତିବାଦ କରିବା ବା ପ୍ରତିକ୍ରିୟା ପ୍ରକାଶ କରିବା ଶାନ୍ତିପୂର୍ଣ୍ଣ ଉପାୟରେ ହେବା ଉଚିତ । ଏବଂ ଏହା ସେହି ଦେଶର ଆଇନ ଭିତରେ ରହି କରିବା ଆବଶ୍ୟକ

THE EXPRESS TRIBUNE WITH THE International Herald Tribune

## Anti-Islam film: Head of Ahmadi community says anger of Muslims 'fully justified'

Web Desk

Published: September 23, 2012

**ଅହମଦିୟା ଜମାଅତର ମୁଖ୍ୟଙ୍କ ସୂଚନା: ଇସଲାମ ବିରୋଧି ଚଳଚିତ୍ରର ପ୍ରଦର୍ଶନ ସକାଶେ ମୁସଲମାନମାନେ କ୍ରୋଧ ପ୍ରକାଶ କରିବା ଓ କ୍ଷୁବ୍ଧ ହେବା ଯଥାର୍ଥ । ମାତ୍ର ହିଂସାମୂଳକ ପ୍ରତିକ୍ରିୟା ଅବଶ୍ୟ ନିନ୍ଦନୀୟ । ସେମାନଙ୍କ ବିଶ୍ୱ ବ୍ୟାପୀ ସମ୍ପ୍ରଦାୟ ତରଫରୁ ଗତ ରବିବାର ଦିନ ଏହିପରି ସୂଚନା ପ୍ରକାଶ ପାଇଛି**

ଗଣ ମାଧ୍ୟମକୁ ବାର୍ତ୍ତା ଦେଇ ହଜରତ ମିର୍ଜା ମସରୁର ଅହମଦ କହିଲେ ‘ବିଶ୍ୱର ସମସ୍ତ ମୁସଲମାନ ଏକଜୁଟ ହୋଇ ଏହି ଚଳଚିତ୍ର ବିରୁଦ୍ଧରେ ଶାନ୍ତି ଉପାୟରେ ପ୍ରତିବାଦ ଜଣାଇବା ଆବଶ୍ୟକ । କାରଣ ଏହି କାର୍ଯ୍ୟ ଯୋଗୁଁ ବିଶ୍ୱ ମୁସଲିମ ସମାଜ ଗଭୀର ଭାବରେ ମର୍ମାହତ ହୋଇଛନ୍ତି । ଏହା ସେମାନଙ୍କୁ ଅତ୍ୟଧିକ ମାନସିକ ପୀଡା ଦେଇଛି ।’

ଏହି ପ୍ରସଙ୍ଗ ଉପରେ ଅହମଦ୍ ଜୋର ଦେଇ କହିଛନ୍ତି ଯେ ନିଜ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ଏକ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ, ଯଦ୍ଦ୍ୱାରା ଲୋକମାନଙ୍କ ଧର୍ମୀୟ ଭାବନା ସୁରକ୍ଷିତ ରହିପାରିବ ।

ପ୍ରକାଶିତ ସୂଚନା ଅନୁଯାୟୀ ଅହମଦିୟା ଜମାଅତର ମୁଖ୍ୟ ନିମ୍ନମତେ ନିଜର ବକ୍ତବ୍ୟ ଦେଇଛନ୍ତି ।

**ଇସଲାମର ମୁକାବିଲାରେ ପ୍ରତିପକ୍ଷ ଗୋଷ୍ଠୀର ଏହା ପରାଜୟ ବ୍ୟତୀତ ଅନ୍ୟ କିଛି ନୁହେଁ । ତେଣୁ ସେମାନେ ମୁକ୍ତ ଭାବନାର ଦ୍ୱାହି ଦେଇ**

**ଏପରି ଅସଭ୍ୟ ଆଚରଣ ପ୍ରଦର୍ଶନ କରିଛନ୍ତି । ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ଦୁନିଆର ଶାନ୍ତି ଓ ନିରାପତ୍ତା ନଷ୍ଟ କରିବା ପାଇଁ କାହାରିକୁ ହେଲେ ଆଦୌ ପ୍ରଶୟ ଦିଆଯିବ ନାହିଁ ।**

ଅନେକ ଦେଶରେ ମୁସଲମାନମାନଙ୍କ ଦ୍ୱାରା କରାଯାଉଥିବା ହିଂସାତ୍ମକ ପ୍ରତିକ୍ରିୟାକୁ ଦୃଢ ନିନ୍ଦା କରିଛନ୍ତି । ରାଷ୍ଟ୍ରଦୂତ ଓ କୂଟନୀତିଜ୍ଞ ସମେତ ନିରୀହ ଲୋକଙ୍କ ପ୍ରାଣନାଶ କରିବା ଏକ ଅମାନୁଷିକ କାର୍ଯ୍ୟ ।

ସେ କହିଲେ 'ଜାତୀୟ ସଂପର୍ତ୍ତିକୁ ଧ୍ୱଂସ କରିବା ଓ ଅଟ୍ଟାଳିକାମାନଙ୍କରେ ନିଆ ଲଗାଇ ପୋଡା ଜଳା କରିବା ଅତ୍ୟନ୍ତ ଗର୍ହିତ କାର୍ଯ୍ୟ । ଏଥିରେ କେଉଁ ପକ୍ଷକୁ ହେଲେ କ୍ଷତି ହୁଏ ସିନା କିନ୍ତୁ କୌଣସି ଲାଭ ହୁଏ ନାହିଁ ।'

THE TIMES OF INDIA
Powered by Indiatimes

The Times of India, India

**Anti-Islam movie: Ahmadiyyas to hold peace conference**

## ଇସଲାମ ବିରୋଧି ଚଳଚିତ୍ର: ଅହମଦିୟା ଜମାୟତ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ କରିବ

Yudhvir Rana, TNN, Sep 26 2012

ଅମୃତସହର, ଯେପରି ଗୋଟିଏ ପକ୍ଷରେ ସମଗ୍ର ପୃଥିବୀର ମୁସଲମାନ ବିବାଦତ୍ମକ ଚଳଚିତ୍ର: 'Innocence of Muslim' ଯୋଗୁ କ୍ରୋଧ ଓ ଆକ୍ରୋଶରେ ଜର୍ଜରିତ ହୋଇଛନ୍ତି । ଅନ୍ୟ ପକ୍ଷରେ ଅହମଦିୟା ମୁସଲିମ ଜମାଅତ ନିଜର ଧର୍ମକେନ୍ଦ୍ର କାଦିୟାନ ଜିଲ୍ଲା ଗୁରୁଦାସପୁର ଠାରେ ୩୦ ସେପ୍ଟେମ୍ବରକୁ ଏକ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ କରିବାର ନିଷ୍ପତ୍ତି ଗ୍ରହଣ କରିଛି । ଏହି ନିଷ୍ପତ୍ତି ବିଶ୍ୱବ୍ୟାପ୍ତ ଅହମଦିୟା ସଂପ୍ରଦାୟର ଇମାମଙ୍କ ନିର୍ଦ୍ଦେଶକ୍ରମେ ନିଆଯାଇଛି । ଏଥିପାଇଁ ସେ ସମଗ୍ର ବିଶ୍ୱର ମୁସଲମାନମାନଙ୍କୁ ଏକଜୁଟ ଦେବା ପାଇଁ ଆହ୍ୱାନ ଦେଇଛନ୍ତି ଓ ଶାନ୍ତିପୂର୍ଣ୍ଣ ଉପାୟରେ ଉକ୍ତ ଚଳଚିତ୍ର ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ ଆଶା ପ୍ରକାଶ କରିଛନ୍ତି । ଚଳଚିତ୍ରର ଅଗ୍ରଭାଗ (Trailer) ମୁକ୍ତିଲାଭ ପାଇଁ ପ୍ରଚାର ହେବା ଫଳରେ ଯେଉଁ ଉତ୍ତେଜନା ପ୍ରକାଶ ପାଇଲା ଓ ନିରୀହ ଲୋକମାନଙ୍କୁ ହତ୍ୟାକାଣ୍ଡ ବିରୋଧରେ ଗଭୀର କ୍ଷୋଭ ପ୍ରକାଶ କରି ହଜରତ ମିର୍ଜା ମସରୁର ଅହମଦ ଅନେକ ଦେଶର ହିଂସାତ୍ମକ ପ୍ରତିକ୍ରିୟାକୁ ତୀବ୍ର ନିନ୍ଦା କରିଛନ୍ତି । ସେ କହିଛନ୍ତି:

**'କୌଣସି ଦେଶର ରାଷ୍ଟ୍ରଦୂତ ଓ କୁଟନୀତିଙ୍କ ସମେତ ନିରୀହ ଲୋକଙ୍କ ହତ୍ୟା କରିବା, ଜାତୀୟ ସଂପତ୍ତି ଧ୍ୱଂସ କରିବା ଓ ବିଭିନ୍ନ ସରକାରୀ ଭବନକୁ ପୋଡା ଜଳା କରିବା ଇତ୍ୟାଦି ଦ୍ୱାରା ଧନଜୀବନ କ୍ଷୟକ୍ଷତି କରିବା କାର୍ଯ୍ୟ କେବଳ ଇସଲାମକୁ ବଦନାମ କରୁଥିବା କେତେକ ନ୍ୟସ୍ତ ସ୍ୱାର୍ଥୀ ଗୋଷ୍ଠୀଙ୍କୁ ଛାଡିଦେଲେ କୌଣସି ପକ୍ଷକୁ କେବେହେଲେ କିଛି ଲାଭ ପହଞ୍ଚାଇବ ନାହିଁ । ଆମକୁ ଚିନ୍ତା କରିବା ଆବଶ୍ୟକ ଯେ ଘୃଣା ଓ ବିଦ୍ୱେଷର ନିଆଁ କୁହୁଳିବାରେ ଆମେ ସହଯୋଗ କରୁଛୁ ନା ଆମେ ଏହା ବିରୁଦ୍ଧରେ ସୁସଂଗଠିତ ହୋଇ କୌଣସି ସୁଚିନ୍ତିତ ପ୍ରତିକ୍ରିୟା ପ୍ରକାଶ କରୁଛୁ ।'**

ସେ କହିଲେ ମୁସଲିମ ଦେଶର ସରକାର ଓ ପାଶ୍ଚାତ୍ୟ ଦେଶରେ ବସବାସ କରୁଥିବା ମୁସଲମାନମାନଙ୍କ ପକ୍ଷେ ଇସଲାମ ଓ କୁରଆନର ବାସ୍ତବ ତଥା ଶାନ୍ତିପ୍ରଦ ଶିକ୍ଷାର ବିକାଶ ପାଇଁ ଏକଜୁଟ ହେବା ଆବଶ୍ୟକ ।

ପୁଣି ମହାମାନ୍ୟ କହିଲେ, ସେମାନେ ପ୍ରତି କ୍ଷେତ୍ରରେ ଓ ପ୍ରତ୍ୟେକ ସ୍ଥାନରେ ଇସଲାମ ଓ ହଜରତ ମୁହମ୍ମଦ[ସଅ]ଙ୍କ ପବିତ୍ର ଓ ଉତ୍ତମ ଚରିତ୍ରର ପ୍ରତିରକ୍ଷା ପାଇଁ ଏକ ଶାନ୍ତିପୂର୍ଣ୍ଣ ଓ ଐକ୍ୟବଦ୍ଧ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ଅହମଦିୟା ଜମାଅତର ପ୍ରେସ କମିଟି ମୁଖ୍ୟ ସଦସ୍ୟ ତୁଫେଲ ଅହମଦ ଶାହବାଜ କହିଲେ ଯେ ସେ ସମସ୍ତେ ରାଜନୈତିକ ନେତା ସମେତ ସମସ୍ତ ଧର୍ମଗୁରୁ ତଥା ବିଭିନ୍ନ ଧର୍ମ ସଂଗଠନର ପ୍ରତିନିଧିମାନଙ୍କୁ ଏହି ଶାନ୍ତି ସମ୍ମିଳନୀରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି ।

Ottawa Citizen Newspaper
**Ottawa Muslim leader condemns violence over anti-Islamic film.**

BY CHLOÉ FEDIO, THE OTTAWA CITIZEN SEPTEMBER 30, 2012

## ଓଟାୱାରେ ଜଣେ ମୁସଲମାନ ଧର୍ମଗୁରୁଙ୍କର ଇସଲାମ ବିରୋଧି ଚଳଚିତ୍ର ବିରୁଦ୍ଧରେ ହୋଇଥିବା ବିଦ୍ରୋହାତ୍ମକ ପ୍ରତିବାଦ ଓ ଉପଦ୍ରବକୁ ନିନ୍ଦା

ଓଟାୱା ସ୍ଥିତ ଜଣେ ମୁସଲମାନ ସଂପ୍ରଦାୟର ଧାର୍ମିକ ନେତା ପ୍ରଦର୍ଶିତ ହୋଇଥିବା ଅତ୍ୟନ୍ତ କୁତ୍ସିତ ଓ ଅଶ୍ଳୀଳ ଚଳଚିତ୍ର ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଏବଂ ଯେଉଁମାନେ ହିଂସା ଓ ରକ୍ତପାତ ଘଟାଇ ଲିବିୟାର ଆମେରିକୀୟ ଦୂତାବାସକୁ ଭଙ୍ଗାରୁଜା କରିଛନ୍ତି ଓ ଜଣେ ରାଷ୍ଟ୍ରଦୂତ ସମେତ ତିନିଜଣ ସଦସ୍ୟଙ୍କୁ ହତ୍ୟା କରିଛନ୍ତି, ସେହି ରକ୍ତମୁଖା ମୁସଲିମ କଠୋର ପନ୍ଥୀଙ୍କୁ ଭର୍ତ୍ସନା କରିଛନ୍ତି । ଏପରି ଧରଣର ବିକ୍ଷୋଭ ପ୍ରଦର୍ଶନ କରିବା ଅତ୍ୟନ୍ତ ଅମାନବୀୟତା ବୋଲି ସେ କହିଛନ୍ତି ।

କୁମ୍ବରଲ୍ୟାଣ୍ଡ ଅହମଦିୟା ମୁସଲିମ ଜମାଅତର ଇମାମ ଇମତିଆଜ ଅହମଦ ଶନିବାର ସନ୍ଧ୍ୟାରେ ଆୟୋଜିତ ଏକ ସଭାରେ ଅହମଦିୟା ସଦସ୍ୟମାନଙ୍କୁ ସମ୍ବୋଧନ କରି କହିଲେ ଯେ ଚଳଚିତ୍ର Innocence of Muslims ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ପନ୍ଥାରେ ପ୍ରତିବାଦ କରାଯାଇ ପାରିବ । ୧୪ ମିନିଟ ଅବଧିର ଏପରି ଏକ ନୀଚ ସ୍ତରର ସୌଖୀନ ଫିଲ୍ମ ଆମେରିକାରେ ପ୍ରସ୍ତୁତ କରାଯାଇ ଇଣ୍ଟରନେଟରେ ମୁକ୍ତିଲାଭ କରିଛି ।

ସେ କହିଲେ 'ଫିଲ୍ମର ପ୍ରାୟୋଜକ ଏହି ଚଳଚିତ୍ର ତିଆରିରେ କରି ଏକ ଲଜ୍ୟାଜନକ ଓ ଅସଭ୍ୟତାର ପରିଚୟ ଦେଇଛନ୍ତି । ଯଦ୍ଦ୍ୱାରା ମୁସଲିମ ଜଗତରେ

ଅସ୍ଥିରତାର ବାତାବରଣ ଖେଳିଯାଇଛି । ପ୍ରତ୍ୟେକ ମୁସଲମାନ ଏହା ଉପରେ ନିଜର ପ୍ରତିକ୍ରିୟା ଦେଖାଇଛନ୍ତି । ସେମାନେ ପତାକା ପୋଡିବା, ଭଙ୍ଗାରୁଜା କରିବା ଓ ଦୂତାବାସ ଉପରେ ଆକ୍ରମଣ କରିବା ଆଦି ଉନ୍ମତ୍ତ କାଣ୍ଡ ଘଟାଇ ନିଜର କ୍ରୋଧ ପ୍ରକାଶ କରିଛନ୍ତି ।' ସେ କହିଲେ 'କ'ଣ ସେହି ବିକ୍ଷୋଭ ପ୍ରଦର୍ଶନକାରୀ ଭାବୁଛନ୍ତି ଯେ ପତାକା ପୋଡିଦେଇ ସରକାରୀ ଭବନ ଓ ଦୂତାବାସଗୁଡିକୁ ଜଳାଇ ଓ ରାଷ୍ଟ୍ରଦୂତଙ୍କୁ ହତ୍ୟା କରି ସେମାନେ ଏହାର ପ୍ରତିଶୋଧ ନେଇଛନ୍ତି ? ଏହା ନିଃସନ୍ଦେହରେ ଇସଲାମ ଶିକ୍ଷା ବିରୁଦ୍ଧ ଅଶୋଭନୀୟ ଆଚରଣ, ଏହା ପ୍ରକୃତ ଇସଲାମ ନୁହେଁ ।'

ଅହମଦିୟାମାନେ ହେଉଛନ୍ତି ସଂଖ୍ୟାଲଘୁ ମୁସଲିମ ଗୋଷ୍ଠୀ, ଯେଉଁମାନେ ବିଶ୍ୱଭ୍ରାତୃତ୍ୱ ଓ ସଂପ୍ରଦାୟୀକ ସଦଭାବନା ଉପରେ ଗୁରୁତ୍ୱାରୋପ କରନ୍ତି । କମ୍ବେରଲ୍ୟାଣ୍ଡରେ ହୋଇଥିବା ଶାନ୍ତି ସମାବେଶରେ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ୫୦୦ ଥିଲା ।

ଅହମଦ ସାହେବ ବିଶ୍ୱର ଧାର୍ମିକ ନେତାଙ୍କ ଏହି ଚିନ୍ତାଧାରାକୁ ଖଣ୍ଡନ କରି କହିଲେ ଯେ ଯେଉଁମାନେ ଭାବୁଛନ୍ତି ଏହି ଚଳଚିତ୍ର ବାକ ସ୍ୱାଧୀନତାର ପରିସର ଭୁକ୍ତ, ତାହା ସଂପୂର୍ଣ୍ଣ ଭୁଲ ।

ସେ ପୁଣି କହିଲେ 'କୌଣସି ଧର୍ମର ମହାପୁରୁଷ ସଂବନ୍ଧରେ ପ୍ରତ୍ୟେକ ପ୍ରକାର ଘୃଣାର ବ୍ୟବହାରକୁ କୌଣସିମତେ ଅଭିବ୍ୟକ୍ତିର ସ୍ୱାଧୀନତା ନାମ ଦିଆଯାଇ ପାରିବ ନାହିଁ ।'

ବିଗତ ସପ୍ତାହରେ ଲଣ୍ଡନ ଠାରେ ଅହମଦିୟା ଜମାଅତର ବିଶ୍ୱଗୁରୁ ସମଗ୍ର ମୁସଲିମ ସମାଜକୁ ଉପଦେଶ ଦେଇ କହିଲେ ଯେ ସେହି ଚଳଚିତ୍ର ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଉପାୟରେ ଏକତ୍ରିତ ହୋଇ ପ୍ରତିବାଦ କରନ୍ତୁ । ହଜରତ ମିର୍ଜା ମସରୁର ଅହମଦ ଏହି ପ୍ରସ୍ତାବ ମଧ୍ୟ ଦେଇଥିଲେ ଯେ ଧାର୍ମିକ ବିଶ୍ୱାସର ସୁରକ୍ଷା ସକାଶେ ବାକ୍ ସ୍ୱାଧୀନତାର କେତେକ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ ।

ସେ କହିଲେ : 'ଅଭିବ୍ୟକ୍ତିର ସ୍ୱାଧୀନତା ନାମରେ ବିଶ୍ୱଶାନ୍ତି ନଷ୍ଟ କରିବା ପାଇଁ ଆଦୌ ଅନୁମତି ଦିଆଯିବ ନାହିଁ।'

ଓଟାୱା ଯୁବ ସେବା ସଂଗଠନର ସଭାପତି (କାଏଦ) ଅୱେସ ମହମୁଦ କହିଲେ ଯେ ପାକିସ୍ତାନରେ ରହୁଥିବା ତାଙ୍କ ପରିବାର ପାଇଁ ସେ ଚିନ୍ତିତ ହୋଇ ପଡିଛନ୍ତି । ଯେ AFP ସମ୍ବାଦ ଅନୁଯାୟୀ ଏହି ଚଳଚିତ୍ର ପ୍ରସାରଣ ଫଳରେ ହୋଇଥିବା ହିଂସାକାଣ୍ଡରେ ୨୧ଜଣ ଲୋକଙ୍କୁ ହତ୍ୟା କରାଯାଇଛି ଓ ୨୦୦ରୁ ଅଧିକ ଆହତ ହୋଇଛନ୍ତି ।

ମହମୁଦ ସାହେବ କହିଲେ ଇସଲାମ ଆମକୁ ଆନୁଗତ୍ୟର ଶିକ୍ଷା ଦେଇଛି । ହଜରତ ମୁହମ୍ମଦ[ସଅ] କହିଛନ୍ତି ଯେ ଦେଶପ୍ରେମ ବିଶ୍ୱାସର ଏକ ଅଙ୍ଗ । ପାକିସ୍ତାରେ ଲୋକମାନେ  ନିଜ ସଂପତ୍ତିକୁ ଧ୍ୱଂସ କରୁଛନ୍ତି ଓ ନିଜ ପଡୋଶୀମାନଙ୍କର କ୍ଷତି କରୁଛନ୍ତି । ନିଜ ମୁକ୍ତ ଭାବନାକୁ ପ୍ରକଟ କରିବାର ଏହା କୌଣସି ସମୁଚିତ ମାର୍ଗ ନୁହେଁ।

ଅହମଦୀୟା ମହିଳା ମଂଘର ମୁଖ୍ୟ ୟାସ୍‌ମିନ୍ ମାଲିକ ଏକ ଶାନ୍ତିପୂର୍ଣ୍ଣ ପ୍ରସ୍ତାବ ଦେଇ କହିଛନ୍ତି 'ଆମେ ବିଶ୍ୱାସର କହୁଛୁ ଯେ ଦଙ୍ଗା, ପୋଡାଜଳା ଓ ଘେରାଉ କରିବା ପରିବର୍ତ୍ତେ ଆମମାନଙ୍କୁ କଲମ ମୁନିରେ ନିଜର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେବ।'

Wandsworth Guardian.co.uk

**Islamic leader condemns deadly protests against movie**

*9:48am Monday 24th September 2012*

# ଚଳଚିତ୍ର ବିରୁଦ୍ଧରେ ମାରଣାତ୍ମକ ବିକ୍ଷୋଭ ପ୍ରଦର୍ଶନକୁ ଇସଲାମର ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ତୀବ୍ର ନିନ୍ଦା

ଶୁକ୍ରବାର ଦିନ ଖୁତ୍‌ବା ଜୁମ୍ମା ଶୁଣିବା ପାଇଁ ସହସ୍ରାଧିକ ଦର୍ଶକ ଉପାସନା ଗୃହରେ ରୁଣ୍ଡ ହୋଇଥିଲେ । ଏକ ଇସଲାମ ବିରୋଧି ଚଳଚିତ୍ରର ପ୍ରତିବାଦରେ ସାରା ଦୁନିଆରେ ହିଂସାତ୍ମକ ବିକ୍ଷୋଭକୁ ଅହମଦିୟା ଜମାଅତର ଆଧ୍ୟାତ୍ମିକ ଗୁରୁ ଦୃଢ ନିନ୍ଦା କରିଛନ୍ତି । ମୋର୍ଡନ, ଲଣ୍ଡନ ରୋଡସ୍ଥିତ ମସଜିତ ବୈତୁଲ ଫୁତୁହ ଠାରେ ଅହମଦିୟା ମୁସଲିମ ସମ୍ପ୍ରଦାୟର ଲୋକମାନେ ହଜରତ ମିର୍ଜା ମସରୁର ଅହମଦଙ୍କର ଜୁମ୍ମା ଅଭିଭାଷଣ ଶୁଣିବା ପାଇଁ ଏକତ୍ରିତ ହୋଇଥିଲେ ।

ଏକ ଘଣ୍ଟା ଧରି ଚାଲିଥିବା ଏହି ଖୁତବା ସମଗ୍ର ପୃଥିବୀରେ ସିଧା ପ୍ରସାରଣ କରାଯାଇଥିଲା । ଯହିଁରେ ମହାମାନ୍ୟ ଧର୍ମଗୁରୁ ନିଜର ବକ୍ତବ୍ୟରେ ବିକ୍ଷୋଭକାରୀଙ୍କ ଏପରି ହିଂସାତ୍ମାକ ଆଚରଣ ପ୍ରତି ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ସେ କହିଲେ ଶାନ୍ତିପୂର୍ଣ୍ଣ ଉପାୟରେ ଏହି ଫିଲ୍ମର ନିନ୍ଦା କରାଯିବା ଉଚିତ୍ ଥିଲା ।

ଆମେରିକାରେ ଏକ ନିକୃଷ୍ଟ ମାନର ଖେଲୁଆଡ ମନୋବୃତ୍ତି ନେଇ ପ୍ରସ୍ତୁତ କରାଯାଇଥିବା ଫିଲ୍ମ Innocence of Muslimsର ୧୪ ମିନିଟ ଅବଧିର ବିଜ୍ଞାପନ ମଧ୍ୟପ୍ରାଚ୍ୟ ଦେଶ, ଉତ୍ତର ଆଫ୍ରିକା, ଏସିଆ ଓଷ୍ଟ୍ରେଲିଆରେ ଏକ ବିନାଶକାରୀ ହିଂସାର ଅଗ୍ନିକଣା ଖେଳାଇ ଦେଇଛି ।

ଚଳଚିତ୍ରର କେତେକ ଅଂଶ ୟୁଟ୍ୟୁବରେ ଜାରି କରାଯାଇଛି, ଯେଉଁଥିରେ ଏକ ଅଭିନେତା ହଜରତ ମୁହମ୍ମଦ[ସଅ]ଙ୍କ ଚରିତ୍ରରେ ଅଭିନୟ କରୁଛି, ଯେବେ କି ଏହାକୁ ଇସଲାମ ଜଗତରେ ସଂପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି ।

ମୁସଲମାନମାନଙ୍କୁ ଏହା ଅତ୍ୟଧିକ କ୍ଷୁବ୍‌ଧ କରିଛି ଯେ ଏହି ଫିଲ୍ମରେ ମୁହମ୍ମଦ[ସଅ]ଙ୍କୁ ବିଭିନ୍ନ ନାରୀମାନଙ୍କ ସହିତ ଯୌନକ୍ରିୟାରେ ଲିପ୍ତ ଥିବାର ଦର୍ଶାଯାଇଛି ଓ ଶିଶୁମାନଙ୍କୁ ଯୌନ ଅପରାଧ କରିବା ପାଇଁ ଅନୁମତି ଦିଆଯାଇ ଥିବାର ଦେଖିବାକୁ ମିଳିଛି ।

ଖୁତବା ଶେଷରେ ମହାମାନ୍ୟ ଖଲିଫା କହିଲେ, 'ଆମେମାନେ ଦିବ୍ୟ ଅବତାର[ସଅ]ଙ୍କ ବିରୁଦ୍ଧରେ ଲେଶମାତ୍ର ଅଭଦ୍ରାମି ବରଦାସ୍ତ କରିପାରିବୁ ନାହିଁ ।

ଆପଣଙ୍କ ସମ୍ମୁଖରେ ଯଦି କେହି ବ୍ୟକ୍ତି ଆପଣଙ୍କ ବାପାଙ୍କୁ ଅପମାନିତ କରିବ, କ'ଣ ଏହାକୁ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ବୋଲି କୁହାଯିବ ? ଆପଣ ନିଶ୍ଚିତ ଭାବରେ ଏପରି ବ୍ୟବହାର ପ୍ରତିକ୍ରିୟା ଦେଖାଇବେ ।'

ଅନ୍ୟ ଧର୍ମପ୍ରତି କୁତ୍ସିତ ମନୋଭାବ ରଖିବା ଆଇନ ବିରୁଦ୍ଧ ବୋଲି ଘୋଷଣା କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ମହାମାନ୍ୟ ପୁଣି କହିଲେ 'ହିଂସା ପ୍ରଦର୍ଶନ କରୁଥିବା ଲୋକମାନେ କଦାପି ଇସଲାମର ପ୍ରକୃତ ଶିକ୍ଷା ଉପରେ ପାଳନ କରୁନାହାନ୍ତି । ଏସବୁ ନେତୃତ୍ୱର ଘୋର ଅଭାବର ପରିଣାମ ।'

ସେ ପୁନଶ୍ଚ କହିଥିଲେ, 'ଯେପରି ପନ୍ଥା ଦେଇ ମୁସଲମାନମାନେ ପ୍ରତିବାଦ କରୁଛନ୍ତି, ତାହା ପ୍ରକୃତ ମାର୍ଗ ନୁହେଁ ଓ ଏହି ଉପାୟ ଯଥାର୍ଥ ନୁହେଁ ।'

ଆମେରିକାର ତିଆରି ଚଳଚିତ୍ର ସମଗ୍ର ଇସଲାମ ଜଗତର ମୁସଲମାନଙ୍କୁ ରକ୍ତମୁଖା ହିଂସା ଉପଦ୍ରବ କରିବା ପାଇଁ ଉସକାଇଛି । ସେପ୍ଟେମ୍ବର ୨୧ ଶୁକ୍ରବାର ଦିନ ପାକିସ୍ତାନରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ୨୧ଜଣଙ୍କୁ ହତ୍ୟା କରାଯାଇଥିଲା ।

ଶନିବାର ଦିନ ପାକିସ୍ତାନ ସରକାରଙ୍କର ଜଣେ ମନ୍ତ୍ରୀ ବିଭିନ୍ନ ଗଣ ପ୍ରତିନିଧିଙ୍କ ସହିତ କଥାବର୍ତ୍ତା ବେଳେ କହିଲେ, ଯେଉଁ ବ୍ୟକ୍ତି ଆମେରିକାରେ ନିର୍ମିତ ଏହି ଫିଲ୍ମ ପ୍ରଯୋଜକଙ୍କୁ ହତ୍ୟା କରିବ, ତାକୁ ସେ ଏକ ଲକ୍ଷ ଡଲାର ପୁରସ୍କାର

ଦେବେ । ସେ ଅଲ କାଏଦା ଓ ତାଲିବାନ ଆଦି ଉଗ୍ରବାଦୀ ସଂଗଠନ ସହାୟତା ଲୋଡିଛନ୍ତି ଓ ଆତ୍ମଗୋପନ କରିଥିବା ଫିଲ୍ମ ନିର୍ମାତାକୁ ଧରିବା ପାଇଁ କହିଛନ୍ତି ।

ମୁସଲିମ ମହିଳା ସଂଘର ସଭାନେତ୍ରୀ ନାସିରା ରହମାନ କହିଲେ, 'ଏହା ଦ୍ୱାରା ଅହମଦିୟା ଜମାଅତକୁ ଗଭୀର ଦୁଃଖ ପହଞ୍ଚିଛି ଓ ମୁହମ୍ମଦ[ସଅ]ଙ୍କ ଦିବ୍ୟ ଚରିତ୍ର ଉପରେ କଳଙ୍କର ଦାଗ ଲଗାଇବାର ଉଦ୍ୟମ ଦ୍ୱାରା ସେ ଅତ୍ୟନ୍ତ ମର୍ମାହତ ହୋଇଛନ୍ତି । ଏହା ଦ୍ୱାରା ଆମମାନଙ୍କ ହୃଦୟ ରକ୍ତାବିଳ ହୋଇଯାଇଛି ଓ ରକ୍ତର ଅଶ୍ରୁ ବୁହାଉଛି ।'

ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ସମ୍ବନ୍ଧରେ ସେ କହିଲେ, 'ଏହା ମୁସଲମାନମାନଙ୍କ କାର୍ଯ୍ୟ ନୁହେଁ ଯେ ଏ ପ୍ରକାର ଦୁଷ୍କାମୀ କରୁଥିବା ଲୋକଙ୍କୁ ନିଜେ ଶାସ୍ତିଦେବେ । ବରଂ ଏହି ସମସ୍ୟାର ସମାଧାନ ପାଇଁ ଲୋକମାନଙ୍କ ପକ୍ଷେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ ଓ ଏହା ନିଜ ହାତକୁ ନେବା ଅନୁଚିତ ।'

ଜଣେ ଉପାସକ ପୁଟନୀର ଅହମଦ ମୁର୍ତ୍ତେଜା କହିଲେ, 'କେବଳ ଶାନ୍ତ ପରିବେଶରେ ବିଚାର ଆଲୋଚନା ତଥା ତତ୍ତ୍ୱଜ୍ଞାନ ମୂଳକ ବିର୍ତକ ଦ୍ୱାରା ଏହାର ସଠିକ ଜବାବ ଦିଆଯାଇ ପାରିବ । ସେ କହିଲେ, ହଜରତ ମୁହମ୍ମଦ[ସଅ]ଙ୍କ ସହିତ ସମଗ୍ର ମୁସଲମାନ ଜଗତ ପ୍ରେମ କରନ୍ତି । ଆମକୁ ପିଲାଦିନରୁ ଏହି ଶିକ୍ଷା ଦିଆଯାଇଥାଏ ଯେ ଆମେ ମୁହମ୍ମଦ[ସଅ]ଙ୍କ ବ୍ୟକ୍ତିତ୍ୱକୁ ସମସ୍ତ ମନୁଷ୍ୟ ଠାରୁ ଅଧିକ ପ୍ରିୟତମ ବୋଲି ବିବେଚନା କରିବା ଉଚିତ । ଆମେ ଅନ୍ୟମାନଙ୍କ ଅଧିକାରରେ ଅଯଥା ହସ୍ତକ୍ଷେପ କରିବା ଉଚିତ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ଅଭିବ୍ୟକ୍ତିର ସୀମା ସେହିଠାରେ ଶେଷ ହୋଇଯାଏ, ଯେଉଁଠାରେ ଅନ୍ୟମାନଙ୍କ ମୁକ୍ତ ବିଚାର ଭାବନାର ସୀମା ଆରମ୍ଭ ହୁଏ ।'

ଜମାଅତ ଅହମଦିୟାର ଲୋକ ସ୍ୱୟଂ ପାକିସ୍ତାନ ପରି କଠୋରପନ୍ଥୀ ଇସଲାମୀୟ ଦେଶରେ ଅତ୍ୟାଚାର ଓ ନିଷ୍ଠୁର ଆଚରଣର ଶୀକାର ହେଉଛନ୍ତି । କାରଣ ସେମାନେ ନିଜର ଜଣେ ଆଧ୍ୟାତ୍ମିକ ସିଦ୍ଧ ପୁରୁଷ (ହଜରତ ମିର୍ଜା ଗୁଲାମ ଅହମଦ)ଙ୍କୁ ଇସଲାମରେ ଆବିର୍ଭୁତ ହୋଇଥିବା ଜଣେ ନବୀଙ୍କୁ ମାନନ୍ତି, ଯେବେ କି ଏକ ସଂଖ୍ୟା ବହୁଳ ମୁସଲମାନଙ୍କ ବିଶ୍ୱାସ ଯେ ମୁହମ୍ମଦ ଶେଷ ନବୀ ଥିଲେ ।

୧ ୯ ୧ ୦ ମସିହାରେ ଏହି ସମ୍ବାଦପତ୍ର ଏକ ଘଟଣାର ପର୍ଦ୍ଦାଫାଶ କରିଥିଲା ଯେ ସଂପ୍ରଦାୟର ସଦସ୍ୟମାନଙ୍କୁ ଦକ୍ଷିଣ ଲଣ୍ଡନରେ କେତେକ ଧର୍ମାନ୍ଧ ବ୍ୟକ୍ତିମାନେ ଖୋଲାଖୋଲି ଭାବରେ ଅପମାନିତ କରିଥିଲେ ଓ ଧର୍ମରୁ ପୃଥକ କରିବାର ଉଦ୍ୟମ କରିଥିଲେ । Toolingରେ ସେମାନଙ୍କ ଜୀବନ ଜୀବିକା ତଥା ରାଜନୈତିକ ପ୍ରାର୍ଥୀମାନଙ୍କ କ୍ଷତି ସାଧନ କରିବାର ସେମାନେ ଲକ୍ଷ୍ୟ ରଖିଥିଲେ ।

ସେହି ବର୍ଷ ଉଗ୍ରବାଦୀଙ୍କ ଦ୍ୱାରା ୯୩ ଜଣ ଅହମଦୀଙ୍କୁ ପାକିସ୍ତାନର ଲାହୋର ଠାରେ ଦୁଇଟି ମସଜିଦରେ ପ୍ରାର୍ଥନାରତ ଥିବା ଅବସ୍ଥାରେ ଗୁଳି କରି ହତ୍ୟା କରାଗଲା । ସେହି ଶହୀଦ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁହମ୍ମଦ ଅଶରଫ ବିଲାଲ ମଧ୍ୟ ଥିଲେ, ଯିଏ ଜଣେ ଭ୍ରାମ୍ୟମାଣ ବ୍ୟବସାୟୀ ଭାବରେ Southfield Sispara Gardernsରେ ରହୁଥିଲେ ।

## Pak Ahmadi community leader says anger of Muslims over anti-Islam film 'fully justified'

Islamabad, Mon, 24 Sep 2012ANI

## 'ଅଭିବ୍ୟକ୍ତିର ସ୍ୱାତନ୍ତ୍ର୍ୟ ନାମରେ ସାରା ଦୁନିଆର ଶାନ୍ତି ନଷ୍ଟ ହେବାକୁ ଦିଆ ନଯାଉ' - ବିଶ୍ୱଗୁରୁ, ଅହମଦିୟା ଜମାଅତ

ଇସଲମାବାଦ ୨୪ ସେପ୍ଟେମ୍ବର, ଅହମଦିୟା ଜମାଅତ ପାକିସ୍ତାନର ପ୍ରଶାସନିକ ମୁଖ୍ୟ କହିଛନ୍ତି ଇସଲାମ ବିରୁଦ୍ଧ ଚଳଚିତ୍ର ଯୋଗୁଁ ଉପୁଜିଥିବା କ୍ରୋଧ ଓ ଦୁଃଖ 'ପ୍ରତ୍ୟେକ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ଓ ସଂପୂର୍ଣ୍ଣ ଯଥାର୍ଥ' କିନ୍ତୁ ସେ କଠୋର ମୂଳକ ପ୍ରତିକ୍ରିୟାକୁ ନିନ୍ଦା କରିଛନ୍ତି ।

ହଜରତ ମିର୍ଜା ମସରୁର ଅହମଦଙ୍କ ପ୍ରେସ ବିବୃତ୍ତିକୁ The Express Tribunes ଏହିପରି ଉଲ୍ଲେଖ କରିଛି ।

ଏହା ଅଣ ମୁସଲମାନଙ୍କ ମଧ୍ୟରେ କେତେକ ମୁଷ୍ଟିମେୟ ଲୋକଙ୍କର ଇସଲାମକୁ ପରାଜିତ କରିବାରେ ଅସାମର୍ଥ୍ୟକୁ ଦର୍ଶାଉଛି, ଯେଉଁ ମାନେ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ନାମରେ ନିକୃଷ୍ଟ କାଣ୍ଡ ଭିଆଇବାକୁ ପ୍ରରୋଚିତ ହେଉଛନ୍ତି ।

ହଜରତ ମିର୍ଜା ମସରୁର ଅହମଦ କହିଲେ ସମଗ୍ର ମୁସଲିମ ଜଗତ ଶାନ୍ତି ପୂର୍ଣ୍ଣ ଭାବରେ ସେହି ଫିଲ୍ମ ବିରୁଦ୍ଧରେ ଏକତ୍ରିତ ହୋଇ ସ୍ୱର ଉତ୍ତୋଳନ କରନ୍ତୁ । ଯେଉଁ ଫିଲ୍ମ ଯୋଗୁଁ ଇସଲାମର ଅନୁଗାମୀଙ୍କ ମଧ୍ୟରେ ଅତ୍ୟନ୍ତ ଦୁଃଖ, କ୍ରୋଧ ଓ ବିଷାଦର ଛାୟା ଖେଳିଯାଇଛି । ମାନ୍ୟବର ଅହମଦ ବାକ ସ୍ୱାଧୀନତାକୁ ସୀମିତ ପରିସରରେ ରଖିବା ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି, ଯଦ୍ୱାରା ଲୋକଙ୍କ ଧାର୍ମିକ ଭାବନା ସୁରକ୍ଷିତ ହୋଇ ରହିପାରିବ । ମୁସଲିମମାନଙ୍କ ଦ୍ୱାରା ଅନେକ ଦେଶରେ ହେଉଥିବା ହିଂସାକାଣ୍ଡ ଓ ଉଗ୍ର ରୂପରେ କରାଯାଉଥିବା ପ୍ରତିବାଦକୁ ମଧ୍ୟ ସେ ଦୃଢ଼

ନିନ୍ଦା କରିଛନ୍ତି । ଯାହା ଯୋଗୁଁ ନିରୀହ ଜନସାଧାରଣଙ୍କ ଜୀବନ ଯାଉଛି ଓ ରାଜଦୂତ ତଥା କୂଟନୀତିଜ୍ଞ ମଧ୍ୟ ସେମାନଙ୍କ ଆକ୍ରୋଶରୁ ବାଦ ପଡୁ ନାହାନ୍ତି, ANI.

ଜଣେ ଇସ୍ରାଇଲୀୟ ଆମେରିକାନ ଦ୍ୱାରା ଏହି ଫିଲ୍ମ ନିର୍ମାଣ କରାଯାଇଛି । ଦିବ୍ୟ ଅବତାର ମୁହମ୍ମଦ[ସଅ]ଙ୍କୁ ଜଣେ ଲମ୍ପଟ ଭାବରେ ଚିତ୍ରଣ କରାଯାଇ ତାଙ୍କର ଚରିତ୍ର ସଂହାର କରାଯାଇଛ ସେ ଶିଶୁ ଯୌନ ଶୋଷଣକାରୀ ତଥା ନାରୀ ସମ୍ଭୋଗ ପ୍ରିୟ ଏକ କାମୁକ ପୁରୁଷ ରୂପେ ତାଙ୍କୁ ପ୍ରଦର୍ଶିତ କରାଯାଇଛି । ଏହା ଇସଲାମ ଜଗତରେ ଏକ ହଇଚଇ ସୃଷ୍ଟି କରିଦେଇଛି । ଏହାର କୁପରିଣାମ ସ୍ୱରୂପ ଆମେରିକା ବିରୁଦ୍ଧରେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ଅତ୍ୟନ୍ତ ଉଗ୍ରରୂପ ଧାରଣ କରିଛି ।

metro

**Muslim leader calls for peace, limits to speech over incendiary video**



By Graham Lanktree Metro Ottawa

## ମୁସଲିମ ଧର୍ମଗୁରୁଙ୍କ ଶାନ୍ତି ପାଇଁ ଅପିଲ
## ଉତ୍ତେଜକ ଚଳଚିତ୍ର ମୁକ୍ତ ବିଚାର ଭାବନାର ସୀମା ବହିର୍ଭୁତ

### ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲିମ ଜମାଅତର ସର୍ବୋଚ୍ଚ ଗୁରୁ ହଜରତ ମିର୍ଜା ମସରୁର ଅହମଦ ପଞ୍ଚମ ଖଲିଫା[ଅବ] ସେପ୍ଟେମ୍ବର ଦିନ ସମଗ୍ର ପୃଥିବୀର ମୁସଲମାନମାନଙ୍କୁ ଚଳଚିତ୍ର ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଉପାୟରେ ଏକତ୍ରିତ ହେବା ପାଇଁ ଆହ୍ୱାନ ଜଣାଇଛନ୍ତି

ଇସଲାମ ବିଶ୍ୱାସକାରୀମାନଙ୍କୁ ସମାଲୋଚନା କରାଯାଇ ତିଆରି ହୋଇଥିବା ଏକ ଘୃଣ୍ୟ ଭିଡିଓ ବିରୁଦ୍ଧରେ ସପ୍ତାହ ବ୍ୟାପି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ଏହା ହିଂସାତ୍ମକ ରୂପ ନେଇଛି ।

ଓଟାଓ୍ୱା ଇସଲାମିକ ସଂପ୍ରଦାୟ ପକ୍ଷରୁ ଶନିବାର ଦିନ ଆୟୋଜିତ ଏକ ସଭାରେ ଏପରି ହିଂସାଜନକ କାର୍ଯକଳାପକୁ ବନ୍ଦ କରିବା ତଥା ସ୍ୱାଧୀନ ଅଭିବ୍ୟକ୍ତିର ସୀମା ସ୍ଥିର କରିବା ପାଇଁ ପରାମର୍ଶ ଦିଆଯାଇଛି ।

ପତାକା ପୋଡିବା, ସମ୍ପତ୍ତି ଜଳାଇ ନଷ୍ଟ କରିବା, ରାଜଦୂତଙ୍କ ସମେତ ସାଧାରଣ ଲୋକଙ୍କୁ ହତ୍ୟା କରିବା ଇସଲାମର ଶିକ୍ଷାବିରୁଦ୍ଧ ଗର୍ହିତ କାର୍ଯ୍ୟ । ଜଣେ ଇସଲାମର ମିଶନାରୀ ତଥା ସଂପ୍ରଦାୟର ଧାର୍ମିକ ନେତା ଇମତିୟାଜ ଅହମଦ କହିଛନ୍ତି: 'ଅଭିବ୍ୟକ୍ତିର ସ୍ୱାଧୀନତା ଓ ଲୋକଙ୍କ ଭାବାବେଶକୁ ଆଘାତ ଦେବା ମଧ୍ୟରେ ଏକ ସୀମାରେଖା ରହିଛି । ଯେତେବେଳେ ଆମେ ମନୁଷ୍ୟଙ୍କୁ ମାନସିକ ଆଘାତ ପହଞ୍ଚାଇବା, ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ଏକ ସୀମାରେଖା ଟାଣିବାକୁ ପଡିବ ।'

ଓଟାଓ୍ୱା ସ୍ଥିତ ଅହମଦିୟା ସଂପ୍ରଦାୟର ୪୦୦ଜଣ ସମବେତ ଜନତାଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ କରିଥିଲେ । ଏହା ଏକ ସଂଖ୍ୟାଲଘୁ ସଂପ୍ରଦାୟ ଯେଉଁମାନଙ୍କୁ ପାକିସ୍ତାନରେ ନିର୍ଯ୍ୟାତିତ କରାଯାଉଛି ।

ସେ କହିଥିଲେ 'ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରି ତାଙ୍କର ସାହାଯ୍ୟ ଲୋଡିବା ହେଉଛି, ପ୍ରତିକ୍ରିୟା ପ୍ରକାଶ କରିବାର ସବୁଠାରୁ ଉତ୍ତମ ପନ୍ଥା । ସେଥିପାଇଁ ନିଜକୁ ଆଦର୍ଶ କରି ଗଢ଼ି ତୋଳିବାକୁ ହେବ । ହିଂସା ଏହାର ସମାଧାନ ନୁହେଁ । ଆମେମାନେ ମଧ୍ୟ ଆମେରିକାରେ ନିର୍ମିତ ଅଶ୍ଳୀଳ ଭିଡିଓ ଓ ଫ୍ରାନସରେ ପ୍ରକାଶିତ ବ୍ୟଙ୍ଗ ଚିତ୍ରକୁ ନିନ୍ଦା କରୁଛି ।'

ସେପ୍ଟେମ୍ବର ୨୧ ଦିନ ଅହମଦିମାନଙ୍କ ଆଧ୍ୟାତ୍ମିକ ନେତା ହଜରତ ମିର୍ଜା ମସରୁର ଅହମଦ ଏହି ମତବ୍ୟକ୍ତ କରିଛନ୍ତି ଯେ ସ୍ୱାଧୀନ ଅଭିବ୍ୟକ୍ତିର ଏକ ସୀମା ସ୍ଥିର କରାଯାଉ, ଯଦ୍ଦ୍ୱାରା ସମସ୍ତ ଲୋକଙ୍କ ନିଜ ଧାର୍ମିକ ଭାବାବେଗ ସୁରକ୍ଷିତ ରହିପାରିବ ।

ଅହମଦ କହିଲେ ଆମେ କାନାଡା ସରକାରଙ୍କୁ ଧନ୍ୟବାଦ ଦେଉଛୁ ଯେ ସେ ଆମମାନଙ୍କୁ ନିଜସ୍ୱ ଧର୍ମମତ ଉପରେ ପାଳନ କରିବା ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । କିନ୍ତୁ ଆମ ଦେଶ (ପାକିସ୍ତାନ)ରେ ଆମେ ନିଜକୁ ମୁସଲମାନ ବୋଲି କହିପାରୁନାହୁଁ । ପାକିସ୍ତାନରେ ବସବାସ କରୁଥିବା ଦୁଇରୁ ପାଞ୍ଚ ନିୟୁତ (୫୦ଲକ୍ଷ) ଅହମଦିଙ୍କ ଉପରେ ଅନବରତ ଭାବେ ଆକ୍ରମଣ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ ।

'ପ୍ରତ୍ୟେକ ଧର୍ମର ଅନୁଗାମୀଙ୍କର ନିଜ ଅବତାରଙ୍କ ପ୍ରତି ସମ୍ମାନ ରହିଛି । ଯେପରି ଯୀଶୁଖ୍ରୀଷ୍ଟଙ୍କ ପ୍ରତି ଖ୍ରୀଷ୍ଟିୟାନଙ୍କର ଅପାର ଶ୍ରଦ୍ଧା ରହିଛି ।' ସେ କହିଲେ ବେଳେବେଳେ କିନ୍ତୁ କେତେକ ଅଜ୍ଞ ଖ୍ରୀଷ୍ଟ ଧର୍ମଯାଜକ ସେମାନଙ୍କ ନିଜ ସ୍ୱାର୍ଥ ପାଇଁ

ଲୋକମାନଙ୍କୁ ବ୍ୟବହାର କରନ୍ତି । ଦିବ୍ୟ ଅବତାର ମୁହମ୍ମଦ[ସଅ] କଦାପି କହି ନାହାନ୍ତି ଯେ ରାସ୍ତା ଉପରେ ବିକ୍ଷୋଭ ଧର୍ମଘଟ କର ଓ ହିଂସାକାଣ୍ଡ ସୃଷ୍ଟି କର ।'

ଇମତିୟାଜ ଅହମଦ ହିଂସାର ନିନ୍ଦା କରିବା ପାଇଁ ସେପ୍ଟେମ୍ବେର ୨୯ ସନ୍ଧ୍ୟା ୫ଟା ବେଳେ Market St., Cumberland ଠାରେ ଏକ ଆଲୋଚନା ଚକ୍ରର ଆୟୋଜନ କରିଛନ୍ତି ।




**One News**

New Zealand's News
Reporter: Garth Bray

ୟୁରୋପରେ ନରମପନ୍ଥୀ ମୁସଲିମ ନେତାମାନେ ସେମାନଙ୍କ ଅଂଚଳରେ ବ୍ୟାପୁଥିବା ହିଂସାକୁ ରୋକିବା ପାଇଁ ପ୍ରୟାସ ଚଳାଇଛନ୍ତି । ସେମାନଙ୍କର ଏହି ପଦକ୍ଷେପ ଫଳପ୍ରଦ ହେବାର ଆଶା ଜଣାପଡୁଛି । ଆମର ୟୁରୋପ ପ୍ରତିନିଧିଙ୍କୁ ଲଣ୍ଡନର ଏକ ମସଜିଦରେ ଏ ବିଷୟରେ ଅଧିକ ଜାଣିବା ପାଇଁ ପ୍ରବେଶର ଅନୁମତି ମିଳିଛି ।

ଯେପରି କି ଏସିଆ ଓ ମଧ୍ୟ ପ୍ରାଚ୍ୟରେ ଆମେରିକୀୟ ପତାକା ପୋଡି ଦିଆଯାଉଛି ଓ ପ୍ୟାରିସରେ ହଜରତ ମହମ୍ମଦଙ୍କର ନଗ୍ନ ବ୍ୟଙ୍ଗ ଚିତ୍ରର ପ୍ରକାଶନ ଯୋଗୁଁ ଶାନ୍ତି ବହାଲ କରିବାର ସମସ୍ତ ଅପିଲ ବ୍ୟର୍ଥ ହେବାରେ ଲାଗିଛି ତଥା ଏପରି ଅବସ୍ଥା ବ୍ରିଟେନରେ ମଧ୍ୟ ଦେଖାଦେଇଛି ।

ମୋତେ ବଡ ଆଗ୍ରହର ସହିତ ସେମାନଙ୍କ ସଂଯମଶୀଳ ଚିନ୍ତାଧାରା ବ୍ୟକ୍ତ କରିବା ପାଇଁ ଆମନ୍ତ୍ରିତ କରାଗଲା ଓ ସେହି ଦୁଇଜଣ ମହିଳା ସାମ୍ବାଦିକଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା ।

ଖଲିଫା ମହୋଦୟ ଚଳଚିତ୍ର ଓ କାର୍ଟୁନ ତିଆରି କରିଥିବା ଲୋକମାନଙ୍କର ନିନ୍ଦା କଲେ ଓ କହିଲେ ଅଲ୍ଲାଃ ନିଶ୍ଚିତ ରୂପେ ସେମାନଙ୍କ ଦ୍ୱାରା ନର୍କକୁ ଭରିଦେବେ । କିନ୍ତୁ ଏଥିସହିତ ଶ୍ରୋତାମାନଙ୍କୁ ଏହା ମଧ୍ୟ ମନେ ପକାଇଦେଲେ ଯେ ଦୁଷ୍ଟାମି କରୁଥିବା ଲୋକମାନଙ୍କୁ ସେମାନେ ନିଜେ ଦଣ୍ଡ ଦେବାର କୌଣସି ଅଧିକାର ନାହିଁ ।

ଆମେମାନେ କୌଣସି ପ୍ରକାର ବିଶୃଙ୍ଖଳା ଓ ଉପଦ୍ରବରେ ବିଶ୍ୱାସ ରଖୁନାହୁଁ । ଆପଣମାନେ କେବେ କୌଣସି ଅହମଦିଙ୍କୁ କୌଣସିପ୍ରକାର ବିକ୍ଷୋଭମୂଳକ ପ୍ରତିବାଦ କିମ୍ବା ହିଂସାରେ ସଂପୃକ୍ତ ଥିବାର ଦେଖି ନ ଥିବେ ।

ଯେଉଁମାନେ ଲଣ୍ଡନର ଦକ୍ଷିଣ ପଶ୍ଚିମରେ ଏହି ମସଜିଦ ନିର୍ମାଣ କରିଛନ୍ତି, ସେମାନେ ଏହାକୁ ଦକ୍ଷୀଣ ୟୁରୋପରେ ସବୁଠାରୁ ବଡ ମସଜିଦ ହୋଇ ଥିବାର ଦାବୀ କରନ୍ତି । ଏହି ମସଜିଦରେ ପ୍ରସାରିତ ଖୁତବା ଅଭିଭାଷଣକୁ ପୃଥିବୀର ଶହ ଶହ ଦେଶରେ ଚାଲିଥିବାର ଲୋକମାନେ ଶୁଣିଥିବେ ଯେଉଁଥିରେ ଏହା ତାଗିଦ କରାଯାଇଛି ଯେ ଫିଲ୍ମ ଓ କାର୍ଟୁନ ଯୋଗୁଁ ଉତ୍ପନ୍ନ ହୋଇଥିବା ଧର୍ମ ପ୍ରତି ଅପମାନର ଉତ୍ତର କେବଳ ମୁହଁରେ ଦିଆଯିବ । କିନ୍ତୁ ସେମାନଙ୍କ ଖଲିଫା ମୋ ସହିତ ଏ କଥାରେ ସହମତ ହୋଇଛନ୍ତି ଯେ ଅନେକ ମୁସଲମାନ ଅଧିକ ହିଂସ୍ରକ ଭାବନା ନେଇ ଏହାର ପ୍ରତିବାଦ କରିବାରେ ଜଡିତ ରହିଛନ୍ତି ।

ସେ କହିଲେ, 'ଏହା କେବଳ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣା ଓ ବିଦ୍ୱେଷର ଫଳ ନୁହେଁ ବରଂ ଏହା ପଛରେ ଏପରି କେତେକ ବ୍ୟକ୍ତି ଜଡିତ ଅଛନ୍ତି, ଯେଉଁମାନେ ହିଂସା ଓ ଉଗ୍ର ଆଚରଣ ମାଧ୍ୟମରେ ନିଜର ଅନୁଗତ ଲୋକମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ଲାଗିଛନ୍ତି । ଅବଶ୍ୟ ଏକ ସଂଖ୍ୟାଲଘୁ ସଂପ୍ରଦାୟର ମୁଖ୍ୟ ଭାବରେ ତାଙ୍କର ଏହି ଉପଦେଶ ବହୁ ଲୋକଙ୍କୁ ଭଲ ଲାଗି ନପାରେ ଅଥବା ପେଶାଓ୍ୱର ଭଳି ସ୍ଥାନରେ ଲାଗିଥିବା ହିଂସା ଦଙ୍ଗାକୁ ଦମନ କରି ନ ପାରେ ।'

اَلْفَضْلُ مَا شَهِدَتْ بِهِ الاَعْدَآءُ

ଅଲ୍ ଫଜ୍‌ଲୁ ମା ଶହିଦତ୍ ବିହିଲ୍ ଅଦା'ଉ

(ତାହାଙ୍କୁହିଁ ସର୍ବୋତ୍କୃଷ୍ଟ କୁହାଯିବ ଯାହାକୁ ବିରୋଧିମାନେ ମଧ୍ୟ ସ୍ୱୀକାର କରିଥାନ୍ତି)

# ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ସମ୍ବନ୍ଧରେ କେତେକ ଐତିହାସିକ ଖ୍ୟାତି ସଂପନ୍ନ ଅଣ ମୁସଲିମ ବିଦ୍ୱାନଙ୍କ ଅନୁକୂଳ ମତାମତ

## ହଜରତ ମୁହମ୍ମଦ[ସଅ]ଙ୍କର ଉଚ୍ଚ ପଦମର୍ଯ୍ୟାଦାରେ ମଣ୍ଡିତ ବ୍ୟକ୍ତିତ୍ୱ ପ୍ରତି ଅନ୍ୟ ମତାବଲମ୍ବୀଙ୍କର ଶ୍ରଦ୍ଧାଞ୍ଜଳୀ

## George Sale

ପ୍ରସିଦ୍ଧ ଲେଖକ ଜର୍ଜ ସେଲ ପବିତ୍ର କୁରଆନର ଅନୁବାଦ କରିଛନ୍ତି । ଯାହାର ପ୍ରାକ କଥନ To the Reader ଭାଗରେ Spanhemius ଙ୍କ ଏକ ଉକ୍ତିକୁ ଉଦ୍ଧାର କରି ଲେଖିଛନ୍ତି ।

ମୁହମ୍ମଦ[ସଅ] ସଂପୂର୍ଣ୍ଣ ରୂପେ ମାନବୀୟ ଗୁଣରେ ବିଭୁଷିତ ଥିଲେ । ତାଙ୍କ ଠାରେ ସମସ୍ତ ପ୍ରକାର ପ୍ରକୃତି ଦତ୍ତ ସ୍ୱଭାବଯୁକ୍ତ ସାମର୍ଥ୍ୟ ରହିଥିଲା । ତାଙ୍କ ରୂପ ଅତି ସୁନ୍ଦର ଓ ସୌମ୍ୟ ସୁଦର୍ଶନ ଚେହେରା, ମିଷ୍ଟଭାଷୀ, ତୀକ୍ଷଣ ବୁଦ୍ଧି ସଂପନ୍ନ, ଦୂରଦର୍ଶୀ ଜ୍ଞାନ ଓ ଗାରିମାର ବ୍ୟକ୍ତିତ୍ୱ, ଚତୁର ରସିକ ପୁରୁଷ, ହସ ହସ ମୁଖମଣ୍ଡଳ, ମନୋଜ୍ଞ ବ୍ୟବହାର, ଗରୀବଙ୍କ ବନ୍ଧୁ, ସବୁରିଙ୍କ ପ୍ରତି ବିନୟ ଭାବ, ଶତ୍ରୁଙ୍କ ପ୍ରତି ମଧ୍ୟ ଧୈର୍ଯ୍ୟ ଓ ସହନଶୀଳ ମନୋଭାବ ଓ ଏପରି ଆହୁରି ଅନେକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ଭକ୍ତି ଥିଲା ଅପାର । ମିଥ୍ୟାରେ ରାଣ ଖାଉଥିବା ବ୍ୟକ୍ତି, ବ୍ୟଭିଚାରୀ, ହତ୍ୟାକାରୀ, କୁତ୍ସାରଟନାକାରୀ, ବଦଖର୍ଚ୍ଚି, ଲୋଭୀ ତଥା ମିଥ୍ୟା ସାକ୍ଷ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ସେ ଅତ୍ୟନ୍ତ କଠୋର ଥିଲେ । ଅନ୍ୟ ପକ୍ଷରେ ମୁହମ୍ମଦ[ସଅ] ଧୈର୍ଯ୍ୟ ଓ ସହନଶୀଳତାର ମହାନ ପୃଷ୍ଠପୋଷକ ଥିଲେ । ଅନାଥ ଓ ଅସହାୟଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିବା, ଅଭାବଗ୍ରସ୍ତଙ୍କ ପ୍ରତି ବଦାନ୍ୟତା ପୂର୍ବକ ସାହାଯ୍ୟ କରିବା, ସେମାନଙ୍କୁ ଅନୁକମ୍ପା ଓ ସହାନୁଭୁତି ଦେଖାଇବା, କୃତଜ୍ଞ ହେବା, ପିତାମାତା ଓ ଗୁରୁଜନମାନଙ୍କର ସମ୍ମାନ କରିବା ଇତ୍ୟାଦି ବିଷୟରେ ତାଗିଦ କରି ଲୋକମାନଙ୍କୁ କଡା ନିର୍ଦ୍ଦେଶ ଦେଉଥିଲେ । ତତସହିତ ପରମେଶ୍ୱରଙ୍କ ପ୍ରଶଂସା ଓ ଗୁଣଗାନ କରିବାରେ ଅତ୍ୟଧିକ ମଗ୍ନ ରହୁଥିଲେ ।

---

George Sale. 'To theReader.' In: The Koran: Commonly called the *Alkoran of Mohammed*. J. B. Lippincott & Co., PA. pp.vi vii (1860).

## *Stanley Lane-Poole*

ଜଣେ ଲେଖକ ଷ୍ଟେନଲେ ଲେନ ପୁଲ ଲେଖିଛନ୍ତି :

'ମୁହମ୍ମଦ ନିଜ ଜନ୍ମସ୍ଥାନ ମକ୍କାରେ ଯେବେ ବିଜୟ ଗୌରବ ସହିତ ପ୍ରବେଶ କଲେ, ମକ୍କାବାସୀ କୋରୈଶ ଯେଉଁମାନେ ତାଙ୍କର ପରମ ଶତ୍ରୁ ଓ ରକ୍ତ ପିପାସୁ ଥିଲେ, ସେ ସମସ୍ତଙ୍କୁ କ୍ଷମା କରିଦେଲେ । ଏହା ଏପରି ବିଜୟର ମୂହର୍ତ୍ତଥିଲା, ଯାହା ତାଙ୍କ ପ୍ରବେଶକୁ ଗୌରବ ମଣ୍ଡିତ କରି ତାଙ୍କ ଲଲାଟରେ ଦିଗବିଜୟର ଟୀକା ଲେଖି ଦେଇଥିଲା । ତାହାର ଦୃଷ୍ଟାନ୍ତ ସମଗ୍ର ମାନବ ଇତିହାସରେ ଦେଖିବାକୁ ମିଳେ ନାହିଁ।

Stanley Lane-Poole. Introduction. In: *Speeches and Table Talk of the Prophet Muhammad*. Macmillan & Co., London. p xlvi (1882).

## *H.G Wells*

*The Outline of History*ର ଲେଖକ ପ୍ରଫେସର ଏଚ ଜି ୱେଲ୍‌ସ କହିଛନ୍ତି: 'ଇସଲାମର ପୈୟଗମ୍ବରଙ୍କ ସତ୍ୟତାର ଏହା ସବୁଠାରୁ ବଡ ପ୍ରମାଣ ଯେ ଯେଉଁମାନେ ତାଙ୍କୁ ସବୁଠାରୁ ବେଶୀ ଜାଣିଥିଲେ, ସେହିମାନେ ହିଁ ସବୁଠାରୁ ପ୍ରଥମେ ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କଲେ । ମୁହମ୍ମଦ ମିଥ୍ୟା ଦାବିଦାର ଆଦୌ ନ ଥିଲେ । ଏହି ବାସ୍ତବିକତାକୁ କଦାପି ଅସ୍ୱୀକାର କରାଯାଇ ପାରିବନାହିଁ ଯେ ଇସଲାମ ଧର୍ମରେ ଅନେକ ମହାନ ଗୁଣ ଓ ବୈଶିଷ୍ଟ୍ୟ ରହିଛି । ଇସଲାମର ଅବତାର ଏପରି ଏକ ସମାଜର ଭିତ୍ତି ସ୍ଥାପନ କରିଛନ୍ତି, ଯହିଁରେ ଅତ୍ୟାଚାର ଓ ନୃସଂଶତା ଲୋପ ପାଇଥିଲା

H.G. Wells. Part II: Mu ahmmad and Islam. In: The Outline of History. University of Michigan Library., MI. p 269 (1920)

## *De Lacy O'Leary*

ଡି ଲାସି ଓ ଲିଅରି ନିଜ ପୁସ୍ତକ *Islam at the Crossroads* ରେ ଲେଖିଛନ୍ତି :

'ଇତିହାସ ଏହି ବିଷୟକୁ ଖୋଲି ଦେଇଛି ଯେ ଚରମପନ୍ଥୀ ମୁସଲମାନଙ୍କର ପୃଥିବୀକୁ ଜୟ କରିବା ଓ ତରବାରୀ ମୁନରେ ପରାସ୍ତ କରି ନିଜ ଅଧିକାରକୁ ଆଣିଥିବା ଜାତିମାନଙ୍କ ଉପରେ ଇସଲାମକୁ ଲଦିଦେବା, ଐତିହାସିକମାନଙ୍କ ମନଗଢ଼ା କାହାଣୀ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହା ସେମାନଙ୍କର ଅଦ୍ଭୁତ ଓ କାଳ୍ପନିକ କଥାବସ୍ତୁ ରୂପେ ଯୁଗେ ଯୁଗେ ହାସ୍ୟାସ୍ପଦ ହୋଇ ଚାଲିଆସିଛି ।'

---

De Lacy O'Leary. *Islam at the Crossroads*. Kegan Paul., London, p.8 (1923).

---

## *Mahatma Gandhi*

*Young India* ରେ ପ୍ରକାଶିତ ଏକ ବିବୃତ୍ତିରେ ମହାତ୍ମା ଗାନ୍ଧୀ ଏହିପରି ଲେଖିଥିଲେ :

'ମୁଁ ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ସବୁକିଛି ଜାଣିବାକୁ ଚାହୁଁଥିଲି ଯିଏ ବିନା କୌଣସି ମତଭେଦରେ ମାନବଜାତିର ଲକ୍ଷ ଲକ୍ଷ ହୃଦୟରେ ପ୍ରଭୁତ୍ୱ ବିସ୍ତାର କରିଛନ୍ତି । ତାଙ୍କ ଜୀବନ ଚରିତ୍ର ଅଧ୍ୟୟନ କରିବା ପରେ ମୋର ପୂର୍ବାପେକ୍ଷା ଅଧିକ ହୃଦବୋଧ ହୋଇଛି ଯେ ସେହି ଯୁଗରେ ଇସଲାମ ତରବାରୀ ବଳରେ ହୃଦୟରେ ବାସ କରି ନଥିଲା । ବରଂ ସେହି ପୟଗମ୍ବରଙ୍କ ସରଳ ଜୀବନ ଯାପନ, ନିଜ କାମରେ ମଗ୍ନ ରହିବାର ଅଭ୍ୟାସ, ଅତି ସୂକ୍ଷ୍ମ ଅନୁସନ୍ଧାନ, ବିବେକାନୁମୋଦିତ ପନ୍ଥାରେ ନିଜର ପ୍ରତିଶ୍ରୁତି ପାଳନ, କର୍ତ୍ତବ୍ୟନିଷ୍ଠ ସାଧନା, ବନ୍ଧୁ ପରିଜନ ତଥା ଅନୁଗାମୀଙ୍କ ସହିତ ଗଭୀର ଅନୁରକ୍ତି, ନିର୍ଭିକ ଓ ସ୍ୱଷ୍ଟବାଦିତା, ତାଙ୍କର ଈଶ୍ୱର ଠାରେ ସଂପୂର୍ଣ୍ଣ ନିଷ୍ଠା ଓ ସମର୍ପିତ ଭାବ, ନିଜ ମିଶନ ପ୍ରତି ଦୃଢ଼ ଆସ୍ଥା ଇତ୍ୟାଦି ଏହିସବୁ ପ୍ରତିଭା ଯୋଗୁଁ ସେ

ସକଳ କଷ୍ଟକର ପରିସ୍ଥିତି ଉପରେ ନିୟନ୍ତ୍ରଣ ରଖିପାରିଥିଲେ ଓ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଅତିକ୍ରମ କରିଥିଲେ । ଯେତେବେଳେ ମୁଁ ସେହି ଅବତାରଙ୍କ ଜୀବନୀ ପୁସ୍ତକର ଦ୍ୱିତୀୟ ଖଣ୍ଡ ପଢ଼ି ସାରିଲି, ଏହା ଶେଷ ହୋଇଯିବା ଯୋଗୁଁ ଅତି ଉଦାସ ହୋଇଗଲି ।’

Mahatma Gandhi. *Young India*. September 23rd 1924

## *John Bagot Glubb*

୧୯୮୬ ମସିହାରେ ସ୍ୱର୍ଗବାସ ହୋଇଥିବା ଜଣେ ଲେଫ୍‌ଟନାଣ୍ଟ ଜେନେରାଲ Sir John Bagot Glubb ସ୍ୱରଚିତ ପୁସ୍ତକର ଶେଷରେ ଉପସଂହାର ଦେଇ ଏହିପରି ଲେଖିଛନ୍ତି :

‘ଏହି ପୁସ୍ତକର ଶେଷ ଭାଗରେ ପହଞ୍ଚି ପାଠକ ଯାହା ବି ମତବ୍ୟକ୍ତ କରନ୍ତୁ ନା କାହିଁକି, ଏହି ଅସ୍ୱୀକାର କରିବା କଦାପି ସମ୍ଭବ ନୁହେଁ ଯେ ମୁହମ୍ମଦ[ସଃ]ଙ୍କ ଆଧ୍ୟାତ୍ମିକ ସାଧନା ଉଭୟ ପୁରାତନ ଓ ନୂତନ ସମାଚାରର ବର୍ଣ୍ଣନା ତଥା ଖ୍ରୀଷ୍ଟ ସନ୍ଥମାନଙ୍କ ପାରଦର୍ଶିତା ଓ ଅସଂଖ୍ୟ ଅନୁଭୁତି ସହିତ ଅତି ବିସ୍ମୟକର ଭାବେ ସାମଞ୍ଜସ୍ୟ ରକ୍ଷା କରିଛି । ସେହିପରି ଏହା ମଧ୍ୟ ସମ୍ଭବ ହୋଇଥାଇପାରେ ଯେ ହିନ୍ଦୁ ସନ୍ୟାସୀ ତଥା ଅନ୍ୟାନ୍ୟ ଧର୍ମର ଅନୁଗାମୀମାନଙ୍କ ପ୍ରତି ହୋଇଥିବା ଅଗଣିତ ଦିବ୍ୟ ସ୍ୱପ୍ନ ତଥା ଅଲୌକିକ ଦୃଶ୍ୟ ସହିତ ସେହି ମହାପୁରୁଷଙ୍କ ସ୍ୱର୍ଗୀୟ ଅନୁଭବର ଗଭୀର ସାଦୃଶ୍ୟ ରହିଥିବ । ଅଧିକନ୍ତୁ ଅନେକ ଏପରି ଦିବ୍ୟାନୁଭୂତି ଲୀଳାମୟ ପୁରୁଷଙ୍କ ଜୀବନ ଆରମ୍ଭର ଲକ୍ଷଣ ହୋଇଥାଏ । ଏହିସବୁ ଘଟଣା ନିଜ ବିବେକର ପ୍ରତାରଣା ବା ଆତ୍ମ ପ୍ରବଞ୍ଚନା ବୋଲି ସ୍ପଷ୍ଟ ରୂପେ ପ୍ରମାଣସିଦ୍ଧ ଜଣାପଡେନାହିଁ । କାରଣ ଘଟଣାଗୁଡିକ ଅନେକ ଲୋକଙ୍କ ମଧ୍ୟରେ ଏକାପରି ଦେଖିବାକୁ ମିଳେ, ଯେଉଁମାନଙ୍କ ମଧ୍ୟରେ ହଜାର ହଜାର ବର୍ଷର ବ୍ୟବଧାନ ରହିଥାଏ ଏବଂ ଯେଉଁମାନେ ଶତ ସହସ୍ର ମାଇଲ ଦୂରତ୍ୱରେ ବାସ କରିଥାନ୍ତି । ସେମାନେ ଜଣେ ଅନ୍ୟ ଜଣଙ୍କ ବିଷୟରେ କେବେ ଶୁଣି ନଥିବେ କି ଜାଣି ନଥିବେ । ଏହା ସତ୍ତ୍ୱେ ସେହି

ଘଟଣା ଗୁଡ଼ିକ ଅସାଧାରଣ ଭାବେ ମେଳ ଖାଉଥିବ । ଏହା କୌଣସି ବିଜ୍ଞତାର ପରିଚୟ ନୁହେଁ ଯେ ଅତି ବିସ୍ମୟକର ଭାବେ ସାଦୃଶ୍ୟ ରଖୁଥିବା ସ୍ୱପ୍ନ ଓ ଅଲୌକିକ ଦୃଶ୍ୟ କେହି ମନରୁ ଫାନ୍ଦି ଶୁଣାଇବ, ଯାହାଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ମଧ୍ୟ ପରସ୍ପରକୁ କିଛିହେଲେ ଜଣା ନଥିବ ।'

ପୁଣି ଯେଉଁ ଲୋକମାନେ ଦିବ୍ୟ ଅବତାର ମହମ୍ମଦଙ୍କୁ ଛାଡି ହବ୍‌ଶା (ଅବିସିନିୟା) ଦେଶକୁ ହିଜରତ କରି ଚାଲି ଯାଇଥିଲେ, ସେ ସମ୍ବନ୍ଧରେ ଲେଖିଛନ୍ତି: 'ଏହି ତାଲିକାରୁ ସ୍ପଷ୍ଟ ଜଣା ପଡୁଛି ଯେ ଇସଲାମକୁ ଗ୍ରହଣ କରିଥିବା ପ୍ରାୟ ସମସ୍ତ ଅନୁଚର ସେହି ପଳାୟନକାରୀ ଦଳରେ ସାମିଲ ଥିଲେ ଏବଂ ହଜରତ ମୁହମ୍ମଦ ମକ୍କାର ଦୁର୍ଦ୍ଦାନ୍ତ ଓ କଠୋରପନ୍ଥୀ ବାସିନ୍ଦାଙ୍କ ଗହଣରେ ଅତିଅଳ୍ପ ସଂଖ୍ୟକ ଶିଷ୍ୟମାନଙ୍କ ସହିତ ରହି ଯାଇଥିଲେ । ଏପରି ଏକ ପରିସ୍ଥିତି ମଧ୍ୟରେ ରହିବା ଏହା ପ୍ରମାଣ କରୁଛି ଯେ ସେ ଜଣେ ନିର୍ଭିକ ଓ ଦୁଃସାହସିକ ବ୍ୟକ୍ତିତ୍ୱର ଉଚ୍ଚସ୍ତରରେ ପ୍ରତିଷ୍ଠିତ ଥିଲେ ।

John Bagot Glubb. *The Life and Times of Muhammad*. Hodder & Stoughton. 1970 (reprint 2002)

## *John William Draper*

ଜନ୍ ଉଇଲିୟମ୍ ନିଜ ପୁସ୍ତକ *A History of the Intellectual Development of Europe* ରେ ଲେଖିଛନ୍ତି ।

Justinianଙ୍କ ମୃତ୍ୟୁର ଚାରିବର୍ଷ ପରେ ୫୬୯ ମସିହାରେ ମକ୍କାରେ ଏପରି ଜଣେ ବ୍ୟକ୍ତି ଜନ୍ମ ଗ୍ରହଣ କଲେ, ଯିଏ ଅନ୍ୟ ସମସ୍ତ ବ୍ୟକ୍ତିତ୍ୱ ଠାରୁ ଅଧିକ ପ୍ରଭାବ ମାନବଜାତି ଉପରେ ଛାଡି ଯାଇଥିଲେ । ସେ ହେଉଛନ୍ତି ମହମ୍ମଦ, ଯାହାଙ୍କୁ ୟୁରୋପୀୟ ଲୋକ ମିଥ୍ୟାବାଦୀ ବୋଲି କହନ୍ତି । କିନ୍ତୁ ମହମ୍ମଦଙ୍କ ଏପରି ଅନ୍ତର୍ନିହିତ

ଗୁଣ ଭରି ରହିଥିଲା, ଯାହା ଯୋଗୁଁ ଅନେକ ଜାତିର ଭାଗ୍ୟ ନିର୍ଣ୍ଣୟ କରାଗଲା । ଧର୍ମ ପ୍ରଚାରରେ ଦକ୍ଷ ସୈନିକ, ଧର୍ମାଦେଶ ମଞ୍ଚରୁ ବାକପଟୁତାରେ ନିପୁଣ, ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଉଥିଲେ ବୀର ଦର୍ପରେ । ତାଙ୍କର ଧର୍ମ ଥିଲା କେବଳ ଏକ ବ୍ରହ୍ମ ଉପାସନା । ଏହାର ଚିରନ୍ତନ ସତ୍ୟକୁ ବର୍ଣ୍ଣନା କରିବା ପାଇଁ ସେ କୌଣସି ମୂଲ୍ୟହୀନ ତତ୍ତ୍ୱଜ୍ଞାନ ଦେଉ ନଥିଲେ । ବରଂ ନିଜ ଅନୁଗାମୀଙ୍କ ଜୀବନରେ ସ୍ୱଚ୍ଛ ବ୍ୟକ୍ତିତ୍ୱ, ଗାମ୍ଭିର୍ଯ୍ୟ, ଧୈର୍ଯ୍ୟ, ଉପବାସ, ଏକନିଷ୍ଠ ଉପାସନା ଇତ୍ୟାଦି ସାମାଜିକ କର୍ତ୍ତବ୍ୟରେ ଉନ୍ନତି ଆଣିବାରେ ସେ ନିଜକୁ ନିୟୋଜିତ କରିଥିଲେ । ସେ ସ୍ୱେଚ୍ଛାକୃତ ଦାନଧର୍ମ ଓ ମାନବ ସେବାକୁ ଅନ୍ୟ ସମସ୍ତ କର୍ମ ଉପରେ ପ୍ରାଧାନ୍ୟ ଦେଉଥିଲେ ।

---

John William Draper, M.D., L.L.D. *A History of the Intellectual Development of Europe*. Harper and Brothers Publishers., NY. P.244 (1863)

---

# *William Montgomery Watt*

ଜଣେ ପ୍ରଖ୍ୟାତ ପ୍ରାଚ୍ୟ ବିଶେଷଜ୍ଞ ଉଇଲିୟମ ମାଣ୍ଟଗୋମେରୀ ନିଜ ପୁସ୍ତକ *Muhammad at Madina* ରେ ଲେଖିଛନ୍ତି :

'ମୁହମ୍ମଦ ଓ ଇସଲାମର ପ୍ରାରମ୍ଭିକ ଇତିହାସକୁ ଆମେ ଯେତେ ଅନୁଧ୍ୟାନ କରିବା ସେତିକି ବହୁଳ ମାତ୍ରାରେ ସଫଳତାର କାହାଣୀ ଦେଖିବାକୁ ପାଇବା, ଯାହା ମନୁଷ୍ୟକୁ ଆଚମ୍ବିତ କରିଦେବ । ଏପରି ପରିସ୍ଥିତିର ସେ ସମ୍ମୁଖୀନ ହୋଇଥିଲେ, ଯାହାର ସୌଭାଗ୍ୟ ବହୁତ କମ ଲୋକ ପାଇଥାନ୍ତି । ତାଙ୍କର ପାରଦର୍ଶିତା ସତେ ଯେପରି ତାଙ୍କ ସେହି ଯୁଗ ପାଇଁ ସର୍ବୋତ୍ତମ ବିବେଚନା କରାଯାଉଥିବା ଗୌରବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ କରାଇଲା । ଜଣେ ଦୂରଦୃଷ୍ଟି ସଂପନ୍ନ ଦକ୍ଷ ପ୍ରଶାସକ, ପ୍ରବାଣ ରାଜନୀତିଜ୍ଞ  ପ୍ରଭୁଙ୍କ ଉପରେ ଅଟଳ ବିଶ୍ୱାସ ତଥା ଯଦି ସେ

ଜଣେ ଈଶ୍ୱର ପ୍ରେରିତ ବୋଲି ମନରେ ଦୃଢ଼ ଆସ୍ଥା ପୋଷଣ କରି ନଥାନ୍ତେ, ତା' ହେଲେ ମାନବ ଇତିହାସରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ରୂପେ ତାଙ୍କ ଜୀବନ ଚରିତ ଲିପିବଦ୍ଧ ନ ହୋଇ ରହିଯାଇଥାନ୍ତା । ମୋର ଆଶା ଯେ ମହାଭାଗଙ୍କ ଜୀବନ ସଂବନ୍ଧୀୟ ଏହି ପୁସ୍ତକ ଜଣେ ସର୍ବଶ୍ରେଷ୍ଠ ଆଦମ ସନ୍ତାନଙ୍କ ମହିମାକୁ ବୁଝିବା ଓ ଗୁରୁତ୍ୱ ଉପଲବ୍ଧି କରିବାରେ ଅବଶ୍ୟ ସାହାଯ୍ୟ କରିବ ।

William Montgomery Watt. *Muhammad at Madina.* Oxford University Press. pp. 335 (1981)

## *Bosworth Smith*

ପ୍ରସିଦ୍ଧ ଖ୍ରୀଷ୍ଟ ଐତିହାସିକ *Rev. Bosworth Smith* ନିଜ ପୁସ୍ତକରେ ଲେଖିଛନ୍ତି,

'ଧର୍ମ ଓ ପ୍ରଶାସନିକ ମୁଖ୍ୟ ତଥା ପ୍ରଜା ପାଳକ ଦୃଷ୍ଟିରୁ ପୋପ ଓ କାଇସର ଉଭୟଙ୍କ କ୍ଷମତା ମୁହମ୍ମଦଙ୍କ ବ୍ୟକ୍ତିତ୍ୱରେ ରହିଥିଲା । ସେ ପୋପ ଥିଲେ ମାତ୍ର ପ୍ରକାଶ୍ୟରେ ନୁହେଁ । ସେ କାଇସର ସମ୍ରାଟ ଥିଲେ, ମାତ୍ର ରୋମୀୟ ସେନାଧକ୍ଷର ଆଧିପତ୍ୟ ତାଙ୍କ ଠାରେ ନଥିଲା । ଯଦି ଦୁନିଆରେ କୌଣସି ନିୟମିତ ସୈନ୍ୟ ସାମନ୍ତ ବ୍ୟତୀତ ରାଜପ୍ରାସାଦ ବିନା ଓ ପ୍ରଜାଙ୍କ ଠାରୁ ଲଗାନ ଆଦାୟ କରିବା ବିନା କେବଳ ଈଶ୍ୱରଙ୍କ ନାମରେ ଶାନ୍ତି ଓ ଶୃଙ୍ଖଳାର ବ୍ୟବସ୍ଥା ପ୍ରତିଷ୍ଠିତ କରି ପାରିଛନ୍ତି, ତା' ଦେଲେ ସେ ହେଉଛନ୍ତି କେବଳ ମୁହମ୍ମଦ[ସଅ] । କୌଣସି ପାର୍ଥିବ ସାଜ ସରଞ୍ଜାମ ନଥିଲେ ମଧ୍ୟ ସେ ସମସ୍ତ ମାନବୀୟ କ୍ଷମତା ହାସଲ କରିଥିଲେ ।'

ପୁଣି ସେ ଲେଖିଛନ୍ତି, 'ତାଙ୍କର ମିଶନକୁ ସର୍ବପ୍ରଥମେ ସେହି ବ୍ୟକ୍ତିମାନେ ଗ୍ରହଣ କରିଥିଲେ, ଯେଉଁମାନେ ତାଙ୍କୁ ଭଲ ଭାବରେ ଜାଣିଥିଲେ । ଯେପରି କି

Rev. Bosworth Smith. Character of Mohammad. In: *MOHAMMAD AND MOHAMMADANISM*. Smith, Elder & Co., London. p. 235 (1876)

ତାଙ୍କର ସହଧର୍ମିଣୀ, ତାଙ୍କର ଦାସଦାସୀ, ତାଙ୍କର କକା ପୁଅ ଭାଇ ଓ ତାଙ୍କର ପୁରୁଣା ବନ୍ଧୁ ଯାହାଙ୍କ ସମ୍ବନ୍ଧରେ ହଜରତ ମୁହମ୍ମଦ କହିଥିଲେ ଯେ ଇସଲାମରେ ପ୍ରବେଶ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ (ଅର୍ଥାତ ଅବୁବକର) ଏକମାତ୍ର ବ୍ୟକ୍ତି ଥିଲେ ଯିଏ କୌଣସି ସ୍ଥିତିରେ ବି କେବେହେଲେ ପଛ ବୁଲାଇ ଚାଲିଯାଇ ନଥିଲେ । ଆଉ ନା ସେ କଦାପି ବାଟବଣା ହୋଇଥିଲେ । ସାଧାରଣ ଅବତାରଙ୍କ ପରି ହଜରତ ମୁହମ୍ମଦଙ୍କ ଭାଗ୍ୟ ମାମୁଲି ନଥିଲା । କାରଣ ତାଙ୍କର ଗାରିମାକୁ ସେହିମାନେ ଅସ୍ୱୀକାର କରୁଥିଲେ, ଯେଉଁମାନେ ତାଙ୍କ ସଂସ୍ପର୍ଶରେ ନ ଆସି ଥିବାରୁ ତାଙ୍କ ବ୍ୟକ୍ତିତ୍ୱର ସଠିକ ଜ୍ଞାନ ତାଙ୍କ ପାଖରେ ନଥିଲା । (ପୃ- ୧ ୨ ୭)

ସମାଜରେ ପ୍ରଚଳିତ କୁପ୍ରଥାଗୁଡିକୁ ସେ କେବଳ ବାରଣ କରି ନଥିଲେ, ବରଂ ସେସବୁର ସଂପୂର୍ଣ୍ଣ ମୂଳୋତ୍ପାଟନ କରିଥିଲେ । ଯେପରି କି ନରବଳୀ ପ୍ରଥା, ଶିଶୁ ହତ୍ୟା, ରକ୍ତାକ୍ତ ସଂଘର୍ଷ, ଅପରିମିତ ସଂଖ୍ୟାରେ ମହିଳାଙ୍କୁ ବିବାହ, କ୍ରୀତଦାସମାନଙ୍କୁ ଅନ୍ତହୀନ ନିର୍ଯାତନା, ମଦ୍ୟପାନ ଓ ଜୁଆ ଖେଳ ଇତ୍ୟାଦି କୁପ୍ରଥା ଅବାଧରେ ଆରବ ଓ ପଡୋଶୀ ଦେଶମାନଙ୍କରେ ଚାଲିଥିଲା । ତାଙ୍କ ଦ୍ୱାରା ସେ ସବୁର ଅବସାନ ଘଟିଲା । (ପୃ – ୧ ୨ ୫)

ପୁଣି ସେ ଆଗକୁ ଲେଖିଛନ୍ତି, ହଜରତ ମୁହମ୍ମଦଙ୍କର ବାସ୍ତବ ଧର୍ମନିଷ୍ଠା, ସତ୍‌କର୍ମ ଓ ସତ୍ ଅଭିପ୍ରାୟରେ ପ୍ରଖାଢ଼ ବିଶ୍ୱାସ ବଳରେ ସେ ଯାହାକିଛି କରିଥିଲେ, ଅନ୍ୟ କୌଣସି ବ୍ୟକ୍ତି ସେଥିରେ ଗଭୀର ଆସ୍ଥା ନ ରଖିଲେ କଦାପି କିଛି ହେଲେ କାର୍ଯ୍ୟ କରି ପାରିବ ନାହିଁ । (ପୃ- ୧ ୨ ୭)

ତାଙ୍କ ଜୀବନରେ ପ୍ରତ୍ୟେକ ଘଟଣା ଏହା ପ୍ରମାଣ କରେ ଯେ ସେ ଜଣେ ବାସ୍ତବମୁଖୀ ଭାବଧାରା ରଖିଥିବା ପ୍ରଚଣ୍ଡ ପ୍ରତିଭା ସଂପନ୍ନ ଉତ୍ସାହିତ ବ୍ୟକ୍ତି ଥିଲେ । କାରଣ ସେ ଜୀବନରେ ଯାବତୀୟ ଦୁଃଖ କଷ୍ଟ ସହ୍ୟ କରି ଧିରେ ଧିରେ ନିଜ ସିଦ୍ଧାନ୍ତ ଓ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ । (ପୃ- ୧ ୨ ୭)

ଆରବ ସଭ୍ୟତାରେ ଏକ କ୍ରାନ୍ତିକାରୀ ନବିକରଣର ଆବଶ୍ୟକତା ଥିଲା ବୋଲି କୁହାଯାଉଥିଲା । ଅନ୍ୟ ଅର୍ଥରେ ସେ ସମୟରେ ଜଣେ ନୂତନ ଅବତାରଙ୍କ

ଆଗମନ ହେବାକୁ ସମସ୍ତେ ଅନୁଭବ କରୁଥିଲେ । ତେବେ ସେହି ଅବତାର ମୁହମ୍ମଦ ନ ହେବେ କାହିଁକି ? ଏହି ସମ୍ଭାବନାକୁ ନିରୀକ୍ଷଣ କରିଥିବା ବର୍ତ୍ତମାନ ସମୟର ଜଣେ ଖ୍ୟାତନାମା ଲେଖକ ହଜରତ ମହମ୍ମଦଙ୍କ ଆଗମନକୁ ପ୍ରମାଣସିଦ୍ଧ କରି କହିଛନ୍ତି 'ମହମ୍ମଦଙ୍କ ପୂର୍ବରୁ ବହୁ ବର୍ଷ ଧରି ଜଣେ ଅବତାରଙ୍କ ଆବିର୍ଭାବକୁ ପ୍ରତୀକ୍ଷା କରାଯାଉଥିଲା ଓ ଭବିଷ୍ୟବାଣୀ ମଧ୍ୟ ରହିଥିଲା' (ପୃ- ୧୩୩)

ମୋଟ ଉପରେ କହିବାକୁ ଗଲେ ମୁଁ ଏଥିରେ ବିସ୍ମିତ ଯେ ମୁହମ୍ମଦ ବିଭିନ୍ନ ଅବସ୍ଥାଚକ୍ରରେ ପଡି କେତେ ମାତ୍ରାରେ ପରିବର୍ତ୍ତନ ହୋଇ ଯାଇଥିଲେ । ବରଂ ମୋତେ ଏହା ଆଶ୍ଚର୍ଯ୍ୟ ଲାଗୁଛି ଯେ ତାଙ୍କର ବ୍ୟକ୍ତିତ୍ୱରେ କେତେ କମ୍ ପରିବର୍ତ୍ତନ ଦେଖା ଦେଇଥିଲା । ମରୁଭୂମିର ମେଷ ପାଳକ ଭାବରେ ସିରିୟାକୁ ଯାଇ ବାଣିଜ୍ୟ କରିବାରେ, ହିରା ଗୁମ୍ଫା ଭିତରେ ନିଃସଙ୍ଗ ବାତାବରଣରେ ତପସ୍ୟାରେ ଧ୍ୟାନରତ ଥିବା ଦିନମାନଙ୍କରେ, ଏକ ସଂଖ୍ୟାଲଘୁ ସଂପ୍ରଦାୟର ସୁଧାରକ ହିସାବରେ, ମଦିନାରେ ନିର୍ବାସିତ ଜୀବନ ବିତାଇବାରେ, ଏକ ସ୍ୱୀକୃତିପ୍ରାପ୍ତ ଯୁଦ୍ଧ ବିଜେତା ରୂପେ, ପାରସୀୟ ସମ୍ରାଟ ତଥା ଇରାନୀୟ ରାଜାମାନଙ୍କର ସମକକ୍ଷ ହେବା ଅବସ୍ଥାରେ ଆମେମାନେ ତାହାଙ୍କ ବ୍ୟକ୍ତିତ୍ୱରେ ପ୍ରତିଫଳିତ ହୋଇଥିବା ମୌଳିକ ସତ୍ୟ ଉପରେ ଏକ ସ୍ଥିର, ଅବିଚଳିତ ଓ ଦୃଢ ସ୍ଥିତିକୁ ଦେଖିପାରିବା । ମୁଁ ଏଥିପାଇଁ ସନ୍ଦୀହାନ ହୋଇ ପଡିଛି ଯେ ଯଦି ଅନ୍ୟ କୌଣସି ବ୍ୟକ୍ତିର ବାହ୍ୟ ଅବସ୍ଥା ଏପରି ଅଧିକ ଭାବରେ ବଦଳି ଯାଇଥାନ୍ତା, ତେବେ ତାହାର ନିଜ ଭିତରେ ଏତେ କମ ପରିବର୍ତ୍ତନ ଜାତ ହେବା କିପରି ସମ୍ଭବ ହେବ ! କିନ୍ତୁ ହଜରତ ମୁହମ୍ମଦଙ୍କ ଜୀବନରେ ବାହାରକୁ ଯେତେ ବ୍ୟାପକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ସକଳ ପରିସ୍ଥିତିରେ ମୋତେ ତାଙ୍କର ମୌଳିକ ପ୍ରବୃତ୍ତି ଏକାପରି ରହିଥିବାର ଦେଖାଯାଉଛି ।'(ପୃ- ୧୩୩)

## *Washington Irving*

Washington Irving ସ୍ୱରଚିତ ପୁସ୍ତକ *Life of Muhammad* ରେ ଲେଖିଛନ୍ତି :

ଯୁଦ୍ଧ ଜୟର ଉଲ୍ଲାସମୟ ସ୍ଥିତିରେ ଥାଇ ସୁଦ୍ଧା ତାଙ୍କ ମନରେ କୌଣସି ଅଂହକାର ପ୍ରବେଶ କରି ନଥିଲା । ନା ସେ କେବେ ଆତ୍ମ ବଡିମାର ଭାବ ପ୍ରଦର୍ଶନ କରୁଥିଲେ ନା ବୃଥା ବଡପଣି । ଯଦି ତାଙ୍କ ବିଜୟରେ ବ୍ୟକ୍ତିଗତ ସ୍ୱାର୍ଥ ରହିଥାନ୍ତା, ତା' ହେଲେ ସେ ନିଶ୍ଚୟ ତାହା କରିଥାନ୍ତେ । ଐଶି ପରାକ୍ରମ ଓ ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥିବା ସତ୍ତ୍ୱେ ନିଜର ସ୍ୱଭାବ ଓ ଚେହେରାରେ ସେହିପରି ସରଳତା ଓ ଶିଷ୍ଟତାକୁ ଅକ୍ଷୁର୍ଣ୍ଣ ରଖିଥିଲେ, ଯେବେକି ସେ ଅତ୍ୟନ୍ତ ଦୁର୍ଦ୍ଦଶା ଓ କଠିନ ପରିସ୍ଥିତି ମଧ୍ୟ ଦେଇ ଗତି କରୁଥିଲେ । ଏପରିକି ନିଜର ରାଜକୀୟ ଜୀବନ କାଳରେ ମଧ୍ୟ ଯଦି କେହି ତାଙ୍କ ଗୃହ ମଧ୍ୟକୁ ପ୍ରବେଶ କରି ତାଙ୍କୁ ଅଯାଚିତ ଓ ଅନାବଶ୍ୟକ ଭାବେ ସମ୍ମାନ ଦେଖାଉଥିଲା, ସେ ଏହାକୁ ନାପସନ୍ଦ କରୁଥିଲେ ।

Washington Irving. *The Life of Mahomet*. Bernard Tauchnitz,. Leipzig. pp. 272-3(1850)

## *William Muir*

Sir William Muir ନିଜ ପୁସ୍ତକ *Life of Mohamet* ରେ ଲେଖିଛନ୍ତି:

'ସେ ନିଜର ପ୍ରତ୍ୟେକ କାର୍ଯ୍ୟ ନିଜେ ସଂପୂର୍ଣ୍ଣ କରୁଥିଲେ । ଯେଉଁ କାମ ହାତକୁ ନେଉଥିଲେ ତାହା ନସରିବା ପର୍ଯ୍ୟନ୍ତ ଛାଡୁ ନ ଥିଲେ । ସାମାଜିକ ଚଳଣୀ ଓ ମିଳାମିଶା ବେଳେ ମଧ୍ୟ ତାଙ୍କର ଏହି ଅଭ୍ୟାସ ଥିଲା, ଯଦି କାହା ସହିତ କଥାବାର୍ତ୍ତା କରିବାକୁ ସେ ମୁହଁ ବୁଲାଉଥିଲେ, ତା' ହେଲେ ନିଜର ପୁରା ଚେହେରା ଓ ଶରୀରକୁ ସେହି ବ୍ୟକ୍ତି ଆଡକୁ ବୁଲାଇ ସାମ୍ନା ସାମ୍ନି କଥାବାର୍ତ୍ତା କରୁଥିଲେ । କାହା ସହିତ ହାତ ମିଳାଇବା ବେଳେ ମଧ୍ୟ ନିଜ ହାତକୁ ପ୍ରଥମେ କାଢି ଆଣୁ ନଥିଲେ । ସେହିପରି

କୌଣସି ଆଗନ୍ତୁକ ସହିତ ବାର୍ତ୍ତାଳାପ ଅଧାରେ ଛାଡି ଦେଉ ନଥିଲେ ଏବଂ ତା' ପରବର୍ତ୍ତୀ ଲୋକର କଥାକୁ ମଧ୍ୟ ପୁରାପୁରି ଶୁଣୁଥିଲେ । ତାଙ୍କ ଜୀବନରେ ବଂଶ ଆଭିଜାତ୍ୟର ସରଳ ଓ ଅମାୟୀକ ବ୍ୟକ୍ତିତ୍ୱ ପ୍ରତିଫଳିତ ହେଉଥିଲା । ସେ ନିଜ କାମ ନିଜେ କରିବାର ଅଭ୍ୟାସ ରଖିଥିଲେ । ଯଦି କୌଣସି ଦାନ ଧର୍ମ କରୁଥିଲେ, ସେହି ମାଗୁଣୀକୁ ସ୍ୱହସ୍ତରେ ଦାନ କରୁଥିଲେ । ଘରୋଇ କାମଧନ୍ଦାରେ ନିଜ ପତ୍ନୀଙ୍କୁ ସାହାଯ୍ୟ କରୁଥିଲେ ।'

ସେ ପୁଣି ଲେଖିଛନ୍ତି : 'ପ୍ରତ୍ୟେକ ପ୍ରକାର ସୁବିଧା ଓ ଅସୁବିଧା ବେଳେ ମହାଭାଗଙ୍କ ସଂପୃକ୍ତି ରହିଥିଲା, ସତେ ଯେପରି ନଦୀ ଯାଇ କୂଳରେ ପହଞ୍ଚିଥାଏ । ବାହାରୁ ଆସୁଥିବା ଲୋକ ଦଳମାନଙ୍କ ସମ୍ମାନ ପ୍ରତି ସେ ଗଭୀର ଦୃଷ୍ଟି ରଖିଥିଲେ ଓ ସେମାନଙ୍କୁ ଆଦର ସହକାରେ ଅଭିବାଦନ ଜଣାଇ ପାଛୋଟି ନେଉଥିଲେ । କୌଣସି ସରକାରୀ ପ୍ରତିନିଧି ଦଳ ବା ରାଜଦୂତମାନଙ୍କ ପ୍ରତି ଅଭ୍ୟର୍ଥନା ତଥା ଆଲୋଚନା କରିବା ସମ୍ବନ୍ଧରେ ଇତିହାସରୁ ଏହା ପ୍ରମାଣ ମିଳୁଛି ଯେ ମୁହମ୍ମଦ(ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ)ଙ୍କ ଅନ୍ତରରେ ପ୍ରଶାସନର ସମସ୍ତ ପ୍ରକାର କ୍ଷମତା ରହିଥିଲା । ସବୁଠାରୁ ବଡ ଆଶ୍ଚର୍ଯ୍ୟ ଜନକ କଥା ହେଉଛି ଯେ ସେ ଲେଖାପଢା ଜାଣି ନ ଥିଲେ ।'

ପୁଣି ଉଇଲିୟମ ମ୍ୟୁର ଲେଖିଛନ୍ତି : 'ତାଙ୍କର ଏକ ବିଶେଷ ଗୁଣ ଥିଲା ଅମାୟିକ ବ୍ୟବହାର ଓ ଭଦ୍ରଶୀଳ ଆଚରଣ । ଅତି ସାମାନ୍ୟ ବର୍ଗର ଅନୁଗାମୀମାନଙ୍କ ପ୍ରତି ମଧ୍ୟ ସେ ଯଥେଷ୍ଟ ଧ୍ୟାନ ରଖୁଥିଲେ । ନମ୍ରତା, ଦୟା, ଧୈର୍ଯ୍ୟ, ନିସ୍ୱାର୍ଥପରତା, ଉଦାରତା ଓ ସ୍ନେହ ଶ୍ରଦ୍ଧା ଇତ୍ୟାଦି ଉତ୍ତମ ଗୁଣ ତାଙ୍କ ଚତୁର୍ପାର୍ଶ୍ୱକୁ ପରିବେଷ୍ଟିତ କରି ରଖିଥିଲା । ନକାରାତ୍ମକ ଭାବନାକୁ ସେ ଆଦୌ ପସନ୍ଦ କରୁ ନଥିଲେ । ଯଦି କୌଣସି ମାଗୁଣିର ବା ଦୁଃଖିରଙ୍କର ଅଭାବ ପୂରଣ କରିପାରୁ ନଥିଲେ, ସେ ନୀରବ ରହିବାକୁ ଶ୍ରେୟସ୍କର ମଣୁଥିଲେ । ଏମିତି କେବେ ଶୁଣାଯାଇ ନାହିଁ ଯେ ସେ ଅତି ସାଧାରଣ ବ୍ୟକ୍ତିର ନିମନ୍ତ୍ରଣ ରକ୍ଷାକରି ନଥିଲେ । ଏମିତି କେବେ ହୋଇନାହିଁ ଯେ କାହାର ମାମୁଲି ଉପହାରକୁ ସେ ଗ୍ରହଣ କରି ନାହାନ୍ତି । ଏହି କଥାରେ ତାଙ୍କର ଏକ ନିଛକ ସୁଖ ନିହିତ ଥିଲା ଯେ ତାଙ୍କ ସଭାରେ ଉପସ୍ଥିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ନିଜକୁ ଶ୍ରେଷ୍ଠ ଅତିଥି ବୋଲି ଅନୁଭବ କରୁଥିଲେ । ଯଦି କୌଣସି ବ୍ୟକ୍ତି ନିଜର ସଫଳତା ଯୋଗୁଁ

ଖୁସି ହେଉଥିବାର ସେ ଦେଖୁଥିଲେ, ତାହେଲେ ଅତି ବ୍ୟଗ୍ର ହୋଇ ତା’ ସହିତ ହାତ ମିଳାଉଥିଲେ ଓ ଆଲିଙ୍ଗନ କରୁଥିଲେ । ସମାଜର ଅବହେଳିତ ଓ ଦୁଃଖ ପ୍ରପୀଡିତ ବ୍ୟକ୍ତିମାନଙ୍କୁ ଅତି ନମ୍ରତା ସହକାରେ ସମବେଦନା ଜଣାଉଥିଲେ । ସେ ପିଲାମାନଙ୍କୁ ବହୁତ ସ୍ନେହ କରୁଥିଲେ ଓ ଅତ୍ୟନ୍ତ କୋମଳ ହୋଇ ସେମାନଙ୍କ ସହିତ ମିଶୁଥିଲେ । ପିଲାମାନେ ଖେଳୁଥିବା ବାଟ ଦେଇ ଗଲାବେଳେ ସେମାନଙ୍କୁ ପ୍ରଥମେ ସଲାମ କରିବାରେ କୌଣସି ଦ୍ୱିଧା ବୋଧ କରୁ ନଥିଲେ । ସେ ଅନାହାର ଓ ଦୁର୍ଭିକ୍ଷ ସମୟରେ ମଧ୍ୟ ଅନ୍ୟମାନଙ୍କୁ ନିଜ ଖାଇବାରେ ସମ୍ମିଳିତ କରୁଥିଲେ ଓ ପ୍ରତ୍ୟେକ ଲୋକର ଆରାମ ଓ ସୁବିଧା ପାଇଁ ସର୍ବଦା ଚେଷ୍ଟିତ ଥିଲେ । ତାଙ୍କ ଚରିତ୍ରରେ ନରମ ଓ ଅନୁକମ୍ପାର ସମସ୍ତ ଗୁଣ ପରିଲକ୍ଷିତ ହେଉଥିଲା । ମୁହମ୍ମଦ ଏକ ବିଶ୍ୱସ୍ତ ବନ୍ଧୁ ଥିଲେ । ସେ ଅବୁବକରଙ୍କୁ ଭାଇଠାରୁ ଅଧିକ ପ୍ରେମ କରୁଥିଲେ । ବାଳକ ଅଲିଙ୍କୁ ପିତୃତୁଲ୍ୟ ସ୍ନେହ କରୁଥିଲେ । ଦାସତ୍ୱରୁ ମୁକ୍ତ ଜଏଦଙ୍କୁ ସେହି କରୁଣାର ଅବତାର ଏପରି ବାତ୍ସଲ୍ୟ ମମତା ଅଜାଡି ଦେଇଥିଲେ ଯେ ସେ ନିଜ ପିତାଙ୍କ ସହିତ ସ୍ୱଗୃହକୁ ଫେରିଯିବା ପରିବର୍ତ୍ତେ ମକାରେ ରହିବାକୁ ଅଧିକ ଉପଯୁକ୍ତ ମନେ କଲେ । ନିଜ ପୃଷ୍ଠପୋଷକଙ୍କୁ ଜାବୁଡି ଧରି କହିଲେ ‘ମୁଁ ଆପଣଙ୍କୁ ଛାଡି ପାରିବି ନାହିଁ, ଆପଣ ହିଁ ମୋର ପିତାମାତା ।’ ଜଏଦ୍‌ଙ୍କ ଏହି ଅନ୍ତରଙ୍ଗ ବନ୍ଧୁତ୍ୱର ସଂପର୍କ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲା । ପୁଣି ଜଏଦ୍‌ଙ୍କ ପୁତ ଓସାମାଙ୍କ ସହିତ ମଧ୍ୟ ତାର ବାପାଙ୍କ ଯୋଗୁଁ ମୁହମ୍ମଦଙ୍କ ପ୍ରତି ସେହିପରି ଗଭୀର ଶ୍ରଦ୍ଧା ଅତୁଟ ରହିଥିଲା । ଉସମାନ ଓ ଉମର ମଧ୍ୟ ତାହାଙ୍କ ସହିତ ଏକ ବିଶେଷ ସଂପର୍କ ରଖିଥିଲେ । ମୁହମ୍ମଦ ହୁଦବିୟା ଠାରେ ବୃକ୍ଷ ମୂଳରେ ଯେଉଁ ଭୀଷ୍ମ ଶପଥ ମୂଳକ ଅଙ୍ଗୀକାର (ବୈଅତେ ରିଜ୍‌ୱାନ୍) ଗ୍ରହଣ କରିଥିଲେ ‘ନିଜର ଉତ୍ପୀଡିତ ଜ୍ୟୋଇଁଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଜୀବନ ଦେବାକୁ ପଡିଲେ ମଧ୍ୟ ତାହା କରିବୁ’ – ଏହା ତାଙ୍କ ମିତ୍ରତାର ଜ୍ୱଳନ୍ତ ପ୍ରମାଣ । ଏପରି ଅନେକ ଘଟଣା ରହିଛି, ଯାହା ମୁହମ୍ମଦଙ୍କ ଉତ୍ସର୍ଗୀକୃତ ଅନାବିଳ ପ୍ରେମ ସଂପର୍କ ରୂପେ ଉପସ୍ଥାପନ କରାଯାଇପାରେ । କୌଣସି ପରିସ୍ଥିତିରେ ମଧ୍ୟ ଏହି ପ୍ରେମ ନିଷ୍ଫଳ ହୋଇ ନଥିଲା । ବରଂ ଏହାର ପ୍ରତ୍ୟେକ ଘଟଣା ଉନ୍ମତ୍ତ ଅନୁରାଗର ଦର୍ପଣ ଥିଲା ।’

ପୁଣି ସେ ଲେଖିଛନ୍ତି 'ମୁହମ୍ମଦ ନିରଙ୍କୁଶ ଶାସନର ଅଧିକାର ହୋଇ ସଂପୂର୍ଣ୍ଣ ଶକ୍ତିଶାଳୀ ଓ ପ୍ରବଳ ପ୍ରତାପୀ ରାଜା ରୂପେ ନିଜର ପରାକ୍ରମ ଦେଖାଇଥିଲେ ମଧ୍ୟ ନ୍ୟାୟବନ୍ତ ଓ ଆତ୍ମସଂଜମୀ ଥିଲେ । ସେ ନିଜକ ସେହି ଶତ୍ରୁଙ୍କ ପ୍ରତି କୋମଳ ଭାବ ଦେଖାଇବାରେ ଟିକିଏ ହେଲେ ଊଣା କରୁ ନଥିଲେ । ହୁଏତ ତାଙ୍କର ଦାବିକୁ ସେମାନେ ଆନନ୍ଦରେ ସ୍ୱୀକାର କରିଥାନ୍ତେ । ମକ୍କାବାସୀ ଜିଦ୍‌ଖୋର ଓ ଦୁଷ୍ଟାମୀ ମନୋବୃତ୍ତି ନେଇ ତାଙ୍କର ଦୃଢ ଦାବି ବିରୁଦ୍ଧରେ ଯେପରି ଲଗାତାର ନିର୍ଯାତନା ଦେଇ ଆସୁଥିଲେ, ତାହାର ପରିଣତି ନିଶ୍ଚିତ ଭାବରେ ମକ୍କା ବିଜୟ ସମୟରେ ପ୍ରଚଣ୍ଡ କ୍ରୋଧ ଓ ଆକ୍ରୋଶର ନିଆଁ ଜଳାଇଥାନ୍ତା ଓ ଶତ୍ରୁମାନଙ୍କ ରକ୍ତର ହୋଲି ଖେଳିଥାନ୍ତା । କିନ୍ତୁ ଅଳ୍ପ କେତେକ ସାମାନ୍ୟ ଅପରାଧିଙ୍କୁ ଛାଡିଦେଲେ ହଜରତ ମୁହମ୍ମଦ ସର୍ବକ୍ଷମାର ଘୋଷଣା କଲେ ଓ ଅତୀତର ସମସ୍ତ ଅପମାନ ଓ ଘୃଣାକୁ ଏକବାରେ ପାଶୋରି ଦେଲେ । ସେମାନଙ୍କର ସମସ୍ତ ବ୍ୟଙ୍ଗ ବିଦ୍ରୁପ, ଅନ୍ୟାୟ, ଅତ୍ୟାଚର, ଉତ୍ପୀଡନ ସତ୍ତ୍ୱେ ମହାଭାଗ ନିଜର ନିଷ୍ଠୁର ବିରୋଧିଙ୍କ ସହିତ ଦୟାର ବ୍ୟବହାର ଦେଖାଇଲେ । ମଦିନାରେ ଅବ୍ଦୁଲ୍ଲାଃ ତଥା ଅନ୍ୟାନ୍ୟ ବିଶ୍ୱାସଘାତକ ଅନୁଚର ଯେଉଁମାନେ ବର୍ଷ ବର୍ଷ ଧରି ତାଙ୍କ ଯୋଜନାକୁ ପଣ୍ଡ କରିବାରେ ଲାଗିପଡି ଥିଲେ ଓ ତାଙ୍କ ପ୍ରଭୁତ୍ୱକୁ ବିରୋଧ କରୁଥିଲେ, ସେମାନଙ୍କର ଔଦ୍ଧତ୍ୟକୁ ସହ୍ୟ କରିନେଇ ସକଳ ଦୋଷ ମାର୍ଜନା କରି ଦେଇଥିବାର ସେ ଏକ ଉଜ୍ୱଳ ଦୃଷ୍ଟାନ୍ତ ଦେଖାଇ ଯାଇଛନ୍ତି । ସେହିପରି ଯେଉଁମାନେ ତାଙ୍କ ଆଗରେ ଅପରାଧି ପରି ନତମସ୍ତକ ହୋଇ ଛିଡା ହୋଇଥିଲେ, ସେମାନଙ୍କ ସହିତ ସେ ନରମ ବ୍ୟବହାର ଦେଖାଇଥିଲେ । ସେହି ଜନଜାତିର ଗୋଷ୍ଠୀ ଯେଉଁମାନେ ବିଜୟପ୍ରାପ୍ତ ପୂର୍ବରୁ ମଧ୍ୟ ପ୍ରବଳ ବିରୁଦ୍ଧାଚରଣ କରୁଥିଲେ, ସେମାନଙ୍କ ପ୍ରତି କୋମଳ ମନୋଭାବ ପୋଷଣ କରୁଥିଲେ ।

ପୁଣି ଉଇଲିଅମ ମ୍ୟୁର୍ ଲେଖିଛନ୍ତି:

ଏହି ମୁହମ୍ମଦଙ୍କ ସତ୍ୟତାର ଏହା ଏକ ସମର୍ଥନ ପୂର୍ଣ୍ଣ ନିଦର୍ଶନ ଥିଲା ଯେ ଯେଉଁମାନେ ପ୍ରଥମ କାଳରେ ବିଶ୍ୱାସ ସ୍ଥାପନ କରିଥିଲେ ଓ ଉଚ୍ଚ ଆଦର୍ଶବାଦୀ ପୁରୁଷ

Sir William Muir. *Life of Muhammad.(Volume IV).* Smith, Elder and Company., London. pp. 303-307 (1861)

ଥିଲେ, ଏପରିକି ନିଜର ନିକଟ ସଂପର୍କୀୟ ତଥା ନିଜ ଘରର ଲୋକ ଥିଲେ ସେମାନେ ତାଙ୍କର ବ୍ୟକ୍ତିଗତ ଜୀବନ ସହିତ ଭଲ ଭାବରେ ଅବଗତ ଥିଲେ ମଧ୍ୟ ତାଙ୍କର ଆଚରଣରେ କୌଣସି ଦୋଷତ୍ରୁଟି ଦେଖି ନଥିଲେ । ଯାହା ସାଧାରଣତଃ ଜଣେ କପଟୀ ଓ ଧୋକାବାଜ ଲୋକର ଘରୋଇ ସଂପର୍କ ଓ ବାହାରେ ଅନ୍ୟ ପ୍ରକାର ଛଳନା ପୂର୍ଣ୍ଣ ଆଚରଣ ରୂପେ ଦେଖି ଯାଇଥାଏ ।

---

Sir William Muir. *Life of Muhammad.(Volume II).* Smith, Elder and Company., London. pp. 97-8 (1861)

---

## *Thomas Carlyle*

Sir thomas carlyle ମୁହମ୍ମଦ[ସଅ] ନିରକ୍ଷର ଥିବା ସମ୍ବନ୍ଧରେ ଲେଖିଛନ୍ତି :

'ଅନ୍ୟ ଏକ ପରିସ୍ଥିତିରେ ଆମକୁ ଏହା ଆଦୌ ଭୁଲିଯିବା ଉଚିତ ନୁହେଁ ଯେ ତାଙ୍କୁ କୌଣସି ବିଦ୍ୟାଳୟରେ ଶିକ୍ଷା ହାସଲ କରିବାର ଅବସର ମିଳି ନଥିଲା, ଯାହାକୁ ଆମେ School learning କହୁଅଛେ । ଲେଖିବାର ପ୍ରଚଳନ ତ ସେତେବେଳେ ନୂଆ କରି ଚାଲୁଥିଲା । ଏହି ମତାମତରେ ସତ୍ୟତା ରହିଛି ଯେ ମୁହମ୍ମଦ କେବେ ବି ଲେଖିବା ଜାଣି ନଥିଲେ । ତାଙ୍କର ମରୁଭୂମିର ଜୀବନ କେତେକ ସ୍ମୃତି ଓ ଅନୁଭୂତିକୁ ନେଇ ତାଙ୍କ ଶିକ୍ଷାକ୍ଷେତ୍ର ଆବଦ୍ଧ ହୋଇ ରହିଥିଲା । ତାଙ୍କର ଅନ୍ଧାରି ମୁଲକରେ, ଚିନ୍ତା ଓ ଚେତନାରେ, ସୀମିତ ଦୃଷ୍ଟିକୋଣରେ ଦିଗନ୍ତ ବିସ୍ତାରୀ ସୀମାହୀନ, ଅନନ୍ତ ବିଶ୍ୱକୁ ତାଙ୍କ ପାର୍ଥିବ ଚକ୍ଷୁ ଦ୍ୱାରା ଅବଲୋକନ କରିବା କିପରି ସମ୍ଭବ ହୋଇପାରେ ? ଏହା ଅଧିକ ଆଶ୍ଚର୍ଯ୍ୟରେ ପକାଇଦିଏ ଯେତେବେଳେ କୌଣସି ପୁସ୍ତକ ଉପଲବ୍ଧ ନ ଥିବାର ଆମେ ଦେଖୁ । ଆରବର ଅନ୍ଧକାରାଚ୍ଛନ୍ନ ମରୁଭୂମିର ସଭ୍ୟତା ଯେଉଁଠାରେ ଦେଖାଶୁଣା କଥା ଉପରେ ବିଶ୍ୱାସ କରିବା କିମ୍ବା କୌଣସି ଗୁଜବକୁ ସାକ୍ଷ୍ୟ ରୂପେ ଗ୍ରହଣ କରିବା ବ୍ୟତୀତ ତାଙ୍କୁ ଅନ୍ୟ କୌଣସି ବିଷୟ ଜଣା ନଥିଲା, ସେହିସବୁ ଗୁଢଜ୍ଞାନ ଯାହା ତାଙ୍କ ପୂର୍ବରୁ ପ୍ରଚଳିତ ରହିଥିଲା ଏବଂ ଆରବ ବାହାର ଦୁନିଆର

କଥା ତାଙ୍କ ନିକଟରେ ପହଞ୍ଚିପାରୁ ନଥିବା ଯୋଗୁଁ ତାହା ସେ ନଜାଣିବା ବରାବର ଥିଲା । କୌଣସି ଶାସକ ବା ବିଦ୍ୱାନ ଏପରି ଜଣେ ହୃଦୟଗ୍ରାହୀ ସତପୁରୁଷଙ୍କ ସହିତ ସିଧାସଳଖ ଯୋଗାଯୋଗ ରକ୍ଷା କରିପାରୁ ନ ଥିଲେ । ଏକ ଉପେକ୍ଷିତ ବିସ୍ତୀର୍ଣ୍ଣ ମରୁସ୍ଥଳରେ ଜଣେ ସଂସ୍କାରବାଦୀ ପ୍ରବକ୍ତାଙ୍କ ଅରଣ୍ୟ ରୋଦନ ହିଁ ଥିଲା, ଏକାକୀ ନିଃସଙ୍ଗ ଜୀବନ ଯାପନ କରୁଥିବା ପୁରୁଷ ପାଇଁ । ପ୍ରକୃତିର ତାଡନାରେ ବଞ୍ଚିବା ଓ ନିଜ ଚିନ୍ତାଧାରାର ବଶବର୍ତ୍ତି ହୋଇ କାଳାତିପାତ କରିବାକୁ ହିଁ ସେ ଆଦରି ନେଇଥିଲେ ।

---

Thomas Carlyle. *On Heroes, Hero-Worship and the Heroic in History.* Wiley and Putnam., NY. p.47 (1846)

ପୁଣି ମହାଭାଗଙ୍କ ବୈବାହିକ ଜୀବନ ତଥା ଘରୋଇ ସଂପର୍କକୁ ସେ ଏହିପରି ବର୍ଣ୍ଣନା କରିଛନ୍ତି :

'ସେ କିପରି ଖଦିଜାଙ୍କ ଜୀବନସାଥି ହେଲେ ? କିପରି ଜଣେ ଧନାଢ୍ୟ ମହିଳାଙ୍କ ବାଣିଜ୍ୟିକ କାରବାରର ପୁରୋଧା ହେଲେ । ଏବଂ ସିରିୟାର ବାଣିଜ୍ୟ ମେଳାରେ ଯାଇ ସାମିଲ ହେଲେ ? ଏ ସମସ୍ତ କାର୍ଯ୍ୟ ସେ କିପରି ନିର୍ବାହ କଲେ ? ପ୍ରତ୍ୟେକଙ୍କୁ ଏହା ଭଲ ଭାବେ ଜଣାଅଛି ଯେ ସେ ପ୍ରତ୍ୟେକ କାର୍ଯ୍ୟ ଅତ୍ୟନ୍ତ ବିଶ୍ୱସ୍ତ ଓ ଦକ୍ଷତାର ସହିତ ସଂପନ୍ନ କରିଥିଲେ । ଖଦିଜାଙ୍କ ହୃଦୟରେ ତାଙ୍କ ପ୍ରତି ସମ୍ମାନ ଓ କୃତଜ୍ଞ ଭାବ କାହିଁକି ଜାଗି ଉଠିଲା ? ସେହି ଦୁଇଜଣଙ୍କ ବିବାହ ଏକ ବୋଧଗମ୍ୟ ହେଉଥିବା ସୁନ୍ଦର ଉପାଖ୍ୟାନ, ଯାହାକୁ ଆରବୀୟ ଲେଖକମାନେ ବର୍ଣ୍ଣନା କରିଛନ୍ତି । ଏହା ଅତି ଚିତ୍ତାକର୍ଷକ ଓ ଅନୁରାଗପୂର୍ଣ୍ଣ ଘଟଣା, ଯାହା ବହୁତ ଭାବିଚିନ୍ତି କରାଯାଇଥବା ଭଳି ମନେ ହୁଏ । ସେ ୨୫ବର୍ଷର ନବଯୁବକ ହୋଇଥିବା ବେଳେ ତାଙ୍କ ପତ୍ନୀ ଖଦିଜାଙ୍କ ବୟସ ୪୦ବର୍ଷ । ଜଣାପଡୁଛି ଯେ ଅତ୍ୟନ୍ତ ସ୍ନେହ ସରାଗରେ ଭରା ସୁଶାନ୍ତ ବୈବାହିକ ଜୀବନ ଥିଲା ସେମାନଙ୍କର । ସେ ଖଦିଜାଙ୍କୁ ଆନ୍ତରିକ ପ୍ରେମ କରୁଥିଲେ ଓ କେବଳ ତାଙ୍କୁ ହିଁ ଭଲ ପାଉଥିଲେ । ଏହି ସତ୍ୟକୁ ଅନୁଭବ କଲେ ତାଙ୍କୁ ଜଣେ ମିଥ୍ୟାବାଦୀ ନବୀ ବୋଲି କହିବା ଆଦୌ ସମୀଚିନ ହେବ ନାହିଁ । କାରଣ ତାଙ୍କ ଜୀବନ ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ, ଶାନ୍ତ ସ୍ନିଗଧ ଓ ନୀରବ ପରିବେଶରେ ତଥା

ଅତି ସାଧାରଣ ଭାବରେ ଅତିବାହିତ ହୋଇଥିଲା । ଏପରିକି ଯୌବନର କେତୋଟି ବସନ୍ତ ପାର ହୋଇଗଲା ତାଙ୍କୁ ଜଣାପଡିଲା ନାହିଁ ।'

'ଆମରି ପରି ଲୋକ ଅର୍ଥାତ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଏହା ବିଖ୍ୟାତ ହୋଇଯାଇଛି ଯେ ମୁହମ୍ମଦ ଜଣେ ଭଣ୍ଡ, କପଟୀଚରୀ ଓ ମିଥ୍ୟା ଦାବିଦାର ଅବତାର ରୂପେ ପରିଚିତ ଥିଲେ । ତାଙ୍କ ଧର୍ମ ନିର୍ବୋଧତା ପୂର୍ଣ୍ଣ ଖାମଖିଆଲିରେ ଭରା କେବଳ ଏକ ସ୍ତୁପ ସଦୃଶ । କିନ୍ତୁ ଏସବୁ କଥା ଜନସାଧାରଣଙ୍କ ନିକଟରେ ଭୁଲ ପ୍ରମାଣିତ ହୋଇଚାଲିଛି । ଯେଉଁସବୁ ମିଥ୍ୟା ଏହି ପୁରୁଷ ପ୍ରତି କଠୋରପନ୍ଥୀ ଖ୍ରୀଷ୍ଟିୟାନ ଗଢିଥିଲେ, ସେହି ଆରୋପ ଆମ ପାଇଁ ଅପମାନ ଜନକ । ଏବେ ପ୍ରକୃତ ସମୟ ଆସିଛି ଯେ ଏହାକୁ ରଦ୍ଦ କରାଯିବା ଉଚିତ୍ । ସେହି ମନୁଷ୍ୟର ବଚନ ବାରଶହ ବର୍ଷ ମଧ୍ୟରେ ଅଠର କୋଟି ଲୋକଙ୍କ ଜୀବନକୁ ଦିଗ୍‌ଦର୍ଶନ ଦେଉଛି । (ଊନବିଂଶ ଶତାବ୍ଦୀରେ ସେ ଏହା ଲେଖିଥିଲେ) । ଏହି ସମୟରେ ଯେତେ ଲୋକ ମୁହମ୍ମଦଙ୍କ ବାଣୀ ଉପରେ ବିଶ୍ୱାସ ସ୍ଥାପନ କରିଛନ୍ତି, ବର୍ତ୍ତମାନ ଯୁଗରେ ଲୋକମାନେ ଅନ୍ୟ କାହାରି ବାକ୍ୟ ଉପରେ ଏହାଠାରୁ ଅଧିକ ବିଶ୍ୱାସ ରଖିନାହାନ୍ତି । ମୋ ମତରେ ଏହାଠାରୁ ଅଧିକ ନିକୃଷ୍ଟ ଧାରଣା ଅନ୍ୟ କିଛି ହୋଇପାରିବ ନାହିଁ ଯେ ଜଣେ ମିଥ୍ୟାବାଦୀ ବ୍ୟକ୍ତି ଏହି ଧର୍ମକୁ ପ୍ରସାରଣ କରିଛି ।'

---

Thomas Carlyle. *On Heroes, Hero-Worship and the Heroic in History.* Wiley and Putnam., NY. p.48 &pp.60-1 (1846)

## *Alphonse de Lamartine*

ଜଣେ ଫ୍ରାନ୍ସର ଦାର୍ଶନିକ Lamartine ତାଙ୍କ ପୁସ୍ତକ *History of Turkey* ରେ ଲେଖିଛନ୍ତି :

'ଯଦି କୌଣସି ବ୍ୟକ୍ତିର କାର୍ଯ୍ୟ ଦକ୍ଷତାକୁ ପରଖିବା ପାଇଁ ତିନୋଟି ମାନ ନିର୍ଦ୍ଧାରଣ କରାଯାଏ, ଯେପରି କି ତା'ର ଉଦ୍ଦେଶ୍ୟ କେତେ ମହତ, ଯୋଜନାର ରୂପରେଖ କେତେ ଉତ୍କୃଷ୍ଟ ଓ ତା'ର ସାଧନ କେତେ ସୀମିତ ଏବଂ ତା'ର ପରିଣତି

କେତେ ବ୍ୟାପକ, ତା' ହେଲେ ଆଧୁନିକ ଯୁଗରେ କିଏ ଅଛି ଯେ କି ମୁହମ୍ମଦଙ୍କ ସହିତ ମୁକାବିଲା କରିବାକୁ ସାହାସ କରିବ ? ଦୁନିଆର ବହୁ ପ୍ରସିଦ୍ଧ ବ୍ୟକ୍ତି କେବଳ କେତେକ ସୈନ୍ୟ ସାମନ୍ତ, ଆଇନ କାନୁନ ଓ ସାମ୍ରାଜ୍ୟକୁ ପରାସ୍ତ କରିଥିଲେ । ସେମାନେ କେବଳ ପାର୍ଥିବ କ୍ଷମତା ବଳରେ ସାଂସାରିକ ରାଜତ୍ୱ ପ୍ରତିଷ୍ଠା କଲେ । ସେମାନଙ୍କ ମଧ୍ୟରୁ କେତେକ ବଡ ଶକ୍ତି ସେମାନଙ୍କ ଆଖି ଆଗରେ ଭାଙ୍ଗି ଚୁରମାର ହୋଇଗଲା । ମାତ୍ର ମୁହମ୍ମଦ ନା କେବଳ ସେନାର ଆଇନ, ଦେଶର ରାଜତ୍ୱ, କରାଗତ କରିଥିଲେ, ବରଂ ବିଭିନ୍ନ ଜାତି, ବଂଶ, ସଂପ୍ରଦାୟଗୁଡିକୁ ଏପରି କି ପୃଥିବୀ ଲୋକ ସଂଖ୍ୟାର ଏକ ତୃତୀୟାଂଶ ଭାଗକୁ ଏକତ୍ରିତ କରିଦେଲେ । ଏହା ଠାରୁ ଅଧିକ ମାତ୍ରାରେ ସେ ବଳିପୀଠ, ପୂଜାସ୍ଥଳୀ, ଦେବାଦେବ. ସଂପ୍ରଦାୟ ଧାର୍ମିକ ସିଦ୍ଧାନ୍ତ ଓ କଳୁଷିତ ଆତ୍ମାଗୁଡିକୁ ନୂତନ ରୂପରେଖ ପ୍ରଦାନ କଲେ । ମୁହମ୍ମଦଙ୍କ ମୂଳଭିତ୍ତି କେବଳ ଏକ ଖୋଲା ପୁସ୍ତକ ଥିଲା, ଯାହାର ପ୍ରତ୍ୟେକ ଅକ୍ଷର ଏକ ଆଇନରେ ପରିଣତ ହୋଇଗଲା । ସେ ପ୍ରତ୍ୟେକ ଭାଷା ଓ ବଂଶକୁ ଏକ ଆଧ୍ୟାତ୍ମିକ, ଆଭିଜାତ୍ୟ ଓ ଜାତୀୟତା ବୋଧର ଚେତନା ଆଣିଦେଲେ ।

ମୁହମ୍ମଦ ଏକାଧାରରେ ଥିଲେ ଦାର୍ଶନିକ, ବକ୍ତା, ଧର୍ମ ବିଧାନବାହୀ ଅବତାର, ଆଇନ ପ୍ରଣେତା, ଚତୁର ଓ ବିଚକ୍ଷଣ ଯୋଦ୍ଧା, ସମସ୍ତ ଧାରଣାକୁ ବଶୀଭୁତ କରୁଥିବା ଅଜେୟ ବ୍ୟକ୍ତିତ୍ୱର ଅଧିକାରୀ । ସେ ତତ୍ତ୍ୱଜ୍ଞାନର ପୁନଃସ୍ଥାପନ କରିବାରେ ସମର୍ଥ, କୋଡିଏଟି ରାଜତନ୍ତ୍ରର ସ୍ଥଳାଧିକାରୀ ହୋଇଥିବା ବେଳେ ଗୋଟିଏ ଆଧ୍ୟାତ୍ମିକ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିଥିବା ବ୍ୟକ୍ତି ମଧ୍ୟ ଥିଲେ । ମାନବୀୟ ଉତ୍କର୍ଷତାର ସ୍ତର ପ୍ରତିଷ୍ଠାରେ ଯେ କୌଣସି ମାନକୁ ପରଖି ନିଅନ୍ତୁ, କୌଣସି ଏପରି ମନୁଷ୍ୟ ମୁହମ୍ମଦଙ୍କ ଠାରୁ ବଳି ମହାନତମ ବ୍ୟକ୍ତି ଭାବରେ କଣ କେବେ ଜନ୍ମ ନେଇପାରେ କି ?

---

A. De Lamartine. *History of Turkey (English Translation).* D. Appleton & Co., NY. p.154 & p.155 (1855-7)

## John Davenport

ଜନ୍ ଡେଓ୍ୱନ୍‌ପୋଟ୍ ଲେଖିଛନ୍ତି:

'କ'ଣ ଏହି ବିଷୟ ଆମେ ବୁଝିବାରେ ସକ୍ଷମ ହେବା ଯେ ଯେଉଁ ବ୍ୟକ୍ତି ଏପରି ନିକୃଷ୍ଟ ଓ ଘୃଣ୍ୟ ପ୍ରତିମା ପୂଜା ପରିବର୍ତ୍ତେ ଯେଉଁ କାର୍ଯ୍ୟରେ ତାଙ୍କ ଦେଶବାସୀ କାଳ କାଳ ଧରି ବୁଡି ରହିଥିଲେ, ବାସ୍ତବ ଓ ଏକ ବ୍ରହ୍ମଙ୍କ ଉପାସନା କରାଇ ସମାଜରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିପାରିଥିଲେ, ସେ କେବେ ସାମାନ୍ୟ ରୂପେ ଭଣ୍ଡ ମିଥ୍ୟାବାଦୀ ନବୀ ହୋଇ ପାରନ୍ତି ? ତାଙ୍କର ସମାଜ ସୁଧାରକ ହୋଇ ଆସିବା ଓ ଅଧର୍ମ ଅନ୍ୟାୟ ବିରୁଦ୍ଧରେ ଆଜୀବନ ସଂଘର୍ଷ କରି ଏକ କୀର୍ତ୍ତିମାନ ସ୍ଥାପନ କରିବା, କ'ଣ ଜଣେ ପ୍ରତାରକର କାର୍ଯ୍ୟ ହୋଇପାରେ ? କ'ଣ ଆମେ ଏହା କଳ୍ପନା କରିପାରିବା ଯେ ତାଙ୍କର ଦୈବୀ ମିଶନର ଅଭିଯାନ ତାଙ୍କର ନିଜ ମନଗଢା ତତ୍ତ୍ୱ ହୋଇପାରେ, ଯାହାଙ୍କର ସମସ୍ତ କାର୍ଯ୍ୟକଳାପକୁ ଛଳନାର ରୂପ ଦେଇ ପାରିବା ? ନା ନା, ଆମେ ଏପରି କଦାପି କହି ପାରିବା ନାହିଁ । ଏହା ମୁହମ୍ମଦଙ୍କର ସତ୍ୟନିଷ୍ଠ ସାଧନା ଓ ସ୍ୱଚ୍ଛ ଭାବନା ବ୍ୟତୀତ ଅନ୍ୟ କିଛି ହୋଇପାରିବ ନାହିଁ । ତାଙ୍କର ପ୍ରାରମ୍ଭିକ ଜୀବନରେ ହୋଇଥିବା ଐଶିବାଣୀ ପ୍ରଥମ ପତ୍ନୀ ଖଦୀଜାଙ୍କ ଠାରୁ ଆରମ୍ଭ କରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଯେପରି ମୁହମ୍ମଦ ଧୈର୍ଯ୍ୟ ଓ ଦୃଢ ଆସ୍ଥାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ତାହାର କୌଣସି ପଟାନ୍ତର ନାହିଁ । ସେ ଅସ୍ଥିରମନା ବ୍ୟକ୍ତି ନ ଥିଲେ, ଆଉ ନା ସେ ନିଜ କର୍ତ୍ତବ୍ୟ ପାଳନରୁ କଦାପି ପଶ୍ଚାତପଦ ହୋଇଥିଲେ । ତାଙ୍କ ସହିତ ଘନିଷ୍ଠ ସଂପର୍କ ରଖିଥିବା ବ୍ୟକ୍ତି ତଥା ଅନୁଚରମାନଙ୍କ ସହିତ କଦାପି ବିଶ୍ୱାସଘାତକତା କରି ନଥିଲେ । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲୋକ ଦେଖାଣିଆ ଭାବ କାଣିଚାଏ ହେଲେ ସୁଦ୍ଧା ତାଙ୍କ ଠାରେ କେବେହେଲେ ଦେଖାଯାଇ ନଥିଲା ।'

ପୁଣି ସେ ଲେଖିଛନ୍ତି:

'ଏହାକୁ ଦୃଢ ବିଶ୍ୱାସ ଓ ସଂପୂର୍ଣ୍ଣ ସତ୍ୟତାର ସହିତ କୁହାଯାଇପାରେ ଯେ କ୍ରୁସେଡ୍ ସମୟର ଆରବୀୟ ମୁସଲିମ କିମ୍ବା ତୁର୍କୀର ଲୋକଙ୍କ ପରିବର୍ତ୍ତେ ପାଶ୍ଚାତ୍ୟ

John Davenport. *An Apology for Mohammed and the Koran*. J.Davy & Sons., London. p.139 (1869)

ଦେଶର ରାଜକୁମାରମାନେ ଯଦି ସେତେବେଳେ ଏସିଆର ପ୍ରଶାସକ ହୋଇଥାନ୍ତେ, ତା’ହେଲେ ସେମାନେ ମୁସଲମାନଙ୍କ ସହିତ ସଂପ୍ରଦାୟୀକ ଭାଇଚାରାର ସଂପର୍କ କଦାପି ରଖି ନଥାନ୍ତେ, ଯେପରି ତତ୍କାଳୀନ ମୁସଲମାନମାନେ ଖ୍ରୀଷ୍ଟିୟାନଙ୍କ ସହିତ ରଖିଥିଲେ । କାରଣ ସେତେବେଳେ ଖ୍ରୀଷ୍ଟ ଜଗତରେ ତାଙ୍କ ନିଜ ଧର୍ମର ଲୋକ ଯାହାଙ୍କ ସହିତ ସେମାନଙ୍କର ଧର୍ମୀୟ ମତଭେଦ ରହିଥିଲା, ସେମାନଙ୍କୁ ଅତ୍ୟନ୍ତ ନିଷ୍ଠୁର ଅତ୍ୟାଚାରର ଶୀକାର କରିଥିଲେ ।’ (ଉଦ୍ଧୃତାଂଶ, ପୃ ୮୨)

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସମସ୍ତ ଆଇନଦାତା ଓ ବିଜୟୀ ସମ୍ରାଟଙ୍କ ମଧ୍ୟରେ କାହାରି ଜଣକର ମଧ୍ୟ ଏପରି ଜୀବନ ବୃତ୍ତାନ୍ତ ଦେଖିବାକୁ ମିଳେ ନାହିଁ , ଯାହା ଅବତାର ମୁହମ୍ମଦଙ୍କ ଜୀବନ ଠାରୁ ଅଧିକ ବିସ୍ତାର ପୂର୍ବକ ଓ ପ୍ରମାଣସିଦ୍ଧ ରୂପେ ଉଲ୍ଲେଖ ରହିଛି । (ଉଦ୍ଧୃତାଂଶ, ପୃ ୮୨)

## *Michael H. Hart*

ମାଇକେଲ୍ ଏଚ୍ ହାର୍ଟ ନିଜ ପୁସ୍ତକ ‘*A Ranking of thr Most Influential Person in History*’ରେ ଲେଖିଛନ୍ତି,

‘ପୃଥିବୀର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ହଜରତ ମୁହମ୍ମଦଙ୍କୁ ମୋର ପ୍ରଥମ ଚୟନ ରୂପେ ନିର୍ଦ୍ଧାରଣ କରିବା କେତେକ ପାଠକଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇପାରେ ଏବଂ କେତେକ ଏହା ଉପରେ ମଧ୍ୟ ପ୍ରଶ୍ନ ଉଠାଇ ପାରନ୍ତି । କିନ୍ତୁ ମାନବ ଇତିହାସରେ ସେ ଏକମାତ୍ର ବ୍ୟକ୍ତି ଥିଲେ ଯେକି ଉଭୟ ଧାର୍ମିକ ଓ ସାଂସାରିକ ଦୃଷ୍ଟିକୋଣରୁ ସର୍ବୋଚ୍ଚ ସଫଳତା ଅର୍ଜନ କରିଥିଲେ ।’

---

Michael H. Hart. *THE 100: A RANKING OF THE MOST INFLUENTIAL PERSONS IN HISTORY*. Carol publishing group., p.3.

ଏଠାରେ ପ୍ରଶ୍ନ ଉଠୁଛି ଯେ କିଏ କିପରି ଏହାର ଅନୁମାନ ଲଗାଇ ପାରିବ ଯେ ମାନବ ଇତିହାସରେ ମୁହମ୍ମଦ କେଉଁଭଳି ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି ହୋଇ ପାରନ୍ତି । ସକଳ ଧର୍ମ ପରି ଇସଲାମ ମଧ୍ୟ ନିଜର ଅନୁଗାମୀଙ୍କ ଜୀବନ ଉପରେ ଏକ ଗଭୀର ପ୍ରଭାବ ଛାଡିଛି । ଏହି କାରଣ ଯୋଗୁଁ ଦୁନିଆରେ  ଦେଖା ଯାଉଥିବା ମୁଖ୍ୟ ଧର୍ମଗୁଡିକର ପ୍ରବର୍ତ୍ତକ ମାନଙ୍କୁ ଏହି ପୁସ୍ତକରେ ଅଧିକ ମହତ୍ୱ ଦିଆଯାଇଛି ।

'ଏକ ଆକଳନରୁ ଜଣାପଡିଛି ଯେ ପୃଥିବୀରେ ଖ୍ରୀଷ୍ଟିୟାନ ସଂଖ୍ୟା ମୁସଲମାନ ସଂଖ୍ୟାର ଦୁଇଗୁଣ । ସେହି ଦୃଷ୍ଟିରୁ ମୁହମ୍ମଦଙ୍କୁ ଯୀଶୁଙ୍କ ଆଗରୁ ପ୍ରଥମ ସ୍ତରରେ ରଖିବା ବୋଧହୁଏ ଆପଣମାନଙ୍କୁ ଆଚମ୍ଭିତ ଲାଗିପାରେ । କିନ୍ତୁ ମୋର ଏହି ନିଷ୍ପତ୍ତି ପଛରେ ଦୁଇଟି ବଡ କାରଣ ରହିଛି । ପ୍ରଥମ କାରଣ ହେଉଛି ଖ୍ରୀଷ୍ଟିଧର୍ମରେ ଯୀଶୁଙ୍କର ଭୂମିକା ଅପେକ୍ଷା ଇସଲାମ ଧର୍ମରେ ମୁହମ୍ମଦ ବହୁ ଅଧିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଯଦିଓ ଯୀଶୁଖ୍ରୀଷ୍ଟ ହିଁ ଖ୍ରୀଷ୍ଟଧର୍ମର ଆଧ୍ୟାତ୍ମିକ ଓ ଚରିତ୍ରିକ ଦୃଷ୍ଟି କୋଣରୁ ମୁଖ୍ୟ ପୃଷ୍ଟପୋଷକ ଥିଲେ, କିନ୍ତୁ ଖ୍ରୀଷ୍ଟଧର୍ମକୁ ଅଧିକ ବିକଶିତ କରିବାରେ ସେଣ୍ଟ ପଲ୍ ମୂଳ ଭିତ୍ତି ସ୍ଥାପନ କଲେ । ଖ୍ରୀଷ୍ଟଧର୍ମକୁ ବର୍ତ୍ତମାନ ରୂପକୁ ଆଣି ଧର୍ମାନ୍ତରୀକରଣ ପ୍ରଥାରେ ଏହାକୁ ବିକଶିତ କରିବା ଓ ନୂତନ ସମାଚରର ଏକ ବୃହତ ଅଂଶକୁ ଲେଖିଥିବା ବ୍ୟକ୍ତି ସେଣ୍ଟ ପଲ୍ ହିଁ ଥିଲେ ।'

ସୁତରାଂ ମୁହମ୍ମଦ ହିଁ ଇସଲାମର ଧର୍ମ ତତ୍ତ୍ୱ ଓ ନୈତିକତା ମୂଳକ ବିଧି ବିଧାନ ପ୍ରଣୟନ କରିଥିଲେ ଏବଂ ମୁଖ୍ୟତଃ ଏହି ଧର୍ମର ନିଜେ ହିଁ ଆକାର ଦେଇଥିଲେ । ଏତଦ୍ ବ୍ୟତୀତ ମୁସଲମାନମାନଙ୍କ ପବିତ୍ର ଗ୍ରନ୍ଥ କୁରଆନ, ଯାହା ମୁହମ୍ମଦଙ୍କ ମହିମା ଉପରେ ପର୍ଯ୍ୟବସିତ ଥିଲା, ସେହି ପୁସ୍ତକର ରଚୟୀତା ମୁହମ୍ମଦ ହିଁ ଥିଲେ ।

'ଯେପରି ମୁହମ୍ମଦ କହିଛନ୍ତି, ଅଲ୍ଲାଃଙ୍କ ତରଫରୁ ତାଙ୍କ ପ୍ରତି ଦୈବିବାଣୀ ଅବତୀର୍ଣ୍ଣ ହୋଇଥିଲା । କୁରଆନର ଏକ ବୃହତ ଭାଗକୁ ମୁହମ୍ମଦଙ୍କ ଜୀବନ କାଳରେ ହିଁ ନକଲ କରାଯାଇ ସୁରକ୍ଷିତ ରଖାଯାଇଛି । ଏବଂ ତାଙ୍କ ଦେହାବସାନର କିଛି ସମୟ ପରେ ହିଁ ସାମଗ୍ରିକ ରୂପେ ସଂଗ୍ରହ କରାଯାଇ ଲିପିବଦ୍ଧ କରାଗଲା । ସେଥିପାଇଁ

କୁରଆନ ଗ୍ରନ୍ଥ ମୁହମ୍ମଦଙ୍କ ଶିକ୍ଷା ଓ ସିଦ୍ଧାନ୍ତର ପ୍ରକୃତ ପ୍ରତିଫଳନ । ତାଙ୍କର ବାଣୀ ସମୁହକୁ ଅବିକଳ ଭାବେ ସାଇତି ରଖାଯାଇଛି । ଏଭଳି ଭାବରେ ଯୀଶୁଙ୍କ ଶିକ୍ଷାକୁ ବିସ୍ତୃତ ଭାବରେ ସଂକଳନ କରି ରଖାଯାଇ ନାହିଁ । କୁରଆନ ଅନ୍ତତଃ ପକ୍ଷେ ମୁସଲମାନମାନଙ୍କ ପାଇଁ ଯେପରି ମହତ୍ୱ ରଖିଥାଏ, ବାଇବେଲ ମଧ୍ୟ ସେହିପରି ଖ୍ରୀଷ୍ଟିୟାନମାନଙ୍କ ପାଇଁ ମହତ୍ୱ ରଖିଛି । କିନ୍ତୁ କୁରଆନ ମାଧ୍ୟମରେ ମୁହମ୍ମଦଙ୍କ ପ୍ରଭାବ ଅତି ବିଶାଳ । ସମ୍ଭବତଃ ଇସଲାମ ଉପରେ ମୁହମ୍ମଦଙ୍କ ପ୍ରଭାବ ଖ୍ରୀଷ୍ଟଧର୍ମ ଉପରେ ପଡିଥିବା ଯାଶୁ ଓ ସେଣ୍ଟ ପଲ୍‌ଙ୍କ ସଂଯୁକ୍ତ ପ୍ରଭାବ ଠାରୁ ମଧ୍ୟ ଯଥେଷ୍ଟ ଅଧିକ । ସଂପୂର୍ଣ୍ଣ ଧର୍ମଗତ ଦୃଷ୍ଟିକୋଣରୁ ଯଦି ଦେଖାଯାଏ, ମୁହମ୍ମଦ ମାନବ ଇତିହାସରେ ସେହିପରି ପ୍ରତିଭା ସଂପନ୍ନ ବ୍ୟକ୍ତି ଥିଲେ, ଯେପରି ଯୀଶୁ ।'(ଉଦ୍ଧୃତାଂଶ, ପୃ ୮-୯)

## *Karen Armstrong*

କରେନ ଆର୍ମଷ୍ଟ୍ରଙ୍ଗ ନିଜ ପୁସ୍ତକ ଗଙ୍କଷବଙ୍କଙ୍କବୟ : *A Biography of the Prophet*' ରେ ଲେଖିଛନ୍ତି:

'ମୌଳିକ ରୂପେ ଏକେଶ୍ୱରବାଦ ଉପରେ ଆଧାରିତ ଆଧ୍ୟାତ୍ମିକତା ପ୍ରତିଷ୍ଠା ସକାଶେ ପ୍ରକୃତ ପକ୍ଷେ କୌଣସି ସାହାଯ୍ୟ ସୁବିଧା ବିନା ମୁହମ୍ମଦଙ୍କୁ ନିଜର ପ୍ରଚାର ଅଭିଯାନ କାର୍ଯ୍ୟ ଆରମ୍ଭ କରିବାକୁ ପଡିଥିଲା । ଯେତେବେଳେ ସେ ନିଜ ମିଶନ ଆରମ୍ଭ କଲେ, କେହି ତାଙ୍କୁ ଏହି କାର୍ଯ୍ୟ ପାଇଁ ସୁଯୋଗ ଦେବା ଅସମ୍ଭବ ହୋଇ ପଡିଲା । ଆରବୀୟ ଜାତି ଏକେଶ୍ୱରବାଦକୁ ଆପଣାଇବାକୁ ଆଦୌ ପ୍ରସ୍ତୁତ ନଥିଲେ । ସେହି ଲୋକମାନେ ଏପରି ଉଚ୍ଚମାନର ଦୃଷ୍ଟିଭଙ୍ଗୀ ପାଇଁ ଯୋଗ୍ୟ ନଥିଲେ । ପ୍ରକୃତରେ ସେହି ପ୍ରଚଣ୍ଡ ବିରୁଦ୍ଧାଚରଣ ଓ ଭୟଙ୍କର ପରିବେଶ ମଧ୍ୟରେ ଏହି ଚିନ୍ତାଧାରାକୁ ପ୍ରବେଶ କରାଇବା ଅତ୍ୟନ୍ତ ବିପଦଜନକ ହୋଇ ଯାଇଥାନ୍ତା । ମୁହମ୍ମଦ ସେହିପରି ଶଙ୍କାକୁଳ ପରିସ୍ଥିତିରେ ନିଜ ଜୀବନ ରକ୍ଷା କରିବା କୌଣସି

ସୌଭାଗୀଶାଳୀ ବ୍ୟକ୍ତି ଠାରୁ କମ ନୁହେଁ । ବାସ୍ତବରେ ଦେଖିଲେ ମୁହମ୍ମଦଙ୍କ ଜୀବନ ଅଧିକାଂଶ ସମୟରେ ବିପଦ ମଧ୍ୟରେ ଘେରି ରହିଥିଲା ଏବଂ ସେ ବଞ୍ଚିଯିବା ଏକ ଚମତ୍କରୀତା ଥିଲା, କିନ୍ତୁ ମୁହମ୍ମଦ ହିଁ ସଫଳ ହେଲେ । ନିଜ ଜୀବନରେ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ଜନଜାତି ଗୋଷ୍ଠୀଗୁଡିକ ମଧ୍ୟରେ ଦେଖା ଦେଉଥିବା ହିଂସା ଓ ଉପଦ୍ରବର ପ୍ରଥାକୁ ସେ ମୂଳୋତ୍ପାଟନ କରିଦେଲେ । ଆରବର ସୁସ୍ଥ ପରିବେଶ ପାଇଁ ଅଣ ଧର୍ମ ବିଶ୍ୱାସ କୌଣସି ମହତ୍ୱ ରଖିଲା ନାହିଁ । ଏବେ ଆରବ ଜାତି ନିଜ ଇତିହାସର ଏକ ନୂତନ ଯୁଗ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହୋଇଗଲେ ।’

ଖ୍ରୀଷ୍ଟିଧର୍ମ ଓ ପାଶ୍ଚାତ୍ୟ ସଭ୍ୟତାକୁ ଆଧାର କରି ଆର୍ମଷ୍ଟଙ୍ଗ୍ ଏହିପରି ଲେଖିଥିଲେ;

‘ଶେଷରେ କୁହାଯାଇ ପାରେ ଯେ ତାହା ଇସଲାମ ନୁହେଁ ବରଂ ପାଶ୍ଚାତ୍ୟ ଶକ୍ତି ଥିଲା, ଯାହା ଧର୍ମୀୟ ବିତର୍କ ତଥା ଖୋଲା ଆଲୋଚନା ଉପରେ କଟକଣା ଲଗାଇଲା । କ୍ରୁସେଡ ବା ଖ୍ରୀଷ୍ଟିୟ ଯୁଦ୍ଧ ସମୟରେ ୟୁରୋପ ଅନ୍ୟମାନଙ୍କ ବୌଦ୍ଧିକ ଆଦର୍ଶ ପାଳନକୁ ଚପାଇ ଦେବା ପାଇଁ ନିରନ୍ତର ଘାରି ହେଉଥିଲା । ଯେଉଁ ଆବେଗରେ ଆସି ବିରୋଧି ମତବାଦୀଙ୍କୁ ଶାସ୍ତି ଦେଉଥିଲା, ସେପରି ଦୃଷ୍ଟାନ୍ତ କୌଣସି ଧର୍ମ ଇତିହାସରେ ମିଳେନାହିଁ । ଅଭିବ୍ୟକ୍ତିରେ ମତଭେଦ ସୃଷ୍ଟିକାରୀ ତଥା କ୍ଷମତାଶାଳୀ ଗୋଷ୍ଠୀ ଠାରୁ ଭିନ୍ନ ମତ ପୋଷଣକାରୀ ଲୋକମାନଙ୍କୁ ଓ ଭିନ୍ନ ଜୀବନ ଶୈଳୀର ଲୋକଙ୍କୁ ନିଷ୍ଠୁର ଭାବେ ଦମନ କରାଯାଉଥିଲା । ପ୍ରୋଟେଷ୍ଟାଣ୍ଟ ଉପରେ କ୍ୟାଥୋଲିକର ଅତ୍ୟାଚର ଓ ସେହିପରି କ୍ୟାଥୋଲିକ ସଂପ୍ରଦାୟ ଉପରେ ପ୍ରାଟେଷ୍ଟାଣ୍ଟର ଅତ୍ୟାଚର ଉତ୍କଟ ରୂପ ଧାରଣ କରିଥିଲା । ଏହି ନିର୍ଯାତନା ଧର୍ମୀୟ ସିଦ୍ଧାନ୍ତରେ ପ୍ରବଳ ମତପାର୍ଥକ୍ୟ ଉପରେ ପର୍ଯ୍ୟବସିତ ଥିଲା । କିନ୍ତୁ ଏହି ଜଟିଳ ଧର୍ମତତ୍ତ୍ୱକୁ ଅବଲମ୍ବନ କରିବାର ଅନୁମତି କେବଳ ବ୍ୟକ୍ତିଗତ ଭାବରେ ଉଭୟ ଇସଲାମ ଓ ଇହୁଦି ଧର୍ମରେ ଦିଆ ଯାଇଥିଲା । ଖ୍ରୀଷ୍ଟିୟାନଙ୍କର ଭିନ୍ନ ମତରେ ବିଶ୍ୱାସର

---

Karen Armstrong. *Muhammad - A Biography of the Prophet*. Harper Collins Publishers., NY. p.53-54 (1993)

ଧାରଣା ସହିତ ଇସଲାମ କିମ୍ୱା ଇହୁଦି ଧର୍ମର ସଂପର୍କ ନାହିଁ । ତଦନୁସାରେ ଏକେଶ୍ୱର ସିଦ୍ଧାନ୍ତ ସଂବନ୍ଧରେ ମନୁଷ୍ୟର ଚିନ୍ତାଧାରା ଗ୍ରହଣ କରିପାରୁ ନଥିବା ଏକ ସ୍ତରକୁ ଚାଲିଯାଏ ଓ ତାହା ବହୁ ଇଶ୍ୱରବାଦରେ ପରିଣତ ହୋଇଯାଏ । (ଉଦ୍ଧୃତାଂଶ ପୃ ୨୭)

---

## *Annie Besant*

ଆନି ବିସାନ୍ତ ନିଜ ପୁସ୍ତକ *The Life and Teachingsof Muhammad* ରେ ଲେଖିଛନ୍ତି:

‘ଏପରି ଜଣେ ବ୍ୟକ୍ତି ପାଇଁ ଯିଏ ଆରବର ସେହି ମହାନ ନବୀଙ୍କ ଜୀବନ ଓ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିଥିବ ଓ ଯିଏ ଜାଣିଥିବ ଯେ ସେ କେଉଁପରି ଶିକ୍ଷା ଦେଇଥିଲେ ତଥା ସେ ନିଜ ଜୀବନ କିପରି ଭାବେ କଟାଇଥିଲେ, ତା’ହେଲେ ଏହା ତାଙ୍କ ପକ୍ଷେ ଏକବାରେ ଅସମ୍ଭବ ହୋଇ ପଡିବ ଯେ ସେ ଏହି ଈଶ୍ୱର ପ୍ରେରିତ ନବୀଙ୍କୁ ମର୍ଯ୍ୟାଦା ଦେବ ନାହିଁ । ମୁଁ ଯେଉଁ ବିଷୟ କହୁଛି ତାହାଙ୍କ ବ୍ୟକ୍ତିତ୍ୱ ସଂବନ୍ଧରେ ବହୁତ ଲୋକଙ୍କୁ ହୁଏତ ପୂର୍ବରୁ ଜଣାଥିବ । କିନ୍ତୁ ମୁଁ ଯେବେ ବି ସେହି ବିଷୟ ଅଧ୍ୟୟନ କରୁଛି, ମୋତେ ସେହି ଆରବୀୟ ଶିକ୍ଷାଦାତାଙ୍କ ମହିମା ଓ ଅବତରୀୟ ଲୀଳାର ଏକ ନୂତନ ଅନୁଭବ ମନରେ ଜାଗ୍ରତ ହେଉଛି । ତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ପ୍ରଶଂସାରେ ମୁଁ ଅଭିଭୁତ ହୋଇ ଉଠୁଛି ।’

---

Annie Besant. *The Life and Teachings of Mohammad.* Theosophical Publishing House., India. p. 4 (1932)

---

# *Ruth Cranston*

ପୁସ୍ତକ *World Faith*ରେ ରୁଥ୍ କ୍ରେନ୍‌ଷ୍ଟନ୍ ଲେଖିଛନ୍ତି :

'ମୁହମ୍ମଦ ଆରବୀୟ ନବୀ କେବେ ବି ଯୁଦ୍ଧ ଓ ରକ୍ତପାତ ଆରମ୍ଭ କରି ନଥିଲେ । ତାଙ୍କର ପ୍ରତ୍ୟେକ ଯୁଦ୍ଧ ଯାହା ସେ ଲଢିଥିଲେ, ତାହା ପ୍ରତିରକ୍ଷା ମୂଳକ ଥିଲା । ସେ ଯୁଦ୍ଧ କରିଥିଲେ ଆତ୍ମ ସମ୍ମାନ ରକ୍ଷା ପାଇଁ ଓ ସ୍ୱାଭିମାନକୁ ବଜାୟ ରଖିବା ପାଇଁ । ସେ ଯେଉଁ ଯୁଦ୍ଧ ପଦ୍ଧତିରେ ଲଢିଥିଲେ, ତାହା ତାଙ୍କ ସମୟରେ ବ୍ୟବହାର ହେଉଥିବା ଅସ୍ତ୍ରଶସ୍ତ୍ର ଦ୍ୱାରା । ଏହି ବିଷୟ ବିଶ୍ୱାସର ସହିତ କୁହାଯାଇପାରେ ଯେ ୧୪ କୋଟି ଲୋକସଂଖ୍ୟା ବିଶିଷ୍ଟ ଖ୍ରୀଷ୍ଟିୟାନ ଜାତି (୧୯୪୯ ରେ ପ୍ରକାଶିତ ଏହି ପୁସ୍ତକ ଅନୁଯାୟୀ) ଯେଉଁମାନେ ବର୍ତ୍ତମାନ ୧,୨୦,୦୦୦ ଅସହାୟ ମନୁଷ୍ୟଙ୍କୁ ଏକ ବୋମାରେ ଉଡାଇ ଦେଲେ । କୌଣସି ଏପରି ଜାତି ବା ସଂପ୍ରଦାୟ ନାହିଁ, ଯିଏ ଏପରି ଏକ ନେତାଙ୍କ ଉପରେ ସନ୍ଦେହ କରିପାରିବ, ଯିଏ ନିଜର ସମସ୍ତ ଯୁଦ୍ଧର ଶୋଚନୀୟ ସ୍ଥିତିରେ ମଧ୍ୟ ମାତ୍ର ପାଞ୍ଚଶହ କିମ୍ବା ଛଅ ଶହ ଲୋକଙ୍କର ହତ୍ୟାକାଣ୍ଡ ଘଟାଇଥିଲେ । ସେହି ଆରବୀୟ ନବୀଙ୍କ ହାତରେ ସପ୍ତମ ଶତାବ୍ଦୀର ଅନ୍ଧକାର ଯୁଗରେ ଜଣେ ଅନାର ରକ୍ତ ପିପାସୁ ସାଜିଥିବା ବେଳେ ଯେଉଁ ପ୍ରାଣହାନୀ ଘଟିଥିଲା, ତାହା ସହିତ ଆଜିର ବିଂଶ ଶତାବ୍ଦୀର ଆଲୋକମୟ ଯୁଗରେ ହେଉଥିବା ନର ସଂହାରକୁ ମୁକାବିଲା କରିବା ଏକ ଧୃଷ୍ଟତା  ବ୍ୟତୀତ ଅନ୍ୟ କିଛି ନୁହେଁ, ଏହା ନ କହିବା ଭଲ ଯେ ଇନ୍‌କ୍ୟୁଜିସନ ନାମରେ ତଥା ଖ୍ରୀଷ୍ଟୀୟ ଯୁଦ୍ଧ ସମୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ଓ ଗଣହତ୍ୟା  ସମନ୍ଧରେ ଯୁଦ୍ଧଖୋର ଖ୍ରୀଷ୍ଟିୟାନମାନେ ଏହିପରି ବର୍ଣ୍ଣନା କରି ନିଜକୁ ଗର୍ବିତ ମନେ କରୁଥିଲେ ଯେ ସେହି ବେଧର୍ମୀମାନଙ୍କର ଖଣ୍ଡବିଖଣ୍ଡ ଶବ ମଧ୍ୟରେ ସେମାନେ ଆଣ୍ଠୁଏ ବହଳା ରକ୍ତ ମଧ୍ୟରେ ଚାଲୁଥିଲେ ।'

---

Ruth Cranston. *World Faith*. Harper and Row Publishers., NY. P.155 (1949)

## Godfrey Higgins

ଗଡଫ୍ରେ ହିଗିନ୍ସ ଲେଖିଛନ୍ତି:

'ସାଧାରଣତଃ ଏହାଠାରୁ ବଳି ଅଧିକ କୌଣସି କଥା ଶୁଣିବାକୁ ମିଳେନାହିଁ ଯେ ଖ୍ରୀଷ୍ଟିୟାନ ପାଦ୍ରୀ ମୁହମ୍ମଦଙ୍କ ଧର୍ମକୁ ତାଙ୍କର ହିଂସୁକ ଓ ବୈମାତୃକ ଭାବ ଯୋଗୁଁ ଗାଳିଗୁଲଜ କରୁଛନ୍ତି । ଏହା ଅଦ୍ଭୁତ ପ୍ରକାରର ପ୍ରତିଶ୍ରୁତି ଓ କପଟାଚରଣ ! କିଏ ସେହି ବ୍ୟକ୍ତି ଯିଏ ପ୍ରକୃତ ଖ୍ରୀଷ୍ଟିୟାନ ନ ଥିଲେ, କିଏ ସେହି ବ୍ୟକ୍ତି ଯିଏ ମେକ୍ସିକୋ ଓ ପେରୁରେ ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିଥିଲା ଓ ସେମାନଙ୍କୁ ଗୁଲାମ ବନାଇ ବାଟରେ ଫିଙ୍ଗି ଦେଇ ଚାଲିଗଲା ? ଏହି କାରଣରୁ ଯେ ସେମାନେ ଖ୍ରୀଷ୍ଟିୟାନ ହୋଇ ନଥିଲେ ? କିନ୍ତୁ ଏହାର ବିପରୀତରେ ମୁସଲମାନମାନେ ଗ୍ରୀସରେ କେତେ ଉଚ୍ଚକୋଟିର ଆଦର୍ଶ ଦେଖାଇଗଲେ ? ଶହ ଶହ ବର୍ଷ ଧରି ଖ୍ରୀଷ୍ଟିୟାନମାନଙ୍କୁ ଶାନ୍ତିରେ ରଖିବା ପାଇଁ ତଥା ସେମାନେ ନିଜର ସମ୍ପତ୍ତି ଭୋଗ ଦଖଲ କରିବା ପାଇଁ, ସେମାନଙ୍କ ବିଶପ ଓ ପାଦ୍ରୀମାନଙ୍କୁ ଓ ଗୀର୍ଜା ଘରଗୁଡିକୁ ନିରାପତ୍ତା ଯୋଗାଇ ବଞ୍ଚିବାର ସମସ୍ତ ଅବସର ପ୍ରଦାନ କଲେ ।'

ଆଗକୁ ସେ ଲେଖିଛନ୍ତି :

'ଇସଲାମର ଖଲିଫା ସାମ୍ରାଜ୍ୟର ଇତିହାସରେ ଇନ୍‌କ୍ୱିଜିସନ୍ (Inquisition) ଦମନ ମୂଳକ ନରସଂହାର ପରି ବଦନାମର ଅର୍ଦ୍ଧେକ ବଦନାମ ହେବା ପରି ଘଟଣା ଆମକୁ ଦେଖିବାକୁ ମିଳେ ନାହିଁ । ଜଣେ ଇସଲାମ ଧର୍ମକୁ କାହିଁକି ବା ଗ୍ରହଣ ନ କରିବ ? ସେଥିପାଇଁ ଧର୍ମୀୟ ମତଭେଦ ଆଧାରରେ କାହାକୁ ପୋଡି ମାରିଦେବା କିମ୍ବା ଏହି କାରଣରୁ କାହାକୁ ମୃତ୍ୟୁଦଣ୍ଡ ଦେବାର କୌଣସି ଗୋଟିଏ ହେଲେ ଘଟଣାର ଦୃଷ୍ଟାନ୍ତ ନାହିଁ ।' (ଉଦ୍ଧୃତାଂଶ-୫୨)

---

Godfrey Higgins. *Apology for Mohammed*. Lahore. pp. 123-4 (1829)

# *Edward Gibbon*

ସେ ନିଜ ପୁସ୍ତକ *History of the Saracen Empire* ରେ ଲେଖିଛନ୍ତି:

‘ଏହା କୌଣସି ପ୍ରଚାର ଅଭିଯାନ ନୁହେଁ ବରଂ ଚିର ପ୍ରତିଷ୍ଠିତ ଧର୍ମର ସଂକେତ, ଯାହା ଆମ ବିସ୍ମୟର କାରଣ ହୋଇଛି । ହଜରତ ମୁହମ୍ମଦ ମକ୍କା ଓ ମଦିନାରେ ନିଜର ସଂପୂର୍ଣ୍ଣ ନିର୍ମଳ ଭାବମୂର୍ତ୍ତିର ଛାପ ଛାଡି ଯାଇଛନ୍ତି । ତାହା ଦ୍ୱାଦଶ ଶତାବ୍ଦୀର ବୈପ୍ଲବିକ ପରିବର୍ତ୍ତନ ପରେ ମଧ୍ୟ ଭାରତୀୟ, ଆଫ୍ରିକୀୟ ତଥା ତୁର୍କୀର ନବାଗତ ମୁସଲିମ ଅନୁଗାମୀଙ୍କ ଦ୍ୱାରା କୁରଆନ ଗ୍ରନ୍ଥ ଆଜି ପର୍ଯ୍ୟନ୍ତ ସଂରକ୍ଷିତ ହୋଇ ରହିଛି । ମୁହମ୍ମଦଙ୍କ ଅନୁଚରଗଣ ନିଜ ଧର୍ମ ସିଦ୍ଧାନ୍ତକୁ ମନୁଷ୍ୟର କଳ୍ପନା ମଧ୍ୟରେ ବାନ୍ଧି ରଖିବାରେ ଦୃଢ଼ିଭୂତ ହୋଇଛନ୍ତି । ଯେତେ ପ୍ରତିକୂଳ ପରିସ୍ଥିତି ଓ ବାଧାବିଘ୍ନର ସମ୍ମୁଖିନ ହୋଇଥିଲେ ସୁଦ୍ଧା ସେମାନେ ନିଜ ସଂକଳ୍ପରେ ଅଟଳ ରହିଲେ । ଇସଲାମର ଅତି ସରଳ ଓ ସାଧାସିଧା ବିଶ୍ୱାସ ଓ ଅପରିବର୍ତ୍ତନୀୟ ସ୍ୱୀକୃତିର ଘୋଷଣା ହେଉଛି ‘ମୁଁ ଏକ ଈଶ୍ୱର ଓ ଈଶ୍ୱର ପ୍ରେରିତ ରସୁଲଙ୍କ ଉପରେ ଆସ୍ଥା ସ୍ଥାପନ କରୁଛି ।’ ଈଶ୍ୱରଙ୍କ ପ୍ରତି ଏହି ଏକନିଷ୍ଠ ବିଶ୍ୱାସ ଥିବା ଯୋଗୁଁ ମୁସଲମାନମାନେ ଅନ୍ୟ କୌଣସି କଳ୍ପିତ ପ୍ରତିମା ପୂଜାର ଭାବନା ମନକୁ ଆଣନ୍ତି ନାହିଁ । ଅବତାରଙ୍କ ପ୍ରତି ସମ୍ମାନ ମାନବୀୟ ମୂଲ୍ୟବୋଧକୁ ଅତିକ୍ରମ କରିନାହିଁ । ତାଙ୍କର ଜୀବନ୍ତ ଦିଗଦର୍ଶନ ତାଙ୍କ ଅନୁଗାମୀମାନଙ୍କ କୃତଜ୍ଞ ଭାବକୁ ବିବେକାନୁମୋଦିତ ଧର୍ମର ବଳୟ ମଧ୍ୟରେ ସୀମାବଦ୍ଧ କରି ରଖିଛି ।’

---

Edward Gibbon, Simon Oakley. *History of the Saracen Empire*. Alex Murray & Son., London. P.54 (1870)